


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-118 • SATURDAY • 25 OCTOBER 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୧୧୮ • ଶନିବାର • ୨୫ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ଆସୁଛି ବାତ୍ୟା 'ମୋନ୍ଥା'

## ଗତିପଥକୁ ନେଇ ଏଯାଏଁ ସ୍ପଷ୍ଟ ହୋଇନାହିଁ ଚିତ୍ର

■ ଭୁବନେଶ୍ୱର, ୨୪।୧୦ (ସମିସ): ବହୁ ଚର୍ଚ୍ଚିତ ୧୯୯୯ ମହାବାତ୍ୟାକୁ ଆସନ୍ତା ୨୯ରେ ୨୬ ବର୍ଷ ପୂରିବାକୁ ଯାଉଥିବା ବେଳେ ଠିକ୍ ଏହି ସମୟ ବେଳକୁ ପାଣିପାଗ ବିଭାଗର ଏକ ସମ୍ଭାବ୍ୟ ବାତ୍ୟା ଆକଳନ ରାଜ୍ୟବାସୀଙ୍କ ମନରେ ଭୟ ସଂଚାର କରିଛି। ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡିର ସୂଚନା ଅନୁସାରେ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଶୁକ୍ରବାର ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ୨୫ ତାରିଖରେ ଅବପାତର ରୂପ ନେବ। ୨୬ ତାରିଖ ସକାଳୁ ଏହା ଗଭୀର ଅବପାତରେ ପରିଣତ ହୋଇ ୨୭ ତାରିଖରେ ବାତ୍ୟାର ରୂପ ନେବ। ବାତ୍ୟା ପ୍ରଭାବରେ ୨୭ ତାରିଖରୁ ବର୍ଷା ଆରମ୍ଭ ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରଥମେ ବର୍ଷା ଆରମ୍ଭ ହୋଇ ଧୀରେ ଧୀରେ ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବ। ଯଦିଓ ବାତ୍ୟାଟି ଓଡ଼ିଶାରେ ସ୍ଥଳଭାଗ ଛୁଇଁବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ, ତଥାପି ରାଜ୍ୟର ବିଭିନ୍ନ ସ୍ଥାନରେ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ପ୍ରବଳରୁ ଅତିପ୍ରବଳ ବର୍ଷାର ଆଶଙ୍କା ରହିଛି। ଏହି ବାତ୍ୟା ସୃଷ୍ଟି ହେବା ପରେ ଏହାର ନାମ 'ମୋନ୍ଥା' ରହିବ। ଥାଇଲାଣ୍ଡ ଦ୍ୱାରା ନାମିତ ହୋଇଥିବା ଏହି ବାତ୍ୟା 'ମୋନ୍ଥା' ଶବ୍ଦର ଅର୍ଥ ସୁଗନ୍ଧିତ ଫୁଲ।

### ପଶ୍ଚିମାଝଡ଼ ଯୋଗୁଁ ହୋଇପାରେ ଦିଗ ପରିବର୍ତ୍ତନ

### ୨୭ ତାରିଖରୁ ବର୍ଷା, ୨୮ରୁ ବଢ଼ିବ ପ୍ରଭାବ

### ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱମନ୍ତ୍ରୀ



ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ୨୭ ବେଳକୁ ବାତ୍ୟାର ରୂପ ନେବ। ୨୮ ବେଳକୁ ବାତ୍ୟାଟି ଅଧିକ ଘନୀଭୂତ ହେବା ପାଇଁ ପାଗ ଅନକୂଳ ରହୁଛି। ତେବେ ପଶ୍ଚିମାଝଡ଼ର ପ୍ରଭାବ ୨୮ ତାରିଖ ଓ ୨୯ ତାରିଖରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ବାତ୍ୟାକୁ ନେଇ ବର୍ତ୍ତମାନ ଦୁଇଟି ଦୃଶ୍ୟପଟ ରହିଛି। ପ୍ରଥମ ଦୃଶ୍ୟପଟରେ ୨୮ରେ ବାତ୍ୟ ଅଧିକ ଘନୀଭୂତ ହୋଇ ଆନ୍ଧ୍ର ଉପକୂଳ ନେଲୋର-ବିଶାଖାପାଟନମ୍ ମଧ୍ୟରେ ୨୮ ତାରିଖ ରାତି କିମ୍ବା ୨୯ ତାରିଖତାରିଖ ସକାଳେ ସ୍ଥଳଭାଗ ଅତିକ୍ରମ କରିପାରେ। ଯଦି ପଶ୍ଚିମାଝଡ଼ ପ୍ରଭାବ ପଡ଼େ, ତେବେ ୨୯ ତାରିଖରେ ଏହା ଦୁର୍ବଳ ହୋଇ ଓଡ଼ିଶା ଉପକୂଳ ମୁହାଁ ହୋଇପାରେ। ବର୍ତ୍ତମାନର ଆକନଳ କହୁଛି, ରାଜ୍ୟରେ ୨୬ ତାରିଖ ପର୍ଯ୍ୟନ୍ତ କାଁ ଭାଁ ହାଲୁକା ବର୍ଷା ସମ୍ଭାବନା ରହିଛି। ୨୭ ତାରିଖରୁ ମାଲକାନଗିରି, ରାୟଗଡ଼ା, ଗଜପତି ସହିତ ଗଞ୍ଜାମରୁ ଜଗତସିଂହପୁର ଓ ସଂଲଗ୍ନ ଜିଲ୍ଲାରେ ମଧ୍ୟମ ବର୍ଷା ହୋଇପାରେ। ୨୮ ତାରିଖରେ ସେହି ଜିଲ୍ଲା ସହିତ ସମଗ୍ରହ ଉପକୂଳ ଓ ସଂଲଗ୍ନ ଜିଲ୍ଲା (କେତେକ ପଶ୍ଚିମ ସୀମାନ୍ତ ଜିଲ୍ଲାକୁ ଛାଡ଼ି) ବର୍ଷା ହେବ। ୨୯ ତାରିଖରେ ପ୍ରାୟ ଅଧିକାଂଶ ଜିଲ୍ଲାରେ ବର୍ଷା ହେବାକୁ ଥିବା ବେଳେ ୩୦ତାରିଖରେ ଉପକୂଳ ବର୍ଷାର ପ୍ରଭାବ କମି ଉତ୍ତର ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣ ଏବଂ ୩୧ ତାରିଖରେ ଉତ୍ତର ଓଡ଼ିଶାରେ ବର୍ଷା ହେବ ବୋଲି ▶ପୃଷ୍ଠା-୭

## ନୀରବିଗଲା କବିତାର ଆଉ ଏକ ଧାର

# ପରଲୋକରେ କବି ରାଜେନ୍ଦ୍ର



### ମରଶରୀର ଏମ୍ସକୁ ହସ୍ତାନ୍ତର କଲେ ପରିବାର

### ଶୋକ ପ୍ରକାଶ କଲେ ମୋହନ ଓ ନବୀନ

■ ଭୁବନେଶ୍ୱର, ୨୪।୧୦ (ସମିସ): ନୀରବି ଯାଇଛି ଓଡ଼ିଆ କବିତାର ଆଉ ଏକ ବଳିଷ୍ଠ ସ୍ୱର। ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ପ୍ରଣମ୍ୟ ସ୍ରଷ୍ଟା ତଥା ବିଶିଷ୍ଟ ସାହିତ୍ୟିକ ରାଜେନ୍ଦ୍ର କିଶୋର ପଣ୍ଡା ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଭୁବନେଶ୍ୱର ଗଙ୍ଗନଗରସ୍ଥିତ ବାସଭବନରେ ପରଲୋକଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ଦୁଇ ଝିଅ ମନୀଷା, ନିନୀଷାଙ୍କ ସମେତ ଜ୍ୱାଇଁ ଓ ନାତି ଉପସ୍ଥିତ ଥିଲେ।

ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟପ୍ରେମୀ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ପୁଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଶ୍ରୀ ପଣ୍ଡାଙ୍କ ଇଚ୍ଛାପତ୍ର ଅନୁଯାୟୀ ପରିବାର ଲୋକମାନେ ତାଙ୍କ ମରଶରୀର ଏମ୍ସ ହସ୍‌ପିଟାଲକୁ ହସ୍ତାନ୍ତର କରିଛନ୍ତି। ୧୯୪୪ ଜୁନ୍ ୨୪ରେ ଝାରସୁଗୁଡ଼ା ଜିଲ୍ଲା ବାଟଲଗା ଗାଁରେ ରାଜେନ୍ଦ୍ର କିଶୋର ପଣ୍ଡା ଜନ୍ମଗ୍ରହଣ କରିଥିଲେ। ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସେ ୧୯୬୭ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ▶ପୃଷ୍ଠା-୭

## ବାଇକ୍ ଧକ୍କାରେ ଜଳିଗଲା ବସ୍

# ୨୦ ଯାତ୍ରୀ ଜୀବନ୍ତ ଦଗ୍ଧ



■ କୁର୍ଣ୍ଣୁଲ, ୨୪।୧୦ (ଏଜେନ୍ସି): ଆନ୍ଧ୍ରପ୍ରଦେଶ କୁର୍ନୁଲର ଚନ୍ନାଟେକୁରଠାରେ ଶୁକ୍ରବାର ଭୋର ୩ଟା ୩୦ରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାକାର ୪୪ ନଂ ଜାତୀୟ ରାଜପଥରେ ଏକ ଚଳନ୍ତା ଘରୋଇ ଏସି ବସ୍‌ରେ ନିଆଁ ଲାଗି ୨୦ ଯାତ୍ରୀ ଜିଅନ୍ତା ଜଳିଯାଇଛନ୍ତି। ୧୯ ଜଣ ଯାତ୍ରୀ ବସ୍‌ରୁ ଡେଇଁ ଜୀବନ ବଞ୍ଚାଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦ ଜଣ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୧୧ଟି ମୃତଦେହର ପରିଚୟ ମିଳିଥିବାବେଳେ ଅନ୍ୟମାନଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ପୁଲିସ ସୂଚନା ଅନୁଯାୟୀ ଏହି ବସ୍‌ରେ ପ୍ରାୟ ୩୯ ଯାତ୍ରୀ ହାଇଦରାବାଦ୍‌ରୁ ବେଙ୍ଗାଲୁରୁ ଯାଉଥିଲା। ଏନ୍‌ଏଚ୍ ୪୪ ପରେ ଏକ ବାଇକ୍ ବସ୍‌କୁ ଧକ୍କା ତଳେ ପଶି ଯାଇଥିଲା। ଏହା ତେଲ ଟାଙ୍କିରେ ମାଡ଼ ହେବାରୁ ଅଚାନକ ବସ୍‌ରେ ନିଆଁ ଲାଗିଯାଇଥିଲା। ଏଥିରେ ବାଇକ୍ ଚାଳକ ଶିବଶଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହାର ସୂଚନା ପାଇଁ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଏମର୍ଜେନ୍ସି ଗେଟ୍ ଭାଙ୍ଗି ବାହାରିଥିବା ▶ପୃଷ୍ଠା-୭

# ନଭେମ୍ବରରୁ ଦେଶବ୍ୟାପୀ ଏସ୍‌ଆଇଆର୍

■ ନୂଆଦିଲ୍ଲୀ, ୨୪।୧୦ (ଏଜେନ୍ସି): ବିହାରରେ ହୋଇଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) କୁ ନେଇ ବିରୋଧୀ ପ୍ରବଳ ବିରୋଧ କରିଥିଲେ। ସଡ଼କ ଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚି ଥିଲେ। ଏଥିରେ ଜାଲିଆତି କରାଯାଉଥିବା ଅଭିଯୋଗ କରିଥିଲେ। କିନ୍ତୁ, ଏବେ ନିର୍ବାଚନ କମିଶନ (ଇସି) ଏସଆଇଆରକୁ ସାରା ଦେଶରେ ଲାଗୁ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ମାସରୁ ସାରା ଦେଶରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏସ୍‌ଆଇଆରର ଏହି ପ୍ରକ୍ରିୟା ଏଭଳି ଭାବେ କରାଯିବ ଯେ, ଆସନ୍ତାବର୍ଷ ମେ ମାସରେ ହେବାକୁ ଥିବା ବିଭିନ୍ନ ରାଜ୍ୟର ନିର୍ବାଚନ ବେଳକୁ ଏହା ସମ୍ପୂର୍ଣ୍ଣ ହୋଇଯିବ। ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ସବୁ ରାଜ୍ୟରେ ନୂଆ ଭୋଟର ତାଲିକା ପ୍ରସ୍ତୁତ କରିବା ନେଇ ଯୋଜନା ରହିଛି। ସବୁ ରାଜ୍ୟର ନିର୍ବାଚନ ଅଧିକାରୀଙ୍କୁ ଆଧାର କାର୍ଡକୁ ଦ୍ୱାଦଶ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



୨୦୨୬ ସୁଦ୍ଧା କେରଳ, ପୁଡୁଚେରୀ, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ନିର୍ବାଚନ ପୂର୍ବରୁ ଏହି ରାଜ୍ୟଗୁଡିକରେ ଏସ୍‌ଆଇଆର କାର୍ଯ୍ୟ ଶେଷ କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି। ଭୋଟର ତାଲିକାରେ ଦ୍ୱୈତ ଭୋଟର ଅର୍ଥାତ ଦୁଇଟି ସ୍ଥାନରେ ପରିଚୟ ପତ୍ର ଥିବା ବ୍ୟକ୍ତିଙ୍କୁ ହଟାଇବା ସହ ଭୋଟର ଭାରତୀୟ ନାଗରିକ ହେବା ନେଇ ନିଶ୍ଚିତ କରିବା ଲକ୍ଷ୍ୟରେ ଏସ୍‌ଆଇଆର୍ ଲାଗୁ କରାଯିବ ବୋଲି କମିଶନ କହିଛନ୍ତି। ଉଲ୍ଲେଖଥାଉ କି, ଦୁଇ ଦଶନ୍ଧି ପରେ ଏସ୍‌ଆଇଆର ଲାଗୁ କରାଯାଉଛି। ଦେଶରେ ଚାଲିଥିବା ବ୍ୟାପକ ସହରୀକରଣ ଓ ଅନୁପ୍ରବେଶ ବୃଦ୍ଧି ପାଇବା କାରଣରୁ ଏସ୍‌ଆଇଆର ଲାଗୁ କରାଯିବାର ଆବଶ୍ୟକତା ସୃଷ୍ଟି ହୋଇଛି ବୋଲି କମିଶନ ହୃଦୟଙ୍ଗମ କରିଛନ୍ତି।

ଆନ୍ଧ୍ର ପ୍ରଦେଶରେ ୨୦୦୩-୦୪ରେ ୫.୫ କୋଟି ଭୋଟର ଥିବାବେଳେ ଏବେ ସଂଖ୍ୟା ୬.୬ କୋଟିରେ ପହଞ୍ଚି ଯାଇଛି। ଉତ୍ତର ପ୍ରଦେଶରେ ୨୦୦୩ରେ ୧୧.୫ କୋଟି ଭୋଟର ଥିଲେ। ମାତ୍ର ଏବେ ଏହା ୧୫.୯ କୋଟିକୁ ବୃଦ୍ଧି ▶ପୃଷ୍ଠା-୭

## ପୀତବାସ ହତ୍ୟା ମାମଲା

# ବିକ୍ରମଙ୍କ ପାଇଁ ମାମଲା ଲଢ଼ିବେ ୫୪ ଆଇନଜୀବୀ

### ପୁଲିସର ତରବରିଆ ପଦକ୍ଷେପ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା: ଆଇନଜୀବୀ

■ ବ୍ରହ୍ମପୁର, ୨୪।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସ ଗିରଫ କରିଥିବା ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ପକ୍ଷରୁ ମାମଲା ଲଢ଼ିବେ ୫୪ ଜଣ ଆଇନଜୀବୀ। ସ୍ୱତଃପ୍ରବୃତ୍ତ ଭାବରେ ଏହି ଆଇନଜୀବୀମାନେ ମାମଲା ଲଢ଼ିବାକୁ ଅଦାଲତରେ ୱକାଲତନାମା ଦାଖଲ କରିଛନ୍ତି। ପୀତବାସ ପଣ୍ଡାଙ୍କ ପରି ଜଣେ ବରିଷ୍ଠ ଓକିଲ ତଥା ରାଜ୍ୟ ପରିଷଦର ସଦସ୍ୟଙ୍କ ହତ୍ୟା ଘଟଣାକୁ ଏହି ଆଇନଜୀବୀମାନେ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ ପାଇଁ ଦାବି କରିଛନ୍ତି; ମାତ୍ର ଯେଉଁପରି ଅନ୍ୟାୟ ଭାବରେ ବିକ୍ରମ ପଣ୍ଡାଙ୍କୁ ଏହି ମାମଲାରେ ଗିରଫ କରାଯାଇଛି ତାହାକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି । ଏଥିନିମନ୍ତେ ବିକ୍ରମଙ୍କ ପକ୍ଷରୁ ସେମାନେ ମାମଲା ଲଢ଼ିବାକୁ ▶ପୃଷ୍ଠା-୭

## ପୁରୀରେ ପୁଣି ଲଜ୍ଜା

# ଘରେ ପଶି ନାବାଳିକାକୁ ଗଣଦୁଷ୍କର୍ମ

■ ପୁରୀ, ୨୪।୧୦ (ସମିସ): ଘରେ ପଶି ନାବାଳିକାକୁ ଗଣଦୁଷ୍କର୍ମ। ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଅଞ୍ଚଳରେ ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି। ଯୁବତୀଜଣଙ୍କ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଦୁଇ ଦୁର୍ବୃତ୍ତ ତାଙ୍କ ସହ ଏହି କୁକର୍ମ କରିଛନ୍ତି। ଚନ୍ଦନପୁର ଥାନା ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତଦ୍ୱୟଙ୍କୁ ଉଠାଇ ନେଇ ପଚରାଉଚରା କରୁଛି। ଆସନ୍ତାକାଲି (ଶନିବାର) ପୀଡ଼ିତାଙ୍କର ଡାକ୍ତରୀ ମାଇନା କରାଯିବ ବୋଲି ପୁଲିସ କହିଛି।

ଗତ ମାସ ପୁରୀ ଜିଲ୍ଲା ବ୍ରହ୍ମଗିରିର ବାଲିହରଚଣ୍ଡୀ ମନ୍ଦିର ନିକଟ ଜଙ୍ଗଲରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ କରାଯାଇଥିଲା। ଏହି ଘଟଣାକୁ ମାସେ ନ ପୂରୁଣୁ ଚନ୍ଦନପୁର ଥାନା ଅଞ୍ଚଳରେ ଘଟିଥିବା ଏହି ଲଜ୍ଜାଜନକ ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।



### ସମ୍ପର୍କୀୟ ଭାଇ ଓ ଦାଦାକୁ ଉଠାଇ ଆଣିଲା ପୁଲିସ

ଅଭିଯୋଗ ଅନୁଯାୟୀ, ଗତ ବୁଧବାର ରାତିରେ ମା' କାଳୀଙ୍କ ଭସାଣ ଉତ୍ସବ ଚାଲିଥିଲା। ଏଥିପାଇଁ ସମଗ୍ର ବୀରନରସିଂହପୁର ଅଞ୍ଚଳ ଉତ୍ସବମୁଖର ଥିଲା। ନାବାଳିକାଙ୍କ ପରିବାରଲୋକେ ଭସାଣି ଦେଖିବାକୁ ଯାଇଥିବା ବେଳେ ଘରେ ୧୬ବର୍ଷୀୟା ଝିଅ ଏକାକୀ ଥିଲେ। ଏହାର ସୁଯୋଗ ନେଇ ପାଖ ପଡ଼ୋଶୀ ଘରର ଭାଇ ଏବଂ ଦାଦା ତାଙ୍କ ଘରେ ପଶି ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ନାବାଳିକା ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ଶୁକ୍ରବାର ଚନ୍ଦନପୁର ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ସଙ୍ଗେସଙ୍ଗେ ସମ୍ପୃକ୍ତ ଗାଁରେ ଚଢ଼ଉ କରିଥିଲା। ନାବାଳିକାଙ୍କ ସମ୍ପର୍କୀୟ ଭାଇ ଏବଂ ଦାଦାଙ୍କୁ ପୁଲିସ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି।

ଏ ସମ୍ପର୍କରେ ଚନ୍ଦନପୁର ଆଇଆଇସି ଭୁବନାନନ୍ଦ ସାମନ୍ତରାୟ କହିଛନ୍ତି, ଗତ ୨୨ ତାରିଖ କାଳୀପୂଜା ଭସାଣି ରାତିରେ ପୀଡ଼ିତା ଘରେ ଏକା ଥିଲେ। ଏହି ସମୟରେ ତାଙ୍କ ପଡ଼ୋଶୀ ଘରର ଭାଇ ଏବଂ ଦାଦା ଘରେ ପଶି ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଏହାକୁ ସମ୍ବେଦନଶୀଳ ମାମଲା ଭାବେ ଗ୍ରହଣ କରି ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଅଟକ ରଖାଯାଇ ପଚରାଉଚରା କରୁଛି।




## ୫୨ ବର୍ଷରେ ଭଦ୍ରକ ରାଜଘାଟ ସାର୍ବଜନୀନ କାଳୀପୂଜା

# ଆଲୋକ ସଜ୍ଜା ଓ ତୋରଣ ବିଶେଷ ଆକର୍ଷଣ



**ଭଦ୍ରକ, ୨୪।୧୦(ସମିସ):** ଭଦ୍ରକ ସହର ରାଜଘାଟ ଛକରେ ଦୀର୍ଘ ୫୨ବର୍ଷ ହେଲା ପୂଜା ପାଇ ଆସୁଛନ୍ତି ମା' କାଳୀ। ୧୯୭୨ ମସିହାରେ କଥା। ରାଜଘାଟ ବଜାର ବୋଲି ଚିହ୍ନବର୍ଣ୍ଣ ନ ଥିଲା। ତା' ଦୋକାନୀ ବାଇଧର ପଲାଇ ଓ ପାୱାର ହାଉସର କିଛି ତଳିଆ କର୍ମଚାରୀ



ନିଷ୍ପତ୍ତି ନେଇଥିଲେ ଯେ, ମା' କାଳୀଙ୍କ ପୂଜା କରିବାକୁ। ତେଣୁ କାଳୀପୂଜା ସାରା ରାଜ୍ୟରେ ପ୍ରସିଦ୍ଧ ଥିଲା। ରାଜଘାଟ କାଳୀ ପୂଜା କଲେ ଏହାର ପ୍ରଭାବ ପଡ଼ିବ କି ନାହିଁ, କିଛି ଚିନ୍ତା ନକରି ନିଜ ନିଜ ମଧ୍ୟରେ ଚାନ୍ଦା ଆଦାୟ କରି ଏକ କାଳୀ ମୂର୍ତ୍ତି ତିଆରି କରି ପୂଜା କରାଇଲେ। ତେବେ ଆଲୋକର ବ୍ୟବସ୍ଥା ନାହିଁ। ସାଜସଜ୍ଜା କ'ଣ ବା କିଏ ଜାଣିଥିଲା। କେବଳ ମା'ଙ୍କ ପୂଜା କରାଗଲା। କୌଣସି ପ୍ରକାର ୭ଦିନ ପୂଜା କରି ପାଖ ସାଳନ୍ଦୀ ନଦୀରେ ବିସର୍ଜନ କରାଯାଉଥିଲା।ଏହି କାର୍ଯ୍ୟକ୍ରମକୁ ବହୁତ କମ ଲୋକ ପରିଚାଳନା କରୁଥିଲେ। ଯିଏ ଯାହା ଦେଲା ସେଥିରେ ମା'ଙ୍କ ପୂଜା ପରିଚାଳନା ଖର୍ଚ୍ଚ ହେଲା। ଏହିପରି ଭାବରେ ୪/୫ବର୍ଷ ଗଲାପରେ ୧୯୭୭ ମସିହା ପରେ ରାଜଘାଟଛକକୁ ଏକ 'ବାମନବାବା'ଙ୍କ ଆବିର୍ଭାବ ହେଲା। ରାଜଘାଟ ଛକରେ ରହୁଥିବା ବିଶିଷ୍ଟ ରାଜନେତା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବୈରାଗୀ ଜେନାଙ୍କ ଏହି ପୂଜାର ପୃଷ୍ଠପୋଷକ ଥିଲେ। ତା' ପରଠାରୁ ବୈରାଗୀ ଜେନାଙ୍କ ଚେଷ୍ଟାରେ ତାଙ୍କ କର୍ମୀମାନେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଅର୍ଥ ସାହାଯ୍ୟ ସଂଗ୍ରହ କରି ପୂଜା ପରିଚାଳନା କରି ଆସୁଥିଲେ। ତେବେ ଏବେ ଏହି ରାଜଘାଟ ସାର୍ବଜନୀନ କାଳୀପୂଜା କମିଟି ବେଶ ଧୂମ୍‌ଧାମରେ ପୂଜା ପାଳନ କରି ଆସୁଛି। ପୂଜା ଧୀରେ ଧୀରେ ଆଗକୁ ବଢ଼ି ଚାଲିଛି। ପ୍ରଥମରୁ ଯେବେ କାଳୀପୂଜା ଆରମ୍ଭ କରାଗଲା ସେତେବେଳେ ଦିଗମ୍ବର ତ୍ରିପାଠୀ ଏହାର ପୂଜକ ଥିଲେ। ତାଙ୍କ ଅନ୍ତେ ତା' ପୁତ୍ର ନିତୁ ତ୍ରିପାଠୀ ଏ ପର୍ଯ୍ୟନ୍ତ ପୂଜା କରିଆସୁଛନ୍ତି। ମୂର୍ତ୍ତି କାରିଗର ଗୌରାଙ୍ଗ ମହାପାତ୍ର ମୃତ୍ୟୁ ଯାଏଁ ମୂର୍ତ୍ତି ଗଢୁଥିଲେ। ତାଙ୍କ ଅନ୍ତେ ତାଙ୍କ ପୁତ୍ର ଟୁଟୁ ମହାପାତ୍ର ସେ କାର୍ଯ୍ୟ କରୁଛନ୍ତି। ତେଣୁ ଏହା ଏକ ପାରମ୍ପରିକ ପୂଜା। ଏବର୍ଷ ମା' କାଳୀଙ୍କ ଚିତାକର୍ଷକ ପ୍ରତିମୂର୍ତ୍ତି, ଆଲୋକ ସଜ୍ଜା ଓ ତୋରଣ ବେଶ ଆକର୍ଷଣୀୟ ହୋଇଛି। ଭଦ୍ରକରେ ଅନ୍ୟ ସବୁ କାଳୀ ମୂର୍ତ୍ତି ଯେଉଁ ଦିନ ରାତିରେ ବିସର୍ଜିତ ହୁଅନ୍ତି, ରାଜଘାଟ ମା' କାଳୀ ତା ପରଦିନ ବିସର୍ଜିତ ଇଚ୍ଛା କରନ୍ତି। ଏହି ରାଜଘାଟ ସାର୍ବଜନୀନ କାଳୀପୂଜା କମିଟିର ଦୀର୍ଘବର୍ଷ ହେବ ସଭାପତି ଅଶୋକ କୁମାର ନାୟକ, ସମ୍ପାଦକ-ବ୍ରଜଗୋପାଳ ଦାସ ଓ କୋଷାଧ୍ୟକ୍ଷ ଭାବେ କାଉନସିଲର ଆଶିଷ ଅମିତାଭ ମହାପାତ୍ର ଦାୟିତ୍ୱ ତୁଲାଇ ଆସୁଛନ୍ତି। ଚଳିତବର୍ଷ ଏହି ପୂଜା ୫୨ ବର୍ଷରେ ପଦାର୍ପଣ କରିଛି।

## ଥାନା ଛକରେ ଜମୁଛି କାଳୀପୂଜା



**ବାରିକପୁର, ୨୪।୧୦(ସମିସ):** ପବିତ୍ର ଦୀପାବଳି ଠାରୁ ଭଣ୍ଡାରିପୋଖରୀ ଥାନା ଛକରେ ବାର୍ଷିକ କାଳୀପୂଜା ବେଶ ଧୁମଧାମରେ ପାଳିତ ହେଉଛି। ମୁଖ୍ୟ ପୂଜକ ବାମନ ଚରଣ ପଣ୍ଡା ଓ ସହଯୋଗୀ ପୂଜକ ସୌମ୍ୟରଞ୍ଜନ ପଣ୍ଡା ବୈଦିକ ରୀତି ନୀତି ଅନୁଯାୟୀ ମା'ଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ପୀଠରେ ମା' କାଳୀଙ୍କ ପ୍ରାଣ ପ୍ରତିଷ୍ଠା, ଜୀବନ୍ୟାସ, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ବିଜୟ ନାୟକ ଓ କଗୌରୀ ନାୟକ ଦାୟିତ୍ୱ ନିର୍ବାହ କରିଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ନିକଟସ୍ଥ ଦକ୍ଷିଣବାଦ, ପାଳଦା, ଫତେପୁର, ବାହାଦଲପୁର, ସୁନାହାର, ରେବୋ, ଚନ୍ଦ୍ୟଭାନପୁର, ତୁଳସୀପୁର, କହରାପୋଖରୀ, ପନଖା, ପାଟୁଳୀ, ସରସଦା ପ୍ରମୁଖ ଗ୍ରାମର ଶହଶହ ଜନସାଧାରଣ ଥାନା ଛକରେ ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରୁଛନ୍ତି। ଚଳିତ ବର୍ଷ କମିଟି ପକ୍ଷରୁ ଅପେରା ପ୍ରଦର୍ଶନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି।

## ୭୬ ବର୍ଷରେ ଭଣ୍ଡାରିପୋଖରୀ କାଳୀପୂଜା



**ଭଣ୍ଡାରିପୋଖରୀ, ୨୪।୧୦(ସମିସ):** ଭଣ୍ଡାରିପୋଖରୀ ବଜାରରେ ଚଳିତ ବର୍ଷର ୭୬ତମ କାଳୀପୂଜା ସୋମବାର ରାତିରୁ ଆରମ୍ଭ ହୋଇଛି। ତାଳପଦାର ଶିଳ୍ପୀ ପ୍ରସନ୍ନ ତ୍ରିପାଠୀ ମା' କାଳୀଙ୍କ ମୃଣ୍ମୟ ଓ ବିଭିନ୍ନ ପାର୍ଶ୍ୱ ମୂର୍ତ୍ତି ନିର୍ମାଣ କରିଛନ୍ତି। ଜଗନ୍ନାଥ ମିଶ୍ର ବିଧିମତେ ପୂଜା ତୁଲାଉଛନ୍ତି। କର୍ତ୍ତା ବିଜୟ କୁମାର ନାୟକ ଓ ଗୌରୀ ନାୟକ ଜଳଘଟ ଉତ୍ତୋଳନ ସହ ସଙ୍କଳ୍ପ କରିଛନ୍ତି। କାଳୀପୂଜା କମିଟି ପକ୍ଷରୁ ସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ଡାକ୍ତର ଯୋଗେନ୍ଦ୍ରନାଥ ଦାସ ଓ ସଦସ୍ୟମାନେ ପୂଜା ତଦାରଖ କରୁଛନ୍ତି। ଆଧ୍ୟାତ୍ମିକ ପରିବେଶରେ ପୂଜାକାର୍ଯ୍ୟ ଓ ଆଲୋକ ମାଳାରେ ସଜ୍ଜିତ ତୋରଣ ଆକର୍ଷଣୀୟ ହୋଇଛି। ଏହି ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହ ଆଲୋକ ସଜ୍ଜା ପ୍ରତି ଜନଆକର୍ଷଣ ଅଧିକ ପରିଲକ୍ଷିତ ହୋଇଛି। ବିଭିନ୍ନ ଦିବସରେ ପାଲା ପରିବେଷଣ, ଶିଶୁ ନୃତ୍ୟ ଓ ଯାତ୍ରା ପରିବେଷଣ ହେବ। ଏକାଧିକ ସପ୍ତାହ ଧରି ଏଠାରେ ମା'ଙ୍କ ପୂଜା ପାଳନ ପରମ୍ପରାରେ ପରିଣତ ହୋଇଛି।

## ଘରେ ପଶି ଆକ୍ରମଣ ଘଟଣା; ଅଭିଯୁକ୍ତଙ୍କୁ ଏକବର୍ଷ ଜେଲ୍

**ଭଦ୍ରକ, ୨୪।୧୦(ସମିସ):** ଘରେ ପଶି ଚାନ୍ଦା ମାଗିବା ଏବଂ ନ ଦେବାରୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିବା ଅପରାଧରେ ଅଭିଯୁକ୍ତ ଭଦ୍ରକ ଗ୍ରାମାଞ୍ଚଳ ଥାନ ଅଧୀନ ବନ୍ଧଗାଁ ଗାଁର ମହେନ୍ଦ୍ର ରାଉତଙ୍କ ପୁଅ ଘନଶ୍ୟାମ ରାଉତ(୪୫)ଙ୍କୁ ସହକାରୀ ଦୌରାଜଜ ତଥା ରେଜିଷ୍ଟ୍ରାର ଜ୍ୟୋତିରଞ୍ଜନ ଦାସ, ୪୫୨ ଓ ୩୨୩ ଦଫାରେ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ପୁନଶ୍ଚ ୧ ମାସ କାରାଦଣ୍ଡ ଆଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ୨୦୨୩ ମସିହା ଏପ୍ରିଲ ୨୪ ତାରିଖ ପୂର୍ବାହ୍ନ ୧୧. ୩୦ରେ ଅଭିଯୁକ୍ତ ଘନଶ୍ୟାମ ତାଙ୍କର ପଡୋଶୀ ପବିତ୍ରା ରାଉତ ଘର ଭିତରକୁ ପଶି ୩ ହଜାର ଟଙ୍କା ଚାନ୍ଦା ମାଗିଥିଲା। ସେ ନ ଦେବାରୁ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଉଦ୍ୟମ କରି ମାଡ଼ମାରି ଲହୁଲୁହାଣ କରିଥିଲା। ଏପରିକି ତାଙ୍କୁ ଅଶାଳୀନ ବ୍ୟବହାର ମଧ୍ୟ କରିଥିଲା। ଏ ନେଇ ସେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିବା ପରେ ଥାନା କେସ ନଂ-୨୬୭/୨୩, ଦଫା - ୪୫୨, ୩୨୩, ୨୯୪, ୩୦୭, ୩୪ରେ ମାମଲା ହୋଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାଟି ଏସ୍. ଟି ନମ୍ବର -୧୯୩/୨୦୨୩ ମୂଳେ ବିଚାର ଚାଲିଥିଲା। ବିଚାର ପରେ ମାନ୍ୟବର କୋର୍ଟ ଅଭିଯୁକ୍ତଙ୍କୁ ୪୫୨ ଓ ୩୨୩ ଦଫାରେ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ଅନ୍ୟ ଦଫା ଗୁଡିକର ପ୍ରମାଣିତ ହୋଇ ପାରି ନ ଥିଲା। ଏତଲାକାରୀଙ୍କ ତରଫରୁ ସରକାରୀ ଓକିଲ ଅତିସ ବେହେରା ଓ ଜିତନ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ମା'ଭଦ୍ରକାଳୀଙ୍କ ସପ୍ତ ମାତୃକା ବେଶର ପଞ୍ଚମ ଦିବସ

# ଜଗଦ୍ଧାତ୍ରୀ ବେଶରେ ଦେଲେ ଦର୍ଶନ



**ଭଦ୍ରକ, ୨୪।୧୦(ସମିସ):** ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ପରମ ବୈଷ୍ଣବୀ ଆଦ୍ୟାଶକ୍ତି ମା' ଭଦ୍ରକାଳୀ ସପ୍ତମାତୃକା ବେଶର ପଞ୍ଚମ ଦିବସରେ ଜଗଦ୍ଧାତ୍ରୀ ରୂପେ ପୂଜା ପାଇଛନ୍ତି। ମା'ଙ୍କର ଏହି ଅପୂର୍ବ ରୂପକୁ ଦର୍ଶନ କରି ଆଶିଷ ପ୍ରାପ୍ତ ହେବା ନିମନ୍ତେ ପୀଠରେ ରାତି ୧୧ଟା ଯାଏ ଭିଡ଼ ଲାଗିରହିଥିଲା। ଜଗଦ୍ଧାତ୍ରୀ ବେଶରେ ମା'ଙ୍କ ମୁଖ ମଣ୍ଡଳ କମଳା ବର୍ଣ୍ଣ ଥିବାବେଳେ ନାଲି ପାଟ ଲୁଗା ପରିଧାନ କରିଥଲେ। ବାମ ହସ୍ତ ଯୁଗଳରେ ଗଦା ଓ ତ୍ରିଶୂଳ ଧାରଣ କରିଥିବା ବେଳେ ଦକ୍ଷିଣ ହସ୍ତ ଯୁଗଳରେ ଶଙ୍ଖ ଚକ୍ର ଧାରଣ କରିଥଲେ। ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ମଣ୍ଡିତ ହୋଇ ବିଭିନ୍ନ ଆଭୂଷଣରେ ସଜ୍ଜିତ ପୂର୍ବକ ଚତୁର୍ଦ୍ଧା ମୂର୍ତ୍ତିରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମା' ଭଦ୍ରକାଳୀ ଆଜି ବ୍ୟାଘ୍ର ବାହନରେ ବିରାଜ ମାନ କରିଥିଲେ। ମା' ଜଗତକୁ ଧାରଣ କରିଥିବାରୁ ସେ ଜଗଦ୍ଧାତ୍ରୀ ସେ ପାଳନ କରୁଛନ୍ତି ତ ପୁଣି ସମଗ୍ର ସଂସାରକୁ ପୋଷଣ କରୁଛନ୍ତି। ସେ ଆଦି ପୁଣି ଅନାଦି ସେ ହିଁ ଆରମ୍ଭ ପୁଣି ସେ ଅନନ୍ତ। ସୃଷ୍ଟିର ଜୀବ ଜଗତ, ପ୍ରାଣୀ ଜଗତ, ଉଦ୍ଭିଦ ଜଗତ ସବୁଠି ତାଙ୍କର ଶକ୍ତି ଓ ସତ୍ତା ଅନୁଭୂତ ହୁଏ। ମା'ଙ୍କ ବିନା ନିର୍ଦ୍ଦେଶରେ ଗଛରୁ ପତ୍ର ହଲେନାହିଁ। ଶାସ୍ତ୍ର ମତ ଅନୁସାରେ ଦେବତାମାନେ ମଧ୍ୟ ମା'ଙ୍କୁ ଜଗଦ୍ଧାତ୍ରୀ ରୂପେ ପୂଜା କରି ଶକ୍ତି ପ୍ରାପ୍ତ ହୋଇଥାଆନ୍ତି। ମହାଯଜ୍ଞର ପଞ୍ଚମ ଦିବସରେ ପୀଠରେ ଗୀତ ପାଠ, ଚଣ୍ଡୀ ପାଠ, ବେଦ ପାଠ ଏବଂ ଆଚାର୍ଯ୍ୟଙ୍କ ମନ୍ତ୍ର ଓ ସ୍ତୁତି ରେ ପୀଠ ପ୍ରକମ୍ପିତ ହେଉଛି। ସନ୍ଧ୍ୟା ଆଳତୀ ପରେ ଆରମ୍ଭ ହୋଇ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଭଜନ ସନ୍ଧ୍ୟାରେ ଗାୟକ ସୌରଭ ନାୟକ ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ଶନିବାର ମା'ଙ୍କ ମହାସରସ୍ୱତୀ ବେଶ ଏବଂ ରବିବାର ମା'ଙ୍କ ହାଲକ୍ଷ୍ମୀ ବେଶ ସହିତ ବିଶ୍ୱ ଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ହେବ। ମା'ଙ୍କର ଏହି ବେଶ ଏବଂ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ନିମନ୍ତେ ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ଣ୍ଣାହୂତି ଦିବସରେ ମା'ଙ୍କ ପହୁଡ଼ ଭୋଗ ସହ ଅନ୍ନପ୍ରସାଦ ହଜାର ହଜାର ଭକ୍ତଙ୍କୁ ବଣ୍ଟନ କରାଯାଇଥାଏ।

## ଫିନୋକଣ୍ଟ୍ରୋଲର ୫ତମ ପ୍ରତିଷ୍ଠା ଦିବସ ପାଳିତ

# ସଂସ୍ଥା ପକ୍ଷରୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା



**ଧାମନଗର, ୨୪।୧୦(ସମିସ):** ଧାମନଗର ଏନଏସି ଅନ୍ତର୍ଗତ କଲ୍ୟାଣ ମଣ୍ଡପ ପରିସରରେ ଫିନୋକଣ୍ଟ୍ରୋଲର ୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ସଂସ୍ଥା ଦେଶର ଯୁବପିଢ଼ିଙ୍କ ଜ୍ଞାନ, ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରୁଛି। ଦେଶର ଓ ଦେଶ ବାହାରେ ବିଭିନ୍ନ ସ୍କୁଲ ଓ କଲେଜ ସହ ମିଶି ଏହି ସଂସ୍ଥା ଛାତ୍ରଛାତ୍ରୀଙ୍କୁ ପ୍ରାଦ୍ୟୁଗିକ ଓ ଜୀବନମୂଳକ ଶିକ୍ଷା ଦେଇ ସେମାନଙ୍କୁ ଆର୍ଠିଥକ, ସାହିତ୍ୟ ଓ ପ୍ରଯୁକ୍ତି ବିଦ୍ୟାରେ ପାରଦର୍ଶୀ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅବସରରେ କମ୍ପାନୀର ସ୍ଥାପକ ତଥା ସିଇଓ ରମନଜିତ୍ ମହାନ୍ତି, ମୁଖ୍ୟ ମାନବ ସମ୍ପଦ ଅଧିକାରୀ ତେଜସ୍ୱୀ ତ୍ରିପାଠୀ, ସହଯୋଗୀ ବିନାୟକ ଘୋଷ, ପରିଚାଳନା ସହଯୋଗୀ ନକ୍ଷତ୍ର ଦାଶ ଓ ପ୍ରଶିକ୍ଷକ ସିଗ୍ଧା ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଶରତ ଚନ୍ଦ୍ର ମହାନ୍ତିଙ୍କୁ ସଂସ୍ଥା ପକ୍ଷରୁ ସ୍ମରଣୀୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଂସ୍ଥା ପକ୍ଷରୁ ଉପସ୍ଥିତ ସାମ୍ବାଦିକ ସହ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ସହାୟକ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ଶେଷରେ ସଂସ୍ଥା ପକ୍ଷରୁ ଆଗାମୀ ଦିନରେ ଶିକ୍ଷା, ପ୍ରଶିକ୍ଷଣ ଓ ସମାଜସେବା ମାଧ୍ୟମରେ ଅଧିକ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଂକଳ୍ପ ନିଆଯାଇଥିଲା।

# ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ



**ଭଦ୍ରକ, ୨୪।୧୦(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଧୁମଧାମରେ ପାଳିତ ହେଉଛି ଶ୍ରୀକୃଷ୍ଣ ପୂଜା। ସନ୍ଧ୍ୟା ହେଲେ ଜମୁଛି ଭିଡ଼। ଇତି ମଧ୍ୟରେ ଶ୍ରୀକୃଷ୍ଣଙ୍କ ପୂଜାକୁ ୨୫ ବର୍ଷ ପୂରିଯାଇଛି। ଗୁରୁବାର ସନ୍ଧ୍ୟାରେ ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ତରଫରୁ ରୌପ୍ୟ ଜୟନ୍ତୀ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବ୍ରଜ ସୁନ୍ଦର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚାନ୍ଦବାଲି ତହସିଲଦାର ଭାବତୋଷ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀକୃଷ୍ଣ ସଂସ୍କୃତିକ ପରିଷଦର ସମାଜ ମଙ୍ଗଳ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଭିନ୍ନ ସମୟ ଉକ୍ତ ପରିଷଦ ପକ୍ଷରୁ ବୃକ୍ଷରୋପଣ, ରକ୍ତଦାନ ଶିବିର ଆଦି ଆୟୋଜନ କରାଯାଇଥାଏ। ବହୁ ବାଧାବିଘ୍ନ ଦେଇ ଗତି କରୁଥିବା ଶ୍ରୀକୃଷ୍ଣ ସଂସ୍କୃତିକ ପରିଷଦ ଆଜି ୨୫ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ସଭାପତି ବ୍ରଜ ସୁନ୍ଦର ମହାନ୍ତି ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଚାନ୍ଦବାଲି ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ବିଧାୟକଙ୍କ ପୂଜା ମଣ୍ଡପ ପରିଦର୍ଶନ



**ବାରିକପୁର, ୨୪।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଶ୍ୟାମାକାଳୀ ପୂଜା ମଣ୍ଡପକୁ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ପରିଦର୍ଶନ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ବିଧାୟକ ପ୍ରଥମେ ମଞ୍ଜୁରୀ ରୋଡ ବଜାର ଠାରେ ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା ବାର୍ଷିକ କାଳୀପୂଜା ଉତ୍ସବରେ ଯୋଗ ଦେଇଥିଲେ। ଏହାପରେ ବନ୍ଧାଳମଡିଆଳୀ ପଞ୍ଚାୟତ ଖପୁରିଆପଦା ପୀଠ ଦେବୀ ଦକ୍ଷିଣ କାଳୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଭଣ୍ଡାରିପୋଖରୀ ଥାନା ଛକରେ ମା' କାଳୀଙ୍କୁ ଦର୍ଶନ କରି ଆୟୋଜକ କମିଟି ସଦସ୍ୟଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତାଙ୍କ ସହିତ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଯୁବ ବିଜେଡି ସଭାପତି ଲଳିତ ରାଉତ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଦୀପ୍ତି ସୂର୍ଯ୍ୟ ବିଶ୍ୱାଳ, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି, ବିଶ୍ୱନାଥ ସାହୁ, ମନୋରଞ୍ଜନ ସାହୁ ସନ୍ତୋଷ ମହାପାତ୍ର, ଗୌରାଙ୍ଗ ଜେନା, ପ୍ରସନ୍ନ କୁମାର ସାହୁ, ବିନୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକଳ୍ପସ୍ତରୀୟ ପ୍ରତିଭା ଚୟନ

**ବାରିକପୁର, ୨୪।୧୦(ସମିସ):** ଭଣ୍ଡାରିପୋଖରୀ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କିଶୋରୀ ବାଳିକା ଓ ବାଳକଙ୍କୁ ନେଇ ପ୍ରକଳ୍ପ ସ୍ତରୀୟ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଡ଼ିପିଓ ରୀତାରାଣୀ ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବାଳକବାଳିକା ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ସୁପରଭାଇଜର ସତ୍ୟ ଶିଖା ସେଠୀ, ଅଣ୍ଣପୂର୍ଣ୍ଣା ସାହୁ, ନିବେଦିତା ଜେନା, ଆଶାମଣୀ ପଲେଇ, ମଲ୍ଲିଲତା ଦାସ, ଜେନାମଣି ଦେଇ ପ୍ରମୁଖ ପରିଚାଳନା କରିଥିଲେ।



# ମଧ୍ୟାହ୍ନ ଭୋଜନ ନ ପାଇ ଉପବାସରେ ୬୦୦ ଛାତ୍ରଛାତ୍ରୀ




**ଭଦ୍ରକ, ୨୪।୧୦(ସମିସ):** ପ୍ରସ୍ତୁତ ହେଲାନି ମଧ୍ୟାହ୍ନ ଭୋଜନ। ଉପବାସରେ ପାଠ ପଢ଼ିଲେ ୬୦୦ ଛାତ୍ରଛାତ୍ରୀ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ମାଧପୁର ସ୍ଥିତ ବ୍ଲକ ଗଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ। ସୂଚନା ମୁତାବକ ଉକ୍ତ ବିଦ୍ୟାଳୟରେ କିଛି ମାସ ହେବ ଚାଲିଛି ପ୍ରଧାନ ଶିକ୍ଷକ ବଦଳି ପାଲା। ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବାରୁ ଆକାଉଣ୍ଟରୁ ଟଙ୍କା ଉଠାଯାଇ ପାରୁନାହିଁ। ଫଳରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତରେ ବାଧା ଉପୁଜିଛି। କିଛି ଦିନ ବିଦ୍ୟାଳୟର ସଭାପତି ରାଜେନ୍ଦ୍ର ଦାଶ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ମଧ୍ୟାହ୍ନ ଭୋଜନ ଚଳାଇ ଆସୁଥିଲେ। ମାତ୍ର ସେ ନିଜ ହାତରୁ ଟଙ୍କା ଖର୍ଚ୍ଚ ନ କରିବାରୁ ଆଜି ବନ୍ଦ ରହିଛି ମଧ୍ୟାହ୍ନ ଭୋଜନ। ଫଳରେ ଖାଇବାକୁ ନ ପାଇ ଭୋକ ଉପାସରେ ପାଠ ପଢୁଛନ୍ତି ପିଲା। ଏ ବାବଦରେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ ଉକ୍ତ ଘଟଣା ବିଷୟରେ ଅବଗତ ନ ଥିବା କହିଛନ୍ତି। ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀ ଏଥିରେ ହସ୍ତକ୍ଷେପ କରି ମଧ୍ୟାହ୍ନ ଭୋଜନ ପୁନଃ ଆରମ୍ଭ କରିବାକୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଦାବି କରିଛନ୍ତି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ



**ଦୋଳସାହି, ୨୪।୧୦(ସମିସ):** ତିହିଡ଼ି ବ୍ଲକ ଅଧିନ ଗୁଆମାଳ ପଞ୍ଚାୟତ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ ଦାସଙ୍କ ସଂଯୋଜନା ଓ ସିଆରସି ଶିବବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୬ଟି ବିଦ୍ୟାଳୟ ଓ ୨ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ହସ୍ତଲିଖନ, ବକ୍ତୃତା, ଚିତ୍ରାଙ୍କନ, କୁଇଜ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ।

# ବାଉଲସିଙ୍ଗାକୁ କାଳ ଇଥାନଲ ପ୍ଲାଣ୍ଟ

ବରଗଡ଼, ୨୪।୧୦(ସମିସ)

● ପୋଖରୀରେ ମିଶୁଛି ଦୂଷିତ ପାଣି
● ଅଧିକାଂଶ ଲୋକ ଚର୍ମ ରୋଗରେ ଆକ୍ରାନ୍ତ
● ମାଛ ସହ ଅନ୍ୟାନ୍ୟ ଜଳଜୀବ ମରି ଭାସୁଛନ୍ତି



ଭଟଲି ବ୍ଲକ ବାଉଲସିଙ୍ଗାକୁ ଇଥାନଲ ପ୍ଲାଣ୍ଟ କାଳ ହୋଇଛି। ଗାଁ ପୋଖରୀରେ ଦୂଷିତ ପାଣି ମିଶୁଛି। ଏଣୁ ଅଧିକାଂଶ ଲୋକ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାସହ ପୋଖରୀର ମାଛ ମରି ଭାସୁଛନ୍ତି। ଏହି ଖବର ପାଇ ଜୟ କିସାନ ଆନ୍ଦୋଳନ ଏବଂ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ତରଫରୁ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ବାଉଲସିଙ୍ଗା ଇଥାନଲ କାରଖାନା ପରିସର ପରିଦର୍ଶନ କରିଛି। ଇଥାନଲ କାରଖାନା ପାଖରେ ଥିବା ପୋଖରୀର ପାଣି ଦେଖିବା ପରେ ଗାଁ ଲୋକ ଏବଂ କାରଖାନାର ଉଚ୍ଚ ଅଧିକାରୀ ସହ ଆଲୋଚନା କରିଛି। ଇଥାନଲ କାରଖାନାରୁ ନିର୍ଗତ ରାସାୟନିକ ତରଳ ଦ୍ରବଣ ଗ୍ରାମର ଏକ ମାତ୍ର ପୋଖରୀରେ ଛାଡି ଦେବା କାରଣରୁ ପାଣି ବିଷାକ୍ତ ହୋଇ ଯାଇଛି। ଏହି ପୋଖରୀର ପାଣି ବର୍ତ୍ତମାନ କୌଣସି ବ୍ୟବହାରରେ ଆସୁନାହିଁ। ଦେହରେ ଲାଗିଲେ ଅନେକ ପ୍ରକାରର ଚର୍ମ ରୋଗ ହେଉଛି। ମାସେ ହୋଇଗଲାଣି ଗ୍ରାମର ଲୋକମାନଙ୍କ ବ୍ୟବହାରରେ ଆସୁଥିବା ଏକମାତ୍ର ପୋଖରୀ ବର୍ତ୍ତମାନ ବିଷାକ୍ତ ହୋଇଯାଇଛି। ସେଥିରୁ ଦୁର୍ଗନ୍ଧ ବାହାରୁଛି। ଏଣୁ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଖରୀରେ ଥିବା ମାଛ ଓ ଅନ୍ୟାନ୍ୟ ଜଳଜୀବ ସବୁ ମରିଯାଇଛନ୍ତି। କିନ୍ତୁ କାରଖାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। କାରଖାନା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଚାଲିନାହିଁ। ପରୀକ୍ଷାମୂଳକ ଭାବରେ ଗୋଟିଏ ଥର ଇଥାନଲ ଉତ୍ପାଦନ କରାଯାଇଛି। ଗ୍ରାମବାସୀଙ୍କ ସନ୍ଦେହ ହେଉଛି ଯେ ଯଦି ପରୀକ୍ଷା ମୂଳକ ଭାବେ ଉତ୍ପାଦନ କରି ପୋଖରୀର ଏପରି ଅବସ୍ଥା ହୋଇଛି ଯେତେବେଳେ ପୂର୍ଣ୍ଣମାତ୍ରାରେ କାରଖାନା ଚାଲିବ ସେତେବେଳେ ଅବସ୍ଥା କ'ଣ ହେବ? ଏହାକୁ ନେଇ ସଂଗଠନ ପକ୍ଷରୁ କୁହାଯାଇଛି ଯେ ସେହି ପାଣିର ଠିକ୍ ପରିକ୍ଷା କରାଯାଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଏହାର ସ୍ଥାୟୀ ସମାଧାନ କରାଯାଉ। ଅନ୍ୟଥା ଅନେକ ଧନ ଜୀବନ ନଷ୍ଟ ହେବ। ଏହି ତଥ୍ୟ ଅନୁସନ୍ଧାନ ଦଳରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଅରୁଣ ସାହୁ, ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ସାମ୍ବାଦିକ ଉମେଶ ବିଶ୍ୱାଳ, କିଶୋର ସାହୁ, ଶ୍ରୀମୁଖ ସାହୁ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ଗିବାହାଲରେ ଶ୍ୟାମାଜ୍ୟୋତି ମହୋତ୍ସବ ଉଦ୍‌ଯାପିତ

ପଦ୍ମପୁର, ୨୪।୧୦(ସମିସ): ସର୍ଗିବାହାଲରେ ୫ ଦିନ ବ୍ୟାପି ଅନୁଷ୍ଠିତ ଶ୍ୟାମାଜ୍ୟୋତି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅବସରପ୍ରାପ୍ତ ସୈନିକ ଲୋକନାଥ ବିଶ୍ୱ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନିଷ୍ଠା ପରିବାର ଓ କାଳୀପୂଜା କମିଟିର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ରୀତା ମେହେର, ଗୋଲାପୀ ଘିବିଲା, ପ୍ରିୟବତୀ ବାରିକ, ଆଜାଦ ଦାଶ, ପରେଶ ରଣାଙ୍କୁ ସମ୍ମାନିତ କରାଯାଇଥିଲା। ପୁଷ୍ପାଞ୍ଜଳି ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅର୍ଚ୍ଚନା ପାଢ଼ୀଙ୍କ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ସଭାପତି ଛାୟାକାନ୍ତ, ଉପସଭାପତି ଶୀତଳ ବରିହା, ସମ୍ପାଦକ ଉମାକାନ୍ତ ସିଂ, ସହ ସମ୍ପାଦକ ଆଜାଦ ଦାଶ, କୋଷାଧ୍ୟକ୍ଷ ନାରାୟଣ ମହାପାତ୍ର, ବିଜେଶ୍ୱର ମେହେର, ଚିତ୍ରସେନ ବେହେରା, ଭରତ ମେହେର, ମଣି ରଣା, ଦଶରଥ ମେହେର, ରାଜୀବ ମେହେର, ଉମେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ମନୀଷ ରଥ, ନିତୁ ସାହୁ ଓ ଗୋବର୍ଦ୍ଧନ ବରିହା ମଞ୍ଚ ପରିଚାଳନା କରିଥିଲେ।

## ବିଜେପୁରରେ ଶ୍ୟାମାକାଳୀ ପୂଜା

ବିଜେପୁର, ୨୪।୧୦(ସମିସ): ସ୍ଥାନୀୟ ବସଷ୍ଟାଣ୍ଡରେ ମାଁ ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଜୟକୃଷ୍ଣ ଡନସନା ଓ ମହେଶ ଦେବତା କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ପୁରୋହିତ ଭାବେ କିଶୋର ଚନ୍ଦ୍ର ପୂଜାରୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂଜା କମିଟି ସଭାପତି ସୁବାସ ଛୁରା, ସମ୍ପାଦକ ସୂର୍ଯ୍ୟକାନ୍ତ ବାରିକ, ମହେଶ ଦେବତା, ତାପସ ଗଡ଼ତିଆ, ଚିନ୍ମୟ ଲେଙ୍କା, ପ୍ରହଲ୍ଲାଦ ସେଠ, ରାଜେଶ ସେଠ, ରାଜେଶ ଅଗ୍ରବାଲ, କିଶୋର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବରତୁଣ୍ଡାରେ ଚିତ୍ରଗୁପ୍ତ ମହାରାଜାଙ୍କ ପୂଜା

ପାଇକମାଳ, ୨୪।୧୦(ସମିସ): ବରତୁଣ୍ଡା କଲ୍ୟାଣ ମଣ୍ଡପରେ ଚିତ୍ରଗୁପ୍ତ ମହାରାଜାଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଘଣ୍ଟବାଦ୍ୟ ସହ କଳସ ଯାତ୍ରା ହୋଇଥିଲା। ଭୀମସେନ ବହିଦାର ସପତ୍ନୀକ ପୂଜାରେ କର୍ତ୍ତା ଥିଲେ। ସଭାପତି ବିଶିକେଶନ ରାୟଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ତପନ ବହିଦାର ବାର୍ଷିକ ବିବରଣୀ ସହ ଆୟବ୍ୟୟ ବିବରଣୀ ପଠନ କରିଥିଲେ। ଭବିଷ୍ୟତରେ ଏକ ମନ୍ଦିର ନିର୍ମାଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲେ। ପାଇକମାଳ ଝାରବନ୍ଧ ଜୋନର ପ୍ରାୟେ ୫୦ଟି କରଣ ପରିବାର ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରମୋଦ ରାଏ, ମନ୍ମଥ ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ, ଝୁନା ରାଉତରାୟ, ଗୋକୁଳ ବହିଦାର ତଥା ସମସ୍ତ ସଦସ୍ୟ ପୂଜାକୁ ସୂଚାରୁ ରୂପେ ସମ୍ପାଦନା କରିଥିଲେ।

## ଆପ୍ରାଇଜ କଲେଜରେ ଅଷ୍ଟପ୍ରହର ନାମଯଜ୍ଞ



ବରଗଡ଼, ୨୪।୧୦(ସମିସ): ଆପ୍ରାଇଜ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପର ଅଧ୍ୟକ୍ଷ ଇଂ. ଜଗଦୀଶ ଚନ୍ଦ୍ର ବେହେରା ଓ ତାଙ୍କ ପତ୍ନୀ ତପସ୍ୱିନୀ ବେହେରା କର୍ତ୍ତା ଥିଲେ। ଗ୍ରୁପର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ମୁକୁନ୍ଦ ଦାଶ ଉପସ୍ଥିତ ଥିଲେ। ସମ୍ବଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାଇକମାଳ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ



ପାଇକମାଳ, ୨୪।୧୦(ସମିସ): ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ରଞ୍ଜିତା ମହାନ୍ତି ଯୋଗଦେଇ ଶିଶୁ ପ୍ରତି ମାମାନଙ୍କ ଭୂମିକା ଉପରେ ବୁଝାଇଥିଲେ। ବରିଷ୍ଠ ଆଚାର୍ଯ୍ୟ ସୁଶିଳ ମହାନନ୍ଦ ସଭା ପରିଚାଳନା କରିଥିଲେ। ଏଥିରେ ୧୫୮ ଜଣ ମାଁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ରାମ କୁମାର ଗୁପ୍ତା, ଯୁଗ୍ମ ସମ୍ପାଦକ ଓମପ୍ରକାଶ ମେହେର, ସଭ୍ୟ ଆଶା ସୁପକାର ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକ ସଭାପତିତ୍ୱ କରିଥିଲେ। ପରିଚାଳନା ସମିତି ଉପସଭାପତି ମୀନକେତନ ବେହେରା ଧନ୍ୟବାଦ ଦେଇଥିଲେ।

## ନୂତନ ପଞ୍ଚାୟତ ଗଠନ ପାଇଁ ବିଡିଓଙ୍କ ନିକଟରେ ଦାବି



ଝାରବନ୍ଧ ୨୪।୧୦ (ସମିସ): ଓଡ଼ିଶା ସରକାର ନୂତନ ବ୍ଲକ ଏବଂ ପଞ୍ଚାୟତ ଗଠନ କରିବାର ସୂଚନା ମିଳିବା ପରେ ଏବେ ଲୋକଙ୍କ ମନରେ ନୂତନ ପଞ୍ଚାୟତ ପାଇବା ଆଶା ବଢ଼ିବାରେ ଲାଗିଛି। ଝାରବନ୍ଧ ବ୍ଲକ ଲଉଡ଼ିଦର୍ହା ପଞ୍ଚାୟତର କୁର୍ମା ଏବଂ ଶିକାରିପାଲି ଗ୍ରାମବାସୀ ନୂତନ ପଞ୍ଚାୟତ ଗଠନ ପାଇଁ ଝାରବନ୍ଧ ବିଡ଼ିଓ ପର୍ଶୁରାମ ପଣ୍ଡାଙ୍କୁ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ପ୍ରାୟ ୮ ରୁ ୧୦ କିମି ଦୂର ପଡୁଛି। ବୃଦ୍ଧ ବୃଦ୍ଧାଙ୍କୁ ବହୁ ଅସୁବିଧା ହେଉଛି। ତେଣୁ ଏହି ଗ୍ରାମଗୁଡ଼ିକର ମଝି ଗ୍ରାମ କୁର୍ମାଠାରେ ନୂତନ ପଞ୍ଚାୟତ ଗଠନ ତଥା ସ୍ଥାପନ କରିବା ପାଇଁ ଅନୁରୋଧ କରିଛନ୍ତି। ଶିକାରୀପାଲି ଗ୍ରାମରରୁ ବ୍ୟାସଦେବ ପ୍ରଧାନ, ଭୁବନେଶ୍ୱର ସିକଆ, ସରୋଜ ପ୍ରଧାନ, ଶିବଲାଲ ମାଝୀ, ସୁଧୀର ବାଗ, ସୁବାଷ କନ୍ଧ, ସାଧୁ ଭୁଏ, ମହନ ସେଠ୍ ତଥା ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। କୁର୍ମା ଗ୍ରାମରୁ ମୋହନ ଲାଲ ସାହୁ, ପବିତ୍ର ଭୋଇ, ହରେକୃଷ୍ଣ ଭୋଇ, ଘନଶ୍ୟାମ ଭୋଇ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଲଉଡ଼ିଦର୍ହା ପଞ୍ଚାୟତକୁ ରାସନ୍ ତଥା ଅନେକ କାର୍ଯ୍ୟ ପାଇଁ ୮/୯ କିଲୋ ମିଟର ଯିବାକୁ ପଡେ। ଶିକାରୀପାଲି, କୁରମା ଗ୍ରାମ ତଥା ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ମିଶାଇ ଏକ ନୂତନ ପଞ୍ଚାୟତ ପଞ୍ଚାୟତ ମଧ୍ୟଭାଗ କୁର୍ମାରେ ହେଉ ବୋଲି ଲୋକେ ଦାବି କରିଛନ୍ତି।

## ଚକରକେନ୍ଦ ଡିଗ୍ରୀ କଲେଜରେ ସ୍ୱାଗତ ଉତ୍ସବ



ବରଗଡ଼, ୨୪। ୧୦(ସମିସ): ଚକରକେନ୍ଦସ୍ଥିତ ସନ୍ଥ କବି ଭୀମ ଭୋଇ ମହିମା +୩ ମହାବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆ ସଭାପତିତ୍ୱ କରିଥଲେ। ସୋନୁ ଜିନ୍ଦଲ, ଟ୍ରଷ୍ଟ ଫାଉଣ୍ଡ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ସରୋଜ ଦେବତା, କଲେଜ ସଭାପତି ଚୁମ୍ବେଲାଲ ଭୋଇ, ସମ୍ପାଦକ ରବିଶଙ୍କର ପ୍ରଧାନ, ଚକରକେନ୍ଦ ସରପଞ୍ଚ ଅନିତା ରଥ, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାୟକ, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ, କମିଟି ସଦସ୍ୟ ଯଦୁମଣି ଭୋଇ, ସରୋଜ ଭୋଇ, କପିଳ ଭୁଏ, ତରୁଣ ନାୟକ, ପ୍ରକାଶ ଭୋଇ, ସୁରେଶ ପ୍ରଧାନ, ଓକିଲ ସେଠ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ନିଶା ନିବାରଣ ଏବଂ ମାନସିକ ଚାପ ପରିଚାଳନା ସଚେତନତା



ବରଗଡ଼, ୨୪।୧୦(ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ନିଶା ନିବାରଣ ଏବଂ ମାନସିକ ଚାପ ପରିଚାଳନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍ ଅଧ୍ୟକ୍ଷତା କରିଥିଲେ। ନିଶା ଅପବ୍ୟବହାରର ଭୟାବହତା ଏବଂ ମାନସିକ ସୁସ୍ଥତାର ଗୁରୁତ୍ୱ ବିଷୟରେ ସଚେତନତା କରିବା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଥିଲା। ବରଗଡ଼ ବ୍ରହ୍ମାକୁମାରୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସକାରାତ୍ମକ ଜୀବନଯାପନ ଏବଂ ଆତ୍ମନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ। ରାଉରକେଲା ଅପରାଧ ନିୟନ୍ତ୍ରଣ ଶାଖାର ପୁଲିସ ଅଧିକାରୀ ଉମେଶ ବେହେରା ଏହି ସଭାରେ ଯୋଗଦେଇ ନିଶା ଅପବ୍ୟବହାରର ଆଇନଗତ ଏବଂ ସାମାଜିକ ପରିଣାମ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର ଛାତ୍ରଛାତ୍ରୀଙ୍କ କଲ୍ୟାଣ ସକାଶେ ନିଶା ନିବାରଣ ସମ୍ବନ୍ଧୀୟ ଆନୁଷ୍ଠାନିକ ମାର୍ଗଦର୍ଶିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମନୋବିଜ୍ଞାନ ବିଭାଗର ମୁଖ୍ୟ ସୁନନ୍ଦିନୀ ଦାଶ ମାନସିକ ତଥା ବ୍ୟବହାରିକ ଚାପ ପରିଚାଳନାର କୌଶଳଗୁଡ଼ିକ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ ଜନ୍ମେଜୟ ପଧାନ ଯୁବପିଢ଼ିଙ୍କୁ ମାର୍ଗଦର୍ଶନ କରିବାରେ ଶିକ୍ଷକଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଡକ୍ଟର ସେଠ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଏବଂ ବିଷୟ ବିଶେଷଜ୍ଞଙ୍କୁ ପ୍ରଶଂସା କରିବା ସହିତ ଏକ ସୁସ୍ଥ, ନିଶାମୁକ୍ତ ସମାଜ ଗଠନରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଅମ୍ବାପାଲି ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ



ବରଗଡ଼, ୨୪। ୧୦(ସମିସ): ପୌର ପରିଷଦ ଅନ୍ତର୍ଗତ ଅମ୍ବାପାଲି ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍କୁଲ ପୋଷାକ ବଣ୍ଟନର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ ସୁରେନ୍ଦ୍ର ସାହୁ, ଏବିଇଓ ରଞ୍ଜନ ଦଣ୍ଡସେନା, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଆଇନଜୀବୀ ଈଶ୍ୱର ବାଗ, ଆଲୁମ୍ନି କମିଟି ଅଧ୍ୟକ୍ଷ ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ହାଇସ୍କୁଲ ଫୁଟବଲ ସେମିଫାଇନାଲ



ବରପାଲି, ୨୪।୧୦ (ସମିସ): ବରଗଡ଼ ଜିଲ୍ଲା ହାଇସ୍କୁଲ ବାଳକ ଓ ବାଳିକା ଫୁଟବଲ ପ୍ରତିଯୋଗିତାର ସେମିଫାଇନାଲ ସମ୍ପନ୍ନ ହୋଇଛି। ବରପାଲି ବାଳକ ହାଇସ୍କୁଲ ଓ ଲେଣ୍ଡା ହାଇସ୍କୁଲ ଖେଳ ପଡ଼ିଆ ପରିସରରେ ଆୟୋଜିତ ପ୍ରତିଯୋଗିତାର ସେମିଫାଇନାଲ ଖେଳରେ ବାଳକ ଗ୍ରୁପରୁ ଭେଡେନ ଓ ବରଗଡ଼ ହାଇସ୍କୁଲ ଏବଂ ବାଳିକା ଗ୍ରୁପରୁ ପାଇକମାଲ ଓ ବରପାଲି ହାଇସ୍କୁଲ ବିଜୟୀ ହୋଇ ଫାଇନାଲ ଖେଳିବାକୁ ନିର୍ଦ୍ଧାରିତ ହୋଇଛି। ବରଗଡ଼ ଜିଲ୍ଲାର ସମସ୍ତ ୧୨ଟି ବ୍ଲକର ହାଇସ୍କୁଲ ୧୪ରୁ ୧୭ବର୍ଷିୟ ଛାତ୍ରଛାତ୍ରୀ ସାମିଲ ହୋଇ ମ୍ୟାଚ ଖେଳିଛନ୍ତି। ମୁଖ୍ୟଅତିଥି ଭାବରେ ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ସରୋଜ ଭୁଏ ଓ ବିନୟ ସଏ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମହରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଲେଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସରୋଜ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଏନଏସି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଭାବକ-ଶିକ୍ଷକ ସମ୍ମିଳନୀ



ବରଗଡ଼, ୨୪।୧୦(ସମିସ): ସ୍ଥାନୀୟ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଶ୍ରେଣୀ ଗୃହରେ ଯୁକ୍ତ ତିନି ଅଭିଭାବକ ଓ ଶିକ୍ଷକମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପିକା ଡ. ପୁଷ୍ପାଞ୍ଜଳି ପ୍ରଧାନ, ନନ୍ଦିନୀ ନିରୋଦ ପଣ୍ଡା, ରାଧାକାନ୍ତ ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଶୈକ୍ଷିକ ତଥା ବୌଦ୍ଧିକ ଉନ୍ନତି ଦିଗରେ ଅଧ୍ୟାପକ ଅଧ୍ୟାପିକାମାନଙ୍କ ନିରବିଚ୍ଛିନ୍ନ ପ୍ରୟାସ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ଡ.ସଂଘମିତ୍ରା ମିଶ୍ର ଓ ଡ.ପ୍ରତାପ ଚନ୍ଦ୍ର ମହାକୁଡ ଛାତ୍ରୀମାନଙ୍କ ଉପସ୍ଥାନ ବୃଦ୍ଧି ସହ ପାଠ୍ୟ କାର୍ଯ୍ୟକ୍ରମରେ ଭାଗିଦାରିତା, ଅଭ୍ୟାସ କାର୍ଯ୍ୟର ସଫଳ ସମ୍ପାଦନ ଦିଗରେ ଅଭିଭାବକମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଅଭିଭାବକମାନଙ୍କ ମଧ୍ୟରେ ସୁହାସିନୀ ଦାଶ, ଜ୍ୟୋତ୍ସ୍ନାରାଣୀ କୁମ୍ଭା, ପ୍ରତିଭା ପ୍ରଧାନ, ସୁନୟ ଦାଶ, ଧିରଜ ସାହୁ ପ୍ରମୁଖ ନିଜସ୍ୱ ସୁଚିନ୍ତିତ ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ବହୁ ସଂଖ୍ୟାରେ ଅଭିଭାବକ ଭାଗ ନେଇଥିଲେ। ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡ. ପ୍ରଶାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଠକେଇ ଶିକାର ମହିଳାଙ୍କ ଥାନାରେ ଭିଡ଼

ଭେଡେନ, ୨୪।୧୦(ସମିସ)



ଭେଡେନ ଥାନା ଅଞ୍ଚଳର ହଜାର ହଜାର ମହିଳା ଝାଡୁଦାର ଭାବେ ଚାକିରି କରିବା ଆଶାରେ ଠକେଇର ଶିକାର ହୋଇଛନ୍ତି। ଏମାନେ ଏହି କାମ ପାଇବାକୁ ଜଣ ପିଛା ୧୩ ହଜାର ଦେଇଛନ୍ତି। ତେବେ ୧୦/୧୫ ଦିନ କାମ କଲାପରେ କାମ ବନ୍ଦ ହୋଇ ଯାଇଥିଲା। ଏହାଫଳରେ ଠକେଇର ଶିକାର ହୋଇଥିବା ଜାଣି ମହିଳାମାନେ ଏବେ ଟଙ୍କା ନେଇଥିବା ଲୋକଙ୍କ ନାମରେ ଅଭିଯୋଗ କରିବାକୁ ଥାନାରେ ଭିଡ଼ ଜମାଉଛନ୍ତି। ଚାକେରି ପାଇବା ଆଶାରେ ଅନେକ ଲୋକ ଜମି, ବାଡ଼ି, ସୁନା ରୁପା ବନ୍ଧକ ରଖି ଟଙ୍କା ଦେଇଛନ୍ତି। ଏବେ ଟଙ୍କା ମିଳିବ କି ନାହିଁ ସେ ଚିନ୍ତାରେ। ଅପମରା ଗ୍ରାମର ଅନେକ ମହିଳା ଥାନାକୁ ଯାଇ ଟଙ୍କା ନେଇଥିବା ଗର୍ଭନା ଅଇଲାପାଲି ଗ୍ରାମର ତରଣୀ ମହାନନ୍ଦ ଓ ଯୁଗୀପାଲି ଗ୍ରାମର ତରଣୀ ସୁରୁଜୋଲଙ୍କ ନାମରେ ଅଭିଯୋଗ କରିଥିଲେ। ସେହିଭଳି ଠକେଇ ଶିକାର ହୋଇଥିବା କୁଶନପୁରୀ ଗ୍ରାମର ଅନେକ ପୁରୁଷ/ମହିଳା ଶୁକ୍ରବାର ଥାନାକୁ ଯାଇ ଟଙ୍କା ନେଇଥିବା ସମ୍ବଲପୁର ସତୁପାଲି ଗ୍ରାମର ପଦ୍ମା ତାଣ୍ଡି ଓ ଶିବା ତାଣ୍ଡିଙ୍କ ନାମରେ ଅଭିଯୋଗ କରିଛନ୍ତି। ଠକେଇର ଶିକାର ହୋଇଥିବା ବକଟି ଗ୍ରାମର ଅନେକ ଲୋକ ମଧ୍ୟ ଥାନାକୁ ଯାଇ ଟଙ୍କା ନେଇଥିବା ବୁର୍ଲା ମରାଙ୍ଗୁଲା ଗ୍ରାମର ମୁରଲୀ ତାଣ୍ଡିଙ୍କ ନାମରେ ଅଭିଯୋଗ କରିଛନ୍ତି।

## ଜାମଡୋଲରେ ମହିଷାସୁର ରାଜ



ଭେଡେନ, ୨୪।୧୦(ସମିସ): ଜମଡୋଲ ଗ୍ରାମରେ ଚାଲିଥିବା ମାଁ କାଳୀ ପୂଜା ଅବସରରେ ମହିଷାସୁର ରାଜ ଚାଲିଛି। ତ୍ରିପୁର ବିଜୟୀ ମହିଷାସୁର ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରୁଛନ୍ତି। କଂଗ୍ରେସ ନେତା ନିପନ ଦାଶ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ ଆଚାର୍ଯ୍ୟ, ଭେଡେନ ବ୍ଲକ କଂଗ୍ରେସ ଉପସଭାପତି ସଞ୍ଜୟ ନନ୍ଦ, ବରିଷ୍ଠ କଂଗ୍ରେସ ନେତା ଦଶରଥ ମେହେର, ଟଙ୍କ ଭୋଇ, ପୂର୍ବତନ ଭେଡେନ ବ୍ଲକ କଂଗ୍ରେସ ସଭାପତି ଗଣେଶ ପଧାନ, ରେମଣ୍ଡା ପୂର୍ବତନ ସରପଞ୍ଚ ରାମେଶ୍ୱରୀ ନନ୍ଦ, ଦିଲୀପ ଦାଶ ପ୍ରମୁଖ ରାଜ ଦରବାର ଅତିଥି ଭାବେ ଯୋଗ ଥିଲେ। ରୁଦ୍ରଦେବ ସାହୁ, ୟାସୁସ ଦଳେଇ, ଉମାକାନ୍ତ ଭୋଇ, ବିରେନ୍ଦ୍ର ଭୋଇ, ପ୍ରକାଶ ପାତ୍ର, ଚୁଡାମଣି ସା, ଠାକୁର ଦଳେଇ, ପିଣ୍ଟୁ ପାତ୍ର, ଅମିତ ପଣ୍ଡା, ଘାସିରାମ କର୍ମୀ, ଶମ୍ଭୁ ପଧାନ, ଥବୀର ପାତ୍ର, ରବୀନ୍ଦ୍ର ପଧାନ, ଗୋପାଳ ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି।





# କୁଆଡ଼େ ଗଲା ମେଟାଲ୍ ଡିଟେକ୍ଟର?

## ଆସୁଛି କାର୍ତ୍ତିକ ପୂର୍ଣ୍ଣିମା; ଲିଙ୍ଗରାଜ ମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

ଭୁବନେଶ୍ୱର, ୨୪।୧୦(ସମିସ): ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରେ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ନିୟମ ସମାନ ଏବଂ କଡ଼ାକଡ଼ି କରାଯାଉଥିବା ବେଳେ ଏକାମ୍ରକ୍ଷେତ୍ରରେ ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ବେଢ଼ା ମଧ୍ୟରେ ଫଟୋ ବାରମ୍ବାର ଭାଇରାଲ ହେବା ସହ ଆଗକୁ କାର୍ତ୍ତିକ ପୂର୍ଣ୍ଣିମା ଆସୁଥିବାରୁ ମନ୍ଦିର ସୁରକ୍ଷା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ। କାରଣ ମନ୍ଦିର ଭିତରକୁ ସାଧାରଣ ଲୋକଙ୍କ ପାଇଁ ମୋବାଇଲ କିମ୍ବା କ୍ୟାମେରା ପ୍ରବେଶ ଉପରେ କଟକଣା କରାଯାଉଥିବା ବେଳେ ବଡ଼ବଡ଼ିଆଙ୍କ କ୍ଷେତ୍ରରେ ଏହା ଦେଖାଯାଇ ନ ଥାଏ। କାରଣ ପୂର୍ବରୁ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଭୁବନେଶ୍ୱର ସାଂସଦଙ୍କ ସମେତ ବଡ଼ବଡ଼ ରାଜନେତାମାନଙ୍କ ମନ୍ଦିର ବେଢ଼ା ମଧ୍ୟରେ ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ତେଣୁ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାରେ ମନ୍ଦିର ବେଢ଼ା ମଧ୍ୟକୁ ମୋବାଇଲ ପ୍ରବେଶ କଟକଣା ନେଇ ପ୍ରଶ୍ନ ଉଠିଛି। କାରଣ ଦୀର୍ଘ ବର୍ଷ ହେବ ଅଚଳାବସ୍ଥାରେ ରହିଛି ମଟୋଲ ଡିଟେକ୍ଟର। ଯାହାଦ୍ୱାରା ମନ୍ଦିର ଭିତରକୁ ଅବାଧରେ ମୋବାଇଲ ପ୍ରବେଶ କରାଯାଇପାରୁଛି।



କେବଳ ଧାର୍ମିକ ମାସ ନୁହେଁ, ପ୍ରତିଦିନ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ବଡ଼ି ଭୋରୁ ଶ୍ରଦ୍ଧଳୁଙ୍କ ଭିଡ଼ ଜମେ। ଦୂରଦୂରାନ୍ତରରୁ ଆସୁଥିବା ଭକ୍ତମାନେ ନିଜ ମୋବାଇଲକୁ ବାହାରେ ରହିଥିବା ଷ୍ଟାଣ୍ଡରେ ରଖି ଯାଇଥାନ୍ତି। କିନ୍ତୁ ସୁରକ୍ଷାକର୍ମୀ ଏବଂ ସେବାୟତଙ୍କ ଜଣାଶୁଣା ବ୍ୟକ୍ତିଙ୍କୁ ଭିତରକୁ ମୋବାଇଲ ନେଇ ଯିବାକୁ ଅନୁମତି ଦିଆଯାଉଥିବା ପୂର୍ବରୁ ଅଭିଯୋଗ ହୋଇଛି। ତେବେ ଏଠାରେ ରହିଥିବା ମେଟାଲ ଡିଟେକ୍ଟର କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଏଭଳି ପାତରଅନ୍ତର କରାଯାଉଥିବା କୁହାଯାଉଛି। ସୂଚନା ଅନୁସାରେ ୨୦୧୮ ମସିହାରେ ପୋଲିସ ପ୍ରଶାସନ ପକ୍ଷରୁ ମନ୍ଦିର ପ୍ରବେଶ ପଥରେ ଏକ ମେଟାଲ ଡିଟେକ୍ଟର ଲଗାଯାଇଥିଲା। ଏହାଦ୍ୱାରା ଭିତରକୁ ମୋବାଇଲ ସମେତ ଅନ୍ୟ ମେଟାଲିକ୍ ସାମଗ୍ରୀ ଥିଲେ ସାଇରନ୍ ବାଜୁଥିଲା। କିନ୍ତୁ କୋଭିଡ ସମୟରୁ ତାହା ଅଚଳ ହୋଇଯିବା ପରେ ମରାମତି କରାନଯିବାରୁ ସାଧାରଣ ଲୋକମାନେ ମଧ୍ୟ ଅବାଧରେ ମନ୍ଦିର ଭିତରକୁ ମୋବାଇଲ ନେଇ ଫଟୋ ଉଠାଇ ସାମାଜିକ ଗଣମାଧ୍ୟରେ ପୋଷ୍ଟ କରୁଥିବା ସେବାୟତମାନେ କହିଛନ୍ତି। ସେହିପରି ଶିବରାତ୍ରି, ଶ୍ରାବଣରେ କାଉଡିଆଙ୍କ ଜଳଲାଗି ସମୟରେ ମଧ୍ୟ ଭକ୍ତମାନେ ଭିତରକୁ ମୋବାଇଲ୍ ନେବା ସହ ମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ କରୁଥିବାର ଅନେକ ଘଟଣା ସାମ୍ନାକୁ ଆସିଛି। କେବଳ ସେତିକି ନୁହେଁ ରାଜନେତା, ସେଲିବ୍ରିଟିଙ୍କ ପାଇଁ ଅଲଗା ନିୟମ ରହିଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ରହିଛି ଭିନ୍ନ ନିୟମ। ମନ୍ଦିର ବେଢ଼ାକୁ ମୋବାଇଲ ପ୍ରବେଶକୁ ନେଇ କଟକଣା ରହିଥିବା ବେଳେ ଯେଉଁମାନେ ନିୟମ ଭଙ୍ଗ କରୁଛନ୍ତି ସେମାନଙ୍କ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସୁଥିବା ଅଭିଯୋଗ ହୋଇଛି। ଗୋଟେପଟେ ମନ୍ଦିର ପ୍ରବେଶ ପଥରେ ସୁରକ୍ଷାକର୍ମୀମାନେ ସାଧାରଣ ଲୋକଙ୍କ ହାତରେ କ୍ୟାମେରା କିମ୍ବା ମୋବାଇଲ ଦେଖିବା ମାତ୍ରେ ବାହାରେ ରଖି ଯିବାକୁ କହୁଥିଲେ ମଧ୍ୟ ବାରମ୍ବାର ଗର୍ଭଗୃହ ଫଟୋ ଭାଇରାଲ କିଭଳି ହେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ କାର୍ତ୍ତିକ ପୂର୍ଣ୍ଣିମାରେ ଏଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ସହ ମେଟାଲ ଡିଟେକ୍ଟର ନ ଥିବାରୁ ସମସ୍ତ ଭକ୍ତଙ୍କୁ ଯାଞ୍ଚ କରିବା ସମ୍ଭବ ହେବ ନାହିଁ। ତେଣୁ ଏହା ପୂର୍ବରୁ ମେଟାଲ ଡିଟେକ୍ଟରକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ, ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ଆଲୋଚନା କରି ତୁରନ୍ତ ନିଷ୍ପତ୍ତି ନିଆଯିବା ଉଚିତ୍ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ପୁଲିସ ଗାଡ଼ି ଚୋରକୁ ୩ ବର୍ଷ ଜେଲ୍

ଭୁବନେଶ୍ୱର, ୨୪।୧୦(ସମିସ): କୋର୍ଟରୁ ପୁଲିସ କର୍ମଚାରୀଙ୍କୁ ଗାଡି ଚୋରି କରିବା ମାମଲାର ଶୁଣାଣି କରି ଅଭିଯୁକ୍ତ ସାଜିଦ୍ ଖାନକୁ ୩ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି ଜେଏମ୍ଏଫ୍‌ସି (ଚତୁର୍ଥ) ବିଚାରପତି ସୋମେଶ ସୋମ୍ୟଜିତ୍ ପଣ୍ଡା। ଚଳିତ ବର୍ଷ ଜୁନ ମାସରେ ଭୁବନେଶ୍ୱର ସଦର କୋର୍ଟ ପରିସରରୁ ବାଇକ୍ ଚୋରି ହୋଇଥିଲା। ଗତ ଜୁନ୍ ୨୮ ତାରିଖରେ ଭରତପୁର ଥାନାରେ କାର୍ଯ୍ୟରତ ଓଏପିଏଫ ଗୁରୁ ନାୟକ ଜରୁରୀ କୋର୍ଟ କାଗଜପତ୍ର ଦେବା ପାଇଁ ଅଦାଲତ ଆସିଥିଲେ। ସେ ଅଦାଲତ ପରିସର ଭିତରେ ଥିବା ପାର୍କିଂ ସ୍ଥାନରେ ବାଇକ୍‌କୁ ପାର୍କ କରି କାମକରିବାକୁ ଯାଇଥିଲେ। କୋର୍ଟ କାର୍ଯ୍ୟ ସମାପ୍ତ ପରେ ଆସି ଦେଖିଲେ ଯେ, ତାଙ୍କ ଗାଡ଼ିଟିକୁ ଅଜଣା ବ୍ୟକ୍ତି ତାଲା ଭାଙ୍ଗି ଚୋରି କରି ନେଇଯାଇଛି। ଏନେଇ ବରଗଡ଼ ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲେ। ସରକାରୀ ଓକିଲ ନିରଞ୍ଜନ ବେହେରାଙ୍କ ଦ୍ୱାରା ପ୍ରଦାନିତ ସମସ୍ତ ତଥ୍ୟ ଆଧାରରେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ରୁ.୧୨ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୪ ମାସ କାରାଦଣ୍ଡ ଦଣ୍ଡାଦେଶ ଶୁଣାଇଛନ୍ତି।

## ‘ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ’



ଭୁବନେଶ୍ୱର, ୨୪। ୧୦(ସମିସ): ତ୍ରିଧାରା ପକ୍ଷରୁ ୧୯ତମ ‘ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ’ ଓ ‘ଭାରତ-ଜାପାନ-ମାଲେସିଆ ବନ୍ଧୁତାର ଉତ୍ସବ’ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗୁରୁ ଲକ୍ଷ୍ମୀଧର ରାଉଳ (ରାମ ଲୀଳା), ପଣ୍ଡିତ ଲକ୍ଷ୍ମୀକାନ୍ତ ପାଲିତ (ଓଡ଼ିଶୀ ସଙ୍ଗୀତ), ଗୁରୁ ଧନେଶ୍ୱର ସ୍ୱାଇଁ (ଓଡ଼ିଶୀ ମର୍ଦ୍ଦଳ) ଏବଂ ଭି ଭି ରମଣୀ (କଳା ସମୀକ୍ଷକ) ଙ୍କୁ ପ୍ରତିଷ୍ଠିତ ‘ଗୁରୁ ଦେବପ୍ରସାଦ ଜୀବନବ୍ୟାପୀ ସାଧନା ସମ୍ମାନ’ ପ୍ରଦାନ କରାଯାଇଥିଲା। ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡାଙ୍କ ରଚିତ ପୁସ୍ତକ ‘ସଖି ନାଟ ରୁ ଓଡ଼ିଶୀ’ ଉନ୍ମୋଚିତ ହୋଇଥିଲା। ଚିସାତୋ ମିଉରା ଓ ନାଗୋୟାର ତ୍ରିଧାରାର ଜାପାନ ଚାପ୍ଟରର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପରେ ଜାପାନର ନୃତ୍ୟାଙ୍ଗନା ରିକୋ କୋଜିମାଙ୍କ ଦ୍ୱାରା ପରିବେଷଣ ହୋଇଥିଲା ଏକକ କୁଚିପୁଡ଼ି। ଶେଷରେ ତ୍ରିଧାରାର କଳାକାରମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନାଗରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ପିଏମ୍ ନାୟାର, ପ୍ରସାର ଭାରତୀର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ ଚନ୍ଦ୍ର ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ତ୍ରିଧାରାର ସମ୍ପାଦକ ସିମାଞ୍ଚଳ ପଣ୍ଡା ଏବଂ ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ।

## କାଳୀମେଢ଼ ଭସାଣି ବେଳେ ଉତ୍ତେଜନା

କଟକ, ୨୪।୧୦(ସମିସ): ଦୁର୍ଗା ମେଢ଼ ଭସାଣି ବେଳେ ଉତ୍ତେଜନା ପରେ ଏବେ ମା’ କାଳୀଙ୍କ ମେଢ଼ ଭସାଣି ବେଳେ ମହତାପ୍‌କୁ ନେଇ ଶୁକ୍ରବାର କଟକରେ ପୁଣି ଉତ୍ତେଜନା ସୃଷ୍ଟି ହୋଇଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ମା’କାଳୀଙ୍କ ମୃଣ୍ମୟ ମୂର୍ତ୍ତିକୁ ପୁରୀଘାଟସ୍ଥିତ ଦେବୀଗଡ଼ାକୁ ନିଆଯିବା ବାଟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୁଲିସ ବାଖରାବାଦ ପୂଜା କମିଟିର ୨ ସଦସ୍ୟଙ୍କୁ ମାଡ଼ ମାରିବାରୁ ଘଟଣାସ୍ଥଳରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଘଟଣାସ୍ଥଳରେ ପୁଲିସ ମୃଦୁ ଲାଠି ଚାଳନା ମଧ୍ୟ କରିଥିଲା। ଚାନ୍ଦିନୀଚୌକରେ ମେଢ଼କୁ ଅଟକାଯାଇ ପୁଲିସ ଓ ସମ୍ପୃକ୍ତ ପୂଜା କମିଟି ମଧ୍ୟରେ ଆପୋସ ଆଲୋଚନା ହୋଇଥିଲା।

- ■ ମହତାପ୍‌କୁ ନେଇ ବିବାଦ
- ■ ଚାନ୍ଦିନୀଚୌକରେ ଅଟକିଲା ବାଖରାବାଦ ମେଢ଼
- ■ ପୁଲିସର ମୃଦୁ ଲାଠି ଚାଳନା



କାଳୀ ଭସାଣି ଉତ୍ତେଜନାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଘଟଣାସ୍ଥଳରେ ପୁଲିସ କମିସନର ଏସ୍.ଦେବଦତ୍ତ ସିଂ ଓ ଡିସିପି ଖିଲାରୀ ଋଷିକେଶ ଦ୍ୟାନେଦଓ ଉପସ୍ଥିତ ରହିଥିଲେ। ଏସବୁ ସତ୍ତ୍ୱେ ମହତାପ୍ ଜଳିବାକୁ ନେଇ ବାଖରାବାଦ ମେଢ଼ ଯାଉଥିବା ସମୟରେ ଚାନ୍ଦିନୀଚୌକ୍‌ରେ ଉତ୍ତେଜନା ଦେଖାଦେଇଥିଲା। ଏହାପରେ ଧାରଣାରତ ପୂଜା କମିଟି ସଦସ୍ୟମାନେ ରାସ୍ତା ଉପରୁ ଉଠି ଯାଇଥିଲେ ଓ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ଶନିବାର ସକାଳ ସୁଦ୍ଧା ସମସ୍ତ ମୂର୍ତ୍ତି ବିସର୍ଜନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ସୁରକ୍ଷା ଦୃଷ୍ଟିରୁ କଟକ ସହରରେ ୭୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି।

## ଟିଭି ଆଙ୍କର ଶ୍ରୀବସ୍ତ ଧଳ ଗିରଫ

ଭୁବନେଶ୍ୱର, ୨୪।୧୦(ସମିସ): ଜଣଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ସୋସିଆଲ ମିଡ଼ିଆରେ ବିଭିନ୍ନ ପୋଷ୍ଟ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ୟୁନିଟ୍-୮ ର ଶ୍ରୀବସ୍ତ ଧଳଙ୍କୁ ଗିରଫ କରିଛି। ସେ ଜଣେ ଟିଭି ଆଙ୍କର ଥିଲେ। ଅଭିଯୋଗକାରୀ ଦେବନାରାୟଣ ସେଠୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ଗିରଫ କରିଛି। ସୂଚନା ଯୋଗ୍ୟ ଯେ, ଶ୍ରୀବସ୍ତ ୨୦୨୦ ମସିହାରୁ ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲରେ ନ୍ୟୁଜ୍ ଆଙ୍କର ଭାବରେ କାର୍ଯ୍ୟ କରୁଥିଲେ। ଦେବନାରାୟଣଙ୍କୁ ବାରମ୍ବାର ହଇରାଣ କରିବା ସହ ଧମକ ଦେଇଥିଲେ। ଗତ ଅଗଷ୍ଟ ୧୧ରେ ଜଣେ ମହିଳା ଆଙ୍କରଙ୍କ ଅଭିଯୋଗ ବିଷୟରେ ଆଲୋଚନା ପାଇଁ ସିଇଓଙ୍କ ଚାମ୍ବରରେ ବୈଠକ ଚାଲିଥିବା ସମୟରେ ଶ୍ରୀବସ୍ତ କୋଠରୀରେ ପ୍ରବେଶ କରି ଗାଳିଗୁଲଜ କରିଥିଲେ। ଅଭିଯୋଗକାରୀ ଦେବନାରାୟଣ ଓ ଉପସ୍ଥିତ ଅନ୍ୟମାନଙ୍କୁ ଧମକ ଦେଇଥିଲେ। ଲବିରେ ଥିବା କିଛି ଲୋକଙ୍କ ସମ୍ମୁଖରେ ଦେବନାରାୟଣଙ୍କୁ ସାର୍ବଜନୀନ ଭାବରେ ଅପମାନିତ କରିଥିଲେ। ଶ୍ରୀବସ୍ତ ପୂର୍ବରୁ ସମାନ ପ୍ରକାରର ଅସଦାଚରଣ ପାଇଁ ନିଲମ୍ବିତ ହୋଇଥିଲେ। ଗତ ଅଗଷ୍ଟ ୧୫ରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ସେବେଠାରୁ ଫେସବୁକ୍ ଏବଂ ୟୁଟ୍ୟୁବ୍‌ରେ ଅଭିଯୋଗକାରୀଙ୍କ ବିରୁଦ୍ଧରେ ମାନହାନିଜନକ ପୋଷ୍ଟ କରୁଥିଲେ।

## ରାଜ୍ୟପାଳଙ୍କ ପ୍ରସ୍ତାବ: ଏସସି, ଏସ୍‌ଟି ଓ ପଛୁଆବର୍ଗଙ୍କୁ ୫୦୦୦ଟଙ୍କା ସିଏସଆର୍ ପାଣ୍ଠିରୁ ଦେଉ ଟାଟା ପାୱାର୍

ଭୁବନେଶ୍ୱର, ୨୪।୧୦(ସମିସ): ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର-ମାଗଣା ବିଜୁଳି ଯୋଜନାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଅନ୍ୟ ପଛୁଆବର୍ଗ ପରିବାର ପାଇଁ ସିଏସ୍‌ଆର ପାଣ୍ଠିରୁ ୫୦୦୦ ଟଙ୍କା ଲେଖାଏଁ ବିତରକ କମ୍ପାନୀ ଟାଟା ପାୱାର ବହନ କରୁ। ଏନେଇ ବିଚାର କରିବାକୁ ପରାମର୍ଶ ଦେଇଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶକ୍ତି ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ବିଦ୍ୟୁତ୍ କ୍ଷେତ୍ରରେ ବୈଷୟିକ ଏବଂ ବାଣିଜ୍ୟିକ କ୍ଷତି ହ୍ରାସ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ତଥ୍ୟ ପ୍ରଦାନ କରିବାକୁ ରାଜ୍ୟପାଳ କହିଥିବା ଜଣାପଡ଼ିଛି।

## ଭୁବନେଶ୍ୱରରେ ଆଳିଆ ସମସ୍ୟା

# ‘କ୍ଲିନ୍ ଭୁବନେଶ୍ୱର’ ପ୍ରହସନ; ରାଜଧାନୀଯାକ ଅଳିଆ

ଭୁବନେଶ୍ୱର, ୨୪।୧୦(ସମିସ): ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଆୟୋଜିତ ପ୍ରତ୍ୟେକ କାର୍ଯ୍ୟକ୍ରମ, ସୋସିଆଲ ମିଡିଆ ପ୍ରଚାର, ପୋଷ୍ଟର ବ୍ୟାନର ସବୁ ସ୍ଥାନରେ ହାସ୍‌ଟ୍ୟାଗ୍ କ୍ଲିନ୍ ଭୁବନେଶ୍ୱର ଉଲ୍ଲେଖ କରାଯାଉଛି। ହେଲେ ବିଡମ୍ବନାର କଥା ସହରରେ ଅଳିଆ ଅବସ୍ଥା ଅତ୍ୟନ୍ତ ସାଂଘାତିକ। ସବୁଆଡେ ଖାଲି ଅଳିଆର ପାହାଡ। ଦିନ ଦିନ ଧରି ଅଳିଆ ଉଠୁନି। ରାସ୍ତା କଡ଼କୁ ଲୋକେ ଅଳିଆଗଦା ବନାଉଥିଲା ବେଳେ ବିଏମ୍‌ସି ଗଣସଫେଇ କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଛି।

ଭୁବନେଶ୍ୱର ‘ମନ୍ଦିରମାଳିନୀ ସହର’ ଭାବେ ପରିଚିତ। ଯାହା ଏବେ ଆବର୍ଜନା ସମସ୍ୟାରେ ଜର୍ଜରିତ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନିଷ୍କ୍ରିୟତା ଯୋଗୁଁ ସହରର ରାସ୍ତାଘାଟରେ ଆବର୍ଜନା ପାହାଡ଼ ପରି ଜମି ରହିଛି। ଗତ ଏକ ସପ୍ତାହରୁ ଅଧିକ ସମୟ ଧରି ବିଭିନ୍ନ ଅଞ୍ଚଳରେ ଏହି ସମସ୍ୟା ବଢ଼ିଚାଲିଛି। ଏହି ପରିସ୍ଥିତି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ଦୁର୍ଗା ପୂଜା ପରେ ନୂଆପଲ୍ଲୀ,





ସହିଦ ନଗର, ଓ ୟୁନିଟ୍-୧ ଭଳି ପ୍ରମୁଖ ଅଞ୍ଚଳରେ ବିଏମ୍‌ସିର ‘ସଫେଇ ଗାଡ଼ି’ ନିୟମିତ ଭାବେ ଆସୁ ନ ଥିବା ଅଭିଯୋଗ ହେଉଛି। ପିଲାମାନେ ଆବର୍ଜନା ପାଖରେ ଖେଳୁଛନ୍ତି, ଯାହା ରୋଗର କାରଣ ହେବ, ସେ ଆଶଙ୍କା ପ୍ରକାଶ କରିଛନ୍ତି। ପାଟିଆ ଓ ଚନ୍ଦ୍ରଶେଖରପୁରରୁ ମଧ୍ୟ ସମାନ ଅଭିଯୋଗ ହେଉଛି।

କିଛିଦିନ ତଳେ ବରମୁଣ୍ଡା ବସଷ୍ଟାଣ୍ଡ ନିକଟସ୍ଥ ଏକ ନାଳକୂଳରେ ନିୟମିତ ଭାବେ ଅଳିଆ ଫୋପଡ଼ା ଯାଉଥିଲା। ବହୁ ଚେଷ୍ଟା ପରେ ବି ବିଏମ୍‌ସି ଏହାକୁ ରୋକି ନ ପାରିବାରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏଠାରେ ବୃକ୍ଷ ରୋପଣ କରାଗଲା। ଲୁହାବାଡ ଲଗାଯାଇ ଏହି ଅଞ୍ଚଳକୁ ଆବଦ୍ଧ କରାଗଲା। ହେଲେ ଏବେ ପରିସ୍ଥିତି ଯାହାକୁ ସେଇଆ। ଲୁହାବାଡରେ ଆବଦ୍ଧ ହୋଇଥିବା ସ୍ଥାନ ଭିତରେ ଏବେ ଅଳିଆ ଫୋପଡ଼ା ଯାଉଛି। ଭୁବନେଶ୍ୱର କ୍ଲବ୍ ପଛପାଖ ବିଧାୟକ କଲୋନୀ ରାସ୍ତାରେ ଚାରିଆଡେ ଅଳିଆ ପଡ଼ିରହିଛି।

ଅଳିଆ ଆବର୍ଜନାରୁ ଦୁର୍ଗନ୍ଧ ଓ ମାଛି ଯୋଗୁଁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଛି। କେତେକ ଅଞ୍ଚଳରେ ବାସିନ୍ଦାମାନେ ନିଜେ ଆବର୍ଜନା ପରିଷ୍କାର କରିବାକୁ ବାଧ ହୋଇଛନ୍ତି, କିନ୍ତୁ ଏହା ସ୍ଥାୟୀ ସମାଧାନ ନୁହେଁ। ସଫାଇ କର୍ମଚାରୀଙ୍କ ଅଭାବ ଓ ବିଏମ୍‌ସିର ଅଣଯୋଜନା ଏହାର ମୂଳ କାରଣ। ଅନ୍ୟମାନେ ରାଜନୈତିକ ହସ୍ତକ୍ଷେପ ଓ ଆର୍ଥିକ ସଙ୍କଟକୁ ଦାୟୀ କରୁଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଅଳିଆ ଉଠା ନହେଲେ ଡେଙ୍ଗୁ, ମ୍ୟାଲେରିଆ ଓ ଅନ୍ୟ ରୋଗର ବିସ୍ତାର ଘଟାଇପାରେ।

## ବିଏମ୍‌ସି ଅଞ୍ଚଳରେ ୩୧୧ ଡେଙ୍ଗୁ ରୋଗୀ

ଭୁବନେଶ୍ୱର, ୨୪।୧୦(ସମିସ): ବିଏମ୍‌ସି ଅଞ୍ଚଳରେ ମୋଟ୍ ୩୧୧ ଜଣ ଡେଙ୍ଗୁ ରୋଗୀ ଅଛନ୍ତି। ବିଏମ୍‌ସି ପକ୍ଷରୁ ଡେଙ୍ଗୁ ଦମନ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ଚଳିତ ବର୍ଷ ଦୀର୍ଘ ଦିନ ଧରି ବର୍ଷା ଲାଗି ରହିଥିଲେ ମଧ୍ୟ ଡେଙ୍ଗୁ ରୋଗୀ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଗତ ବର୍ଷ ଭୁବନେଶ୍ୱରରେ ଅକ୍ଟୋବର ମାସ ଶେଷ ସୁଦ୍ଧା ୧୨୩୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଶୁକ୍ରବାର ସୁଦ୍ଧା ମାତ୍ର ୩୧୧ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ ହୋଇଛି। ସାଧାରଣତଃ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଅଧିକ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥାନ୍ତି। ଗତ ବର୍ଷ ଅଗଷ୍ଟ ମାସରେ ୬୭୪ ଏବଂ ସେପ୍ଟେମ୍ବର ମାସରେ ୬୭୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଏହି ଦୁଇମାସରେ ଯଥାକ୍ରମେ ୬୪ ଓ ୨୫ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଗତ ବର୍ଷ ଅକ୍ଟୋବର ମାସସୁଦ୍ଧା ମୋଟ ୨୯ ହଜାର ୩୮୧ ଟି ରକ୍ତ ନମୂନା ପରୀକ୍ଷା କରାଯାଇଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ୨୩ ତାରିଖ ସୁଦ୍ଧା ୨୬ ହଜାର ୩୭ଟି ରକ୍ତ ନମୂନା ପରୀକ୍ଷା କରାଯାଇଛି। ଆଗାମୀ ଦିନରେ ଭୁବନେଶ୍ୱର ମହାନଗର ଅଞ୍ଚଳରୁ ସମ୍ପୂର୍ଣ୍ଣ ଭାବେ ଡେଙ୍ଗୁ ମଶା ବଂଶ ନାଶ କରିବା ସହ ସହରକୁ ଡେଙ୍ଗୁ ମୁକ୍ତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି।

## ଷ୍ଟେସନ୍‌ରୁ ଜବରଦଖଲ ଉଚ୍ଛେଦ



ଭୁବନେଶ୍ୱର, ୨୪।୧୦(ସମିସ): ଭୁବନେଶ୍ୱର ରେଳ ଷ୍ଟେସନ ପରିସରରେ ଥିବା ଅସ୍ଥାୟୀ ଦୋକାନ ଗୁଡ଼ିକୁ ବିଡିଏର ଏନ୍‌ଫୋର୍ସମେଣ୍ଟ୍ ଟିମ୍ ହଟାଇ ଦେଇଛି। ଏହି ଦୋକାନ ଗୁଡ଼ିକ ବହୁ ଦିନ ଧରି ଷ୍ଟେସନ ପରିସରରେ ସରକାରୀ ଜମିକୁ ଜବରଦଖଲ କରି ରଖିଥିଲେ। ଦିନରାତି ଏଠାରେ ଦୋକାନ ଖୋଲାଯିବା ଯୋଗୁଁ ବିଭିନ୍ନ ସମୟରେ ଗଣ୍ଡଗୋଳର ସୂତ୍ରପାତ ହେଉଛି। ରାତିରେ ଏହି ଅଞ୍ଚଳରେ ଦେହଜୀବୀଙ୍କ କବଜାକୁ ଚାଲିଯାଉଥିଲା ବେଳେ ମାଦ୍ୟପ ମାନେ ଆସର ଜମାନ୍ତି। କିଛି ଉଠାଦୋକାନୀ ବେଆଇନ୍ ଭାବେ ଏଠାରେ ଚୋରାମଦ କାରବାର କରୁଛନ୍ତି। ଯାହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ସବୁ ସମୟରେ ଅସନ୍ତୋଷ ବଢ଼ୁଥିଲା। ଏହି ଦୋକାନୀମାନଙ୍କୁ ପୂର୍ବରୁ ମଧ୍ୟ ବହୁବାର ହଟାଯାଇଥିଲେ ହେଲେ ଏମାନେ ପୁଣି ଆସି ବସିଯାଉଥିଲେ। ତେବେ କେତେଦିନ ପର୍ଯ୍ୟନ୍ତ ଷ୍ଟେସନ ପରିସରର ଏହି ସରକାରୀ ଜମି ଜବରଦଖଲ ମୁକ୍ତ ରହିବ ତାହା ସମୟ କହିବ। ଏହି ଉଚ୍ଛେଦ ବେଳେ ବିଡିଏ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଡୁଚେରୀରେ ‘ଏଇ ଆମ ପାଠଶାଳା’ ଉନ୍ମୋଚିତ

ଭୁବନେଶ୍ୱର, ୨୪।୧୦(ସମିସ): ପୁଡୁଚେରୀସ୍ଥିତ ଶ୍ରୀଅରବିନ୍ଦଙ୍କ ପ୍ରତିଷ୍ଠିତ ଆଶ୍ରମର ନବଜ୍ୟୋତି କାର୍ଯ୍ୟାଳୟ ପରିସରରେ ‘ଏଇ ଆମ ପାଠଶାଳା’ ଶୀର୍ଷକ ଏକ ଚିତ୍ରଗାଥା (ଲିରିକାଲ୍ ଡକ୍ୟୁମେଣ୍ଟାରୀ) ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଖଣ୍ଡଗିରିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରାକ୍ତନ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରିଛନ୍ତି।

୭୦ ଦଶକରେ ଏହି ଶିକ୍ଷାକେନ୍ଦ୍ରର ପ୍ରଥମ ଅଧ୍ୟକ୍ଷା ଥିବା ପ୍ରୀତିମଞ୍ଜରୀ ପଟ୍ଟନାୟକ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ପ୍ରତି ନବଜ୍ୟୋତି କାର୍ଯ୍ୟାଳୟର ମୁଖ୍ୟ ପରିଚାଳିକା ଥିବା ଜୟନ୍ତୀ ତ୍ରିପାଠୀ ଓ ଅନ୍ୟତମ ପୂର୍ବତନ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ପଟ୍ଟନାୟକ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବର୍ତ୍ତମାନର ଅଧ୍ୟକ୍ଷ ତଥା ଏଇ ଆମ ପାଠଶାଳାର କବି ରବୀନ୍ଦ୍ର ନାଥ ପାଢ଼ୀ ଯୋଗଦେଇ ଥିବା ବେଳେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦର ସମ୍ପାଦକ ବିନୋଦ କୁମାର ସାହୁ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ କିଭଳି ସ୍ୱତନ୍ତ୍ର ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଖିକା ଜ. ପ୍ରବୀଣା ମହାନ୍ତି ଓ ପୂର୍ବତନ ଅଧ୍ୟକ୍ଷା ସତ୍ୟଭାମା ସ୍ୱାଇଁଙ୍କ ସମେତ ଅନେକ ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀ ତଥା ଆଶ୍ରମର ଅନ୍ତେବାସୀମାନେ ଯୋଗ ଦେଇଥିଲେ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଯୁବ ବୈଜ୍ଞାନିକ ଓ ଗବେଷକ ଭାବେ ଅବସ୍ଥାପିତ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୂର୍ବତନ ଛାତ୍ର ଜ. ସ୍ୱର୍ଣ୍ଣ ପ୍ରକାଶ ଏହି ଚିତ୍ରଗାଥାର ପ୍ରଯୋଜନା କରିଥିବାବେଳେ ଅନ୍ୟତମ ପ୍ରାକ୍ତନ ଛାତ୍ର ତଥା ଯୁବ ଚଳଚ୍ଚିତ୍ର ନିର୍ମାତା ସୁବ୍ରତ ବାହିନୀପତି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଶିକ୍ଷାକେନ୍ଦ୍ରର ପ୍ରାକ୍ତନ ଛାତ୍ରୀ ତଥା ଖ୍ୟାତନାମା ନୃତ୍ୟଶିଳ୍ପୀ ସଙ୍ଗୀତା ଦାସଙ୍କ ନୃତ୍ୟ ନିର୍ଦ୍ଦେଶନା ଓ ରବୀନ୍ଦ୍ରନାଥ ପାଢ଼ୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହି ଚିତ୍ରଗାଥାଟି ଆକର୍ଷଣୀୟ ହୋଇପାରିଛି।


ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ କୈଳାଶ ଚନ୍ଦ୍ର ଅଗ୍ରୱାଲ

ବେତନଟୀ, ମୟୂରଭଞ୍ଜ

ଆବିର୍ଭାବ-୧୩/୧୧/୧୯୫୦ / ତିରୋଧାନ-୧୩/୧୦/୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଆମ ମାନଙ୍କ ପାଇଁ ଆପଣଙ୍କ ଜୀବନବ୍ୟାପୀ ତ୍ୟାଗ ସଦା ସର୍ବଦା ଆମକୁ ଋଣୀ କରି ରଖିବ। ଆପଣଙ୍କ ଅତୁଳ ସ୍ମୃତି ଚିରଦିନ ପାଇଁ ହୃଦୟରେ ଉଦ୍ଦୀପିତ ହୋଇ ରହିଥିବ। ଆପଣଙ୍କ ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶ୍ରୀରାମ ଆପଣଙ୍କ ଅମରଆତ୍ମାକୁ ପାଦପଦ୍ମରେ ଚରଣାଶ୍ରିତ କରାନ୍ତୁ। ଆପଣ ଯୋଉଠି ଥାଆନ୍ତୁ ଭଲରେ ଥାଆନ୍ତୁ, ଶାନ୍ତିରେ ଥାଆନ୍ତୁ କେବଳ ଏତିକି ପ୍ରାର୍ଥନା।

ଆପଣଙ୍କ ହତଭାଗିନୀ ଧର୍ମପତ୍ନୀ ପ୍ରେମଲତା ଅଗ୍ରୱାଲ, ପୁଅ ସିଦ୍ଧାର୍ଥ ଅଗ୍ରୱାଲ, ପୁତ୍ରବଧୂ, ନାତିନାତୁଣୀ, ଝିଅ, ଜ୍ୱାଇଁ, ଭାଇ, ଭଗିନୀ, ବନ୍ଧୁ ପରିଜନ ଏବଂ ଶୋକାସନ୍ତପ୍ତ ପରିବାରବର୍ଗ



# ଚୋରା ମୋବାଇଲ୍‌ରେ କ୍ରାଇମ୍ ଅପରେସନ୍

ଭୁବନେଶ୍ୱର, ୨୪।୧୦(ସମିସ): ରାଜଧାନୀରୁ ଚୋରି ହେଉଥିବା ମୋବାଇଲ୍ ଜବତ କରିବାରେ ବିଫଳ। ପୁଲିସ କେବଳ ହାତ ଗଣତି ମୋବାଇଲ୍ ଜବତ କରି ବାଃ ବାଃ ନେଉଛି। କିନ୍ତୁ ବାସ୍ତବରେ ଚୋରି ହୋଇଥିବା ମୋବାଇଲ୍‌ର ଅଧା ବି ଜବତ କରିପାରୁନି। ଏହି ଚୋରି

- **ଆନ୍ତଃରାଜ୍ୟ ଲୁଟେରାଙ୍କ ସମନ୍ୱୟରେ ଚାଲୁଛି ମୋବାଇଲ୍ ଲୁଟ୍‌ପାଟ୍**
- **ଷ୍ଟେସନ, ହସ୍ପିଟାଲରୁ ଚୋରି ମୋବାଇଲ୍ ରାଜ୍ୟ ବାହାରକୁ ଚାଲାଣ**
- **ରାଜ୍ୟ ବାହାରେ ପଡ଼ିଛି ୩ ହଜାର ଚୋରି ମୋବାଇଲ୍**

ମୋବାଇଲ୍ ରାତାରାତି ରାଜ୍ୟ ବାହାରକୁ ଚାଲାଣ ହେଉଛି। ଆଉ ସେଠାରେ ଏହି ଚୋରି ମୋବାଇଲ୍ ସାଇବର ଠକେଇ ଏବଂ ଅପରାଧରେ ବ୍ୟବହାର କରାଯାଉଛି। ପୁଲିସ ମୋବାଇଲର ଆଇଏମ୍ଆଇ ନମ୍ବର ଟ୍ରେସ୍ କରିବା ପୂର୍ବରୁ ଅପରାଧୀମାନେ ଏହାକୁ ଅପରାଧରେ ବ୍ୟବହାର କରି ଫିଙ୍ଗି ଦେଉଛନ୍ତି। ଫଳରେ ପୁଲିସ ଅପରାଧୀଙ୍କୁ ଧରିବା କାଠିକର ପାଠ ହେଉଛି। ବିଶେଷ କରି ରାଜ୍ୟ ବାହାରକୁ ଯେଉଁ ମୋବାଇଲ୍ ଯାଉଛି, ତାହାକୁ ଜବତ କରିବା ପାଇଁ ପୁଲିସ ଯାଉନାହିଁ। ଗୋଟିଏ ମୋବାଇଲ୍ ଜବତ ପାଇଁ ଅର୍ଥ ଖର୍ଚ୍ଚ କରି ରାଜ୍ୟ ବାହାରକୁ ଯିବାକୁ ଚାହୁଁନି ପୁଲିସ। ଗୋଟିଏ



ରାଜ୍ୟରେ ଏକାଧିକ ମୋବାଇଲ୍ ଟ୍ରେସ୍ ହେବା ପରେ ଯାଇ ଜବତ କରିବାକୁ ଯିବ ବୋଲି କହି ଥାନାକୁ ବିଦା କରି ଦେଉଛନ୍ତି। ଏହିଭଳି ରାଜଧାନୀରୁ ୧୦ ହଜାରରୁ ଅଧିକ ମୋବାଇଲ ଏବେ ଗାଏବ ହୋଇଛି। ଏଥିରୁ ପ୍ରାୟ ୬ ହଜାର ମୋବାଇଲ୍ ଫୋନ୍ ରାଜ୍ୟ ବାହାରେ ଆକ୍ଟିଭ୍ ରହିଛି। ବିଶେଷକରି ଆନ୍ତଃରାଜ୍ୟ ଲୁଟେରାଙ୍କ ସମନ୍ୱୟରେ ଚାଲୁଛି ମୋବାଇଲ୍ ଲୁଟ୍। ଦୁଇ ରାଜ୍ୟର ଲୁଟେରାଙ୍କ ମଧ୍ୟରେ ସମନ୍ୱୟ ରହି ଚାଲୁଛି ମୋବାଇଲ୍ ଲୁଟ୍। ଏହି ରାକେଟ୍‌ର ସଦସ୍ୟମାନେ ବିଭିନ୍ନ ରାଜ୍ୟରେ କାମ କରୁଛନ୍ତି। ସେମାନେ ଗୋଟିଏ ରାଜ୍ୟର ମୋବାଇଲ୍ ଅନ୍ୟ ରାଜ୍ୟକୁ ପଠାଉଛନ୍ତି। ସେଠାର ଚୋରି ମୋବାଇଲ୍‌କୁ ଭୁବନେଶ୍ୱର ଆଣି ଶସ୍ତାରେ ବିକ୍ରି କରୁଛନ୍ତି। ବିଶେଷ କରି ଷ୍ଟେସନ ଏବଂ ହସ୍ପିଟାଲରୁ ଚୋରି ହୋଉଥିବା ମୋବାଇଲ୍ ରାଜ୍ୟ ବାହାରକୁ ଚାଲିଯାଉଛି। ଏହାର କାରଣ ହେଲା ଅନେକ ଚୋରି ମୋବାଇଲ୍ ଭୁବନେଶ୍ୱର ଏକ ଏହାର ଆଖପାଖରେ ବ୍ୟବହାର କରାଗଲେ ପୁଲିସ ଚଢଉ କରି ଗିରଫ କରୁଛି। କିନ୍ତୁ ରାଜ୍ୟ ବାହାରେ ଚୋରି ମୋବାଇଲ୍ ବ୍ୟବହାର କରାଗଲେ ପୁଲିସ ଚଢଉ କରି ମୋବାଇଲ୍ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ଅସମ୍ଭବ। କାରଣ ପୁଲିସ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ମୋବାଇଲ୍ ଜବତ ପାଇଁ ରାଜ୍ୟ ବାହାରକୁ ଯିବ ନାହିଁ। ତେଣୁ କମିଶନରେଟ୍ ପୁଲିସ ଚୋରି ମୋବାଇଲ୍ ରାଜ୍ୟ ବାହାରେ ଥିବା ହାତବାନ୍ଧି ବସିପଡୁଛି।

ବଡ଼ କଥା ହେଲା ରାଜ୍ୟରୁ ଚୋରି ମୋବାଇଲ୍ ବିକ୍ରି ପାଇଁ ରାଜ୍ୟ ବାହାରର ଏଜେଣ୍ଟ ଅଛନ୍ତି। ଏକାଥରେ ୨୦ରୁ ଅଧିକ ଚୋରା ମୋବାଇଲ୍ ଆସିବା ପରେ ଏହାକୁ ଅନ୍ୟ ଏକ ଏଜେଣ୍ଟ ମାଧ୍ୟମରେ ରାଜ୍ୟ ବାହାରକୁ ପଠାଇ ଦିଆଯାଉଛି। ଟ୍ରେନ୍‌ରେ ସପ୍ତାହରେ ଦୁଇ ଥର ମୋବାଇଲ୍ ରାଜ୍ୟ ବାହାରକୁ ପଳାଉଛି। ସେଠାରେ ଥିବା ଏଜେଣ୍ଟ ଏହାକୁ ବିଭିନ୍ନ ରାଜ୍ୟରେ ବିକ୍ରି କରି ଦେଉଛନ୍ତି। ସେହିପରି ଅନ୍ୟ ରାଜ୍ୟରେ ଚୋରି ହେଉଥିବା ମୋବାଇଲ୍ ଭୁବନେଶ୍ୱରକୁ ଆସୁଛି। ଏଠାରୁ ଚୋରି ମୋବାଇଲ୍ ନେଉଥିବା ଏଜେଣ୍ଟ ସେଠାରୁ ମଧ୍ୟ ଚୋରି ମୋବାଇଲ୍ ଆଣୁଛି। ଏଠାକୁ ଆସୁଥିବା ମୋବାଇଲ୍ ଉତ୍ତରାଖଣ୍ଡ, ବିହାର, ୟୁପି, ମହାରାଷ୍ଟ୍ର, ତାମିଲନାଡୁ ଭଳି ସହରରୁ ଚୋରି ହୋଇଥିବା ଜଣାପଡ଼ିଛି। ସେହିପରି ଭୁବନେଶ୍ୱର ଜିଆରପିରେ ୪ ବର୍ଷରେ ୫ ହଜାର ମୋବାଇଲ୍ ଚୋରି ହୋଇଛି। ସେଥିରୁ ପ୍ରାୟ ଅଢେଇ ହଜାର ମୋବାଇଲ୍ ରାଜ୍ୟ ବାହାରେ ଏହାର ଲୋକେସନ ଦେଖାଉଛି। ଏହି ମୋବାଇଲ୍ ଚୋରି ପାଇଁ ରାଜଧାନୀରେ ଏକ ବଡ ଏଜେଣ୍ଟ କାମ କରୁଛି। ସେମାନେ ଜାଣିଛନ୍ତି କମିଶନରେଟ ପୁଲିସ ମୋବାଇଲ୍ ଚୋରି ପାଇଁ ରାଜ୍ୟ ବାହାରକୁ ଚଢଉ କରିବା ପାଇଁ ଯିବ ନାହିଁ। ତେଣୁ ସେମାନେ ଚୋରି ମୋବାଇଲ୍‌କୁ ନେଇ ୪ ମାସ ପର୍ଯ୍ୟନ୍ତ ବନ୍ଦ କରି ରଖି ଦେଉଛନ୍ତି। ଏହାପରେ ଫୋନ୍ ଅନ୍ ହେବା ପରେ ଲୋକ୍‌ସେନ୍ ରାଜ୍ୟ ବାହାରେ ଦେଖାଉଛି।

## ନନ୍ଦନକାନନରେ ପୁଣି ଗଡ଼ିବ ଶିଶୁରେଳ



ନନ୍ଦନକାନନ, ୨୪।୧୦(ସମିସ):ନନ୍ଦନକାନନ ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ଆସନ୍ତା ନଭେମ୍ବର ମାସରେ ପୁଣି ଏଠାରେ ଥିବା ଶିଶୁ ରେଳଗାଡି ସେବା ପର୍ଯ୍ୟଟକ ପାଇ ପାରିବେ ବୋଲି ନନ୍ଦନକାନନ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଫଳରେ ପର୍ଯ୍ୟଟକ ଶିଶୁ ରେଳ ସେବା ପାଇଁ ଆଉ ନିରାଶ ହୋଇ ଫେରିବେ ନାହିଁ। ଚାଲିବା ଦିନରୁ ବହୁ ଅଘଟଣ ଭିତରେ ଗତି କରିଥିବା ବେଳେ ବହୁବାର ଟ୍ରେନ ଖରାପ ହୋଇ ଯିବାରୁ ଶିଶୁ ରେଳ ସେବାକୁ ବନ୍ଦ କରାଯାଇଥିଲା। ଶେଷଥର ପାଇଁ ଗତ ବର୍ଷ ଅଗଷ୍ଟ ମାସରୁ ଏହା ବନ୍ଦ ଥିଲା। ପର୍ଯ୍ୟଟକ ଶିଶୁ ରେଳ ସେବା ନପାଇ ନିରାଶ ହୋଇ ଫେରୁଥିବା ବେଳେ ଏହାକୁ ପୁନଃ ଚାଲୁ କରିବାକୁ ସଜଡା ଯାଇଛି। ଏଥର ସୁରୁଖୁରୁରେ ଚାଲିବା ନେଇ ଥରେ ଟ୍ରକରେ ଚଳାଇ ପରୀକ୍ଷଣ କରାଯାଇଛି। ଆଉ ୨/୩ଥର ପରୀକ୍ଷଣ ପାଇଁ ଚଲା ଯିବା ପରେ ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି ଏହାକୁ ନଭେମ୍ବର ମାସରେ ପର୍ଯ୍ୟଟକଙ୍କ ନିମନ୍ତେ ଉପଲବ୍ଧ କରାଇବାକୁ ଯୋଜନା ଥିବା ଅଧିକାରୀଙ୍କ ଠାରୁ ଜାଣିବାକୁ ମିଳିଛି। ସୂଚନା ଥାଉକି ୨୦୨୧ମସିହା ଅକ୍ଟୋବର ୮ ତାରିଖରେ ଉନ୍ନତ ଏବଂ ଆକର୍ଷଣୀୟ ଦେଖାଯିବା ଭଳି ବଗି ଇଞ୍ଜିନ ନିର୍ମାଣ କରାଯାଯାଇ ଏହାକୁ ଚଲା ଯାଇଥିଲା। ହେଲେ ଏହାର ନିର୍ମାଣ ଓ ଗାଡ଼ିରେ ଲାଗିଥିବା ସରଞ୍ଜାମ ନିମ୍ନ ମାନର ହୋଇଥିବା ଯୋଗୁଁ ବାରମ୍ବାର ଖରାପ ହେବା ହେଉଥିଲା। ଏମିତିକି ଅନେକ ଥର ପର୍ଯ୍ୟଟକ ମାନଙ୍କୁ ନେଇ ଯାଉଥିବା ବେଳେ ଅଧ ବାଟରେ ସେଥିରୁ ନିଆଁ ବାହାରିଥିଲା। ଫଳରେ ପର୍ଯ୍ୟଟକ ଅସୁରକ୍ଷିତ ହେବା ସହ ହଟହଟାରେ ପଡ଼ିଥିଲେ।

# ସଞ୍ଜ ନଇଁଲେ ଘନଘନ ବିଦ୍ୟୁତ୍ କାଟ୍

**ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଧମକ**

ଭୁବନେଶ୍ୱର, ୨୪।୧୦(ସମିସ): ସଞ୍ଜ ନଇଁଲେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଏପରିକି ବିଦ୍ୟୁତ୍ କାଟ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣଙ୍କୁ ମଧ୍ୟ କୌଣସି ସୂଚନା ଦିଆଯାଉ ନାହିଁ। ଏଥିଯୋଗୁଁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବିଭିନ୍ନ ବେସରକାରୀ ସଂସ୍ଥା, କାର୍ଯ୍ୟାଳୟ ସିଧାସଳଖ ପ୍ରଭାବିତ ହେଉଥିବା ବେଳେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ବିଦ୍ୟୁତ୍ ବିତରକ କମ୍ପାନୀ ଟାଟା ପାୱାର ଏହି ସମସ୍ୟାର ସମାଧାନ କରିବାକୁ ସହରର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



ଭଗବାନପୁର, ପାତ୍ରପଡ଼ା, ଆଇଗିଣିଆ, ଖଣ୍ଡଗିରି ଆଦି ଅଞ୍ଚଳରେ ଏହି ବିଦ୍ୟୁତ୍ କାଟ ସମସ୍ୟା ନିୟମିତ ଘଟଣାରେ ପରିଣତ ହୋଇଛି। ବାରମ୍ବାର ବିଦ୍ୟୁତ୍ ଯିବା ଆସିବା କାରଣରୁ ପାଠପଢୁଆ ପିଲାଙ୍କଠାରୁ ଆରମ୍ଭ କରି ଗୃହିଣୀ, ସାଧାରଣ ଲୋକେ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି। ଦିନବେଳା ବେଳେ ବେଳେ ବିଦ୍ୟୁତ୍ କାଟ ହେଉଥିଲେ ହେଁ ସନ୍ଧ୍ୟା ହେଲେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଏହି ବିଦ୍ୟୁତ୍ କାଟର ଅବଧି ସ୍ୱଳ୍ପ ସମୟ ବିଶିଷ୍ଟ ହୋଇଥିଲେ ହେଁ ବାରମ୍ବାର ଏହା ଘଟୁଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ରାଜଧାନୀବାସୀ। ଅପରପକ୍ଷେ ଶକ୍ତି ସମୀକ୍ଷକଙ୍କ ଅନୁଯାୟୀ ବର୍ତ୍ତମାନ ରାଜ୍ୟରେ ଶୀତ ଋତୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଟାଟା ପାୱାର ଉପରେ ବିଦ୍ୟୁତ୍ ନେଇ ଅତିରିକ୍ତ ଚାପ ନାହିଁ। ତାହେଲେ ଏପରି ବିଦ୍ୟୁତ୍ କାଟର ବାରମ୍ବାର ଆବଶ୍ୟକତା କାହିଁକି ପଡୁଛି ତାହାର କାରଣ ଖୋଜାଯିବା ଆବଶ୍ୟକ। ଯଦି ରାଜଧାନୀରେ ସନ୍ଧ୍ୟା ବେଳେ ଏପରି ବିଦ୍ୟୁତ୍ କାଟ ହେବ, ତାହେଲେ ଉପକଣ୍ଠ ତଥା ଉପାନ୍ତ ଅଞ୍ଚଳରେ ସ୍ଥିତି ସହଜରେ ଅନୁମେୟ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଯେଉଁ ଅଞ୍ଚଳରେ ଏପରି ସମସ୍ୟା ଘଟୁଛି, ତୁରନ୍ତ ବିତରକ କମ୍ପାନୀ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ୟାର ସମାଧାନ କରୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି। ଏ ନେଇ ଟାଟା ପାୱାରର ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ଏହା ସମ୍ଭବପର ହୋଇପାରି ନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ରାଜଧାନୀବାସୀ ଦାବି

# ସହରୀ ଆବର୍ଜନାରେ ଅଣନିଶ୍ୱାସୀ କୁଶଭଦ୍ରା

ହଂସପାଳ, ୨୪।୧୦(ସମିସ): ସଚେତନତାର ଅଭାବ ଯୋଗୁଁ ବାଲିଅନ୍ତା କୁଶଭଦ୍ରା ନଦୀ ଏବେ କୁଢ଼ କୁଢ଼ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ମଇଳା ଓ ଅଳିଆ ଆବର୍ଜନା ପଡ଼ି ପୋତି ହୋଇଗଲାଣି ନଦୀ। ଆଖପାଖ ଅଞ୍ଚଳରୁ ନିର୍ଗତ ସମସ୍ତ ଅଳିଆ, ଆବର୍ଜନା ଓ ମଇଳା ଗାଡ଼ି ଭୁବନପୁର ମହାତ୍ମାଗାନ୍ଧୀ ସେତୁଦେଇ ଇଟାଭାଟି ରାସ୍ତା

- **ଗାଡ଼ିଗାଡ଼ି ଅଳିଆ ପକାଉଛନ୍ତି ଅଞ୍ଚଳବାସୀ**
- **ଚର୍ମରୋଗରେ ପଡୁଛନ୍ତି ବାଲିଅନ୍ତାବାସୀ**



ଧବଳାହର ନିକଟରେ ସିଧା ସଳଖ ଭାବେ ନଦୀରେ ପକାଯାଉଛି। ଆଉ କିଛି ମଇଳା ଗାଡ଼ି ସାଇଫନ ବେଲେଶ୍ୱର ମନ୍ଦିର ଦେଇ ନଦୀ ଭିତରେ ଖାଲି ହେଉଛି। ପରିବେଶ ପରିଷ୍କାର ରହିଲେ, ଶରୀର ସୁସ୍ଥ ରହିବ। ତେଣୁ ପରିବେଶର ଯତ୍ନ ନେବା ପାଇଁ ସରକାରଙ୍କ ତରଫରୁ ଅନେକ କାର୍ଯ୍ୟକ୍ରମ ଓ କର୍ମଶାଳା ମାଧ୍ୟମରେ ସଚେତନ କରାଯାଉଛି। ଆଖ ପାଖ ଅଞ୍ଚଳରୁ ବାହାରୁ ଥିବା ଆବର୍ଜନା ଓ ଅପରିଷ୍କାର ପଦାର୍ଥ ସିଧାସଳଖ ନଦୀ ଭିତରେ ପକେଇବା ଦ୍ୱାରା ନଦୀ ଜଳ ପ୍ରଦୂଷଣ ହେବାରେ ଲାଗିଛି ଏବଂ ପରିବେଶ ଦୁର୍ଗନ୍ଧମୟ ପାଲଟିଛି।

ନଦୀକୂଳ ଅଞ୍ଚଳ ହେଇଥିବାରୁ ଲୋକମାନେ ମଧ୍ୟ ନଦୀରେ ସ୍ନାନ କରି ବିଭିନ୍ନ ଚର୍ମରୋଗରେ ପଡୁଛନ୍ତି। ଅଳିଆରେ ପଡ଼ିଥିବା ଜରୀ, ପଲିଥିନ ଖାଇ ଗାଇ ଗୋରୁ ନାନା ଅସୁବିଧାର ସମ୍ମୁଖିନ ହେଉଥିବା ପଶୁପ୍ରେମୀମାନେ ଅଭିଯୋଗ କରିଛନ୍ତି। ବର୍ଷାଦିନେ ଏପରି ସ୍ଥିତି ଉପୁଜିବା ଦ୍ୱାରା ଘର ମାନଙ୍କରେ ଡେଙ୍ଗୁ, ମେଲେରିଆ, ଟାଇଫଏଡ ରୋଗ ଆଶଙ୍କା ବୃଦ୍ଧି ପାଉଥିବା ଜଣାପଡ଼ିଛି। ସୁସ୍ଥ ପରିବେଶ ସହ ଲୋକଙ୍କ ସୁସ୍ଥ ସ୍ୱାସ୍ଥ୍ୟ ନିମନ୍ତେ ସରକାର ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରି ସ୍ୱଚ୍ଛ ଭାରତ ଅଭିଯାନ କରୁଥିବା ବେଳେ କର୍ତ୍ତୃପକ୍ଷ ଏହି ଯୋଜନାରେ ବିଫଳ ହେବା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏହି ଯୋଜନାକୁ ସଫଳ ରୂପାୟନ କରିବାକୁ ଅଞ୍ଚଳରେ ଦାବି ହୋଇଛି।

## ନନ୍ଦନକାନନରେ ସିଂହ ଓ ଗଧିଆ ଅସୁସ୍ଥ

ନନ୍ଦନକାନନ, ୨୪।୧୦(ସମିସ): ନନ୍ଦନକାନନରେ ଥିବା ବୟୋଜ୍ୟେଷ୍ଠ ସିଂହ ନରସିଂହାର ପିଠିରେ ଏକ କ୍ଷତ ହୋଇଛି। ତେବେ କ୍ଷତଟି କିପରି ହୋଇଛି ତାହା ଜଣା ପଡ଼ିନାହିଁ। ସେମିତି ୨୬ନମ୍ବର ଖୁଆଡ଼ରେ ରହୁଥିବା ଗଧିଆ ରାହୁଲ ଅସୁସ୍ଥ ଅଛି। ତାର ଚର୍ମ ରୋଗ ହୋଇଛି। ତା ଶରୀର ସବୁ ରୁମ ଉପୁଡି ଯାଇଥିବା ବେଳେ ଶରୀର ଯାଦୁ ଭଳିଆ ହୋଇଯାଇଛି। ଫଙ୍ଗାଲ ଇନଫେକ୍ସନ ଯୋଗୁଁ ତାର ଏହି ଚର୍ମ ରୋଗ ହୋଇଥିବା ନେଇ ଜଣେ ଅଧିକାରୀଙ୍କ ଠାରୁ ଜାଣିବାକୁ ମିଳିଛି। ଉଭୟଙ୍କର ଏବେ ଚିକିତ୍ସା ଚାଲିଛି। ସୂଚନା ଥାଉକି ସିଂହ ନରସିଂହା ୨୦୧୪ମସିହାରେ ବେଙ୍ଗାଲୁରୁରୁ ଆସିଥିଲା। ତା ସହିତ ଆକାଶ, ରୁକ୍ମଣୀ ଓ ରାଧା ସିଂହ ଆସିଥିଲେ। ତେବେ ଏପର୍ଯ୍ୟନ୍ତ ନରସିମ୍ହା ଔରସରୁ କୌଣସି ଛୁଆ ଜନ୍ମ ହୋଇନାହିଁ। ସେହିଭଳି ଗଧିଆ ରାହୁଲ ଜୟପୁରରୁ ଆସିଥିଲା। ତାର ଔରସ ମଧ୍ୟ ଏପର୍ଯ୍ୟନ୍ତ ଛୁଆ ଜନ୍ମ ହୋଇନାହିଁ।

## ମାଲିକ ଘରୁ ମଦ ଚୋରି; ସୁପର୍‌ଭାଇଜର ଗିରଫ

ଭୁବନେଶ୍ୱର, ୨୪।୧୦(ସମିସ): ମାଲିକର ଘରୁ ୩୦ ହଜାର ଟଙ୍କାର ମଦ ଏବଂ ଅନ୍ୟାନ ସାମଗ୍ରୀ ଚୋରି କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କୁଜଙ୍ଗ ଅଞ୍ଚଳର ଅରୁଣ କୁମାର ନାଥ। ଡମଣା ଛକ ସ୍ଥିତ "ମୁନ୍ ଲାଇଟ୍ କ୍ଲବ୍ ଏବଂ ସ୍କାଏ ଲାଉଞ୍ଜ"ର ମାଲିକ ବିଜୟ ଗୋଲଡାରଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଗିରଫ କରିଛି।

ସୂଚନା ଯୋଗ୍ୟ ଯେ, ଅଭିଯୁକ୍ତ ଅରୁଣ କୁମାର ନାଥ ମାଲିକର ପ୍ରତିଷ୍ଠାନରେ ସୁପରଭାଇଜର ଭାବେ କାର୍ଯ୍ୟରତ ଥିଲେ। ଘରର ରକ୍ଷଣାବେକ୍ଷଣ କାମ୍ବଧ ଦେଖୁଥିଲେ। ଗତ ଜାନୁୟାରୀ ୧୩ ତାରିଖ ସକାଳ ପ୍ରାୟ ୪ଟା ସମୟରେ ବିଜୟଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅରୁଣ ବେଆଇନ ଭାବରେ ତାଙ୍କ ଘରୁ ଗୋଟିଏ ଏଚପି ଇଲାଇଟ୍ ବୁକ୍ ଲାପଟପ୍, ଗୋଟିଏ ଯାମାହା ଫାସିନୋ ସ୍କୁଟି, ୩୦ ହଜାର ଟଙ୍କା ମୂଲ୍ୟର ତିନୋଟି ବୋତଲ ବ୍ଲୁ ଲେବଲ୍ ମଦ ଏବଂ ୬ ହଜାର ୩୦୦ ଟଙ୍କା ନଗଦ ଚୋରି କରି ନେଇଥିଲେ। ବିଜୟ ଅଭିଯୁକ୍ତଙ୍କ ସହିତ ଫୋନରେ ବାରମ୍ବାର ଯୋଗାଯୋଗ କରିବା ପ୍ରୟାସ କରିଥିଲେ। କିନ୍ତୁ ଅରୁଣ କୁମାର ନାଥ ତାଙ୍କୁ ଧମକ ଦେଇ ଗାଳି ଦେଇଥିଲେ ଏବଂ ଚୋରି ହୋଇଥିବା ସାମଗ୍ରୀ ଫେରାଇବାକୁ ମନା କରିଥିଲେ। ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅରୁଣଙ୍କୁ କୁଜଙ୍ଗ ଅଞ୍ଚଳରୁ ଗିରଫ କରିଛି।

## ଦୁଇଟି ଶ୍ମଶାନର ପୁନଃରୁଦ୍ଧାର କରିବ ବିଡିଏ

ଭୁବନେଶ୍ୱର, ୨୪।୧୦ (ସମିସ): ରାଜଧାନୀର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶ୍ମଶାନ ସ୍ଥଳରେ ବିକାଶ ଓ ପୁନଃରୁଦ୍ଧାର ଲାଗି ବିଡିଏ ପକ୍ଷରୁ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଶୁକ୍ରବାର ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ପୁରୁଣା ଭୁବନେଶ୍ୱର



ଅଞ୍ଚଳର କାଳିଗାଡ଼ିଆ ଏବଂ ଗରାବାଡୁରେ ଶ୍ମଶାନର ପୁନଃରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସହରର ଶ୍ମଶାନଗୁଡ଼ିକର ଆଧୁନିକ ସୁବିଧା ଯୋଗାଇ ଦେବା ସହ ଶେଷକୃତ୍ୟ ପାଇଁ ସମ୍ମାନଜନକ ଓ ଶାନ୍ତିପୂର୍ଣ୍ଣ ପରିବେଶ ନିଶ୍ଚିତ କରିବା ଲକ୍ଷ୍ୟରେ ପୁନଃବିକାଶ କାର୍ଯ୍ୟ ହାତକୁ ନେଇଛି। ଏହି ପ୍ରକଳ୍ପରେ, କାଳି ଗାଡ଼ିଆ ଶ୍ମଶାନଟି ୨.୨୧ କୋଟି ଟଙ୍କା ବ୍ୟୟ ଅଟକଳରେ ବିକଶିତ ହେବ, ସେହିଭଳି ଗରାବଡୁ ଶ୍ମଶାନଟି ୧.୮୫ କୋଟି ଟଙ୍କା ବ୍ୟୟରେ ପୁନଃବିକଶିତ ହେବ। ବିଡିଏର ଯୋଜନାରେ ଉଭୟ ସ୍ଥାନରେ ପାର୍କିଙ୍ଗ ଅଞ୍ଚଳ, ପରିଷ୍କାର ସୀମା ଓ ସୁରକ୍ଷା କିଓସ୍କ ନିର୍ମାଣ ଅନ୍ତର୍ଭୁକ୍ତ ରହିବ। ପ୍ରତ୍ୟେକ ଶ୍ମଶାନରେ ଷ୍ଟାଫ୍ ରୁମ୍, କେୟାରଟେକର୍ ରୁମ୍, ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ୍ ପୋଷାକ ବଦଳି କକ୍ଷ, ଅପେକ୍ଷା ଗୃହ, ଚିତା କାଠ ସଂରକ୍ଷଣ ଅଞ୍ଚଳ ଏବଂ ଶାବଦାହ ପ୍ଲାଟଫମ୍‌ର୍ (ପିଣ୍ଡି) ରହିବ। ସେହିଭଳି ଆଖପାଖର ପରିବେଶକୁ ଉନ୍ନତ କରିବା ପାଇଁ, ବିଡିଏ ଜଳାଶୟ, ଆଭ୍ୟନ୍ତରୀଣ ପଥ, ପାର୍ଶ୍ୱବର୍ତ୍ତୀ ଡ୍ରେନ୍ ଏବଂ ଲ୍ୟାଣ୍ଡସ୍କେପ୍ଡ୍ ଅଞ୍ଚଳଗୁଡ଼ିକୁ ବିକଶିତ କରିବା ଦ୍ୱାରା ପରିଷ୍କାର, ସବୁଜ ଏବଂ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବ। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଉଭୟ ପ୍ରକଳ୍ପର ସମୟସୀମା ସମାପ୍ତ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ବିଡିଏ ଡୁମୁଡୁମାରେ ଆଉ ଏକ ଆଧୁନିକ ଶ୍ମଶାନ ନିର୍ମାଣ କରୁଛି। କାର୍ଯ୍ୟକ୍ରମରେ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ, ସ୍ଥାନୀୟ କର୍ପୋରେଟରମାନେ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଧ୍ୟ କରିଛି ବାସ୍ତୁ; ଚୋରା ଚାଲାଣ ହେଉଛି ରତ୍ନପଥର

- **ଚଢ଼ା ଦରରେ ଚାଲାଣ ହେଉଛି ରୁବୀ, ପାନ୍ନା**
- **ବାସ୍ତୁ ଦୋଷ କାଟିବା ପାଇଁ ବଢୁଛି ଚାହିଦା**
- **ଜାଗା ଚିହ୍ନଟ କରିବାରେ ଭୂତତ୍ତ୍ୱବିତ୍‌ଙ୍କ ସମ୍ପୃକ୍ତି ଅଭିଯୋଗ**

ଭୁବନେଶ୍ୱର, ୨୪।୧୦(ସମିସ): ରାଜଧାନୀରେ ବଢୁଛି ରତ୍ନପଥର ଚୋରା ଚାଲାଣ। ବିଶେଷକରି ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରୁ ବେଆଇନ୍ ଭାବେ ଖୋଳି ପଥର କାଢି ଭୁବନେଶ୍ୱର ଆଣୁଛନ୍ତି। କଟକ, ଭୁବନେଶ୍ୱର ଏବଂ ପୁରୀରେ ଏହି ରତ୍ନ ପଥରର ଚାହିଦା ଅଧିକ ରହିଛି। ଯେଉଁଥି ପାଇଁ ପଥର ମାଫିଆ ଏଠାକୁ ଆଣି ଲକ୍ଷାଧିକ ଟଙ୍କାରେ ବିକ୍ରି କରୁଛନ୍ତି। ବାସ୍ତୁ ଦୋଷ କାଢିବା ପାଇଁ ଏହି ରତ୍ନ ପଥର ପିନ୍ଧିଲେ ବାସ୍ତୁ କଟୁଥିବା ଲୋକେ ବିଶ୍ୱାସ କରୁଛନ୍ତି। ଏପରିକି କିଛି ଅସାଧୁ ବ୍ୟକ୍ତି ମଧ୍ୟ ମୁଦୀରେ ଏହି ରତ୍ନପଥରକୁ ରଖି ଲକ୍ଷାଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଯେଉଁମାନେ ବାସ୍ତୁ ଉପରେ ବିଶ୍ୱାସ କରୁଛନ୍ତି ସେମାନେ ଏହି ରତ୍ନ ପଥରକୁ ଲକ୍ଷାଧିକ ଟଙ୍କାରେ କିଣି ନେଉଛନ୍ତି।



ଏହି ରତ୍ନ ପଥର ଚୋରା ଚାଲାଣ ପଛରେ ଏକ ବଡ଼ ରାକେଟ୍ କାମ କରୁଛି। ରାଜ୍ୟଠୁ ଆରମ୍ଭ କରି ରାଜ୍ୟ ବାହାରର ମାଫିଆମାନେ ଏହି ରାକେଟ୍‌ରେ ସାମିଲ ଅଛନ୍ତି। ବିଶେଷ କରି ଅନ୍ତର୍ଜାତୀୟ ବଜାରରେ ରୁବୀ ଏବଂ ପାନ୍ନାର ପଥର ଚାହିଦା ରହିଛି। କାରଣ ଏହି ରତ୍ନ ପଥରର ମୂଲ୍ୟ ବଜାରରେ କୋଟି କୋଟି ଟଙ୍କା। ତେଣୁ ମାଫିଆମାନେ ଏହି ରତ୍ନ ପଥର ଉପରେ ଆଖି ରହିଛି। ବଡ଼ କଥା ହେଲା ମାଫିଆମାନେ କିଛି ଭୂତତ୍ତ୍ୱବିତ୍‌ଙ୍କୁ ହାତ କରି ସେମାନେ ରତ୍ନ ପଥର ମିଳୁଥିବା ଜାଗା ଚିହ୍ନଟ କରୁଛନ୍ତି। ଏହା ପରେ ମାଫିଆମାନେ ରାତିରେ ମାଟି ଖୋଳି ଏହି ରତ୍ନପଥର ଖୋଳି ନେଉଛନ୍ତି। ଆହୁରି ମଧ୍ୟ ମହାନଦୀ ପଠାରେ ମଧ୍ୟ ରହି ଅମୂଲ୍ୟ ରତ୍ନ ପଥର ମିଳିଥାଏ। ଆଉ ଏହାକୁ ସଫା କରିବା ପରେ ଦଲାଲ ମାଧ୍ୟମରେ ବିକ୍ରି କରି ଦେଉଛନ୍ତି। ଦଲାଲମାନେ ବିକ୍ରି କରିବା ପାଇଁ ଭୁବନେଶ୍ୱରକୁ ଆସି ହୋଟେଲରେ ରହୁଛନ୍ତି। ଏଠାରେ ରହି ବଡ଼ ବଡ଼ ସୁନା ଦୋକାନୀ ଏବଂ ବାସ୍ତୁ ଦେଖୁଥିବା ଲୋକ ସହ ଯୋଗାଯୋଗ କରୁଛନ୍ତି। ସେମାନଙ୍କ ସହ ଯୋଗାଯୋଗ କରିବା ପରେ ଡିଲ ହେବା ପରେ ବିକ୍ରି କରୁଛନ୍ତି। ଅନେକ ଦଲାଲ ମଧ୍ୟ ରାଜ୍ୟ ବାହାର ମାଫିଆଙ୍କୁ ଏଜେଣ୍ଟ ମାଧ୍ୟମରେ ବିକ୍ରି କରାଯାଉଛ। ଯାହାର ସୁରାକ ପୁଲିସ କିମ୍ବା ବନ ବିଭାଗ ପାଇ ପାରୁନି।

### ପଥର ଚାଲାଣ କଲେ କ'ଣ କାର୍ଯ୍ୟାନୁଷ୍ଠାନ

ଯେଉଁମାନେ ବେଆଇନ୍ ଭାବେ ଏହି ରତ୍ନ ପଥର ଖନନ କରୁଛନ୍ତି ସେମାନଙ୍କ ବିରୋଧରେ ବନ୍ୟଜନ୍ତୁ ସଂରକ୍ଷଣ ଆଇନ୍ ୧୯୭୨ ଧାର ୯, ୨୭, ୨୯, ୩୧ରେ ଲଗାଯାଇ ଗିରଫ କରାଯିବ। ଏଥିପାଇଁ ୬ ବର୍ଷ ଜେଲଦଣ୍ଡ ସହ ଜରିମାନାର ବ୍ୟବସ୍ଥା ରହିଛି। ବନ ବିଭାଗ ଏବଂ ପୁଲିସ ଏହି ରତ୍ନପଥର ଚାଲାଣକୁ ଗୁରୁତ୍ୱ ଦେଉନାହାନ୍ତି। ପଥର ଭାବି ପୁଲିସ ଗୁରୁତ୍ୱ ଦେଉ ନ ଥିବାରୁ ମାଫିଆମାନେ ଆନ୍ତଃରାଜ୍ୟ ମାର୍କେଟରେ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ସୁରଟ, ମିରଟ, ରାଜସ୍ଥାନକୁ ଅଧିକାଂଶ ଚାଲାଣ କରାଯାଉଛି।

### ପୂର୍ବରୁ କେବେ କେଉଁଠି

ପୂର୍ବରୁ କଳାହାଣ୍ଡି ଜୁନାଗଡ଼ ପଳାଶ ଗାଁରେ କ୍ରାଇମବ୍ରାଞ୍ଚ ଏସଟିଏଫ ଚଢ଼ାଉ ୩ କୁଇଣ୍ଟାଲ ରତ୍ନ ପଥର ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଏହି ରତ୍ନପଥରର ମୂଲ୍ୟ ୫ କୋଟିରୁ ଅଧିକ ହୋଇଥିଲା। ସେହିପରି ୨୦୨୪ ସୁବର୍ଣ୍ଣପୁର, ୨୦୨୨ରେ ବାଲେଶ୍ୱର, ଢେଙ୍କାନାଳରୁ ଜବତ କରାଯାଇଥିଲା। ୨୦୨୦ରେ ଯାଜପୁରରୁ ଧରା ହୋଇଥିଲା। ଏହି ରତ୍ନପଥର ଚୋରା ଚାଲାଣ କରାଗଲେ ଏହାର ପ୍ରଭାବ ପରିବେଷ ଉପରେ ପଡୁଛି। କାରଣ ମାଫିଆମାନେ ପଥର ଚକ୍କରରେ ଏକାଧିକ ସ୍ଥାନ ଖୋଳି ପରିବେଷର ସନ୍ତୁଳନକୁ ବିଗାଡ଼ି ଦେଉଛନ୍ତି।

ପୀତବାସ ହତ୍ୟାକାଣ୍ଡ

# ପୁଲିସକୁ ନାକେଦମ୍ କଲେଣି ଫେରାର୍ ଉମା ଓ କୁରୁପତି

ବ୍ରହ୍ମପୁର,୨୩।୧୦(ସମିସ)





ପୁଲିସକୁ ନାକେଦାମ୍ କଲେଣି ଦୁଇ ଦୁର୍ଦ୍ଧାନ୍ତ ଫେରାରଅଭିଯୁକ୍ତଉମା ବିଷୋୟୀ ଓ କୁରୁପତି ଭୂୟାଁ। ବ୍ରହ୍ମପୁର ପୁଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ଉଭୟ ହାର୍ଡକୋର ଅପରାଧୀ। ଉଭୟଙ୍କ ନାମରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ହତ୍ୟା, ଡକାୟତି, ହତ୍ୟା ଉଦ୍ୟମ ଭଳି ଏକାଧିକ ସଂଗୀନ ମାମଲା ରହିଛି। ବର୍ତ୍ତମାନ ଉଭୟେ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଫେରାର ଅଛନ୍ତି। ଆଇନଜୀବୀ ପୀତବାସ ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ହୋଇଥିଲା ସେପ୍ଟେମ୍ବର ମାସରେ। ପ୍ରଥମ ପ୍ରୟାସରେ ବିହାରୀ

## ୪ ରାଜ୍ୟରେ ବ୍ରହ୍ମପୁର ପୁଲିସର ଚଢ଼ଉ ଜାରି

## ବ୍ରହ୍ମପୁର ପୁଲିସର ଦୁର୍ଦ୍ଧାନ୍ତ ଅପରାଧୀ ତାଲିକାରେ ଉଭୟଙ୍କ ନାଁ

କିଲର ବିଫଳ ହୋଇଥିବା ବେଳେ ଦ୍ୱିତୀୟ ପ୍ରାୟସରେ ଯୋଜନାକୁ ସଫଳ କରିଥିଲା ଉମାଙ୍କ ଟିମ। ଏଥିପାଇଁ ହୋଇଥିଲା ୫୦ଲକ୍ଷ ଟଙ୍କାର ଡିଲ। ପୁଲିସ କହିବା ପ୍ରକାରେ ରାଜନୈତିକ ଠାରୁ ଆରମ୍ଭ କରି ବୃତ୍ତିଗତ ଶତ୍ରୁତା ଥିଲା ମୁଖ୍ୟ କାରଣ। ଅକ୍ଟୋବର ୬ ରାତିରେ ବୈକୁଣ୍ଠନଗର ସ୍ଥିତ ପୀତବାସଙ୍କ ବାସଭବନ ନିକଟରେ ଦୁଇଜଣ ଗୁଳିକରି ହତ୍ୟାକାଣ୍ଡ ଭିଆଇ ଚମ୍ପଟ ମାରିଥିଲେ। ଏହି ମାମଲାରେ ପୁଲିସ ୧୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ତଥା ଏଥିପାଇଁ ୧୦ଲକ୍ଷ ଟଙ୍କା ଅଗ୍ରୀମ ନେଇଥିବା ଉମା ବିଶୋୟୀ ଓ ପୀତବାସଙ୍କୁ ଗୁଳି କରିଥିବା ଅଭିଯୁକ୍ତ କୁରୁପତି ଭୂୟାଁଙ୍କ ପତ୍ତା ଏଯାଏ ମିଳୁନାହିଁ। ଉଭୟଙ୍କୁ ଧରିବାକୁ ବ୍ରହ୍ମପୁର ପୁଲିସ ପକ୍ଷରୁ ଗଠିତ ୬ଟି ସ୍ୱତନ୍ତ୍ର ଟିମ୍ ଆନ୍ଧ୍ର, କୋଲକତା, ଦିଲ୍ଲୀ, ବିହାର ସମେତ ୪ରୁ ଊର୍ଦ୍ଧ୍ୱ ରାଜ୍ୟରେ ଓ ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ତଥାପି ସେମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫେରାର କୁରୁ ଓ ଉମାଙ୍କୁ ଗିରଫ କରିବା ବ୍ରହ୍ମପୁର ପୁଲିସ ପାଇଁ ବଡ଼ ଚାଲେଞ୍ଜ ଥିବା ବେଳେ ଓଲଟା ସେମାନେ ପୁଲିସକୁ ନାକେଦମ କଲେଣି। ପୁଲିସ ଡାଳେ ଡାଳେ ଗଲେ କୁରୁ ଓ ଉମା ପତ୍ରେ ପତ୍ରେ ଯାଇ ଉଭୟଙ୍କ ନିକଟରେ ପୁଲିସ ପହଞ୍ଚିବା ପୂର୍ବରୁ ସେମାନେ ଚମ୍ପଟ ମାରିବାରେ ସଫଳ ହେଉଛନ୍ତି। ପୀତବାସଙ୍କୁ ହତ୍ୟା କରିଥିବା ଦୁଇଜଣଙ୍କ ମଧ୍ୟରେ ଚିଣ୍ଟୁ ପୁଲିସ କବଜାରେ ଥିବା ବେଳେ କୌଶଳ କ୍ରମେ କୁରୁପତି ଫେରାର ହୋଇଯାଇଛି। ହତ୍ୟାକାଣ୍ଡ ଦିନ ବାଇକ ଚଲାଇଥିବା ଚିଣ୍ଟୁକୁ ୩ଲକ୍ଷ ଏବଂ ଗୁଳି ଚଳାଇଥିବା କୁରୁପତିକୁ ୫ଲକ୍ଷ ଦେବାକୁ ଡିଲ୍ ହୋଇଥିଲା। ହତ୍ୟାକାଣ୍ଡ ପରେ କୁରୁପତିଙ୍କୁ ୫ଲକ୍ଷ ଓ ଚିଣ୍ଟୁକୁ ୩ଲକ୍ଷ ଟଙ୍କା ଉମା ଦେଇଥିଲେ କି ନାହିଁ? ସେହିଭଳି ପୀତବାସଙ୍କୁ ହତ୍ୟା ଯୋଜନା ସଫଳ ହେବା ପରେ ଉମାକୁ ୪୦ଲକ୍ଷ ମିଳିଛି କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଅବଶିଷ୍ଟ ୪୦ଲକ୍ଷ ଉମା ବିଶୋୟୀଙ୍କୁ କିଏ ଦେଇଥାନ୍ତା। ଯଦି ଉମାକୁ ଅବଶିଷ୍ଟ ଟଙ୍କା ମିଳିସାରିଛି ତେବେ ସେ କ'ଣ ଉକ୍ତ ଟଙ୍କାକୁ ଧରି ବୁଲୁଛି ଅଥବା କେଉଁଠାରେ ଲୁଚାଇ ରଖିଛି ଏଭଳି ଅସମାହିତ ପ୍ରଶ୍ନ ଏବେ ପୁଲିସ ଆଗରେ।

## ପିଣ୍ଟୁ ଦାଶଙ୍କ ପାଇଁ ୬ରୁ ଊର୍ଦ୍ଧ୍ୱ ୱକାଲତ୍‌ନାମା ଦାଖଲ

**ବ୍ରହ୍ମପୁର,୨୪।୧୦(ସମିସ):** ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୁଲିସ ୧୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ପାଇଁ ବରିଷ୍ଠ ଆଇନଜୀବୀ କୈଳାସ ପଣ୍ଡା ଓ ଶିବ ନାରାୟଣ ସାହୁଙ୍କ ସମେତ ୬ରୁ ଊର୍ଦ୍ଧ୍ୱ ଆଇନଜୀବୀ ୱକାଲତନାମା ଦାଖଲ କରିଛନ୍ତି। ସେହିଭଳି ଗୁରୁବାର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ୫୩ଜଣ, ମଦନ ଦଳେଇଙ୍କ ପାଇଁ ୪୪ଜଣ ଓ ମଳୟ ବିଶୋୟୀଙ୍କ ପାଇଁ ୪୩ଜଣ ଓକିଲ ୱକାଲତନାମା ଦାଖଲ କରିଥିଲେ। ତଳ କୋର୍ଟରେ ଅର୍ଥାତ୍ ଏସଡିଜେଏମଙ୍କ କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଥିବାରୁ ଆଗାମୀ ଦିନରେ ଅର୍ଥାତ୍ ସେସନ୍ସ କୋର୍ଟରେ ଅଧିକ ସଂଖ୍ୟକ ଓକିଲ ୱକାଲତନାମା ଦାଖଲ କରିବାର ଯୋଜନା ଥିବା ଜଣାପଡିଛି। ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, କର୍ପୋରେଟର ମଳୟ ବିଶୋୟୀ ଓ ମଦନ ଦଳେଇ ସମସ୍ତେ ଆଇନଜୀବୀ ଓ ଗଞ୍ଜାମ ଓକିଲ ସଂଘର ସଦସ୍ୟ ହୋଇଥିବାରୁ ସେମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୁମାରକାନ୍ତ ବେହେରା, ଦୀପକ ପଟ୍ଟନାୟକ, ବସନ୍ତ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଶିବ ନାରାୟଣ ସାହୁ, ଚକ୍ରପାଣି ନାହାକ ଓ ଅନନ୍ତ ନାରାୟଣ ମହାନ୍ତିଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ମାମଲା ପରିଚାଳନା କରିବାକୁ ୱକାଲତନାମାରେ ଦସ୍ତଖତ କରି ସହମତି ପ୍ରକାଶ କରିଛନ୍ତି। ପ୍ରଥମେ ଏସଡ଼ିଜେଏମଙ୍କ କୋର୍ଟରେ ପୁଲିସ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ସାର୍ଟିଫାଇଡ କପି ପାଇଁ ଆବେଦନ କରି ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇନଜୀବୀ ଦୀପକ ପଟ୍ଟନାୟକ ଓ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି।

## ଡକାୟତି ଯୋଜନା ମାମଲା; ଆଉ ଜଣେ ଗିରଫ

**ବ୍ରହ୍ମପୁର,୨୪।୧୦(ସମିସ):** ସ୍ଥାନୀୟ ଝାଡ଼ାଙ୍କୁଲି ଗ୍ରାମ ନିକଟସ୍ଥ ଏକ ପଡ଼ିଆରେ ବସି ଡକାୟତି ଯୋଜନା ଘଟଣାରେ ଫେରାର ଥିବା ଜଣେ ଯୁବକକୁ ନିମଖଣ୍ଡି ଥାନା ପୁଲିସ ଗିରଫ କରିଛି। ସେ ହେଲେ ଭିକି ପାତ୍ର (୨୮)। ପୂର୍ବରୁ ଏହି ମାମଲାରେ ଝାଡ଼ାଙ୍କୁଲି ମାଝି ସାହିର ମିଟୁ ସାହୁ ଓରଫ ମୁରଲୀ, ନିମଖଣ୍ଡିର ଟୁନା ନାୟକ, ମହେଶ୍ୱର ପାତ୍ର ଓରଫ ଜଗା, ପୁରୁଣା ଖଜୁରିଆ ଗ୍ରାମର କାଳିଆ ଓ ଝାଡ଼ାଙ୍କୁଲିର ପ୍ରଶାନ୍ତ କୁମାର ଆଦି ୫ଜଣ ଗିରଫ ହୋଇଥିଲେ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ସେତେବେଳେ ଗୋଟିଏ ବନ୍ଧୁକ, ୪ଟି ଗୁଳି, ଦୁଇଟି ଖଣ୍ଡା, ଗୋଟିଏ ପଞ୍ଚ୍ ଓ ଦୁଇଟି ମୋବାଇଲ ଜବତ କରିଥିଲା।

ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୧୭ତାରିଖ ରାତିରେ ନିମଖଣ୍ଡି ଥାନା ଗାଡ଼ି ପେଟ୍ରୋଲିଂ କରୁଥିବା ବେଳେ ଝାଡ଼ାଙ୍କୁଲି ଗ୍ରାମର ଏକ ପେଟ୍ରୋଲ ପମ୍ପ ନିକଟସ୍ଥ ଖୋଲା ପଡ଼ିଆରେ କିଛି ଯୁବକ ଡକାୟତି ଯୋଜନା କରୁଥିବା ଖବର ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ପକ୍ଷରୁ ସେଠାରେ ଅତର୍କିତ ଚଢ଼ଉ କରାଯାଇ ଉପରୋକ୍ତ ୫ ଅଭିଯୁକ୍ତଙ୍କୁ କାବୁ କରାଯାଇଥିବାବେଳେ ଭିକି ଫେରାର ହେବାରେ ସକ୍ଷମ ହୋଇଥିଲା। ଶୁକ୍ରବାର ପୁଲିସ ଭିକିକୁ ଗିରଫ କରିବା ସହ କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି।

## ଆକ୍ରମଣ କରି ଟଙ୍କା ଲୁଟ୍ ଘଟଣାରେ ୩ ଗିରଫ

**ବ୍ରହ୍ମପୁର,୨୪।୧୦(ସମିସ):** ସାଇକଲରେ ଯାଉଥିବା ଜଣେ ଯୁବକଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ ସହ ଟଙ୍କା ଲୁଟ ମାମଲାରେ ଟାଉନ୍ ଥାନା ପୁଲିସ ୩ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡିଛି। ଅନ୍ୟ ଦୁଇଜଣ ହେଲେ ବଡ଼ବଜାର ଥାନା ଅଞ୍ଚଳର ତ୍ରିଲୋଚନ କବି ଓରଫ ବୁଢ଼ୁ(୨୩) ଓ ଟାଉନ ଥାନା ଅଞ୍ଚଳର ଜି. ରାଜେଶ(୨୦)। ସୂଚନା ଥାଉକି, ନିଳାଦ୍ରୀବିହାର ନିବାସୀ ମହମ୍ମଦ ଆଲମ କିଛିଦିନ ପୂର୍ବେ ବାକି ଟଙ୍କା ଆଦାୟ ପାଇଁ ଅର୍ବାନ ବ୍ୟାଙ୍କ ରୋଡ୍ ଦେଇ ନିଜ ସାଇକଲରେ ଯାଉଥିଲେ। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ରାସ୍ତାରେ ଅଟକାଇ ଗାଳିଗୁଲଜ କରିଥିଲେ। ପରେ ମହମ୍ମଦଙ୍କ ମୁଣ୍ଡକୁ ଏକ ପଥରରେ ଆକ୍ରମଣ କରି ତାଙ୍କ ନିକଟରୁ ୧୦ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ମହମ୍ମଦ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ବିଶ୍ୱ ପୋଲିଓ ଦିବସରେ ସଚେତନ ଶୋଭାଯାତ୍ରା




**ବ୍ରହ୍ମପୁର,୨୪।୧୦(ସମିସ):** ରୋଟେରୀ କ୍ଲବ ବ୍ରହ୍ମପୁର ପକ୍ଷରୁ ବିଶ୍ୱ ପୋଲିଓ ଦିବସ ପାଳନ ଅବସରରେ ଏକ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସ୍ଥାନୀୟ ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନ ନିକଟରୁ ବାହାରି ସହର ପରିକ୍ରମା କରି ଏମକେସିଜି ମେଡିକାଲ ଶେଷ ହୋଇଥିଲା। ପ୍ରତ୍ୟେକ ଶିଶୁଙ୍କୁ ବିଭିନ୍ନ ରୋଗରୁ ରକ୍ଷା ପାଇଁ ପୋଲିଓ ଟୀକାକରଣର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୨୪କୁ "ବିଶ୍ୱ ପୋଲିଓ ଦିବସ' ଭାବେ ପାଳନ କରାଯାଏ।

ଏହି ଦିନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ରୋଟାରୀ ଇଣ୍ଟରନ୍ୟାସନାଲ, ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର(ସିଡିସି), ମିଳିତ ଜାତିସଂଘ ଶିଶୁ ପାଣ୍ଠି(ୟୁନିସେଫ), ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ସମେତ ବିଭିନ୍ନ ସ୍ଥାନୀୟ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟସେବା ସଂଗଠନ ଏବଂ ଟିକା ମିଳିତ ମଞ୍ଚ ଏକତ୍ରିତ ହୋଇ ପୋଲିଓ ବିଲୋପ ପାଇଁ ପିଲାମାନଙ୍କୁ ଟିକା ପ୍ରଦାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଅନେକ କାର୍ଯ୍ୟକ୍ରମ, ଅଭିଯାନ, ଟୀକାକରଣ ଏବଂ ଶିକ୍ଷାଗତ କାର୍ଯ୍ୟକ୍ରମ ପରିଚାଳନା କରିଥାଏ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟରୀୟାନ ମନୋଜ ତ୍ରିପାଠୀ, ଡିଆରଆର ସତ୍ୟବ୍ରତ, ଡ଼ା. ରଞ୍ଜିତ ପାଢୀ, ସଭାପତି ଇ. ଭେଙ୍କଟ ଆନନ୍ଦ, ଭି. ସନ୍ତୋଷ କୁମାର, ପି. ସତ୍ୟନାରାୟଣ, ମିହିର ପାଣିଗ୍ରାହୀ, ପ୍ରଦ୍ୟୁନ ବିଷୋୟୀ, ସତ୍ୟକାମ ପାତ୍ର, ସଦସ୍ୟ କେଭିଜି ରବି କୁମାର, ଇ. ସାର୍ଥକ, ସନ୍ତୋଷ ରଥ ଓ ଜିତେନ୍ଦ୍ର ପାତ୍ରଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ।

ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଦାବି

## ଓଡ଼ିଶା ଡେଭ୍‌ଲପ୍‌ମେଣ୍ଟ ଫୋରମ୍ ପକ୍ଷରୁ ଦାବିପତ୍ର



ବ୍ରହ୍ମପୁର,୨୪।୧୦(ସମିସ)

ଓଡ଼ିଶା ଡ଼େଭଲପମେଣ୍ଟ ଫୋରମ ପକ୍ଷରୁ ବିଇଏମସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ସହରର ଟ୍ରାଫିକ ସମସ୍ୟାର ସମାଧାନ, ପାଶ୍ୱର୍ବର୍ତ୍ତୀ ୧୮ଟି ପଞ୍ଚାୟତର ମିଶ୍ରଣ, ଗଞ୍ଜାମ ହାଟ, ମିଶନ ଶକ୍ତି ହାଟ, ମଲ୍ଟିଷ୍ଟୋର ପାର୍କିଂ କମ୍ପ୍ଲେକ୍ସର ଶୀଘ୍ର ଲୋକାର୍ପଣ, ଗିରି ମାର୍କେଟ, ଫୁଡ୍ ପାର୍କ ନିର୍ମାଣ କରିବାକୁ ଦାବି କରାଯାଇଛି। ସେହିଭଳି ରାସ୍ତାଘାଟର ଅବସ୍ଥା ସୁଧାରିବା, ଫ୍ଲାଇଓଭର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବା, ଭେଣ୍ଡିଂ ଜୋନ୍ ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି। ବିଶେଷ କରି ସହରତଳି ଅଞ୍ଚଳକୁ ବିଇଏମସିରେ ସମ୍ମିଶ୍ରଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବା ଏଠାରେ କୁହାଯାଇଛି।

ଦାବିପତ୍ର ପ୍ରଦାନ ବେଳେ ଓଡ଼ିଶା ଡେଭଲପମେଣ୍ଟ ଫୋରମ ସଭାପତି ରାମ ପ୍ରସାଦ ତ୍ରିପାଠୀ, ସଚିବ ସୋମେଶ୍ୱର ରାଓ, ଲକ୍ଷ୍ମୀ ପାଢ଼ୀ, ପ୍ରିତିଶ ପାଣିଗ୍ରାହୀ, ପ୍ରବୀଣ ପଟ୍ଟନାୟକ, ଦକ୍ଷିଣ ଓଡ଼ିଶା ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଡଭୋକେଟ ସରୋଜ ପଟ୍ଟନାୟକ, ଫୋରମ୍ ସହ-ସଚିବ ମାନସ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

● ଦିବ୍ୟାଙ୍ଗଙ୍କ ଭତ୍ତା ଅର୍ଥ ହଡ଼ପ ଅଭିଯୋଗ

## ବିଇଏମ୍‌ସି ଡାଟାଏଣ୍ଟ୍ରି ଅପରେଟର ଅଟକ

ବ୍ରହ୍ମପୁର,୨୪।୧୦(ସମିସ)

ଆଇନାବନ୍ଧ ସାହିର ଦିବ୍ୟାଙ୍ଗ ହିତାଧିକାରୀ ଦୀପକ କୁମାର ତ୍ରିପାଠୀଙ୍କ ୯ ମାସର ଭତ୍ତା ଅର୍ଥ ପ୍ରାୟ ୪୦ହଜାର ଟଙ୍କା ହଡ଼ପ ନେଇ ସେ ବିଇଏମ୍‌ସି କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନର ତଦନ୍ତ କରିବା ପରେ ସାଇବର ଥାନାକୁ ଠକେଇ ସମ୍ପର୍କରେ ସୂଚନା ଦେଇଥିଲେ। ସାଇବର ଥାନା ପୁଲିସ ବିଇଏମ୍‌ସିରେ ପହଞ୍ଚି ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ଅଭିଯୁକ୍ତ ଜଣକ ସାଇବର ଠକ ନୁହେଁ ବରଂ ବିଇଏମ୍‌ସି କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଡାଟାଏଣ୍ଟ୍ରି ଅପରେଟର ତଥା ସିହଳା ଅଞ୍ଚଳର କିରଣ ସେଠୀ।

ସାଇବର ଥାନା ପୁଲିସ ଉକ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତ ଡାଟାଏଣ୍ଟ୍ରି ଅପରେଟର କିରଣଙ୍କୁ ବଡ଼ବଜାର ଥାନାକୁ ହସ୍ତାନ୍ତର କରିଥିଲା। ବର୍ତ୍ତମାନ ବଡ଼ ବଜାର ଥାନାରେ କିରଣକୁ ଅଟକ ରଖାଯାଇ ପଚାରାଉଚରା ଚାଲିଥିବା ଜଣାପଡିଛି।

କିରଣ ଏଇପିଏସ୍ (ଆଧାର ଏନାବଲ ପେମେଣ୍ଟ ସିଷ୍ଟମ୍) ଜରିଆରେ କେବଳ ଦୀପକଙ୍କର ନୁହେଁ ବରଂ ଅନେକ ହିତାଧିକାରୀଙ୍କର ଟଙ୍କା ହଡ଼ପ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଂଘର ପ୍ରଶିକ୍ଷଣ

ବ୍ରହ୍ମପୁର,୨୪।୧୦(ସମିସ)

କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୨, ବ୍ରହ୍ମପୁର ଅଧୀନରେ ଜିଲ୍ଲାସ୍ତରୀୟ ଏଫ୍‌ପିଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଓୟୁଏଟି ସେଣ୍ଟର ଅଫ ଏକ୍ସେଲେନ୍ସ ଫର ଏଫ୍‌ପିଓ ଅଧୀନରେ ଆୟୋଜିତ ଏହି ପ୍ରଶିକ୍ଷଣରେ କୃଷକ ଉତ୍ପାଦକ ସଂଗଠନଗୁଡିକୁ (ଏଫପିଓ) ସୁଦୃଢ଼ କରି ସେମାନଙ୍କୁ ବ୍ୟବସାୟିକ ମଡେଲ୍ ଭାବରେ ଗଢ଼ି ତୋଳିବା ଏହାର ଉଦ୍ଦେଶ୍ୟ ବୋଲି ଏଠାରେ କୁହାଯାଇଛି। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୨ର ପ୍ରମୁଖ ବୈଜ୍ଞାନିକ ଡ ସୁଜିତ କୁମାର ନାଥ ଅଧ୍ୟକ୍ଷତା କରିଥିବା ବେଳେ ଓରମାସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ୍ ଗୋପାଳ ଦାସ, ଜିଲ୍ଲା ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସୁବାଷ କୁମାର ପଣ୍ଡା, ଜିଲ୍ଲା ପ୍ରାଣୀ ତାଲିମ ସଂଯୋଜକ ଡା ଲିପିଲେଖା ସ୍ୱାଇଁ, ସହକାରୀ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏଫପିଓର ସମଗ୍ର ସଶକ୍ତିକରଣ, ପ୍ରଶାସନିକ ଓ ଅର୍ଥନୈତିକ ଦକ୍ଷତା ବିକାଶ, ଏବଂ କୃଷକମାନଙ୍କୁ ବଜାର ସହିତ ଯୋଡ଼ିବାର ପ୍ରୟାସ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ପ୍ରଶିକ୍ଷଣରେ ଅଂଶଗ୍ରହୀତାମାନଙ୍କୁ ଏଫପିଓ ମାଧ୍ୟମରେ କୃଷି ଉତ୍ପାଦକତା ବୃଦ୍ଧି, ବଜାର ସଂଯୋଗ, ଏବଂ ସାମୁହିକ ଉଦ୍ୟମର ଲାଭ ସମ୍ପର୍କରେ ଜ୍ଞାନ ଓ ଅନୁଭବ ସାଧନ କରିବା ପାଇଁ ବିଭିନ୍ନ ପଟଚିତ୍ର ଏବଂ ଚର୍ଚ୍ଚା ଆୟୋଜିତ ହୋଇଥିଲା।

ଶେଷରେ ଅଂଶଗ୍ରହୀତାମାନଙ୍କୁ ପ୍ରଶିକ୍ଷଣ ପୁସ୍ତିକା ପ୍ରଦାନ କରାଯାଇଥିଲା।




ଦିଗପହଣ୍ଡିର ଉଜ୍ଜଳେଶ୍ୱର କୃଷକ ଉତ୍ପାଦକ ଗୋଷ୍ଠୀର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ କୁମାର ପ୍ରଧାନଙ୍କୁ ଜିଲ୍ଲାର ଶ୍ରେଷ୍ଠ ପ୍ରଦର୍ଶନକାରୀ ଏଫପିଓ ଭାବରେ ପୁରସ୍କୃତ କରଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦେବାଶିଷ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ବୈଜ୍ଞାନିକ ଡ ସିଦ୍ଧାର୍ଥ ଶଙ୍କର ଦାସ, ସନ୍ଦୀପ ମହାନ୍ତି, ସସ୍ମିତା ପ୍ରିୟଦର୍ଶିନୀ ଓ ଅନ୍ୟ କର୍ମଚାରୀ ନିଶାରାଣି ପଣ୍ଡା , ଭକ୍ତ ରଞ୍ଜନ ପଲାଇ, ସୌଭାଗ୍ୟ ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଞ୍ଜାମରେ କିଆଫୁଲର ଅଭାବୀ ବିକ୍ରି

● ଉତ୍ପାଦନ ବଢୁଛି; ବନ୍ଦ ହେଉଛି ଭାଟି
● ଜାଣିଶୁଣି ଚାଷୀଙ୍କୁ କ୍ଷତି ପହଞ୍ଚାଉଛନ୍ତି ଭାଟି ମାଲିକ

ବ୍ରହ୍ମପୁର,୨୪।୧୦(ସମିସ)

କିଆଫୁଲ ଗଞ୍ଜାମର ପରିଚୟ। ଏହାର ମହକ ବିଶ୍ୱବିଦିତ। ଧାନ ଚାଷ ପରେ ଗଞ୍ଜାମ ଜିଲ୍ଲାବାସୀଙ୍କ ଅନ୍ୟତମ ପ୍ରମୁଖ ଚାଷ ହେଉଛି କିଆଫୁଲ। ଏବେ ଗଞ୍ଜାମରେ କିଆଫୁଲର ଅଭାବୀ ବିକ୍ରି ଦେଖାଦେଇଛି। ଚଳିତବର୍ଷ ଅତ୍ୟାଧିକ ମାତ୍ରାରେ କିଆଫୁଲ ଉତ୍ପାଦନ ହୋଇଥିବା ବେଳେ ଏହାର ଫାଇଦା ନେଇ କ୍ରେତାମାନେ ଚାଷୀଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଜିଲ୍ଲାପାଳ ଓ ସରକାର ହସ୍ତକ୍ଷେପ କରିବାକୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏନ୍ ଡ଼ମ୍ବୁରୁ ରେଡ଼ୀ ଦାବି କରିଛନ୍ତି। କିଆଫୁଲ ଅଭାବ ବିକ୍ରୟ ସମସ୍ୟାର ସମାଧାନ କରିବା ଏବଂ ଗଞ୍ଜାମ ଜିଲ୍ଲାର କିଆ ଚାଷୀମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବାରେ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଜିଲ୍ଲାର ଉପକୂଳବର୍ତ୍ତୀ ଛତ୍ରପୁର, ଗଞ୍ଜାମ, ରଙ୍ଗେଇଲୁଣ୍ଡା ଏବଂ ଚିକିଟିର ଚାଷୀମାନଙ୍କ ପ୍ରତି କିଆଫୁଲ ପ୍ରକୃତିର ଏକ ଉପହାର। ଏହି ବ୍ଲକ ଗୁଡ଼ିକର ପ୍ରାୟ ୧୧୦ଟି ଗାଁର ଚାଷୀମାନେ କିଆଫୁଲ ଚାଷରେ ନିୟୋଜିତ ଅଛନ୍ତି। କିଆଫୁଲ ଉତ୍ପାଦନ, ସଂଗ୍ରହ ଏବଂ ପ୍ରକ୍ରିୟାକରଣ ଗଞ୍ଜାମ ଜିଲ୍ଲାର ହଜାର ହଜାର ପରିବାର ପାଇଁ ଜୀବିକା ନିର୍ବାହର ଏକ ପ୍ରମୁଖ ଉତ୍ସ। ଏହି ଅଞ୍ଚଳରେ ପ୍ରାୟ ୨୨୦ ଗୋଟି ପ୍ରକ୍ରିୟାକରଣ ୟୁନିଟ୍ ରହିଛି। ଯାହାକୁ ସ୍ଥାନୀୟ ଭାଷାରେ ଭାଟି କୁହାଯାଏ। ଫୁଲରୁ କେଓଡା ରୁହ୍, କେଓଡା ତେଲ ଏବଂ କେଓଡା ପାଣି ବାହାର କରିବାରେ ନିୟୋଜିତ ଅଛନ୍ତି। ଏହି ଅଞ୍ଚଳର ପ୍ରାୟ ୧୧୦ଟି ଗାଁର ଚାଷୀମାନେ ତିନୋଟି ଗୋଷ୍ଠୀ (ମଣ୍ଡି)ରେ (ଆଗ୍ରହାମ ମଣ୍ଡି, କେଲୁଆପଲ୍ଲୀ ମଣ୍ଡି ଏବଂ ସିଦ୍ଧ ଭୈରବୀ ମଣ୍ଡି) ନାମରେ ସଂଗଠିତ ହେଇଛନ୍ତି। ଯାହା ଦ୍ୱାରା ଚାଷୀମାନଙ୍କ ମଧ୍ୟରେ ଏକତା ସହ ଭାଟି ମାଲିକମାନଙ୍କ ସହିତ ସମନ୍ୱୟରେ ସେମାନଙ୍କ ଫୁଲର ଉନ୍ନତ ବ୍ୟବସାୟିକ ସୂତ୍ର ବାହାର କରାଯାଇଥାଏ। ପ୍ରତ୍ୟେକ ମଣ୍ଡିର ଚାଷୀ ଏବଂ ପ୍ରକ୍ରିୟାକରଣ ୟୁନିଟ୍ ମାଲିକମାନେ ବର୍ଷକୁ ଥରେ ଏକାଠି ହୋଇ ସର୍ବସମ୍ମତିକ୍ରମେ ଫୁଲର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରନ୍ତି। ଯାହା ଚଳିତବର୍ଷ ପ୍ରତି ଫୁଲ ପାଇଁ ୩୩ ଟଙ୍କା ଧାର୍ଯ୍ୟ କରାଯାଇଛି। କିଆ ଉତ୍ପାଦ ସାମଗ୍ରୀର ପ୍ରମୁଖ ବ୍ୟବସାୟ କେନ୍ଦ୍ର ଗୁଡ଼ିକ ଉତ୍ତର ପ୍ରଦେଶର କନୌଜ, କାନପୁର, ଆଲିଗଡ଼ ଏବଂ ଲକ୍ଷ୍ନୌରେ ଅବସ୍ଥିତ। କିଆଫୁଲ ସାଧାରଣତଃ ବର୍ଷକୁ ତିନିଥର ଉତ୍ପାଦିତ ହୋଇଥାଏ। ପ୍ରତିବର୍ଷ ଅଗଷ୍ଟ ଏବଂ ସେପ୍ଟେମ୍ବରରେ ମାସରେ ସର୍ବାଧିକ ଉତ୍ପାଦନ ହୁଏ। ଯାହା ମୋଟ ଉତ୍ପାଦନର ପ୍ରାୟ ୭୦ପ୍ରତିଶତ। ବାକି ୩୦ପ୍ରତିଶତ ଗ୍ରୀଷ୍ମ ଏବଂ ଶୀତ ଋତୁରେ ହୁଏ।



ଅଗଷ୍ଟ ଏବଂ ସେପ୍ଟେମ୍ବର ପ୍ରାଥମିକ ଋତୁରେ କିଆଫୁଲ ଅଧିକ ଉତ୍ପାଦନ ହୋଇଥିଲା। ଫଳରେ ଭାଟି ମାଲିକମାନେ ଦ୍ୱିତୀୟ ଫସଲକୁ ଅପେକ୍ଷା ନକରି, ସେମାନଙ୍କର ଉତ୍ପାଦନ ଲକ୍ଷ୍ୟ ପୂରଣ କରିସାରି ଭାଟି ବନ୍ଦ କରି ଦେଇଥିଲେ।

ଦୀପାବଳୀ ସମୟରେ ସାଧାରଣତଃ ଉତ୍ତରପ୍ରଦେଶ ମାଲିକମାନେ ଏଠାରେ ଭାଟି ବନ୍ଦ କରିଥାନ୍ତି। ବର୍ତ୍ତମାନ, କେବଳ ସ୍ଥାନୀୟ ଉଦ୍ୟୋଗୀମାନେ ଫୁଲ ପ୍ରକ୍ରିୟାକରଣ କରୁଛନ୍ତି। ଏବଂ ଉତ୍ତରପ୍ରଦେଶର ପ୍ରମୁଖ ଭାଟି ମାଲିକମାନେ ସେମାନଙ୍କର ୟୁନିଟ୍ ବନ୍ଦ କରିଛନ୍ତି।

ଏହି ସମସ୍ତ କାରଣ ଯୋଗୁଁ କିଆ ଫୁଲର ଅଭାବୀ ବିକ୍ରି ଦେଖାଦେଇଛି। ବିଭିନ୍ନ ଆଳ ଦେଖାଇ ଭାଟି ମାଲିକମାନେ ଏବେ ଚାଷୀମାନଙ୍କ ସହିତ ଅନ୍ୟାୟ ଭାବରେ ସୌଦା କରୁଛନ୍ତି। କିଛି ମଣ୍ଡିରେ ଦୁଇଟି ଫୁଲକୁ ଗୋଟିଏ ଗଣତି ଏବଂ ଅନ୍ୟ ଭାଟି ଗୁଡ଼ିକରେ ତିନୋଟି ଫୁଲକୁ ଗୋଟିଏ ୟୁନିଟ୍ ଭାବରେ ଗଣନା କରୁଛନ୍ତି। ଏହିପରି ପ୍ରକୃତ ଫୁଲ ଦରର କେବଳ ଅଧା କିମ୍ବା ଏକ ତୃତୀୟାଂଶ ପ୍ରଦାନ କରୁଛନ୍ତି। କୌଣସି ବିକଳ୍ପ ଉପଲବ୍ଧ ନଥିବାରୁ, ଚାଷୀମାନେ ନିମ୍ନ ଦରରେ ସେମାନଙ୍କର ଫୁଲ ବିକ୍ରୟ କରିବାକୁ ବାଧ ହେଉଛନ୍ତି। କିଆଫୁଲ ଉତ୍ପାଦନର କିଛି ସମୟ ମଧ୍ୟରେ ପ୍ରକ୍ରିୟାକରଣ ନହେଲେ ନଷ୍ଟ ହୋଇଯାଏ। କିନ୍ତୁ କିଆ ଉତ୍ପାଦ ସାମଗ୍ରୀ ନଷ୍ଟ ହୁଏନାହିଁ। ଯଦି ଭାଟି ମାଲିକ ମାନଙ୍କର ଚାଷୀଙ୍କ ପ୍ରତି ଟିକିଏ ବି ଦରଦ ଥାଆନ୍ତା, ତେବେ ସେମାନେ ବନ୍ଦ ୟୁନିଟ୍ ଗୁଡ଼ିକୁ ତୁରନ୍ତ ଖୋଲି ପାରିଥାନ୍ତେ। କିନ୍ତୁ ଏଦିଗ ପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଏହା କିଛି ଭାଟି ମାଲିକଙ୍କ ଦ୍ୱାରା ଚାଷୀମାନଙ୍କୁ ଆର୍ଥିକ ଏବଂ ମାନସିକ ଭାବେ ଦୁର୍ବଳ କରିଛି। ଯଦି କିଆଫୁଲର ଅଭାବୀ ବିକ୍ରି ଧାରା ଜାରି ରହେ, ତେବେ ଏହା ଗଞ୍ଜାମରେ ଚାଷୀମାନଙ୍କୁ ଯଥେଷ୍ଟ ଆର୍ଥିକ କ୍ଷତି ପହଞ୍ଚାଇବ। ଏଣୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ସରକାର ଏଥିରେ ହସ୍ତକ୍ଷେପ କରି ଚାଷୀଙ୍କ ଆର୍ଥିକ ଶକ୍ତି ମଜବୁତ କରିବାକୁ ଭାଟି ମାଲିକ ମାନଙ୍କୁ ବନ୍ଦ ୟୁନିଟ୍ ଗୁଡ଼ିକୁ ତୁରନ୍ତ ଖୋଲିବା ଏବଂ ଫୁଲ ସଂଗ୍ରହ ଏବଂ ପ୍ରକ୍ରିୟାକରଣ ପୁନଃ ଆରମ୍ଭ କରିବା ପାଇଁ କଠୋର ନିର୍ଦ୍ଦେଶ ଦେବାକୁ ଡ଼ମ୍ବୁରୁ ରେଡ଼ୀଙ୍କ ସମେତ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି।

୨୪/୧୦/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୨୯,୮୧୧/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



# ଇଣ୍ଡିଆ ବୁକ ଅଫ୍ ରେକର୍ଡରେ କୁନି ଝିଅ ସମନ୍ୱିତା

ପୁରୀ,୨୪।୧୦(ସମିସ): ପ୍ରତିଭା ପ୍ରସ୍ଫୁଟିତ ହେବା ପାଇଁ କୌଣସି ବାଧା କେବେ ପ୍ରତିବନ୍ଧକ ସାଜିପାରେ ନାହିଁ। ସେହିପରି ବୟସ ମଧ୍ୟ ଏଥିରେ ବାଧକ ହୁଏ ନାହିଁ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ୨ ବର୍ଷ ୭ମାସର କୁନି ଝିଅ ସମନ୍ୱିତା ଦାସ। ପୁରୀ ଚକ୍ରତୀର୍ଥ ରୋଡ ନୂଆସାହିର ଶିବପ୍ରସାଦ ଦାସ ଓ ମନସ୍ମିତା ମହାନ୍ତିଙ୍କ ଝିଅ ସମନ୍ୱିତା ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସମନ୍ୱିତା ୮୫ଟି ଇଂରାଜୀ ବିପରୀତ ଶବ୍ଦ, ଭାରତର ରାଜ୍ୟର ରାଜଧାନୀ ନାମ, ଭାରତର ୯ଟି ପଡୋଶୀ ଦେଶର ନାମ, ୭ଟି ମହାଦେଶ, ୫ଟି ମହାସାଗର, ୮ଟି ଗ୍ରହ, ଭାରତର ଜାତୀୟ ସଙ୍ଗୀତ, ୨୦ଟି ଜାତୀୟ ସଙ୍କେତ, ଭାରତର ବିଭିନ୍ନ ରାଜ୍ୟର ନୃତ୍ୟର ନାମ ପରି ବହୁତ କିଛି ମନେ ରଖି ଅନର୍ଗଳ କହି ପାରୁଛନ୍ତି। ଝିଅର ଏମିତି ପ୍ରତିଭା ଦେଖି ବାପା ଶିବପ୍ରସାଦ ଗତ ସେପ୍ଟମ୍ବର ୩ ତାରିଖରେ ଅନ୍‌ଲାଇନ ଜରିଆରେ ଇଣ୍ଡିଆ ବୁକ୍ ଅଫ ରେକର୍ଡ଼ରେ ନିଜ ଝିଅର ଦକ୍ଷତାକୁ ନେଇ ୨୦ଟି ଭିଡିଓ ଅପ୍‌ଲୋଡ଼ କରି ଆବେଦନ କରିଥିଲେ। ଏହି ସମୟରେ ବଛାଯାଇଥିବା ୧୨୦ଟି ସାଧାରଣ ଜ୍ଞାନ, ମଣିଷ ଶରୀରର ୩୨ଟି ଅଙ୍ଗ, ୮ଟି ଗ୍ରହ, ରାଜ୍ୟ ରାଜଧାନୀ ନାମ, ଜିଲ୍ଲାର ନାମ ସହ, ୨ମିନିଟରୁ କମ୍ ସମୟରେ ୮୫ଟି ଇଂରାଜୀର ବିପରୀତ ଶବ୍ଦ, ଇଂରାଜୀକୁ ନାମ ସହିତ ଋତୁ, ବର୍ଷ, ମାସ, ସପ୍ତାହ, ମହାଦେଶ, ମହାସାଗର ଆଦି ପ୍ରଶ୍ନର ସଠିକ ଉତ୍ତର ରଖିଥିବାରୁ ତାଙ୍କୁ ଇଣ୍ଡିଆ ବୁକ ଅଫ୍ ରେକର୍ଡ ପାଇଁ ମନୋନୀତ କରାଯାଇଥିଲା। ପରେ ତାଙ୍କ ଘର ଠିକଣାରେ ଇଣ୍ଡିଆ ବୁକ ଅଫ୍ ରେକର୍ଡର ମାନପତ୍ର, ପରିଚୟ ପତ୍ର ଓ ମେଡାଲ ଆଦି ପଠାଯାଇଛି।



# ପୁରୀ ବନଖଣ୍ଡରେ ଅଲିଭ୍‌ରିଡ୍‌ଲେଙ୍କ ପ୍ରଥମ ଅଣ୍ଡାଦାନ

## ନୟରା ନିକଟ ସମୁଦ୍ର କୂଳରେ ଦେଲେ ୧୨୪ ଅଣ୍ଡା

ପୁରୀ,୨୪।୧୦(ସମିସ)

ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ସମୟକୁ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଭାବେ ଧରାଯାଏ । ହେଲେ ଏ ବର୍ଷ ପ୍ରଜନନ ଋତୁ ପୂର୍ବରୁ ପୁରୀ ଉପକୂଳରେ ଅଲିଭ୍‌ରିଡ୍‌ଲେଙ୍କ ଉପସ୍ଥିତ ଦେଖିବାକୁ ମିଳିଲାଣି। କେବଳ ଦେଖାଯାଇ ନାହାନ୍ତି, ପୁରୀ ବନଖଣ୍ଡ ଅଞ୍ଚଳରେ ପ୍ରଥମକରି ଅଣ୍ଡାଦାନ ମଧ୍ୟ କଲେଣି। ଶୁକ୍ରବାର ସକାଳେ କୋଣାର୍କ ରେଞ୍ଜ ଅନ୍ତର୍ଗତ ଚିତ୍ରେଶ୍ୱରୀ ପିଆରଏଫର ନୟରା ନିକଟ ସମୁଦ୍ର କୂଳ ବାଲିରେ ଗୋଟିଏ କଇଁଛ ୧୨୪ଟି ଅଣ୍ଡାଦାନ କରିଥିଲା। ଏହି ଅଣ୍ଡାକୁ ସଂଗ୍ରହ କରାଯାଇ ନିକଟସ୍ଥ କଅଁରପୁର କୃତ୍ରିମ ହାଚେରୀରେ ସୁରକ୍ଷିତ ଭାବେ ପୋତି ଦିଆଯାଇଛି। ଅନ୍ୟପକ୍ଷରେ ପ୍ରଜନନ ଋତୁ ପୂର୍ବରୁ ବେଳାଭୂମିରେ ମଲା କଇଁଛ ଲାଗିବା ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପ୍ରକୃତିବନ୍ଧୁ।

ପ୍ରାୟ ପ୍ରତିବର୍ଷ ନଭେମ୍ବର ଆରମ୍ଭରୁ ଅଲିଭରିଡ୍‌ଲେ ଓଡିଶା ଉପକୂଳକୁ ଆସିବା ଆରମ୍ଭ କରିଥାନ୍ତି। ହେଲେ ପ୍ରାୟ ୫ ବର୍ଷ ହେବ ଗୋଟିଏ କଇଁଛ ଆଗୁଆ ଆସି ଅକ୍ଟୋବର ୧୫ରୁ ୨୦ ତାରିଖ ଭିତରେ କେଲୁଣୀ ମୁହାଣ ନିକଟରେ ଅଣ୍ଡା ଦେଇଥାଏ। ଚଳିତବର୍ଷ ମଧ୍ୟ ଏହି କଇଁଛ ଅଣ୍ଡା ଦେଇଥିବାବେଳେ ତା' ଅଣ୍ଡା ସଂଗ୍ରହ ହୋଇପାରି ନ ଥିଲା, ଯାହାକୁ ବିଲୁଆ, କୁକୁର ଖାଇଦେଇଥିବା କୁହାଯାଉଛି। ତେବେ ଶୁକ୍ରବାର ସକାଳେ ଗୋଟିଏ କଇଁଛ ଚିତ୍ରେଶ୍ୱରୀ ପିଆରଏଫ୍‌ର ନୟରା ନିକଟ ସମୁଦ୍ର କୂଳ ବାଲିରେ ଅଣ୍ଡାଦାନ କରିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଜଣେ ଅସ୍ଥାୟୀ ବନ କର୍ମଚରୀ ପହଞ୍ଚି ୧୨୪ଟି ଅଣ୍ଡା ସଂଗ୍ରହ କରିଥିଲେ। ସେହି ଅଣ୍ଡାକୁ କଅଁରପୁର କୃତ୍ରିମ ହାଚେରୀରେ ସୁରକ୍ଷିତ ଭାବେ ପୋତି ଦିଆଯାଇଛି।





### ସଂଗ୍ରହ ପରେ କଅଁରପୁର କୃତ୍ରିମ ହାଚେରୀରେ ରଖାଗଲା

### ତଣ୍ଡାହାର ନିକଟ ବେଳାଭୂମିରେ ୨ ମଲା କଇଁଛ

ଅନ୍ୟପକ୍ଷରେ ଦୁଇଦିନ ହେବ ତଣ୍ଡାହାର ନିକଟ ବେଳାଭୂମିରେ ୨ଟି ମଲା କଇଁଛ ଆସି ଲାଗିଛନ୍ତି। କଇଁଛଙ୍କ ଆଗମନ ଆରମ୍ଭରୁ ସେମାନଙ୍କ ମୃତ୍ୟୁ ହେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସେଭ୍ କୋଷ୍ଟାଲ ଲାଇଫ୍‌ର ସ୍ୱେଚ୍ଛାସେବୀ ପ୍ରକୃତି ବନ୍ଧୁ ସରୋଜ କୁମାର ଜେନା। ସେ କହିଛନ୍ତି, ପ୍ରଜନନ ରିତୁ ପୂର୍ବରୁ ଯେଉଁଭଳି ଉପକୂଳ ସଫା ହେବା କଥା ତାହା ହୋଇନାହିଁ। ବିଶେଷକରି କୋଣାର୍କ ରେଞ୍ଜର କେଲୁଣୀ ମୁହାଣ ଓ ଅସ୍ତରଙ୍ଗର ଦେବୀନାସୀ ବେଳାଭୂମିକୁ ସାମୁଦ୍ରିକ କଇଁଛମାନେ ଗଣ ଅଣ୍ଡାଦାନ ପାଇଁ ଆସିଥାନ୍ତି। କିନ୍ତୁ ଏହି ବେଳାଭୂମିକୁ ଏ ପର୍ଯ୍ୟନ୍ତ ବନ ବିଭାଗ ସଫା କରିନାହିଁ। ଗତ କିଛିବର୍ଷ ହେବ ଯେହେତୁ ଅକ୍ଟୋବର ମାସରେ କଇଁଛମାନେ ଅଣ୍ଡାଦାନ ପାଇଁ ଆସୁଛନ୍ତି ତେଣୁ ଅକ୍ଟୋବର ମାସରୁ ବନ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବା ଦରକାର। ଏତଦ୍‌ବ୍ୟତୀତ କଇଁଛଙ୍କ ସୁରକ୍ଷା ପାଇଁ ଦେବିନାସୀଠାରୁ ନୂଆନଈ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଛଧରା ନିଷିଦ୍ଧ କରାଯାଉ। ଉପକୂଳରେ ଡ୍ରୋନ ଉଡ଼ିବା ଉପରେ କଟକଣା ଲଗାଯାଉ। ସେହିପରି ବିଭିନ୍ନ ସ୍ଥାନରେ ଫଳକ ମାଧ୍ୟମରେ ସଚେତନ ବାର୍ତ୍ତା ଉଲ୍ଲେଖ କରାଯାଉ। ଏହାଦ୍ୱାରା ସାମୁଦ୍ରିକ କଇଁଛମାନେ ନିରାପଦରେ ଅଣ୍ଡାଦାନ କରିବେ ବୋଲି ପ୍ରକୃତିବନ୍ଧୁ ଶ୍ରୀ ଜେନା କହିଛନ୍ତି।

# ସମାଜ ପାଇଁ ସାଇବର ଅପରାଧ ଏକ ବଡ଼ ଆହ୍ୱାନ

ପୁରୀ,୨୪।୧୦(ସମିସ): ଆଗେ ଚୋରି, ଡକାୟତି ବା ଅପରାଧ ପାଇଁ ଘଟଣାସ୍ଥଳରେ ଅପରାଧୀମାନଙ୍କୁ ଉପସ୍ଥିତ ରହିବାକୁ ପଡୁଥିଲା। କିନ୍ତୁ ବର୍ତ୍ତମାନ ସାଇବର ଅପରାଧ ମାଧ୍ୟମରେ ବିଶ୍ୱର ଯେ କୌଣସି ସ୍ଥାନରୁ ଆଖି ପିଛୁଳାକେ ଠକେଇ କରିହେଉଛି। କେବଳ ବ୍ୟାପକ ସଚେତନତା ଏହାକୁ ରୋକିପାରିବ ବୋଲି ଆହ୍ୱାନ ଦେଇଛନ୍ତି ସାଂସଦ ଡା. ସମ୍ବିତ ପାତ୍ର। ଶୁକ୍ରବାର ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ ଡା. ପାତ୍ର ସାଇବର ଅପରାଧୀମାନେ ପ୍ରତି ମୁହୂର୍ତ୍ତରେ ସେମାନଙ୍କ ଜାଲ ବିଛାଇ, ମିଥ୍ୟା ପ୍ରଲୋଭନ ଦେଖାଇ ବ୍ୟକ୍ତି ବିଶେଷଙ୍କୁ ଲୁଟି ନେବାର ପ୍ରୟାସ କରୁଛନ୍ତି। ଏଥିପାଇଁ ସରକାର, ପୁଲିସ ପ୍ରଶାସନ ଲୋକମାନଙ୍କୁ ସଚେତନ କରାଉଛନ୍ତି। ତେବେ କମ୍ ସମୟରେ ଅଧିକ ଲାଭବାନ ଲୋଭରେ ସାଧାରଣ ବା ଶିକ୍ଷିତ ଲୋକ ଠକେଇର ଶିକାର ହେଉଛନ୍ତି। ସରକାର ସଚେତନ କରିବା ସହ ୧୯୩୦ ହେଲ୍ପ ଲାଇନ ନମ୍ବର ମାଧ୍ୟମରେ ସତର୍କ କରାଉଛନ୍ତି। ତେଣୁ କୌଣସି ଲୋଭର ବଶବର୍ତ୍ତୀ ନ ହୋଇ ବା ଅଜଣା ଆପ୍, ଫ୍ରଡ୍ କଲ୍, ମେସେଜ୍‌କୁ ଗ୍ରହଣ ନ କରି ତାହାର ସତ୍ୟାସତ୍ୟ ଯାଞ୍ଚ କରି ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ସଚେତନତା ହିଁ ସତର୍କତା ବୋଲି କହିବା ସହ ସାଇବର ଅପରାଧ ଦ୍ରୁତ ଗତିରେ ଘଟୁଥିବାରୁ ଇଣ୍ଟରନେଟ୍ ବ୍ୟବହାର କରୁଥିବା ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ସତର୍କ ଭାବେ ଏହାକୁ ପରିଚାଳନା କରିବାକୁ କହିଥିଲେ।

ଏସ୍‌ପି ପ୍ରତୀକ ସିଂ, ଉପଜିଲ୍ଲାପାଳ ରାଜ କିଶୋର ଜେନା ସାଇବର ଅପରାଧ ବିଶ୍ୱର ଯେ କୌଣସି ସ୍ଥାନରୁ ଅପରାଧୀମାନେ ନିୟନ୍ତ୍ରଣ କରୁଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ତେଣୁ ସତର୍କ ଓ ସଚେତନ ରହିବା ସହ କିଛି ଘଟିଗଲେ ତୁରନ୍ତ ପୋଲିସ ଓ ସାଇବର ଥାନାର ସହାୟତା ନେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡା. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ସଦର ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ ସମସ୍ତଙ୍କୁ ସ୍ୱାଗତ ସହ ବିଷଦ ବିବରଣୀ ମାଧ୍ୟମରେ ସାଇବର ଅପରାଧ ସମ୍ପର୍କରେ ସୂଚନା ଦେଇଥିଲେ। ବିଗତ ବର୍ଷ ସାଇବର ଅପରାଧୀମାନେ ୨୨,୮୪୫ କୋଟି ଟଙ୍କା ସାଧାରଣ ଲୋକ ମାନଙ୍କଠାରୁ ଲୁଟି ନେଇଥିଲେ। ସାଇବର ଅପରାଧରୁ ଦୂରେଇ ରହିବା ପାଇଁ ଲୋକ ମାନଙ୍କୁ ସଚେତନ ପାଇଁ ସରକାର ୨୨ ହଜାର କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୪ଟି ସାଇବର ଥାନା କାର୍ଯ୍ୟକ୍ଷମ ଥିବାବେଳେ ଆଉ ୨୦ ଗୋଟି ଖୋଲିବା ବ୍ୟବସ୍ଥା ରହିଛି ବୋଲି ସେ କହିଥିଲେ। ଅତିଥିମାନେ ସାଇବର ସଚେତନତା ଶପଥ ପାଠ ସମସ୍ତଙ୍କୁ କରାଇଥିବାବେଳେ ସଚେତନତା ବାର୍ତ୍ତାର ଲିଫଲେଟ ଉନ୍ମୋଚନ କରିଥିଲେ। ଏହି ଅବସରରେ ସଚେତନତା ରଥ ଜିଲ୍ଲା ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଇବାର ବ୍ୟବସ୍ଥା କରାଯାଇଛି। ଶେଷରେ କାନରା ବ୍ୟାଙ୍କର ଡିଜିଏମ୍ ଶରତ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ, ଦେବୀ ଶଙ୍କର ପ୍ରତାପ, ସଚିନ ପଟେଲଙ୍କ ସମେତ ବିଭିନ୍ନ ଥାନାର ଆଇଆଇସି ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ।




## ଦିବ୍ୟାଙ୍ଗ ଭକ୍ତଙ୍କୁ ଦର୍ଶନରେ ସହଯୋଗ କଲା କୁମାର ଉତ୍ସବ ସମିତି

# ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

ପୁରୀ,୨୪।୧୦(ସମିସ): ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଛନ୍ତି। ସେମାନଙ୍କ ଭିତରେ ଅନେକ ଭକ୍ତ ଅଛନ୍ତି ଯେଉଁମାନେ ଦିବ୍ୟାଙ୍ଗ। କିଏ ଚାଲିବାକୁ ସକ୍ଷମ ନଥାନ୍ତି ତ ପୁଣି କାହାର ଦୃଷ୍ଟିଶକ୍ତି କମ୍ ଥାଏ। ତେଣୁ ଏମାନଙ୍କୁ ଦର୍ଶନରେ ନିଶ୍ଚିତ ସହଯୋଗ ଲୋଡା। ହେଲେ ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦିବ୍ୟାଙ୍ଗମାନଙ୍କ ଦର୍ଶନ ପାଇଁ ସେଭଳି କିଛି ସ୍ଥାୟୀ ସୁବିଧା ଉପଲବ୍ଧ କରାଯାଇ ପାରିନାହିଁ। ପ୍ରତ୍ୟେକ ଦିନ ଏମିତି କିଛି ଦିବ୍ୟାଙ୍ଗ ଭକ୍ତଙ୍କୁ ପୁଲିସ, ସ୍ୱେଚ୍ଛାସେବୀ ଏବଂ ନିଜ ସମ୍ପର୍କୀୟମାନେ ସହଯୋଗ କରିଆସୁଛନ୍ତି। ଏହି କ୍ରମରେ ଶୁକ୍ରବାର ଜଣେ ଦିବ୍ୟାଙ୍ଗ ଭକ୍ତଙ୍କୁ ଦର୍ଶନରେ ସହଯୋଗ କରିଛି କୁମାର ଉତ୍ସବ ସମିତି। ବାଲେଶ୍ୱର ଜିଲ୍ଲାର ବିଜୟ ମହାରଣାଙ୍କୁ ପୁଲିସ ସହଯୋଗରେ ମହାପ୍ରଭୁଙ୍କ ଦର୍ଶନ କରାଇଛନ୍ତି ସମିତି ସଦସ୍ୟ। ଏଥିପାଇଁ କୁମାର ଉତ୍ସବ ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପୁରୀ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି। ଶୀଘ୍ର ଦିବ୍ୟାଙ୍ଗ ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ଏହାଦ୍ୱାରା ସେମାନେ ସହଜ ଓ ସମ୍ମାନର ସହ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ରାଜ୍ୟ ସରକାର, ଶ୍ରୀମନ୍ଦିର ପରିଚାଳନା କମିଟି ଓ ମନ୍ଦିର ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ପଣ୍ଡା।

## ● ଭିତରକାଠରେ ରକ୍ତ

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୪।୧୦(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ରକ୍ତ ଛିଟା ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଛି। ବର୍ତ୍ତମାନ ଚାଲିଛି କାର୍ତ୍ତିକ ମାସ। ଶ୍ରୀମନ୍ଦିରରେ ଦୈନନ୍ଦିନ ନୀତିକାନ୍ତି ସହ ସ୍ୱତନ୍ତ୍ର ନୀତି ବି କରାଯାଉଛି। ତେଣୁ ନୀତିକାନ୍ତି ଯେପରି ନିର୍ଘଣ୍ଟ ସମୟରେ ହେବ ତା' ଉପରେ ଗୁରୁତ୍ୱ ଦେଉଛି ମନ୍ଦିର ପ୍ରଶାସନ। ତେଣୁ ଶୁକ୍ରବାର ଭୋର ୫ଟା ୫ରେ ଦ୍ୱାର ଫିଟାଯାଇ ନୀତିକାନ୍ତି ଚାଲିଥିଲା। ସନ୍ଧ୍ୟା ୬ଟା ୨୦ରେ ଦ୍ୱିତୀୟ ଭୋଗ ମଣ୍ଡପ ସରି ମଇଲମ କରାଯାଇଥିଲା। ଏହି ସମୟରେ ଭିତରକାଠରେ ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତିକୁ ଅଟକାଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡିଥିଲା। ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ପୂଜା ବଢିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ପୁନଶ୍ଚ ଯେଉଁଠାରେ ନୀତି ଅଟକା ଯାଇଥିଲା ସେହିଠାରୁ ଆରମ୍ଭ କରାଯାଇଥିଲା। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ ଘଣ୍ଟାରୁ ଉର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।



# ପୋଷ୍ଟ ଅଛି; ନାହାନ୍ତି ଟ୍ରାଫିକ୍ କର୍ମଚାରୀ

## ଯମଯନ୍ତ୍ରଣା ଭୋଗୁଛନ୍ତି ଲୋକେ

ପୁରୀ,୨୪।୧୦(ସମିସ):

ଟ୍ରାଫିକ ପୋଷ୍ଟ ଅଛି, ହେଲେ ଟ୍ରାଫିକ ପୁଲିସ ସେଠାରେ ଡ୍ୟୁଟି କରୁନାହାନ୍ତି। ଫଳରେ ବିଭିନ୍ନ ସମୟରେ ସେଠାରେ ଟ୍ରାଫିକ ଜାମ୍ ହେଉଛି। ବିଶେଷକରି କୌଣସି ଟ୍ରେନ୍ ପହଞ୍ଚିବା ପରେ ସେହି ଛକରେ ଜାମ୍ ଏମିତି ହେଉଛି ଯେ, ଲୋକେ ଏକପ୍ରକାର ଯମଯନ୍ତ୍ରଣା ଭୋଗୁଛନ୍ତି। ଘୋଡ଼ାବଜାର ଛକ (ଷ୍ଟେଶନ ସମ୍ମୁଖ)ରେ ଏକ ଟ୍ରାଫିକ ପୋଷ୍ଟ ରହିଛି। ଏହି ଛକରେ ଚାରି ପଟକୁ ରାସ୍ତା ପଡ଼ିଛି। ଶ୍ରୀକ୍ଷେତ୍ର କଲୋନୀ, ମହିଳା ମହାବିଦ୍ୟାଳୟ, କମଳାଦେବୀ ମାତୃମଙ୍ଗଳ ଏବଂ ରେଡକ୍ରସ ରୋଡକୁ ଏହିଭଳି ଚାରି ପଟକୁ ଯୋଗାଯୋଗ ଥିବାରୁ ଅଧିକାଂଶ ସମୟ ଏଠାରେ ଗାଡିମୋଟର ଜାମ୍ ହୋଇଥାଏ। ଯେତେବେଳେ କୌଣସି ଟ୍ରେନ୍ ଲାଗେ ଏବଂ ଯାତ୍ରୀ ଓହ୍ଲାଇ ଅଟୋ କିମ୍ବା ଚାଲି ଚାଲି ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯାତ୍ରା କରନ୍ତି ସହି ସମୟରେ ଏହି ଛକରେ ଯିବାଆସିବା ଏକପ୍ରକାର କାଠିକର ପାଠ ହୋଇପଡେ। ଟ୍ରାଫିକ ପୋଷ୍ଟରେ କୌଣସି ପୁଲିସ ରହୁ ନ ଥିବାରୁ ଯିଏ ଯେଉଁଆଡେ ଚାହିଁଲା ସେହି ବାଟେ ଗାଡି ପୂରାଇ ଦେବାରୁ ଜାମ୍ ସ୍ଥିତି ଅଧିକ ସଙ୍ଗୀନ ହୋଇପଡ଼େ। ଏମିତି କି ଦିନେ ଦିନେ ଜାମ୍ କ୍ଲିୟର ହେବା ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗିଯାଏ। ଅନେକ ସମୟରେ ସ୍ଥାନୀୟ ଲୋକେ ଟ୍ରାଫିକ ପରିଚାଳନା ମଧ୍ୟ କରିଥାନ୍ତି। ତୁରନ୍ତ ଏହି ପୋଷ୍ଟର ଟ୍ରାଫିକ ପୁଲିସ ନିୟୋଜିତ କରି ଯାତାୟାତକୁ ସୁବ୍ୟବସ୍ଥିତ କରିବା ପାଇଁ ଦାବି କରିଛନ୍ତି ଯୁବ ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପଣ୍ଡା।

# ତମାଖୁ ଦୋକାନରେ ଚଢ଼ଉ କେବଳ ଲୋକ ଦେଖାଣିଆ

ପୁରୀ,୨୪।୧୦(ସମିସ): ବାରମ୍ବାର ତାଗିଦ ସତ୍ତ୍ୱେ କୋଟପା ଆଇନର ଧାରା ୬(ଖ) ଉଲ୍ଲଂଘନ କରି ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରି ବେଧଡ଼କ ଚାଲିଛି। ଏ ନେଇ ଶୁକ୍ରବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସହକାରୀ ପରିଚାଳିକା ଅନୀତା ଦାସ, ଡ୍ରଗ୍ସ ଇନ୍ସପେକ୍ଟର ଜ୍ଞାନଦା ଶଙ୍କର ନନ୍ଦ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ, ଅବକାରୀ ବିଭାଗର ଅଧିକାରୀ ସୟଦ ନୁମାନ ରହିମ, ମାନସ ରଞ୍ଜନ ମିଶ୍ର ଓ ଜଗନ୍ନାଥ ଦାସ, ପୁଲିସ ବିଭାଗର ଅଧିକାରୀ ପୁନମ୍ ଲରାଙ୍ଗ ଓ ସୁବ୍ରତ ସାହୁ ପୁରୀର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟ ଦୋକାନ ଉପରେ ମିଳିତ ଚଢାଉ କରି ଜରିମାନା ଆଦାୟ କରିଛନ୍ତି। ତେବେ ତମାଖୁ ଦୋକାନରେ ଚଢାଉ କେବଳ ଲୋକ ଦେଖାଣିଆ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଶିକ୍ଷାନୁଷ୍ଠାନ, ମନ୍ଦିର ନିକଟରେ ମାଳ ମାଳ ଦୋକାନରେ ତମାଖୁ ବିକ୍ରି ହେଉଛି। ହେଲେ କାଁ ଭାଁ ଚଢ଼ଉ କରି ଜରିମାନା ଆଦାୟ କରି ଦେବା ପରେ ଅଧିକାରୀମାନେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଦେଲେ ଭାବି ଚୁପ୍ ରହିଯାଉଛନ୍ତି। ଫଳରେ ଏହି ବେଆଇନ ତମାଖୁ ବିକ୍ରି ପରିମାଣ ବଢ଼ିବାରେ ଲାଗିଛି।



## ସାଇବର ଅପରାଧ ଓ ପର୍ଯ୍ୟଟକଙ୍କ ସୁରକ୍ଷା ସମ୍ପର୍କିତ ବୈଠକ

# ନିୟମାବଳୀ ପାଳନ କରିବାକୁ ପରାମର୍ଶ

ପୁରୀ,୨୪।୧୦(ସମିସ)

ପୁରୀ ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ ସହର। ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ ସାଇବର ଅପରାଧ ରୋକିବା ନେଇ ପୁରୀ ପୁଲିସ ହୋଟେଲିୟରଙ୍କୁ ସଚେତନ କରିଛି। ଏ ନେଇ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ପର୍ଯ୍ୟଟନ ଋତୁକୁ ନଜରରେ ରଖି ପୁଲିସ ପକ୍ଷରୁ ସମସ୍ତ ହୋଟେଲ ମାଲିକ, ପରିଚାଳକ ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ନେଇ ବୈଠକ କରାଯାଇଛି। ବିଶେଷକରି ପର୍ଯ୍ୟଟକଙ୍କ ସୁରକ୍ଷା, ହୋଟେଲରେ ଶୃଙ୍ଖଳା ଏବଂ ଅନ୍‌ଲାଇନ ଠକେଇ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏଥିରେ ହୋଟଲଗୁଡ଼ିକ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶମାନ ଦିଆଯାଇଛି। ଏହାକୁ ପାଳନ କଲେ ପର୍ଯ୍ୟଟକ ସୁରକ୍ଷିତ ରହିବା ସହ ହୋଟେଲରେ ଶୃଙ୍ଖଳା ଆସିପାରିବ ଏବଂ କେହି ସାଇବର ଅପରାଧ ରୋକିହେବ ବୋଲି କୁହାଯାଇଛି।

ପ୍ରତ୍ୟେକ ହୋଟେଲର ପ୍ରବେଶ ଦ୍ୱାର, କରିଡର, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ସିସିଟିଭି ଫୁଟେଜ୍‌କୁ ଅତି କମ୍‌ରେ ୩୦ ଦିନ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବା ପାଇଁ କୁହାଯାଇଛି। ସମସ୍ତ ହୋଟେଲ ବୈଧ ଫାୟାର ସେଫ୍ଟି ଓ ଇଲେକ୍ଟ୍ରିକାଲ ସେଫ୍‌ଟି ସାର୍ଟିଫିକେଟ ରଖିବେ। ହୋଟେଲର ପ୍ରତ୍ୟେକ କର୍ମଚାରୀଙ୍କୁ ନିରୀକ୍ଷଣ କରିବାକୁ କୁହାଯାଇଛି। ପ୍ରତିଦିନ ଅତିଥି ତାଲିକା (ଲଗ୍ ବୁକ) ରଖିବା ସହିତ ଅଧାର ସଂଖ୍ୟା ଓ ଯୋଗାଯୋଗ ନମ୍ବର ରଖିବା ଜରୁରୀ। ଅଭିଭାବକ ବିନା କୌଣସି ଅପ୍ରାପ୍ତ ବୟସ୍କ (ମାଇନର) ଅତିଥିଙ୍କୁ ରଖାଯିବ ନାହିଁ। ଚେକ୍-ଇନ ସମୟରେ ଯଦି କୌଣସି ଅତିଥିଙ୍କ ଉପରେ ସନ୍ଦେହ ଆସେ ସଙ୍ଗେ ସଙ୍ଗେ ସ୍ଥାନୀୟ ଆଇଆଇସିଙ୍କୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ବିଦେଶୀ ନାଗରିକ ହୋଟେଲରେ ରହନ୍ତି ତେବେ ତାଙ୍କ ସୂଚନା ଏଫ୍‌ଆରଓ ମାଧ୍ୟମରେ ଏସ୍‌ପି ଅଫିସକୁ ପଠାଇବା ପାଇଁ କୁହାଯାଇଛି। ପ୍ରତ୍ୟେକ ହୋଟେଲ ମାଲିକ ନିଜ ହୋଟେଲ ନାମରେ ନକଲି ୱେବସାଇଟ କିମ୍ବା ଅନ୍‌ଲାଇନ ଲିଷ୍ଟିଂ ଥିଲେ ନିୟମିତ ଭାବେ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ଠକେଇ ୱେବସାଇଟ ଚିହ୍ନଟ ହୁଏ ତେବେ ସଙ୍ଗେ ସଙ୍ଗେ ସାଇବର ଥାନା ପୁରୀ (୮୨୮୦୪୯୧୩୦୦) ନମ୍ବରକୁ ଅବଗତ କରାଇବେ।

ବେଳାଭୂମି କଡ଼ରେ ଥିବା ହୋଟେଲଗୁଡ଼ିକ ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ପର୍ଯ୍ୟଟକମାନେ ସମୁଦ୍ର ସ୍ନାନ କରିବାକୁ ଗଲାବେଳେ ଅଧିକ ଗଭୀରକୁ ନ ଯିବା ଲାଗି ସେମାନଙ୍କୁ ସତର୍କ କରାଇବେ। ସେହିପରି ହୋଟେଲ ଆଖପାଖରେ ଯଦି କୌଣସି ଅସାମାଜିକ କାର୍ଯ୍ୟ ହୁଏ ସଙ୍ଗେ ସଙ୍ଗେ ସ୍ଥାନୀୟ ଥାନା କିମ୍ବା ୧୧୨କୁ କଲ୍ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପୁଲିସ ପର୍ଯ୍ୟଟକ ସହାୟତା ନମ୍ବର ୬୩୭୦୯୭୭୧୦୦ ସହ ସ୍ଥାନୀୟ ଥାନା ଯୋଗାଯୋଗ ନମ୍ବର ପ୍ରତ୍ୟେକ ପର୍ଯ୍ୟଟକଙ୍କୁ ଦେବା ପାଇଁ କୁହାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ଓ ପୁରୀର ସକାରାତ୍ମକ ପର୍ଯ୍ୟଟନ ପରିଚୟ ରକ୍ଷା ଦିଗରେ ଏମିତି ସବୁ ପରାମର୍ଶ ପାଳନ କରିବା ଲାଗି ପୁଲିସ ପକ୍ଷରୁ ସମସ୍ତ ହୋଟେଲ ମାଲିକ, ପରିଚାଳକ ଓ କର୍ମଚାରୀଙ୍କୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଏସ୍‌ପି ପ୍ରତୀକ ସିଂ, ପୁରୀ ହୋଟେଲ ଆସୋସିଏଶନ ପକ୍ଷରୁ ରାଜକିଶୋର ପାତ୍ର, ରାମକୃଷ୍ଣ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଗଡୁନି ଲକ୍ଷ୍ମୀ ବସ୍; ବଢୁଛି ଜନ ଅସନ୍ତୋଷ

ଧରାକୋଟ,୨୪ ।୧୦(ସମିସ)

ବ୍ଲକ ସଦରମହକୁମାରୁ ପଞ୍ଚାୟତକୁ ଗଡିବ ବସ । ସ୍ୱଳ୍ପ ମୂଲ୍ୟରେ ମହିଳା, ଛାତ୍ର ଛାତ୍ରୀଙ୍କ ସମେତ ଲୋକେ ଏଥିରେ ଯାତାୟାତ କରିବେ । ଲକ୍ଷ୍ୟ ରହିଥିଲା ଲୋକେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପହଞ୍ଚି ନିଜର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ପ୍ରତିପାଦନ କରିବେ । ହେଲେ ଗତ ସରକାର ସମୟରେ ଆରମ୍ଭ ହୋଇଥିବା ଏହି ଯୋଜନା ଧୀରେ ଧୀରେ ଧିମେଇ ଯାଉଥିବା ଲକ୍ଷ୍ୟ କରାଯାଉଛି । ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ସାବା ଠାରୁ ପଟାସାଳ ଦୀର୍ଘ ୫ କି.ମି ରାସ୍ତା ଯାତାୟାତ ଉପଯୋଗୀ ହୋଇ ପାରୁନଥିବାରୁ ଲକ୍ଷ୍ମୀ ବସ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଫଳରେ ପଟାଶାଳକୁ ବସ ଯାଇପାରୁ ନାହିଁ । ଧରାକୋଟ ବ୍ଲକ୍ ଅନ୍ତର୍ଗତ ସାବା ପଞ୍ଚାୟତ ପଟାଶାଳ ଗ୍ରାମକୁ ସଂଯୋଗ



କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଅତି ସଂକୀର୍ଣ୍ଣ ହୋଇଥିବାରୁ ସଦାସର୍ବଦା ଯାତାୟାତ ବାଧାପ୍ରାପ୍ତ ହେଉଥିଲା । ବର୍ତ୍ତମାନ ଏହି ରାସ୍ତା ପ୍ରସସ୍ତିକରଣ କାମ ଚାଲୁଥିବାରୁ ରାସ୍ତା ପାଶ୍ୱର୍ ଖୋଲାଯାଇ ଥିବାରୁ ରାସ୍ତାଟି ଯେମିତି ମରଣ ଜନ୍ତା ପାଲଟି ଯାଇଛି । ଉକ୍ତ ରାସ୍ତା କାମ କରିବା ପାଇଁ ଖୋଳା ଯାଇଥିବା ମାଟିକୁ ରାସ୍ତା ଉପରେ ପକାଇଦିଆ ଯାଇଥିବା ଯୋଗୁଁ ରାସ୍ତା ରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେଉଛି ।

ଯାହା ଫଳରେ ପ୍ରଶାସନ ଦ୍ୱାରା ପରିଚାଳିତ ମୁଖ୍ୟମନ୍ତ୍ରୀ ବସ୍ ସେବାର ବସ୍ ମଧ ଉକ୍ତ ପଟାଶାଳ ଗ୍ରାମକୁ ପହଞ୍ଚି ପାରୁନି । ସାବା ପଞ୍ଚାୟତର ଖାରିପଲି, କାଲବାଡ, ଘୋଡ଼ାଆମ୍ବ, ପଟାଶାଳ, ନାକତିରି, ପିଲି ପଦର, ଶାଗକିଆରୀ, କୁତୁନିଗଣ୍ଡା, ଝିଲି ମିଲି ଭଳି ଗ୍ରାମର ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାଟି ଏତେ ସଂକୀର୍ଣ୍ଣ ଯେ ବସ୍‌ଟି ଯିବା ମଧ କଷ୍ଟ ସାଧ ହେଉଛି । ଚଳାଚଳ ବେଳେ ସାମାନ୍ୟ ଅସାବଧାନତା ହେଲେ ସିଧା ୧୦ରୁ ୧୨ ଫୁଟ ତଳକୁ ଖସି ଯିବାର ସମ୍ଭାବନା ରହିଛି । ତେଣୁ ଯାତ୍ରୀ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ବସ୍ ଚଳାଚଳକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଜଣାଯାଇଛି । ଫଳରେ ମୁଖ୍ୟମନ୍ତ୍ରୀ ବସ ସେବା ଲୋକଙ୍କ କାମରେ ଆସୁନି । ସେହିପରି ଝାଡବନ୍ଧ ପଞ୍ଚାୟତରେ ପଣିବନ୍ଧ, କଳାସୁତାକୁ ପୂର୍ବରୁ ଯାଉଥିବା ବସ ସେବା ବନ୍ଦ ରହିଛି । ଘଟଣା ସମ୍ପର୍କରେ ସଂପୃକ୍ତ ଗ୍ରାମର ମହିଳା ସ୍ୱଙ୍ଗ ସହାୟକ ଗୋଷ୍ଠୀ ତରଫରୁ ବିଡିଓଙ୍କୁ ଅଭିଯୋଗ କରିବା ପରେ ସଂପୃକ୍ତ ରାସ୍ତାର ରୁଟଚାଟ ଜିଲ୍ଲାପାଳଙ୍କ ଅନୁମୋଦନ ପରେ ବସ ଚଳାଚଳ କରିବ ବୋଲି ଜଣାଯାଇଛି । ଏଣୁ ଲୋକଙ୍କ ଗମନା ଗମନରେ ସୁବିଧା ପାଇଁ ତୁରନ୍ତ ସଂପୃକ୍ତ ଗ୍ରାମ ଗୁଡ଼ିକୁ ମୁଖ୍ୟମନ୍ତ୍ରୀ ବସ ସେବା ପୁନର୍ବାର ଆରମ୍ଭ କରିବା ପାଇଁ ଦାବି ହେଉଛି ।

## ସରିଲା ଶ୍ୟାମାକାଳୀ ପୂଜା: ପଟୁଆରରେ ବିଦାୟ ନେଲେ ମା'



ଜି.ଉଦୟଗିରି,୨୪ ।୧୦(ସମିସ): ଜି.ଉଦୟଗିରି ବନ୍ଧଛକରେ ଅନୁଷ୍ଠିତ ହେଇଥିବା ମା ଶ୍ୟାମାକାଳୀ ପୂଜାରେରେ ଆଜି ମାଙ୍କ ଘଟ ବିସର୍ଜନ କରାଯାଇଛି । ବିରାଟ ପଟୁଆରରେ ସହର ପରିକ୍ରମା କରାଯିବା ସହିତ ମାଙ୍କ ଘଟ ବିସର୍ଜନ କରାଯାଇଛି । ସୋମବାର ଠାରୁ ଆରମ୍ଭ ହୋଇଥିବା ପୂଜାରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହୁଥିବା ବେଳେ ଶନିବାର ଏବଂ ରବିବାର ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ୨୭ ତାରିଖରେ ମାଙ୍କ ମୂର୍ତ୍ତି ବିସର୍ଜନ କରାଯିବ । ଆଜିର ଏହି ଘଟ ବିସର୍ଜନ କାର୍ଯ୍ୟକ୍ରମରେ ପୂଜା କମିଟି କର୍ମକର୍ତ୍ତାଙ୍କ ସହିତ ଗ୍ରାମବାସୀ ସାମିଲ ହୋଇଥିଲେ ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବାଲିଗୁଡ଼ା,୨୪ ।୧୦(ସମିସ): କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବାଲିଗୁଡ଼ା ପୁଲିସ ଆନୁକୁଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ସହ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଲିଗୁଡ଼ାର ତ୍ରିବେଦି ପାର୍କ ସମ୍ମୁଖରେ ସାଇବର ସୁରକ୍ଷା ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ୟୁକୋ ବ୍ୟାଙ୍କ ମ୍ୟାନେଜର ମାନସ ରଞ୍ଜନ ନାୟକ ଓ କନ୍ଧମାଳ ଜିଲ୍ଲା ସାଇବର ଥାନା ଅଧିକାରୀଣୀ ଗେଲି କୁମାରୀ ସାହୁ ଯୋଗ ଦେଇ ସାଇବର ଠକେଇରୁ କିପରି ସୁରକ୍ଷିତ ରହିବେ ବୁଝାଉଥିଲେ । ଯଦି କେହି ଠକାମୀ ର ଶିକାର ହେଉଛନ୍ତି ତେବେ ତୁରନ୍ତ ସ୍ଥାନୀୟ ପୁଲିସ ଓ ସାଇବର କ୍ରାଇମ ପୁଲିସର ୧୯୩୦କୁ କଲ୍ କରି ଜଣାଇବା ନିମନ୍ତେ କହିଥିଲେ । ସେହିଭଳି ଆଦିବାସୀ ମହାବିଦ୍ୟାଳୟ ପରିସରରେ ମଧ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ଲକ୍ଷ୍ମଣ ପାଲଙ୍କ ସମେତ ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ବାଲିଗୁଡ଼ା ଥାନା ଅଧିକାରୀ ସମ୍ବିତ ସ୍ୱାଇଁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବାଲିଗୁଡ଼ା,୨୪ ।୧୦(ସମିସ): ବାଲିଗୁଡ଼ା ବ୍ଲକ ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆଜି ଉପାନ୍ତ ସୁଡ୍ରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲିଗୁଡ଼ା ବ୍ଲକର ଛଅ ପଞ୍ଚାୟତ ଖମଣଖୋଲ, ଲଣ୍ଡାଗାଁ, ସୁଡ୍ରା, ବାରଖମା, ରେବିଙ୍ଗିଆ, ସଲାଗୁଡାର ଅନେକ ଭିନ୍ନକ୍ଷମ ଯୋଗ ଦେଇ ବିଭିନ୍ନ ବିଭାଗରେ ଥିବା ଡ଼ାକ୍ତରଙ୍କ ସହ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ ।

୬ ପଞ୍ଚାୟତର ସମସ୍ତ କର୍ମଚାରୀ ଲୋକପ୍ରତିନିଧି ନିଜ ନିଜ ଅଞ୍ଚଳରେ ଥିବା ଭିନ୍ନକ୍ଷମଙ୍କୁ ଭୀମଭୋଇ ସାମର୍ଥ୍ୟ ଶିବିରରେ ଆଣି ନାମ ପଞ୍ଜୀକରଣ ସହିତ ଉତ୍ତମ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ । କନ୍ଧମାଳ ଜିଲ୍ଲା ମଙ୍ଗଳ ସମାଜ ସୁରକ୍ଷା ଅଧିକାରିଣୀଙ୍କ ସମେତ ବାଲିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବାଲିଗୁଡ଼ା ବ୍ଲକ ପ୍ରଶାସନ ଓ ଅଧିକାରୀ ଯୋଗ ଦେଇଥିଲେ । ଶିବିରରେ ୨୬୧ ଜଣ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ କରାଯାଇଥିବା ବେଳେ କିଛି ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ଦୁଇଜଣଙ୍କୁ ହ୍ୱିଲଚେୟାର ସହ ଆଶାବାଡ଼ି ଦିଆଯାଇଥିଲା ।

## ଗଜପତି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୨୪।୧୦(ସମିସ): ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଚଳିତ ମାସ ୩୦ ତାରିଖ ଦିନ ଗଜପତି ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ । ଏନେଇ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ମିଳିଛି । ଅପରାହ୍ନ ୫ଘଣ୍ଟା ସମୟରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ସଂସ୍କୃତି ପରିଷଦର ସମସ୍ତ ସଭ୍ୟ/ସଭ୍ୟା, ବୁଦ୍ଧିଜୀବୀ ଏବଂ ବେସରକାରୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯାଇଛି । ସେହି ଦିନ ଗଜପତି ଜିଲ୍ଲାରେ କେବେ ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରୀୟ ଉତ୍ସବ ଗୁଡିକ ଅନୁଷ୍ଠିତ ହେବ ତାର ତାରିଖ ନିର୍ଦ୍ଧାରଣ ହେବାର ସମ୍ଭାବନା ରହିଛି ।

## ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଅବ୍ୟବସ୍ଥା

ପାତ୍ରପୁର,୨୪ ।୧୦(ସମିସ): ପାତ୍ରପୁର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ପାତ୍ରପୁର ଶ୍ରୀକରୁଣାକର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ପୃଷ୍ଟିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରାଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାତ୍ରପୁର ବ୍ଲକ ୨୩ଟି ପଞ୍ଚାୟତ ନେଇ ଗଠିତ ହୋଇଥିବା ବେଳେ ସମସ୍ତ ୨୩ ପଞ୍ଚାୟତର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ହେଲେ ପ୍ରଶାସନ ପକ୍ଷରୁ ଆୟୋଜନରେ ଟଣାଓଟରା ହେଲା ଭଳି ପରିଲକ୍ଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ଆସିଥିବା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ ଅଭିଭାବକମାନେ ବସିବାକୁ ଜାଗା ନମିଳିବାରୁ ଘଣ୍ଟା ଘଣ୍ଟା ଠିଆ ହୋଇ ରହିଥିଲେ । ଯାହାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି । ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଅଣଦେଖା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଗଞ୍ଜାମ,୨୪ ।୧୦(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଶି ପଞ୍ଚାୟତ ନୂଆପଲ୍ଲୀ କ୍ଲଷ୍ଟର ପକ୍ଷରୁ ସ୍ଥାନୀୟ ବଡ଼ଚକଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ନବ ପାତ୍ରଙ୍କ ସଂଯୋଜନା ତଥା ନେତୃତ୍ୱରେ ଉତ୍ସବ ପାଳିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ନାଥ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସ୍କୁଲ ପରିଚାଳନା କମିଟିର ଅଧକ୍ଷା ସ୍ନେହଲତା ସେଠୀ, ଗ୍ରାମର ମୁଖ୍ୟ ଅନଥା ସ୍ୱାଇଁ ଏବଂ ଗ୍ରାମର ଶିକ୍ଷାବିତ ଲକ୍ଷ୍ମଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସିନ ରହିଥିଲେ । ନୂଆପଲ୍ଲୀ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ବୃନ୍ଦ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ସେଠୀ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, ସଦାନନ୍ଦ ଜାଲି ଏବଂ ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଆଦର୍ଶ ବିଦ୍ୟାଳୟରେ ଆଇନ ସଚେତନତା



ଦିଗପହଣ୍ଡି,୨୪ ।୧୦(ସମିସ): ଦିଗପହଣ୍ଡି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଚିନ୍ତାମଣି ପଲାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦିଗପହଣ୍ଡି ଦେୱାନି ଅଦାଲତର ବରିଷ୍ଠ ବିଚାରପତି ମହାଶ୍ୱେତା ପରିଜା, ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ରିମାଣ୍ଡ ଏଡଭୋକେଟ ସନ୍ତୋଷ କୁମାର ସାହୁ ଏବଂ ଲିଗାଲ ଲିଟ୍ରେସି କ୍ଲବ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସୁଶୋଭିତା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ସାଇବର କ୍ରାଇମ, ପୋକ୍ସ ଆକ୍ଟ ଏବଂ ମୁକ୍ତ ଆଇନ ସହାୟତା ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସୋନାଲିକା ଦାସ, ମନୀଷା ପାତ୍ର, ସୁଧୀର କୁମାର ପଣ୍ଡା, ଦେବବ୍ରତ ପାତ୍ର, ରାଜେଶ କୁମାର ତ୍ରିପାଠୀ, ବିଚିତ୍ରାନନ୍ଦ ଦାସ, ରାଜୀବ କୁମାର ରଇତ, ଟିଏଲଏସସି ସମ୍ପାଦକ ପ୍ରଦୀପ କୁମାର ପୁରୋହିତ ସହଯୋଗ କରିଥିବା ବେଳେ ଇଂରାଜୀ ଶିକ୍ଷକ ତେଜେନ୍ଦ୍ର ମାଳି କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର



ବୁଗୁଡ଼ା,୨୪ ।୧୦(ସମିସ): ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପାଠଚକ୍ରର ଶୀର୍ଷକ "ଦି ୟୁନାଇଟେଡ୍ ନେସନସ୍ ଏଟ୍ ଏଇଟି: ଷ୍ଟ୍ରେନ୍ତେନିଙ୍ଗ୍ ମଲଟିଲେଟେରେଲିଜମ୍ ଇନ୍ ଏନ୍ ଏରା ଅଫ୍ ଗ୍ଲୋବାଲ୍ ଅନସେର୍ଟେନିଟି' ରହିଥିଲା । କଲେଜ ଉପାଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆସ୍କା ସାଇନ୍ସ କଲେଜ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧାପକ ତଥା ସୂଚନା ଅଧିକାର ସମ୍ବଳ ବ୍ୟକ୍ତି ଡ.ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଯୋଗ ଦେଇଥିବା ବେଳେ ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅକ୍ଷୟ କୁମାର ସାହୁ, ଅଧାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଛାତ୍ରୀ ଜ୍ୟୋତି ପାଣିଗ୍ରାହୀ ଓ ଖୁସି ବିଷୋୟୀ ଏହି ପାଠଚକ୍ରର ସନ୍ଦର୍ଭ ପାଠ କରିଥିଲେ । ଛାତ୍ରୀ ଗିତାଞ୍ଜଳୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁବେଦାର ମେଜରଙ୍କୁ ନିଜ ସ୍କୁଲରେ ସମ୍ବର୍ଦ୍ଧନା



ଛତ୍ରପୁର,୨୪ ।୧୦(ସମିସ): ଭାରତୀୟ ସୈନ୍ୟ ବାହିନୀର ମେଜର ଜେନେରାଲ ଅଜୟ ଶର୍ମା ଏକ ଚିଠି ମାଧ୍ୟମରେ ଟାଙ୍ଗଣା ପଲ୍ଲୀ ହାଇସ୍କୁଲକୁ ପ୍ରଶଂସା କରିଛନ୍ତି । ବିଦ୍ୟାଳୟର ପୁରାତନ ଛାତ୍ର ୧୯୮୪ ମସିହା ମାଟ୍ରିକ ବ୍ୟାଚ ଛାତ୍ର ରଶ୍ମିରଂଜନ ମହାପାତ୍ର ସେନା ବାହିନୀରେ ଯୋଗ ଦେଇ କମାଣ୍ଡିଙ୍ଗ ଅଫିସର, ଜେନେରାଲ ଅଫିସର କାମାଣ୍ଡିଙ୍ଗ ଇନ୍ ଚିଫ, ଇଲେକ୍ଟ୍ରୋନିକ ଓ ମେକାନିକାଲ ଇଞ୍ଜିନିୟରିଂ ଡାଇରେକ୍ଟର ଜେନେରାଲ ପଦବୀରେ ଅବସ୍ଥାପିତ ହୋଇଛନ୍ତି ।

ବିଶେଷ କରି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ବର୍ତ୍ତମାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ପ୍ରଶଂସା ପତ୍ର ସହ ସମ୍ମାନୀତି ହୋଇଥିବାରୁ ବିଦ୍ୟାଳୟ ଏଭଳି ଜଣେ ବିଦ୍ୱାନ ଛାତ୍ର ସୃଷ୍ଟି କରିଥିବା ପ୍ରଶଂସା ପତ୍ରରେ ଉଲ୍ଲେଖ କରିଛନ୍ତି । ଇତିମଧରେ ସେ ନିଜ ଶିକ୍ଷାନୁଷ୍ଠାନରେ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ତାଙ୍କର ଶିକ୍ଷକ କାମରାଜୁ ମହାରଣାଙ୍କ ସାନ୍ନିଧ ଲାଭ କରି ବିଦ୍ୟାଳୟରେ ନିଜର ପଢ଼ା ସମୟର ସ୍ମୃତି ସାଉଁଟିଥିଲେ । ତାଙ୍କର ସମ୍ମାନାର୍ଥେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ପାଢ଼ୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା ।

ପୂର୍ବତନ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ପୂର୍ବ ସ୍ମୃତି ମନେ ପକାଇ ରଶ୍ମୀଙ୍କ ଗୁଣର ପ୍ରଶଂସା କରିଥିଲେ । ଶିକ୍ଷକ ଅଭିରାମ ସାହୁ, ବିଜୟାଲକ୍ଷ୍ମୀ ପାତ୍ର, ଜୟଶ୍ରୀ ଦୋରା, ଯମୁନା ରେଡ୍ଡୀ, ଉଷାରାଣୀ ମିଶ୍ର, ଭାଗିରଥି ମିଶ୍ର, ନନ୍ଦିନୀ ସେଠି, କୈଳାଶ ବେହେରା ପ୍ରମୁଖ ସଭା ପରିଚାଳନା କରିଥିଲେ ।

## ଶିକ୍ଷା ବିଭାଗର ଡିସ୍ଲେକ୍ସିଆ ସଚେତନତା

ଛତ୍ରପୁର,୨୪ ।୧୦(ସମିସ): ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ପକ୍ଷରୁ ଡିସ୍ଲେକ୍ସିଆକୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଛୋଟ ପିଲାମାନଙ୍କ କ୍ଷେତ୍ରରେ ପଢିବା ଏବଂ ଲେଖିବାରେ ଅସୁବିଧା ଏକ ସାଧାରଣ ସମସ୍ୟା । ତେଣୁ ସେମାନଙ୍କୁ ବୁଦ୍ଧିହୀନ ବିବେଚିତ କରିବା ଭୁଲ୍ । ଡିସ୍ଲେକ୍ସିଆ ହେଉଛି ଏକ ଲକ୍ଷଣ ସାଧାରଣ ଶିକ୍ଷଣ ଅକ୍ଷମତା ଯାହାକି ବିଶ୍ୱରେ ଅଧିକାଂଶ ପିଲାମାନଙ୍କ ଠାରେ ଦେଖାଯାଇଥାଏ ।

ସାଧାରଣତଃ ପିଲାମାନେ ଯେତେବେଳେ ବିଦ୍ୟାଳୟର ଭାଷା କିମ୍ବା ନୂତନ ଜିନିଷ ଶିଖିବାରେ କ୍ରମାଗତ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଏହାର ଲକ୍ଷଣ ପିଲାମାନଙ୍କ ଠାରେ ବୁଝାପଡ଼ିଥାଏ । ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ପକ୍ଷରୁ ବିଭିନ୍ନ ସ୍କୁଲକୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରାକୁ ସମଗ୍ର ଶିକ୍ଷା ଅଭିଯାନର ଅର୍ଥ ପରାମର୍ଶଦାତା ମଧୁସୂଦନ ପରିଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ଭିନ୍ନକ୍ଷମ ବିଭାଗ ସଂଯୋଜକ ତପନ କୁମାର ସାହୁ ପରିଚାଳନା କରିଥିବାବେଳେ ସମସ୍ତ ସମ୍ବଳ ଶିକ୍ଷକ ସହଯୋଗ କରିଥିଲେ ।



# ଟିପିଏସ୍‌ଓଡିଏଲ୍ କର୍ମଚାରୀଙ୍କ ସୌରଶକ୍ତି ଓ ସୁରକ୍ଷା ସଚେତନତା ଯାତ୍ରା

ବ୍ରହ୍ମପୁର,୨୪ ।୧୦(ସମିସ)

ସୌର ଶକ୍ତିକୁ ଆପଣେଇବା ଏବଂ ବୈଦ୍ୟୁତିକ ସୁରକ୍ଷା ନିୟମକୁ ପାଳନ କରିବାର ବାର୍ତ୍ତା ନେଇ ଦୀର୍ଘ ୬୩୯ କିମି ପଥ ଅତିକ୍ରମ କରି ନିଜର ସଚେତନତା ଯାତ୍ରା ଶେଷ କରିଛନ୍ତି ସୌମ୍ୟ ରଞ୍ଜନ ଲେଙ୍କା । ଟିପିଏସ୍‌ଓଡିଏଲର ପ୍ରୋଜେକ୍ଟ ବିଭାଗରେ ଟିମ୍ ଲିଡ୍ ଭାବରେ କାର୍ଯ୍ୟରତ ଅଛନ୍ତି ଶ୍ରୀ ଲେଙ୍କା । କର୍ମମୟ ଜୀବନ ବ୍ୟତୀତ ସେ ହେଉଛନ୍ତି ଜଣେ ପରିବେଶ ପ୍ରେମୀ । ପରିବେଶର ସୁରକ୍ଷା ପାଇଁ ସେ ସଦା ତତ୍ପର । ଏହିକ୍ରମରେ ଅକ୍ଟୋବର ୧୫ରେ ସୌମ୍ୟରଞ୍ଜନ ଆରମ୍ଭ କରିଥିଲେ ସାଇକେଲ ଯୋଗେ ସଚେତନ ଯାତ୍ରା । କୋରାପୁଟ ଜିଲ୍ଲାର ଜୟପୁରଠାରୁ ଆରମ୍ଭ କରିଥିବା ଏହି ଯାତ୍ରା ନବରଙ୍ଗପୁର, ଭବାନୀପାଟଣା, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ଭଞ୍ଜନଗର, ଆସିକା ଦେଇ ବ୍ରହ୍ମପୁରରେ ଦୀର୍ଘ ସାତ ଦିନ



ପରେ ତଥା ୨୨ଅକ୍ଟୋବରରେ ଶେଷ ହୋଇଥିଲା । ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନାରେ ସାମିଲ ହୋଇ ସୌର ଶକ୍ତିକୁ ଆପଣେଇବା ଏବଂ ବିଦ୍ୟୁତ ସୁରକ୍ଷା ନିୟମ ମାନିବା ସହିତ ଏଥିପ୍ରତି ଲୋକଙ୍କୁ ସଚେତନ କରାଇବା ଥିଲା ତାଙ୍କର ମୂଳ ଲକ୍ଷ୍ୟ ଥିଲା । ଏ ସମ୍ପର୍କରେ ଶ୍ରୀ ଲେଙ୍କା କୁହନ୍ତି "ଆମର ଗୋଟିଏ ପୃଥିବୀ, ଗୋଟିଏ ସୂର୍ଯ୍ୟ ଏବଂ ଗୋଟିଏ ଗ୍ରୀଡ, ହେଲେ ଯାଇ ଆମେ ପରବର୍ତ୍ତୀ ପିଢିକୁ ଏକ ସବୁଜ ଓ ସୁନ୍ଦର ପୃଥିବୀ ଏବଂ ପରିବେଶ ଉପହାର ଦେଇ ପାରିବା ।

ଏଥିପାଇଁ ଆମକୁ ସବୁଜ ଏବଂ ସ୍ୱଚ୍ଛ ଶକ୍ତିର ବ୍ୟବହାର କରିବାକୁ ହେବ । କେବଳ ସେତିକି ନୁହେଁ ବୈଦ୍ୟୁତିକ ଉପକରଣ ବ୍ୟବହାର କରିବା ବେଳେ ସର୍ବଦା ବିଦ୍ୟୁତ ସୁରକ୍ଷା ନିୟମ ମାନିବାକୁ ହେବ । ଆଗାମୀ ଦିନରେ ମୋର ଏହି ସଚେତନତା ଯାତ୍ରା ସାରା ଓଡ଼ିଶାରେ ପହଞ୍ଚିବ ବୋଲି ମୁଁ ଲକ୍ଷ୍ୟ ରଖିଛି । ନିଜର ସଚେତନତା ଯାତ୍ରା ସମୟରେ ବହୁ ଲୋକ ଏବଂ ବିଭିନ୍ନ ସ୍କୁଲରେ ପହଞ୍ଚି ପିଲାମାନଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟିଛନ୍ତି ସୌମ୍ୟ ରଞ୍ଜନ । ବ୍ରହ୍ମପୁରରେ ଶେଷ ହୋଇଥିବା ଏହି ଯାତ୍ରା ଅବସରରେ ଶ୍ରୀ ଲେଙ୍କା ଏକ ଦସ୍ତଖତ ଅଭିଯାନ ମଧ ଆରମ୍ଭ କରିଥିଲେ । ଏଥିରେ ବାଟରେ ସେ ଭେଟିଥିବା ବହୁ ଲୋକ, ଛାତ୍ରୀଛାତ୍ରଙ୍କ ଦସ୍ତଖତ ଗ୍ରହଣ କରିଛନ୍ତି । ଏ ସମ୍ପର୍କରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି "ଟିପିଏସ୍‌ଓଡିଏଲ୍ ସମଗ୍ର ଦକ୍ଷିଣ ଓଡ଼ିଶାରେ ସୌର ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରି ଆସୁଛି । ସୌମ୍ୟ ରଞ୍ଜନ ଲେଙ୍କା କେବଳ କର୍ମଚାରୀ ହିସାବରେ ନୁହେଁ ବରଂ ତାଙ୍କର ଏହି ଅଭିନବ ପ୍ରୟାସ ଜଣେ ସଚେତନ ନାଗରିକର ପରିବେଶ ପ୍ରତି ଥିବା କର୍ତ୍ତବ୍ୟକୁ ଦର୍ଶାଇଥାଏ । ସୌର ଶକ୍ତିର ବ୍ୟବହାର ଏବଂ ଉପଭୋକ୍ତାଙ୍କ ସୁରକ୍ଷା ପ୍ରତି ଟିପିଏସ୍‌ଓଡିଏଲ୍ ସଦା ପ୍ରତିବଦ୍ଧ ।

## ଏଲ୍‌ଇଡି ମାଧମରେ ମୁଖ୍ୟମନ୍ତ୍ରୀଙ୍କଠାରୁ ସାଇବର ସୁରକ୍ଷା ସମ୍ପର୍କିତ ସଚେତନ ବାର୍ତ୍ତା ଶୁଣିଲେ ଛାତ୍ରଛାତ୍ରୀ

ବେଲଗୁଣ୍ଠା,୨୪।୧୦(ସମିସ): ଭିଡ଼ିଓ କନ୍‌ଫରେନ୍ସ ମାଧମରେ ସାଇବର୍ ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଚେତନମୂଳକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବେଲଗୁଣ୍ଠା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏଲ୍‌ଇଡି ମାଧମରେ ଏହାକୁ ଶୁଣିଛନ୍ତି । ବିଶେଷ କରି ନିଜର ଗୋପନୀୟ ତଥ୍ୟକୁ କାହା ଆଗରେ ପ୍ରକାଶ ନକରିବା ସହିତ ସାଇବର୍ ଠକେଇର ଶିକାର ହେଲେ ୧୯୩୦ ଫୋନ୍ ନମ୍ବର୍ ରେ ସାଙ୍ଗେ ସାଙ୍ଗେ ଜଣାଇବା ସହିତ ସ୍ଥାନୀୟ ଥାନାର ଦ୍ୱାରସ୍ଥ ହେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବେଲଗୁଣ୍ଠା ପେଣ୍ଠ ସାହିରେ ଅନୁଷ୍ଠିତ ସଚେତନତା ମୂଳକ କାର୍ଯ୍ୟକ୍ରମରେ ଏନ୍‌ଏସି ପକ୍ଷରୁ ଲାଗିଥିବା ଏଲଇଡିରେ ବେଲଗୁଣ୍ଠା ସହରର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିବା ସହିତ ପଥପ୍ରାନ୍ତ ନାଟକ ମଧ ଦେଖିଥିଲେ । କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବରଙ୍କ ନେତୃତ୍ୱରେ ପ୍ରୋବେସନାଲ୍ ଏସ୍‌ଆଇ ଅଜୟ ବେହେରା, ଏଏସ୍‌ଆଇ ଜ୍ୟୋସ୍ନା ପ୍ରଧାନ, ପ୍ରମୋଦ ଚଟ୍ଟି, ନଗରପାଳ ଫିରୋଜ ସେଠୀ, ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ପ୍ରଭାତ କୁମାର ସାହୁ, ସାମ୍ବାଦିକ ତୋଫାନ ସାହୁ, ମନୋଜ ପାତ୍ର, ସଦାଶିବ ପାଣିଗ୍ରାହୀ, ସୂର୍ଯ୍ୟନାରାୟଣ ତ୍ରିପାଠି, ନାରାୟଣ ପଣ୍ଡା, ଶିବରାମ ଚୌଧୂରୀ, ସୁଶାନ୍ତ ବେହେରା, ସାର୍ପ ଏଜୁକେସନ୍ ଅଧକ୍ଷ ସତ୍ୟନାରାୟଣ ସିଅ, ବହୁ କାଉନସିଲର୍, ବୁଦ୍ଧିଜୀବୀ, ସାର୍ପ ଏଜୁକେସନ୍ ଛାତ୍ରଛାତ୍ରୀ, ଦାସ୍ ଟିଉଟୋରିଆଲ୍ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ଶିକ୍ଷା ଅନୁଷ୍ଠାନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ




ଖୋର୍ଦ୍ଧା,୨୪।୧୦(ସମିସ): ସ୍ଥାନୀୟ ଜୟୀରାଜଗୁରୁ ଟାଉନ୍ ହଲ୍ ପରିସରରେ ଜିଲ୍ଲା ପୁଲିସ ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କେବଳ ଲୋଭ ଓ ଦୁର୍ବଳ ମାନସିକତା ପାଇଁ ଲୋକେ ଠକାମୀର ଶିକାର ହେଉଛନ୍ତି। ଏଣୁ ସବୁବର୍ଗର ଜନସାଧାରଣ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୭ମ ବାଟାଲିୟନ, ଆଇଆର୍‌ବିଏନ୍ ପୁଲିସ କମାଣ୍ଡାଣ୍ଟ ବସନ୍ତ କୁମାର ନାୟକ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଜୟନ୍ତ ମୋଦୀ, ଏସିଏଫ୍ ସୁଶାନ୍ତ ବନ୍ଧ ଯୋଗ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଉପ ଆରକ୍ଷୀ ଅଧୀକ୍ଷକ, ରିଜର୍ଭ ଇନ୍ସପେକ୍ଟର ଅଫ୍ ପୁଲିସ, ଖୋର୍ଦ୍ଧାର ସମସ୍ତ ଭାରପ୍ରାପ୍ତ ଥାନା ଅଧିକାରୀ, ସମସ୍ତ ପୁଲିସ ପ୍ରଶାସନ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତଥିଲେ।

## ୨୪ ଜଣ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ




ଟାଙ୍ଗୀ,୨୪।୧୦(ସମିସ): ଟାଙ୍ଗୀ ବ୍ଲକ୍‌ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ବଳରାମ ଦେବ ବିଦ୍ୟାପୀଠ ସଂଲଗ୍ନ ଚିଲିକା ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମଣି ମଙ୍ଗରାଜ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ ଯୋଗ ଦେଇ କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ, ମନ ପ୍ରଫୁଲ୍ଲ ରହିବା, ଭାଇଚାରା, ବନ୍ଧୁତା ସୃଷ୍ଟି ହେବା ସହ ଶୃଙ୍ଖଳା ଜ୍ଞାନ ବୃଦ୍ଧି ପାଇଥାଏ ବୋଲି ମନ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଶିଳ୍ପୋଦ୍ୟୋଗୀ ମାନସ ରଞ୍ଜନ ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। କ୍ରୀଡ଼ା ସମ୍ପାଦକ ଗୀତାଂଶୁ ଶେଖର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ନିରଞ୍ଜନ ସାହୁ, ପୂଣ୍ୟ ବ୍ରତ ମହାପାତ୍ର, ଲକ୍ଷ୍ମୀ ଧର ପାତ୍ର, ପ୍ରୀତମ ପଟ୍ଟନାୟକ, କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜୁବାଳା ଚମ୍ପତିରାୟ, ଲିଲି ପ୍ରଧାନ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

## ଚିଲିକା ବଧିର ସଂଘର ବାର୍ଷିକୋତ୍ସବ



ବାଣପୁର,୨୪।୧୦(ସମିସ): ବାଣପୁର-ବାଲୁଗାଁ ଅଞ୍ଚଳରେ ଗଢ଼ିଉଠିଥିବା ଚିଲିକା ବଧିର ସଂଘ ପକ୍ଷରୁ ୬୮ତମ ଅନ୍ତର୍ଜାତୀୟ ବଧିର ସପ୍ତାହ ସହ ସଂଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଭଗବତୀଙ୍କ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ସହିଦ କୃତ୍ତିବାସ କଲ୍ୟାଣ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ରୂପେ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ସମ୍ମାନିତ ଅତିଥି ଭାବେ ନେହେରୁ ସେବା ସଂଘର ମୁଖ୍ୟ ପରିଚାଳିକା ସରୋଜିନୀ ଦାସ, ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର, ଚିଲିକା ରିପୋର୍ଟର୍ସ ଆସୋସିଏସନର ସଭାପତି ସୁନୀଲ କୁମାର ସୁବୁଦ୍ଧି, ଦକ୍ଷେଶ୍ୱର ଭଗବତୀ ଏଣ୍ଡାଉମେଣ୍ଟର ନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ସଂଘ ସମ୍ପାଦକ କାର୍ତ୍ତିକ ଦାସ ପ୍ରମୁଖ ଯୋଗଦେଇଥିଲେ। ସଂଘର ସଭାପତି ଅମିତାଭ ପଟ୍ଟଯୋଶୀ ସଭା ପରିଚାଳନା କରିଥିବା ବେଳେ ବଧିର ମାନଙ୍କ ସାଂକେତିକ ଭାଷା ଅନୁବାଦକ ପ୍ରମୋଦ ମହାପାତ୍ର ଅତିଥିମାନଙ୍କ ଅଭିଭାଷଣକୁ ସାଇନ୍ ଭାଷା ମାଧ୍ୟମରେ ବୁଝାଇ ଥିଲେ।

# 'ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ ପରେ ଆର୍‌ଓବି କାମ ଆରମ୍ଭ ହେଉ'

ନିରାକାରପୁର,୨୪।୧୦(ସମିସ)



ଓଡ଼ିଶାର ଦକ୍ଷିଣ ପଶ୍ଚିମ ଅଞ୍ଚଳକୁ ପୁରୀ ସହିତ ଅତି କମ ସମୟରେ ସଂଯୋଗ କରିବା ପାଇଁ ସୃଷ୍ଟି ହୋଇଛି ନୂଆ ଜଗନ୍ନାଥ ସଡ଼କ। ବର୍ତ୍ତମାନ ଦୈନନ୍ଦିନ ଏହି ରାସ୍ତା ଦେଇ ହଜାର ହଜାର ସଂଖ୍ୟାରେ ଯାନବାହାନ ପୁରୀକୁ ଯାତାୟାତ କରୁଛି। କିନ୍ତୁ ଏ ସବୁକୁ ବାଧକ ସାଜିଛି ନୂଆ ଜଗନ୍ନାଥ ସଡ଼କ ଉପରେ ଥିବା ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗେଟ ବଜାର ରେଳ ଫାଟକ। ଗୋଟିଏ ଥର ରେଳ ଫାଟକ ପଡ଼ିଲେ ଶହ ଶହ ସଂଖ୍ୟାରେ ଯାନବାହାନ ଗେଟ୍‌ର ଉଭୟ ପାଶ୍ୱର୍ରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେଉଛି। ଯାହା ଦ୍ୱାରା ଯାତ୍ରୀ ହଇରାଣ ହେବା ସହିତ ଜରୁରିକାଳୀନ ଗାଡ଼ିଗୁଡ଼ିକ ଜାମ୍‌ରେ ଫସି ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ଏହି ରେଳ ଫାଟକ ଉପରେ ଓଭର ବ୍ରିଜ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ପ୍ରୟାସ ଚାଲୁ ଥିବାବେଳେ ବାରମ୍ବାର ଅଧାରେ ପୁଣି ଅଟକୁଛି। କିଛି ଲୋକ ଏହି ଓଭର ବ୍ରିଜ ବଜାର ମଧ୍ୟଦେଇ ଗଲେ ସମ୍ପୂର୍ଣ୍ଣ ବଜାର ନଷ୍ଟ ହୋଇଯିବା ସହିତ ନିରାକାରପୁରର ମହତ୍ତ୍ୱ ଓ ଗରିମା ସବୁ ଦିନପାଇଁ ଲୋପ ପାଇବ ବୋଲି କହୁଥିବାବେଳେ ସେମାନେ ନିରାକାରପୁର ବଜାର ବାହାର ପାଶ୍ୱର୍ଦେଇ ବାଇପାସ କରି ଓଭର ବ୍ରିଜ ନିର୍ମାଣ କରିବାକୁ ଦାବି କରୁଛନ୍ତି। ଏପରିକି ରେଳ ଧାରଣ ତଳେ ଏକ ଅଣ୍ଡର ପାସ ନିର୍ମାଣ ପାଇଁ ଦାବି କରୁଛନ୍ତି। ଯାହାକି କାର୍ଯ୍ୟରେ ବିଳମ୍ବ ହେଉଛି। ଅନ୍ୟ କିଛି ବ୍ୟକ୍ତି ବଜାର ଦେଇ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି ରଖିଥିବାରୁ ଏହାକୁ ନେଇ ଜିଲ୍ଲା ପ୍ରଶାସନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରେଳ ବିଭାଗ ଓ ପୂର୍ତ୍ତ ବିଭାଗ ଅଧିକାରୀ ମାନଙ୍କୁ ନେଇ ଗତ ୧୪ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ବଜାର ବାଟେ ଶୀଘ୍ର ଜମି ଅଧିଗ୍ରହଣ କରିବାକୁ ଆଲୋଚନା କରିଥିବାବେଳେ ସ୍ଥାନୀୟ କିଛି ବୁଦ୍ଧିଜୀବୀ ପ୍ରଥମେ ଜିଲ୍ଲା ପ୍ରଶାସନ ସରକାରୀ, ବେସରକାରୀ ଜମି ଅଧିଗ୍ରହଣ କରିବା ପରେ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ପୂର୍ବରୁ ଅନେକ ସ୍ଥାନରେ ଉଦାହରଣ ଅଛି କି ପ୍ରଥମେ ରେଳ ଧାରଣ ଉପର ବ୍ରିଜ ନିର୍ମାଣ କରିବାକୁ ଅସ୍ଥାୟୀ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ଜମି ଅଧିଗ୍ରହଣ କରି ଅଳ୍ପ କିଛି ଲୋକଙ୍କ ଜମି ନେଲା ପରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ଓଭର ବ୍ରିଜ ନିର୍ମାଣ କରା ଅଦାଲତ ମାମଲା ଲାଗି ବର୍ଷ ବର୍ଷ ଧରି ପଡ଼ି ରହିଲା। ଫଳରେ ଆଗରୁ ଜମି ଦେଇଥିବା ମାଲିକ ମାନେ ବହୁ ହୀନସ୍ତା ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଓଭର ବ୍ରିଜ କାର୍ଯ୍ୟ ଆରମ୍ଭ ପୂର୍ବରୁ ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି।

## କୁକୁର ବନ୍ଧ୍ୟାକରଣ, ଟିକାକରଣରେ ଖୋର୍ଦ୍ଧା ଜିଲ୍ଲା ପଛୁଆ



ନିରାକାରପୁର,୨୪।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଗ୍ରାମାଞ୍ଚଳରେ ରହୁଥିବା କୁକୁରଗୁଡ଼ିକର ବନ୍ଧ୍ୟାକରଣ ଏବଂ ଟିକାକରଣ ହୋଇପାରୁନି। ଦିନକୁ ଦିନ ସବୁ ଆଡ଼େ କୁକୁର ମାଳମାଳ ବୁଲୁଥିବାବେଳେ ସଡ଼କ ଦୁର୍ଘଟଣା, ଜଳାନ୍ତକ ରୋଗୀ, କୁକୁର କାମୁଡ଼ା ସଂଖ୍ୟା ଅଧିକ ହେବାରେ ଲାଗିଛି। ରାଜ୍ୟରେ ୭ ଲକ୍ଷ ବୁଲା କୁକୁର ଥିବାର ଜଣାପଡ଼ିଛି। ପଶୁ ଜନ୍ମ ନିୟନ୍ତ୍ରଣ ୨୦୨୩ ନିୟମ ଅନୁଯାୟୀ ସୁପ୍ରିମ କୋର୍ଟ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ୭ ଲକ୍ଷରୁ ଅଧିକ ବୁଲା କୁକୁରଙ୍କର ବନ୍ଧ୍ୟା କରଣ ଏବଂ ଟିକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି। ୧୯୬୨ ଟୋଲ୍ ଫ୍ରି' ନମ୍ବର ମାଧ୍ୟମରେ କ୍ଷତିଗ୍ରସ୍ତ ଏବଂ ଆଘାତ କୁକୁରମାନଙ୍କର ଚିକିତ୍ସା କରିବାର ସୁବିଧା ଅଛି। ଭୁବନେଶ୍ୱର ମହାନଗର ନିଗମରେ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଯୋଗେ ସେପ୍ଟେମ୍ବର ୧୮ ରୁ ୨୫, ୨୦୨୫ ସକାଳ ୫ ଟାରୁ ୭ଟା ମଧ୍ୟରେ କରାଯାଇଛି। ସେଥିରୁ ୪୭୧୨୬ କୁକୁର ଚିହ୍ନଟ କରଯାଇଛି। କିନ୍ତୁ ସେଥିରୁ କେବଳ ୭୪୦୦ ଟି କୁକୁରଙ୍କୁ ବନ୍ଧ୍ୟା କରଣ ଏବଂ ଟିକାକରଣ କରାଯାଇଛି। ୩୮୫୯୯ ଟି କୁକୁର ଏବେ ଯାଏଁ ବନ୍ଧ୍ୟାକରଣ ଏବଂ ଟିକାକରଣ କରାଯାଇ ନାହିଁ। ସରକାର ପ୍ରଥମେ ସହରରେ ଏବଂ ପରେ ଗ୍ରାମାଞ୍ଚଳରେ ବୁଲା କୁକୁର ଗଣନା କରି ବନ୍ଧ୍ୟା କରଣ ଏବଂ ଟିକାକରଣ କରିବା ପାଇଁ ଯୋଜନା କରିଛନ୍ତି। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ଜିଲ୍ଲା ପ୍ରଶାସନ ବିଫଳ ହେଉଛନ୍ତି। ଦିନକୁ ଦିନ ଗୃହ ପାଳିତ ପଶୁ ହେଉ ବା ବୁଲା କୁକୁର କାମୁଡ଼ା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାରା ରାଜ୍ୟରେ ୫ ଲକ୍ଷ ୨୦ହଜାର କୁକୁର କାମୁଡ଼ା ସଂଖ୍ୟା ୨୦୨୩ ଜାନୁଆରୀ ଠାରୁ ଅକ୍ଟୋବର ୨୦୨୪ ମଧ୍ୟରେ ପଞ୍ଜୀକରଣ କରାଯାଇଛି। ଜିଲ୍ଲାରେ କୁକୁର ବନ୍ଧ୍ୟାକରଣ ଏବଂ ଟିକାକରଣ ଓଡ଼ିଶା ରାଜ୍ୟ ପଶୁ କଲ୍ୟାଣ ବୋର୍ଡ, ମହାନଗର ନିଗମ ଏବଂ ସହରୀୟ ସ୍ଥାନୀୟ ସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ, ପଶୁ ପାଳନ ଏବଂ ପଶୁ ଚିକିତ୍ସା ସେବା ବିଭାଗ, କମିସନରେଟ ପୁଲିସ, ସରକାରୀ ପଶୁ ଚିକିତ୍ସାଳୟ ବିଭାଗ ଦ୍ୱାରା କରିବାର ନିୟମ ରହିଛି।

ଗୃହପାଳିତ ପଶୁଙ୍କୁ ଘରକୁ ଘର ବୁଲି ଏବଂ ବୁଲା କୁକୁରଙ୍କୁ ଯଥା ଶୀଘ୍ର ଠାବ କରି ପଞ୍ଜୀକରଣ କରି ବନ୍ଧ୍ୟାକରଣ ସହ ଟିକାକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ଜିଲ୍ଲାର ଅନେକ ବୁଦ୍ଧିଜୀବୀ, ପଶୁପ୍ରେମୀ ମତପ୍ରକାଶ କରିଛନ୍ତି।

## ପାଲା ଗାୟକ ବିଶ୍ୱନାଥଙ୍କ ସ୍ମୃତିଚାରଣ ସଭା



ବେଗୁନିଆ,୨୪।୧୦(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ କୋଲୁହାପାଟଣା ଗ୍ରାମର ଦକ୍ଷିଣ କେଶରୀର ବିଶିଷ୍ଟ ପାଲା ଗାୟକ ବିଶ୍ୱନାଥ ସାହୁଙ୍କ ଏକାଦଶାହ ଅବସରରେ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ପକ୍ଷରୁ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି।

ଏଥିରେ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ସଭାପତି ଗାୟକ ଅଳଙ୍କାର ଶ୍ୟାମ ସୁନ୍ଦର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଡଃ ଅଖିଳେଶ ପ୍ରସାଦ ପଣ୍ଡା ମୁଖ୍ୟବକ୍ତା, ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା, ଗାୟକ ଦାଶରଥି ପଣ୍ଡା, ମିହିର କୁମାର ଆଚାର୍ଯ୍ୟ ଓ ସମବାୟବିତ୍ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ପୁତ୍ର ଗାୟକ କୃପାସିନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ବିଦ୍ୟାନିକେତନର ବିଜ୍ଞାନ ମେଳା




ଟାଙ୍ଗୀ,୨୪।୧୦(ସମିସ): ଭାରତୀୟ ବିଦ୍ୟାନିକେତନ କାଳୁପଡାଘାଟର ୧୫ ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷକ ସଂଘର ସମ୍ପାଦକ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ମୁଖ୍ୟ ଅତିଥି, ଯୁବ ଉଦ୍ୟୋଗୀ ଇଞ୍ଜିନିୟର ମାନସ ରଞ୍ଜନ ସୁବୁଦ୍ଧି ଯୋଗଦେଇଥିଲେ। ଏହି ଅବସରରେ ପ୍ରାକ୍ତନ ଶିକ୍ଷକ ମହେଶ୍ୱର ସେନାପତି, ସଂଗୀତଜ୍ଞ ଗୋପାଳ ଚନ୍ଦ୍ର ମହାରଣା, ପ୍ରାକ୍ତନ ପ୍ରଧାନଶିକ୍ଷକ ଲିଙ୍ଗରାଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ତଥା ବିଦ୍ୟାଳୟ ଉପଦେଷ୍ଟା ଲକ୍ଷ୍ମୀଧର ବେହେରା ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟାପିକା ବନଶ୍ରୀ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଗୁରୁକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମେଳାରେ କନିଷ୍ଠ ବିଭାଗର ୪୬ ଟି ବରିଷ୍ଠ ବିଭାଗର ୫୭ ଟି ପ୍ରକଳ୍ପ ସ୍ଥାନ ପାଇଥିଲା।

## ଗୋଳବାଇରେ ବିଶ୍ୱଶାନ୍ତି ମହାଯଜ୍ଞ

ଭୂଷଣ୍ଡପୁର,୨୪।୧୦(ସମିସ): ଖୋର୍ଦ୍ଧା ବ୍ଲକ୍ ଗୋଳବାଇ ପଞ୍ଚାୟତରେ ଗତ ଗୁରୁବାରଠାରୁ ଶ୍ରୀ ଶ୍ରୀ ଗ୍ରାମେଶ୍ୱର ଦେବଙ୍କ ତ୍ରୟବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଅଙ୍କୁରାରୋପଣ କରାଯାଇ, କଳସ ଶୋଭାଯାତ୍ରା ସହ ଅଗ୍ନି ସ୍ଥାପନ କରାଯାଇଥିଲା। ରୁଦ୍ରାଭିଷେକ କରାଯାଇ ଚଣ୍ଡୀପାଠ ଓ ଭଗବତ ଗୀତରେ ଆହୁତି ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଅଛି। ଆସନ୍ତା ୨୫ତାରିଖ ଦିନ ପୂର୍ଣ୍ଣାହୁତି ଦିଆଯାଇ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ନାମ ସଂକୀର୍ତ୍ତନ କରାଯିବ। ତ୍ରୟ ବାର୍ଷିକ ମହାଯଜ୍ଞ ଉତ୍ସବ ପରିଚାଳନାରେ ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।

## ବାଣପୁରରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ



ବାଣପୁର,୨୪।୧କ୍ଟ(ସମିସ) : ବାଣପୁର ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଓ ଅନ୍ୟତମ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରା ଓ ପିଏମ୍‌ଶ୍ରୀ ସରକାରୀ ବାଣପୁର ଉଚ୍ଚ ବିଦ୍ୟାଳୟ-୧ର ପ୍ରଧାନ ଶିକ୍ଷୟିତ୍ରୀ ଝରଣା ରାଣୀ ଓଝା ଯୋଗ ଦେଇ ନିଜର ଅଭିଭାଷଣରେ ଛାତ୍ରଛାତ୍ରୀ ବର୍ତ୍ତମାନ ବିଦ୍ୟାଳୟର ପାଠପଢ଼ା ମଧ୍ୟରେ ନିଜକୁ ସୀମିତ ନରଖି କ୍ରୀଡା, ନୃତ୍ୟ, ସଙ୍ଗୀତ, କଳା ଓ ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଆଗକୁ ବଢ଼ିବା ନିତ୍ୟାନ୍ତ ଆବଶ୍ୟକ।

ସେଥିଲାଗି ପିଲାମାନଙ୍କ ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ତଥା ସ୍ୱପ୍ନକୁ ସାକାର କରିବା ନିମିତ୍ତ 'ସୁରଭି' କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇ ନୃତ୍ୟ, ସଙ୍ଗୀତ ଓ କଳା ଆଦି ପ୍ରଦର୍ଶନ କରିଥିଲେ।

## ବିଦାୟ ନେଲେ ମା' ଶ୍ୟାମାକାଳୀ

ବାଲୁଗାଁ,୨୪।୧୦(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ବାଣପୁର-ବାଲୁଗାଁ ଅଞ୍ଚଳରେ ପୂଜା ପାଉଥିବା ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ରାଜନ ମାର୍କେଟ କାଳୀପୂଜା କମିଟି, ବାଲୁଗାଁ ଅଶୋକନଗର ବଙ୍ଗୀୟ କଲୋନୀ, ଶାନ୍ତିନଗର, ତାଳପଟି, ବଣପୁର କଲେଜ ରୋଡ ଓ ଅନ୍ୟାନ୍ୟ ସାହି ବସ୍ତିମାନଙ୍କରେ ମହାଆଡ଼ମ୍ବରରେ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସାଜ ସଜା ସାଙ୍ଗକୁ ଆଲୋକ ମାଳାରେ ମଣ୍ଡପ ଗୁଡିକ ଝଲସି ଉଠିଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା। ଶୁକ୍ରବାର ବାଜା, ବାଣ ରୋଷଣି ଶୋଭାଯାତ୍ରାରେ ମା'ଙ୍କୁ ନେଇ ବାଲୁଗାଁ ସହର ପରିକ୍ରମା ପରେ ଚିଲିକା ଜଳରେ ମା'ଙ୍କୁ ବିଦାୟ ପୂର୍ବକ ବିସର୍ଜନ କରାଯାଇଥିଲା। ସେହିପରି ବାଣପୁରରେ ସାହି ବସ୍ତି ବୁଲାଇ ବାଜା ବାଣ ରୋଷଣିରେ ନେଇ ଶାଳିଆ ନଦୀରେ ମା'ଙ୍କୁ ବିଦାୟ ଦିଆଯାଇଛି।

## ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି

ଟାଙ୍ଗୀ,୨୪।୧୦(ସମିସ): ଭୁଷଣ୍ଡପୁର ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ବୋଇତ ବନ୍ଦାଣ ଓ ପଞ୍ଚୁକ ଉପଲକ୍ଷେ ମା' ମଙ୍ଗଳାଙ୍କ ପବିତ୍ର ପୀଠରେ ଚଳିତ ମାସ ୩୧ତାରିଖଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପି ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନଙ୍କର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମ ତିନି ଦିନ ସନ୍ଧ୍ୟାରେ ପାଲା ପରିବେଷିତ ହେବ। ସେହିପରି ଚତୁର୍ଥ ସନ୍ଧ୍ୟାରେ ଭରତ ଲୀଳା ଓ ଯୁଦ୍ଧ ପଞ୍ଚମ ଦିନ ଘୋଡ଼ା ନାଚ ଓ ରାତ୍ରି ୩ଘଟିକା ସମୟେ ବୋଇତ ବନ୍ଦାଣ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି।

# କାର୍ଯ୍ୟକ୍ଷମ ହୋଇପାରୁନି ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା

ନିରାକାରପୁର,୨୪।୧୦(ସମିସ)



ରାଜ୍ୟ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଚିଠି ନମ୍ବର - ୩୦୦ ତା ୧୧ ଜାନୁଆରୀ ୨୦୧୮ ଅନୁଯାୟୀ ଗ୍ରାମାଞ୍ଚଳରେ ଥିବା ଗରିବ ଶ୍ରେଣୀର ପକ୍କା ଘର ନଥିବା ଶ୍ରମିକମାନଙ୍କୁ ଉତ୍କଳ ଭବନ ଏବଂ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଜରିଆରେ ପକ୍କା ଗୃହ ପ୍ରଦାନ ପାଇଁ ସୁବିଧା ଅଛି। ପରିବାର ମୁଖ୍ୟ ମହିଳାଙ୍କ ନାମରେ ଏହି ଗୃହଗୁଡ଼ିକ ମଞ୍ଜୁର କରାଯିବା ପାଇଁ ନିୟମ ରହିଛି। ୨୫ ବର୍ଗ ମିଟର ଜାଗାରେ ଘର କରିବା ଆବଶ୍ୟକ। ପ୍ରଧାନ ମନ୍ତ୍ରୀ ଆବାସ, ବିଜୁ ପକ୍କା ଘର ପରି ୧ ଲକ୍ଷ ୨୦ ହଜାର ନୂତନ ଗୃହ ନିର୍ମାଣ ପାଇଁ ମଞ୍ଜୁର ହୋଇ ଥାଏ ଏବଂ ମନରେଗାରେ ୯୦ ଦିନର ମଜୁରି ମଧ୍ୟ ପ୍ରଦାନ କରଯାଇଥାଏ। ୪ ମାସ ମଧ୍ୟ ରେ ଗୃହ ସମ୍ପାଦନ କଲେ ୨୦ ହଜାର ଏବଂ ୬ ମାସ ମଧ୍ୟରେ କଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇବାର ସୁବିଧା ଥିଲା। ଜିଲ୍ଲା ଶ୍ରମ ଅଧିକାରୀ ଯେଉଁମାନଙ୍କର ଏକ ବର୍ଷରେ ଠିକ୍ ଭାବେ ନିର୍ମାଣ ଶ୍ରମିକ କାର୍ଡ ଚାଲୁ ରହିଥିବ ସେମାନଙ୍କର ଏକ ଚିଠା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ପଠାଇ ଥାଆନ୍ତି। ବ୍ଲକ୍ ଉନ୍ନୟନ ଅଧିକାରୀ ତାଙ୍କର କର୍ମଚାରୀଙ୍କ ଜରିଆରେ ଫିଲ୍ଡ ଭେରିଫିକେସନ କରି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ ଖୋର୍ଦ୍ଧା ଙ୍କୁ ପଠାଇ ଥାଆନ୍ତି। ପରେ ଜିଲ୍ଲାପାଳ ଏହାକୁ ସ୍ୱୀକୃତି ପ୍ରଦାନ କରି ସମାନ ତାଲିକାକୁ ରାଜ୍ୟ ପଞ୍ଚାୟତ ଏବଂ ପାନୀୟ ଜଳ ବିଭାଗ ଏବଂ ଶ୍ରମ ଏବଂ କର୍ମଚାରୀ ବୀମା ବିଭାଗକୁ ପୁଞ୍ଜି ମଞ୍ଜୁର ପାଇଁ ପଠାଇ ଥାଆନ୍ତି। ୨୦୧୬-୧୭ ରେ ୪୯ ଟି, ୨୦୧୯-୨୦ ରେ ଗୋଟିଏ ମିଳିଥିଲା। ତା ପରଠୁ ଏହା ନିର୍ମାଣ କାର୍ଡ ଶ୍ରମିକଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଗରିବ ଯୋଗ୍ୟ ଥିଲେ ମଧ୍ୟ ଗୃହ ମିଳି ପାରୁନି। ରୁରାଲ ହାଉସିଂ ପୋର୍ଟାଲରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୦-୨୧ ବର୍ଷ ପରଠାରୁ ଆଉ ଓଡ଼ିଶାରେ ନିର୍ମାଣ ଶ୍ରମିକ କାର୍ଡଧାରୀଙ୍କୁ ଗୃହ ମଞ୍ଜୁର କରାଯାଇ ନାହିଁ। ଏମିତିରେ ବର୍ଷ ସରିବାକୁ ବସିଥିବା ବେଳେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ମିଳି ପାରି ନାହିଁ। କେବଳ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ କିଛି ଗୃହ ମଞ୍ଜୁର କରାଯାଇଛି।

ପୂର୍ବରୁ ଥିବା ବିଜୁ ପକ୍କା ଘରକୁ ଏହି ଯୋଜନାରେ ମିଶାଇ ଦିଆଯାଇଛି। ରାଜ୍ୟର ଟାର୍ଗେଟ କମ୍ ଥିବାରୁ କମ୍ ଗୃହ ମଞ୍ଜୁର ହୋଇଛି। କିନ୍ତୁ ଖୋର୍ଦ୍ଧା ଜିଲ୍ଲାରେ ଏବେ ବି ଅନେକ ଗରିବ ଲୋକେ ଯେଉଁମାନଙ୍କ ପାଇଁ ପକ୍କା ଗୃହ ସ୍ୱପ୍ନ ସେମାନେ ଏବେ ଅନେଇ ବସିଛନ୍ତି ଖଣ୍ଡିଏ ଗୃହ ପାଇବା ପାଇଁ। ଯଦି ଜିଲ୍ଲା ଅଧିକାରୀ ଏ ବିଷୟରେ ଉପଯୁକ୍ତ ପଦକ୍ଷେପ ନିଅନ୍ତି ତାହେଲେ ନିର୍ମାଣ ଶ୍ରମିକ କାର୍ଡ ଧାରୀ ମାନେ ଘର ଖଣ୍ଡେ ପାଇ ପାରନ୍ତି ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ନରଣଗଡ଼ ଫୁଟବଲ ଟୁର୍ଣ୍ଣାମେଣ୍ଟ; ପାଇକତିଗିରିଆ ବିଜୟୀ



ନିରାକାରପୁର,୨୪।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ ବିନ୍ଦୁ ବଳୟ ଯୁବ ବିକାଶ ନିକେତନ ଦ୍ୱାରା ଚାଲିଥିବା ନରଣଗଡ଼ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ସେମିଫାଇନାଲ ଠଣାପାଲୀ ବନାମ ପାଇକତିଗିରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ପାଇକତିଗିରିଆ ବିଜୟୀ ହୋଇଥିଲା। ଆଜିର ଖେଳକୁ ଫକୀର ଚରଣ ନିଶଙ୍କ, ଶରତ ଛୋଟରାୟ, ସୁକାନ୍ତ ପ୍ରଧାନ, ବିପିନ ସାମନ୍ତରାୟ ଏବଂ ଚତୁର୍ଥ ରେଫେରୀ ହୃଦାନନ୍ଦ ମହତରାଏ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଅତିଥିଭାବେ ସମାଜସେବୀ ମହେନ୍ଦ୍ର ହରିଚନ୍ଦନ, କସ୍ତୁରୀ ଚରଣ ସୁନ୍ଦରାୟ, ହରମୋହନ ପାଇକରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଛତୁ ଚାଷକରି ଲକ୍ଷାଧିକ ଟଙ୍କା ରୋଜଗାର

# ଅନେକଙ୍କ ପାଇଁ ପ୍ରେରଣା ପଦ୍ମାବତୀ

**ଝାରସୁଗୁଡ଼ା, ୨୪।୧୦(ସମିସ)**

ଦୃଢ଼ଇଚ୍ଛା ଶକ୍ତି ଏବଂ ପରିଶ୍ରମ ସଫଳତା ଆଣିଥାଏ। ସ୍ୱାବଲମ୍ବୀ ହେବାପାଇଁ ଦୃଢ଼ ମନସ୍ତ ହେଲେ ପ୍ରତିକୂଳ ପରିସ୍ଥିତି ବି ହାର୍ ମାନିଥାଏ। ଆମେ ଆଜି ଏମିତି ଜଣେ ମହିଳାଙ୍କ ବିଷୟରେ କହିବା ଯିଏ ମାତ୍ର ପଞ୍ଚମ ଶ୍ରେଣୀ ଯାଏଁ ପଢ଼ିଛନ୍ତି, ହେଲେ ପାଳଛତୁ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏହାସହ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଇ ମହିଳା ଓ ଯୁବତୀଙ୍କୁ ନିଯୁକ୍ତି ଏବଂ ତାଲିମ ଦେଉଛନ୍ତି। ମହିଳା ଜଣକ ହେଉଛନ୍ତି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବଞ୍ଜରୀ ପଞ୍ଚାୟତ ବଞ୍ଜରୀ ଗ୍ରାମର ପଦ୍ମାବତୀ ଭୋଇ। ପଦ୍ମାବତୀ ନିଜ ପରିଶ୍ରମ ବଳରେ ଏବେ ଜଣେ ସଫଳ ଛତୁ ବ୍ୟବସାୟୀ ହୋଇଛନ୍ତି। ନିଜେ ସ୍ୱାବଲମ୍ବୀ ହେବାସହ ନିଜ ପରିବାର ଲୋକଙ୍କୁ ଏବଂ ଅନ୍ୟ ୫ ରୁ ୭ ଜଣଙ୍କୁ ରୋଜଗାର ମଧ୍ୟ ଦେଇପାରିଛନ୍ତି। ଜମିବାଡ଼ି ଅଳ୍ପ ଥିବାରୁ ଚାଷ କାମ ମଧ୍ୟ କରି ପାରି ନ ଥିଲେ। ୨୦୧୯ରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବଞ୍ଜରୀ ଗ୍ରାମରେ ଯୁବତୀମାନଙ୍କୁ ଛତୁ ଚାଷ ତାଲିମ ଦିଆଯାଇଥିଲା। ସେହି ସମୟରେ ଛତୁ ଚାଷ ଶିଖିବା ପାଇଁ ଇଚ୍ଛାପ୍ରକାଶ କରି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ଠାରୁ ଛତୁଚାଷ ଶିଖିଥିଲେ ପଦ୍ମାବତୀ। ପରୀକ୍ଷାମୂଳକ ଭାବରେ ମାତ୍ର ଗୋଟିଏ ବେଡ଼୍‌ରୁ ଆରମ୍ଭ କରିଥିଲେ ଛତୁ ଚାଷ। ସେବେଠୁ ଆଉ ପଛକୁ ଫେରି ନଥିଲେ ପଦ୍ମାବତୀ। ମାତ୍ର ଗୋଟିଏ ବେଡ଼୍‌ରୁ ଛତୁ ଚାଷ ଆରମ୍ଭ କରିଥିବା ପଦ୍ମାବତୀ ଏବେ ୧୨୦୦ ରୁ ଊର୍ଦ୍ଧ୍ୱ ବେଡରେ ଚାଷ କରୁଛନ୍ତି ଦେଶୀ ପାଳ ଛତୁ। ମାତ୍ର ୧୬ ଡେସିମିଲ ଜମିରେ ୩ କୁଡ଼ିଆ ଘରକରି ଦୈନିକ ୨୫ ରୁ ୩୦ କେଜି ଛତୁ ଉତ୍ପାଦନ କରି କେଜି ପ୍ରତି ୩୦୦ ଟଙ୍କା ଦରରେ ବିକ୍ରି କରୁଛନ୍ତି। ବର୍ଷକୁ ପ୍ରାୟ ୭-୮ ମାସ ଦେଶୀ ପାଳ ଛତୁ ଉତ୍ପାଦନ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି ପଦ୍ମାବତୀ। ଆବଶ୍ୟକତା ଅନୁଯାୟୀ ୫ ରୁ ୭ ଜଣଙ୍କୁ ନିଯୁକ୍ତି ଦେଉଥିବାବେଳେ ସ୍ୱାମୀ, ପୁଅ, ବୋହୂ



ସାହାଯ୍ୟ କରୁଛନ୍ତି। ପଦ୍ମାବତୀଙ୍କ ଛତୁ ଚାଷରେ ସହଯୋଗ କରି ବେଶ ଖୁସି ଥିବା ତାଙ୍କ ସ୍ୱାମୀ କହିବାସହ ଏବେ ତାଙ୍କ ସ୍ତ୍ରୀ ନାମରେ ତାଙ୍କ ପରିବାର ଏକ ନୂତନ ପରିଚୟ ପାଇଥିବା କହିଛନ୍ତି। ନିଯୁକ୍ତିର ସୁଯୋଗ ପାଉନଥିବା ଦିବ୍ୟାଙ୍ଗ ତଥା ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି ପଦ୍ମାବତୀ। ଅନ୍ୟପଟେ ଉତ୍ପାଦନ ହେଉଥିବା ଦେଶୀ ପାଳ ଛତୁର ଚାହିଦା ବଜାରରେ ବେଶ ରହିଛି। ତେଣୁ ବେପାରୀମାନେ ଘରକୁ ଆସି ଛତୁ କିଣି ନେଉଛନ୍ତି। ବର୍ତ୍ତମାନ ମେସିନ ଦ୍ୱାରା ଧାନ ଅମଳ ହେଉଥିବାରୁ ଏହି ପାଳରେ ଛତୁ ଉତ୍ପାଦନ ସାମାନ୍ୟ ହ୍ରାସ ପାଇଥିଲେ ହେଁ ଠିକ ଭାବରେ କରି ପାରିଲେ ନିଶ୍ଚିତ ଭଲ ଚାଷୀ ଲାଭବାନ ହୋଇପାରିବେ ବୋଲି ସେ କହିଛନ୍ତି। ଛତୁ ଚାଷ ଏକ ଲାଭଦାୟକ ଚାଷ ହୋଇଥିବାବେଳେ ଏହାକୁ ତାଲିମ ଗ୍ରହଣ କରି କମ ଜମିରେ ଅତି ଆରାମରେ ଜଣେବ୍ୟକ୍ତି କରି ପାରି ଲାଭବାନ ହୋଇପାରିବ। ତେଣୁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏନେଇ ବିଭିନ୍ନ ସମୟରେ ତାଲିମ ପ୍ରଦାନ କରାଯିବା ସହ ଲୋକଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ଝାରସୁଗୁଡା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁସ୍ମିତା ପଣ୍ଡା କହିଛନ୍ତି।

## ଛଟ୍ ପୂଜା ପାଇଁ ପୋଖରୀଘାଟ ପରିଦର୍ଶନ କଲେ ବିଧାୟକ



**ଝାରସୁଗୁଡ଼ା, ୨୪।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଛଟ ପୂଜା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଧାୟକ ଟଙ୍କଧର ତ୍ରିପାଠୀ ପୂଜା ହେଉଥିବା ବିଭିନ୍ନ ଜଳାଶୟ ଓ ନଦୀ ଘାଟ ପରିଦର୍ଶନ କରିବା ସହ ଏହାର ତଦାରଖ କରିଛନ୍ତି। ଆସନ୍ତା ୨୭ ଓ ୨୮ ତାରିଖରେ ଛଟପର୍ବ ସାରା ଦେଶ ରେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟ ଛଟ ପୂଜା ପାଳନ କରାଯିବ। ବିଶେଷ କରି ପୂର୍ବଭାରତରେ ଏହି ଛଟ ପୂଜା ମହାସମାରୋହରେ ପାଳନ କରାଯାଇଥାଏ। ଜିଲ୍ଲାରେ ବହୁ ସଂଖ୍ୟାରେ ବିହାରୀଲୋକ ରହୁଥିବାରୁ ଏଠାରେ ମଧ୍ୟ ପାଳନ କରାଯାଇଥାଏ। ପୂଜା ପୂର୍ବରୁ ସହରର ଚୌକିପଡ଼ା, ବୁରୋମାଲ, ତାଲପାଟିଆ, ବିଟିଏମ, ବକ୍ସି ଛକ ଆଦିର ଜଳାଶୟ ସହିତ ଇବ ନଦୀକୂଳର ବିଭିନ୍ନ ଘାଟ ଇତ୍ୟାଦି ସ୍ଥାନରେ ସଫାସୁତୁରା, ଲାଇଟ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ନେଇ ତଦାରଖ କରିଛନ୍ତି। ଯେମିତି କୌଣସି ଅଘଟଣ ନ ଘଟେ ସେଥିପ୍ରତି ଦୃଷ୍ଟି ଦେବ ପାଇଁ ଝାରସୁଗୁଡା ବିଧାୟକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦାରଖ ସମୟରେ ଟାଉନ ଥାନା ଅଧିକାରୀ ରଞ୍ଜନ ବରିହା, ବିଟିଏମ୍ ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ, ଏସ୍‌ଡିପିଓ ଉମାଶଙ୍କର ସିଂ, ପୂର୍ତ୍ତବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବାନ ପଟେଲ, ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ଏସ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦାଦନ ଖଟିବାକୁ ଯାଇଥିଲେ; ଫେରିଲା ମୃତଦେହ

**ଭେଡେନ, ୨୪।୧୦(ସମିସ):** ଭେଡେନ ଗ୍ରାମର ଜଣେ ବ୍ୟକ୍ତି ତାମିଲନାଡୁକୁ ଦାଦନ ଖଟିଯାଇଥାଇବା ବେଳେ ତାଙ୍କର ମୃତଦେହ ଗୁରୁବାର ଭେଡେନ ଗାଁକୁ ଫେରିଛି। ଶୁକ୍ରବାର ତାଙ୍କ ଶବସତ୍କାର କରାଯାଇଛି। ମୃତବ୍ୟକ୍ତି ଜଣକ ଭେଡେନ ଗ୍ରାମର ପ୍ରାଣ ସୁନା (୪୭) ବୋଲି ଜଣାପଡ଼ିଛି। ଘରର ଆର୍ଥିକ ସ୍ୱଚ୍ଛତା ନଥିବାରୁ ଘରଦ୍ୱାର ଛାଡି ସେ ଦାଦନ ଖଟିବାକୁ ଯାଇଥିଲା।



ସୂଚନା ଅନୁସାରେ ମୃତ ପ୍ରାଣ ୭ ବର୍ଷ ଆଗରୁ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ତ୍ରିପୁର ଜିଲ୍ଲା ସ୍ଥିତ ଭେଲକୁଏଲରେ ରହି ଏକ ଫ୍ୟାକ୍ଟ୍ରିରେ ଦାଦନ ଶ୍ରମିକ ଭାବରେ କାମ କରୁଥିଲେ। ହେଲେ ଗତ ୨୦ ତାରିଖ ରାସ୍ତାରେ ସେ ଯାଉଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରେ ଶବ ବ୍ୟବଚ୍ଛେଦ ହେଲାପରେ ଫ୍ୟାକ୍ଟ୍ରି ପକ୍ଷରୁ ଏକ ଗାଡି କରାଯାଇ ସେଠାରେ କାମ କରୁଥିବା ତାଙ୍କ ବନ୍ଧୁ ପରିଜନ ସହାୟତାରେ ଗ୍ରାମକୁ ଶବ ପଠାଇଥିଲେ। ଭେଡେନଗ୍ରାମରେ ଶବ ପହଞ୍ଚିଲା ପରେ ଏକ ଶୋକାକୁଳ ପରିବେଶରେ ନିକଟସ୍ଥ ଜିରା ନଦୀ ସ୍ମଶାନରେ ଶବ ସତ୍କାର କରାଯାଇଛି। ପରିବାର ଟି ଗରିବ ଶ୍ରେଣୀର ହୋଉଥିବାରୁ ସରକାରୀ ସହାୟତା ପ୍ରଦାନ ପାଇଁ ନିବେଦନ କରାଯାଇଛି।

## ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

**ପଦମପୁର, ୨୪।୧୦(ସମିସ):** ସ୍ଥାନୀୟ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ( ବିଦ୍ୟାଳୟସ୍ତର) ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ, ଏବିଇଓ ଜୟ କୁମାର ସାହୁ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଜିତେନ୍ଦ୍ର କୁମାର ପଣ୍ଡା ଓ ସରୋଜ କୁମାର ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଗଠନ କରାଯାଇଥିବା ବିଭିନ୍ନ କମିଟି ଗୁଡ଼ିକର କାର୍ଯ୍ୟାବଳୀ ଗୁଡ଼ିକ ଆଲୋଚିତ ହୋଇ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ଆସନ୍ତା ନଭେମ୍ବର ୬ରୁ ନଭେମ୍ବର ୮ ତାରିଖରେ ରାଜବୋଡ଼ାସମ୍ବର ଖେଳ ପଡ଼ିଆ ଓ ଅନ୍ୱେଷା ଖେଳପଡ଼ିଆଠାରେ ଅନୁଷ୍ଠିତ ହେବ। ହରେକୃଷ୍ଣ ମେହେର ସଂଯୋଜନା କରିଥିବାବେଳେ କ୍ଷୀରସିନ୍ଧୁ ସୁନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନୃସିଂହନାଥ ଓ ଗନ୍ଧମାର୍ଦ୍ଧନକୁ ଐତିହ୍ୟସ୍ଥଳୀ ମାନ୍ୟତା ପାଇଁ କେନ୍ଦ୍ରର ପରାମର୍ଶ

**ପଦ୍ମପୁର, ୨୪।୧୦(ସମିସ):** ଭାରତ ସରକାରଙ୍କ ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଦ୍ୱାରା ସାଂସଦ ନିରଞ୍ଜନ ବିଶିଙ୍କ ଦେଇଥିବା ପତ୍ର ଉପରେ ଉତ୍ତର ଦେଇଛନ୍ତି ଯେ, ଯେଉଁଥିରେ ଗନ୍ଧମାର୍ଦ୍ଧନ ପର୍ବତ ଓ ହରିଶଙ୍କର-ନୃସିଂହନାଥ ମନ୍ଦିର ଏକୀକୃତ ଉନ୍ନୟନ ସମ୍ପର୍କରେ ଉଲ୍ଲେଖ ଥିଲା, ଓଡ଼ିଶା ସରକାର ଦ୍ୱାରା ଗନ୍ଧମାର୍ଦ୍ଧନ ପର୍ବତକୁ ଜୈବ ବିବିଧତା ସଂଶୋଧିତ ଅଧିନିୟମ ୨୦୨୩ ଅନୁସାରେ ଜୈବ ବିବିଧତା ଐତିହ୍ୟ ସ୍ଥଳୀ ଭାବେ ଘୋଷିତ କରାଯାଇଛି। ଓଡ଼ିଶା ରାଜ୍ୟ ଜୈବ ବିବିଧତା ବୋର୍ଡ ମଧ୍ୟ ବିଭିନ୍ନ ପ୍ରଜାତି ଓ ଔଷଧୀୟ ଉଦ୍ଭିଦ ଚିହ୍ନଟ କରି ପ୍ରଶିକ୍ଷଣ ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ଚାଲୁ ରହିଛି ଏବଂ ପର୍ଯ୍ୟଟନ ବିକାଶ ପାଇଁ ପରାମର୍ଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ପର୍ଯ୍ୟଟନ ମନ୍ତ୍ରାଳୟ ଓ ଓଡ଼ିଶା ସରକାର ସହିତ ଏକୀକୃତ ଇକୋ ଓ ଐତିହ୍ୟ ପର୍ଯ୍ୟଟନ ବିକାଶ ପାଇଁ ସମନ୍ୱୟ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ସାଂସଦ କୃତଜ୍ଞତା ଜଣେଇଛନ୍ତି। ଗନ୍ଧମାର୍ଦ୍ଧନ ପର୍ବତ ଓଡ଼ିଶାର ଆତ୍ମା ସମାନ। ଏହାର ଉନ୍ନତି ଓ ସୁରକ୍ଷା ପାଇଁ ପ୍ରୟାସ ଜାରି ରହିବ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ବିଶି ପ୍ରକାଶ କରିଛନ୍ତି।

## ଧୁମ୍‌ଧାମ୍‌ରେ ପାଳିତ ହେଲା ଚିତ୍ରଗୁପ୍ତ ପୂଜା

**ପଦ୍ମପୁର, ୨୪।୧୦ (ସମିସ):** ସ୍ଥାନୀୟ ରାଜାଜି ଟାଉନ୍ ହଲ୍‌ଠାରେ କରଣ ସମାଜ ତରଫରୁ ଚିତ୍ରଗୁପ୍ତ ପୂଜା ଧୁମଧାମରେ ପାଳିତ ହୋଇଛି। ପ୍ରଥମେ ସମାଜର ସମସ୍ତ ସଦସ୍ୟ ଘଣ୍ଟବାଦ୍ୟ ସହ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ପଣ୍ଡିତ ଆତ୍ରହିଭଞ୍ଜନ ପାଣଗ୍ରାହୀ ପୂଜାକାର୍ଯ୍ୟ କରିଥିବା ବେଳେ ପୂଜାକର୍ତ୍ତା ମନୋଜ ମହାନ୍ତି ସପତ୍ନିକ୍ ଦାୟିତ୍ୱ ବହନ କରିଥଲେ। ପରେ ଚିତ୍ରଗୁପ୍ର କଲ୍ୟାଣ ସଂଘ ତରଫରୁ ସଭାପତି ଶିରିଶ କୁମାର ବହିଦାରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମ୍ପାଦକ ଅଶୋକ କୁମାର ବହିଦାର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଗତ ବର୍ଷର ଆୟବ୍ୟୟର ହିସାବ ଓ ମନ୍ଦିର ନିର୍ମାଣ ଯଥା ଶୀଘ୍ର ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନ ହେଇଥିଲା। ଏହି କାର୍ଯ୍ୟକ୍ରମରେ ସଞ୍ଜୟ କୁମାର ବହିଦାର, ପ୍ରିତେଶ ବହିଦାର, ବିଜୟ ବହିଦାର, ଶେଷଦେବ ପଟ୍ଟନାୟକ, ସନ୍ତୋଷ ବହିଦାର, ଅଖିଳ ପଟ୍ଟନାୟକ, ଶୈଳେଶ ମହାନ୍ତି, ଇସାନ କାନୁନଗୋ, ସୁରଞ୍ଜିତ୍ ବହିଦାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସଂଘ ଉପସଭାପତି ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦାୟ ନେଲେ ମା' କାଳୀ; ଭସାଣି ଶୋଭାଯାତ୍ରା



**ଝାରସୁଗୁଡ଼ା, ୨୪।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ରାମପୁର କୋଲିୟାରି ଠାରେ କାଳୀପୂଜା କମିଟି ରାମପୁର କୋଲିୟାରୀ ପକ୍ଷରୁ ଆୟୋଜିତ ହେଉଥିବା କାଳୀପୂଜାର ଭଷାଣି ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମା'କାଳୀଙ୍କର ମେଢ଼କୁ ଏକ ସୁସଜ୍ଜିତ ରଥରେ ବିରାଜମାନ କରାଯାଇ ବିଭିନ୍ନ ନୃତ୍ୟଗୀତର ତାଳେତାଳେ ସହର ପରିକ୍ରମା କରାଯାଇଥିଲା। ବିଭିନ୍ନ ପାରମ୍ପରିକ ବାଦ୍ୟ ସହିତ ମା'କାଳୀଙ୍କର ଏହି ଭଷାଣି ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ଜନସାଧାରଣଙ୍କ ଆକର୍ଷଣର କେନ୍ଦ୍ର ପାଲଟିଥିଲା ଏବଂ ଅଞ୍ଚଳର ଅନେକ ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ଭାବରେ ବ୍ରଜରାଜନଗର ପୌରପରିଷଦ ଅଧୀନ ବ୍ରଜରାଜନଗର ବସ୍‌ଷ୍ଟାଣ୍ଡଠାରେ ଆୟୋଜିତ ହେଉଥିବା କାଳୀପୂଜାର ଭଷାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଭଷାଣି ଶୋଭାଯାତ୍ରା କାର୍ଯ୍ୟକ୍ରମରେ ମନୋରଞ୍ଜନ ପାଇଁ ପୂଜା କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ଭାଲୁ ନୃତ୍ୟ ଶିଶୁମାନଙ୍କୁ ବେଶ ଆକର୍ଷିତ କରିଥିଲା। ମା'କାଳୀଙ୍କୁ ଦର୍ଶନ ସହିତ ବିଦାୟ ଦେବାପାଇଁ ଅଞ୍ଚଳର ଅନେକ ଜନସାଧାରଣ ସାମିଲ ହୋଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ବ୍ରଜରାଜନଗର ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା।

## ରକ୍ତଦାନ ଶିବିର; ୫୧ୟୁନିଟ ସଂଗ୍ରହ



**ବରଗଡ଼, ୨୪।୧୦(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଅଧୀନ ସରଗିବାହାଲ ଗ୍ରାମରେ ପବିତ୍ର କାଳୀପୂଜା ଅବସରରେ କାଳୀପୂଜା କମିଟି ସରଗି ବାହାଲ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଅବସରପ୍ରାପ୍ତ ସୈନିକ ଲୋକନାଥ ବିଶ୍ୱାଳ ମୁଖ୍ୟ ଅତିଥି, ନିମନ୍ତ୍ରିତ ଅତିଥି ଭାବରେ କାଳୀ ପୂଜା କମିଟିର ସଭାପତି ଛାୟା କାନ୍ତ ମେହେର, ଚିତ୍ର ସେନ ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ୫୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ କାଳୀପୂଜା କମିଟିର ପବିତ୍ର ମେହେର, ବିଜେଶ୍ୱର ମେହେର, ରାଜୀବ ଦାଶ, ଆଲୋକ ମେହେର, ଆଜାଦ ଦାଶ, ଦୁଷ୍ମନ୍ତ ରଣା, ଉମେଶ ଅଗ୍ରୱାଲ, ଆକାଶ ମେହେର, ଭୋଜ ରାଜ ମେହେର, ଆଶିଷ ବେହେରା, ବୁଲୁ ମେହେର, ଲୋକନାଥ ବିଶ୍ୱାଳ ଓ ନିଷ୍ଠା ପରିବାର ସଦସ୍ୟ ମାନେ ସୁପରିଚାଳନା କରିଥିଲେ।

## 'ସମ୍ଭବ'ର ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର

**ପଦ୍ମପୁର, ୨୪।୧୦(ସମିସ):** ପି ଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଇଓ ଲୋକନାଥ ଭୋଇ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ରାଜବୋରାସମ୍ବର ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରାଲମ୍ବ ପଟେଲ, ପେଡ଼ାଗୋଜି କୋର୍ଡିନେଟର ପୁଷ୍ପାଞ୍ଜଳି ଦାଶ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବରେ ଝାରବନ୍ଧ ବ୍ଲକ ଶିକ୍ଷାଧିକାରୀ ଶୁଭମ୍ ପତି, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ବରଗଡ଼ର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା, ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାର ପ୍ରଧାନଶିକ୍ଷକ ଅଜୟ କୁମାର ମେହେର, ତୋରା ହାଇସ୍କୁଲର ପ୍ରଧାନଶିକ୍ଷକ ସଙ୍ଗୀତା ମିଶ୍ର, ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ



ପୁସ୍ତମ୍ ବିଶି ଯୋଗ ଦେଇ ତାଲିମ୍ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାପନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକରଣ, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରାଯାଇ ମାଧ୍ୟମିକ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କରାଯିବାର କାର୍ଯ୍ୟକ୍ରମ ରହିଛି। ଶିକ୍ଷକ ମାନସ ଶତପଥୀ ସଭା କାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉ କି ଏହି ପ୍ରଶିକ୍ଷଣ ଶିବିରରେ ଗାଇସିଲେଟ୍ ବ୍ଲକ, ରାଜବୋରାସମ୍ବର, ଝାରବନ୍ଧ ଓ ପାଇକମାଳ ବ୍ଲକର ସମସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

## ଝାରବନ୍ଧ ପୁଲିସର ସାଇବର ସୁରକ୍ଷା ଅଭିଯାନ



**ଝାରବନ୍ଧ, ୨୪।୧୦ (ସମିସ):** ସାରା ରାଜ୍ୟରେ ସାଇବର ଠକ ଜନସାଧାରଣଙ୍କୁ ଅଡୁଆରେ ପକେଇ ହଇରାଣ କରୁଥିବାବେଳେ ଲୋକଙ୍କୁ ସଚେତନ କରିବା ପାଇଁ ବରଗଡ଼ ପୁଲିସ ଦ୍ୱାରା ସାଇବର ସୁରକ୍ଷା ଅଭିଯାନ ୨୦୨୫ କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ପୁଲିସ ତରଫରୁ ଥାନା ଅଧିକାରୀ କେ. ସମାରିଆଙ୍କ ତତ୍ତ୍ୱାବଧାନ ରେ ଝାରବନ୍ଧରେ ଗିରି ଗୋବର୍ଦ୍ଧନ ପୂଜା ଚାଲିଥିବା ସମୟରେ ଲୋକଙ୍କୁ ସଚେତନ କରିବା ପାଇଁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାଇବର ସମ୍ବନ୍ଧୀୟ ସମସ୍ତ ସତର୍କତା, ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଏବଂ ପୁଲିସରେ ଅଭିଯୋଗ ବିଷୟରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଝାରବନ୍ଧ ଏସ୍‌ଆଇ. ସୁଶାନ୍ତ ସାହୁ, ଗିରି ଗୋବର୍ଦ୍ଧନ ପୂଜା କମିଟିର ସଭାପତି ଗୁଣମଣି ବନ୍‌ଛୋର, ସମ୍ପାଦକ ଉମେଶ ବନଛୋରଙ୍କ ସମେତ ମୋହନ ବନଛୋର, ଟିଙ୍କୁ ବନଛୋର, ସୁଶାନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୨୪।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅଧୀନ ସରକାରୀ ପଞ୍ଚାୟତ ହାଇସ୍କୁଲ ବାବୁଛିପିଡ଼ିହିଠାରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଲଇକେରା ଗୋଷ୍ଠୀ ଶିକ୍ଷାଧିକାରୀ ହିମାଂଶୁ ବାଗଙ୍କ



ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଲଇକେରା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ମୁଖ୍ୟବକ୍ତା ଭାବେ ଆଇଆଇସି ଦିଲୀପ କୁମାର ବେହେରା, ସମ୍ମାନିତ ଅତିଥି ଭାବରେ ଲଇକେରା ଏବିଇଓ ତଥା ବିଆରସିସି ଜନ୍ମେଜୟ ନାଏକ, ଏବିଇଓ ହରିଶଚନ୍ଦ୍ର ନାଏକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଲୋକେନ୍ଦ୍ର ରାଉତ, ପୂର୍ବତନ ସଭାପତି ବିଦ୍ୟାଳୟ ପରିଚାଳନା କମିଟି ରତ୍ନ ସାଗର ନାଏକ ଓ ସୁରେନ୍ଦ୍ର ନେଟି, ବିଦ୍ୟାଳୟ ଜମିଦାତା ଦୁର୍ଯ୍ୟୋଧନ ସା ଏବଂ ସରକାରୀ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ ବସନ୍ତ କୁମାରୀ କଉଡ଼ି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଙ୍କ ସହ ବାବୁଛିପିଡିହି ପଞ୍ଚାୟତର ସମିତି ସଭ୍ୟ ମନମୋହନ କନ୍ସରାଳି, ସରପଞ୍ଚ ମନୋଜ ବୁଦୁଲା, ଜୀବନବୀମା ନିଗମର ପରାମର୍ଶଦାତା ପ୍ରକାଶ କୁମାର ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାହାସପୁର କ୍ଲଷ୍ଟର ସିଆରସି ପ୍ରଦୀପ କୁମାର ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ତାଲମୁଣ୍ଡା କ୍ଲଷ୍ଟର ସିଆରସି ମନୋରଞ୍ଜନ କଣ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ସିଆରସି, ବିଦ୍ୟାଳୟର ଏସଏମସି ସଭ୍ୟ ସଭ୍ୟା, ସରକାରୀ ପଞ୍ଚାୟତ ସମିତି ହାଇସ୍କୁଲର ମଳୟ ବସନ୍ତ ପଟ୍ଟନାୟକ, ସିଦ୍ଧାର୍ଥ ନାଏକ, ଛତ୍ରଲାଲ କିସାନ, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, କଲ୍ୟାଣୀ ପଧାନ, ଅକ୍ଷୟ କୁମାର ପୋଢ଼, ରମେଶ ଚନ୍ଦ୍ର ପଟେଲ୍ ଓ ଖୁଲିଆବନ୍ତ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

### ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ

# ୧୪ ମହାବିଦ୍ୟାଳୟ ଖେଳାଳିଙ୍କ ଅଂଶଗ୍ରହଣ

**ଭେଡେନ, ୨୪।୧୦(ସମିସ)**

ଭେଡେନସ୍ଥିତ ରଣଜିତା ଖେଳପଡ଼ିଆରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ହେଉଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିନରେ ୧୪ଟି ମହାବିଦ୍ୟାଳୟ ଖେଳାଳି ଅଂଶଗ୍ରହଣ କରି ୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ବିକାଶ ସ୍କୁଲ ଅଫ୍ ବସ୍ ଏମ୍‌ଏନ୍‌ଇଜି ଓ ଭିଏସ୍‌ଏସ୍‌ଆଇଏମ୍‌ଏସ୍‌ଆର ବୁର୍ଲା ମଧ୍ୟରେ ଅନୁଷ୍ଠିତ ହୋଇ ୫-୦ଗୋଲରେ ବୁର୍ଲା ବିଜୟୀ, ଦ୍ୱିତୀୟ ମ୍ୟାଚ ଜିସିପିଇ କୁଲୁଣ୍ଡି ଓ କଣ୍ଟାପାଲି କଲେଜ ମଧ୍ୟରେ ଅନୁଷ୍ଠିତ ହୋଇ କଣ୍ଟାପାଲି କଲେଜ ୪-୦ଗୋଲରେ ବିଜୟୀ, ତୃତୀୟ ମ୍ୟାଚ ବରପାଲି କଲେଜ ଓ ଏସୟୁଆଇଆଇଟି ଜ୍ୟୋତି ବିହାର ମଧ୍ୟରେ ଅନୁଷ୍ଠିତ ହୋଇ ସୁଟଆଉଟ ଜରିଆରେ ୪-୨ଗୋଲରେ ବରପାଲି ବିଜୟୀ, ଚତୁର୍ଥ ମ୍ୟାଚ ଡିଗ୍ରୀ କଲେଜ ତୋରା ଓ ଜେକେଏସ କଲେଜ ପରମାନପୁର ମଧ୍ୟରେ ଅନୁଷ୍ଠିତ



ହୋଇ ୧-୦ଗୋଲରେ ତୋର କଲେଜ ବିଜୟୀ ହୋଇଥିଲା, ପଞ୍ଚମ ମ୍ୟାଚ୍ ସୁରଜମଲ କଲେଜ ଓ ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇ ସୁଟ୍‌ଆଉଟ ଜରିଆରେ ୩-୨ ଗୋଲରେ ସୁରଜମଲ କଲେଜ ବିଜୟୀ, ଷଷ୍ଠ ମ୍ୟାଚ୍‌ପିଜି କାଉନସିଲ ଓ ଏଏସଡି କଲେଜ ପାହାଡ଼ସିରିଗିଡା ମଧ୍ୟରେ ଅନୁଷ୍ଠିତ ହୋଇ ସୁଟଆଉଟ ଜରିଆରେ ୫-୧ଗୋଲରେ ପାହାଡ଼ସିରିଗିଦା କଲେଜ ବିଜୟୀ ହୋଇଥିଲା। ସପ୍ତମ ମ୍ୟାଚ ପଞ୍ଚାୟତ କଲେଜ ବଉଦ ଓ କୁଚିଣ୍ଡା କଲେଜ ମଧ୍ୟରେ ଅନୁଷ୍ଠିତ ହୋଇ ୨-୦ ଗୋଲରେ ବଉଦ କଲେଜ ବିଜୟୀ ହୋଇଥିଲା। ଅନୁଷ୍ଠିତ ସମସ୍ତ ଖେଳକୁ ସୁଧାଂଶୁ ସେଠ, ପ୍ରଦୀପ ବାଗ, ଗୋପୀନାଥ ପାଣ୍ଡେ, ନୀଳ ନାଏକ, ରାଜ ମଣ୍ଡଳ, ଅଜୟ ପଧାନ ପରିଚାଳନା କରିଥିବାବେଳେ ସନ୍ତୋଷ କୁମାର ନାୟର, ସୁରେନ୍ଦ୍ର କୁମାର ମିଶ୍ର, ସୂର୍ଯ୍ୟକୁମାର ଦେହେରି ଧାରାବିବାରଣୀ ପ୍ରଦାନ କରିଥିଲେ। ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ମହାବିଦ୍ୟାଳୟର କ୍ରୀଡ଼ା ଉପସଭାପତି ରଞ୍ଜନ କୁମାର ଦାଶ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦ୍ୱିତୀୟ ଦିନର ଖେଳ ଶେଷ ହୋଇଥିଲା। ପୂର୍ବତନ ଖେଳାଳି ଗୋପୀକୃଷ୍ଣ ରଥ, ଧ୍ରୁବଚରଣ ବେହେରା, ସୁରେନ୍ଦ୍ର ବନଛୋର, ସତ୍ୟନାରାୟଣ ରଥ, ସରୋଜ କୁମାର ରଥ, ମ ହରିହର ମେହେର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଲା ସାହୁ ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିଲେ।

ମା'ଦୁଃଖ ସହି ପାରିଲାନି ପୁଅ

# କେନାଲକୁ ଡେଇଁ ଆତ୍ମହତ୍ୟା ସନ୍ଦେହ

ସମ୍ବଲପୁର, ୨୪।୧୦(ସମିସ)





ସମାଜରେ ବାପା ମାଆ ପ୍ରତି ପୁଅର ନିର୍ଯାତନା ସବୁବେଳେ ଦେଖିବାକୁ ମିଳିଥାଏ। ସମ୍ବଲପୁର ବୁର୍ଲାରେ ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ଜଣେ ପୁଅ ତା ରୋଗୀଣି ମା'ର ଦୁଃଖ ସହି ନପାରି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।ମାଆ ଓ ପୁଅ ମଧ୍ୟରେ ରହିଥିବା ପ୍ରେମ ସ୍ନେହ ବାରି ହେଉଛି। ଭିମସାରରେ ଚିକିତ୍ସିତ ହେଉଥିବା କୀଡନି ଖରାପ ରୋଗରେ ପୀଡିତ ମା'ଙ୍କ ଯନ୍ତ୍ରଣା ଦେଖି ଅସହ୍ୟ ହୋଇ, ୨୨ ବର୍ଷର ପୁଅ ନିଖୋଜ ହୋଇଯାଇଛି। ନିଖୋଜ ଯୁବକ ଜଣକ ବଲାଙ୍ଗିର ଜିଲ୍ଲା ମହାଲକ୍ଷ୍ମୀନଗରପଡ଼ାର ସୌରଭ ସମ୍ପ୍ରିତ ତ୍ରିପାଠୀ। ତାଙ୍କ ମା' ଗତ କିଛି ମାସ ଧରି କିଡନି ରୋଗରେ ଆକ୍ରାନ୍ତ ହୋଇ ବୁର୍ଲା ଭିମସାରରେ ଚିକିତ୍ସାଧୀନ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ପୁଅ ସୌରଭ ସବୁବେଳେ ମା'ଙ୍କ ପାଖରେ ରହି ସେବା କରୁଥିଲେ।କିଛି ଦିନି ତଳେ ଡାକ୍ତର ମାଆଙ୍କ ଦେହ ଭଲ ନଥିବା କହିଥିଲେ।ଏଥିପାଇଁ ସବୁ ବେଳେ ସେ ଚିନ୍ତାଗ୍ରସ୍ତ ରହୁଥିଲେ। ଗତ ୨୨ତାରିଖ ସନ୍ଧ୍ୟା ସମୟରେ, ସେ ହଠାତ୍ ହସ୍ପିଟାଲରୁ ନିଖୋଜ ହୋଇଯାଇଥିଲେ। ମା' ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ବି କୌଣସି ପତ୍ତା ପାଇନଥିଲେ। କିନ୍ତୁ ତାଙ୍କ ମୋବାଇଲ ଫୋନରେ ଏକ ମେସେଜ ଆସିଥିଲା। ଯାହାକୁ ପଢ଼ି ମା' ମୁହଁରେ ଲୁହ ଝରି ପଡ଼ିଛି। ମେସେଜରେ ଲେଖାଥିଲା 'ମା' ମୁଁ ତମ ଦୁଃଖ ସହିପାରୁନି, ତେଣୁ କେନାଲରୁ ଡେଇଁ ଆତ୍ମହତ୍ୟା କରିବି'।ପରିବାର ସହ ସମଗ୍ର ୱାର୍ଡରେ ଏହି ଘଟଣା ଏକ ଦୁଃଖଦ ପରିବେଶ ସୃଷ୍ଟି କରିଛି। ଶେଷରେ ପରିବାର ପକ୍ଷରୁ ବୁର୍ଲା ଥାନାରେ ଯୁବକ ନିଖୋଜ ଥିବା ନେଇ ଲିଖିତ ଅଭିଯୋଗ କରାଯାଇଛି। ବୁର୍ଲା ପୁଲିସ ବର୍ତ୍ତମାନ ବୁର୍ଲା ପାୱାର କେନାଲ ଓ ନିକଟସ୍ଥ ଅଞ୍ଚଳରେ ସୌରଭଙ୍କ ସନ୍ଧାନ ଜାରି ରଖିଛି। ଶୁକ୍ରବାର ସକାଳୁ ପୁଲିସ ଏବଂ ବୁର୍ଲା ଅଗ୍ନିଶମ ବାହିନୀ ବୋଟରେ ସହରର ବିଷ୍ଣୁ ମନ୍ଦିର ପଡ଼ା ଘାଟରୁ ପାୱାର କେନାଲରେ ନିଖୋଜ ଯୁବକକୁ ଖୋଜାଖୋଜି କରୁଛନ୍ତି। କିନ୍ତୁ ନିଖୋଜ ଯୁବକର କୌଣସି ସନ୍ଧାନ ମିଳିପାରିନାହିଁ।ମୋବାଇଲ ଟାୱର ଲୋକେସନ ଟ୍ରେସ ଓ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଖବର ଲେଖିବା ପର୍ଯ୍ୟନ୍ତ ନିଖୋଜ ଯୁବକଙ୍କ କୌଣସି ସନ୍ଧାନ ମିଳି ପାରିନଥିଲା।

■ ସଫେଇ କର୍ମଚାରୀ ନିଯୁକ୍ତି ଘଟଣା

# ଟଙ୍କା ଫେରସ୍ତ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ସମ୍ବଲପୁର, ୨୪।୧୦ (ସମିସ): ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ପାଇଁ ଆରମାକ୍ସ ନାମକ ସଂସ୍ଥାକୁ ଲୋକେ ୧୨ ହଜାର ଟଙ୍କା ଦେଇଛନ୍ତି।ଗତକାଲି ଏହି ସଂସ୍ଥାର ଦୁଇ ଜଣକୁ ବୁର୍ଲା ପୁଲିସ ଗିରଫ କରିଛି। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ଅଞ୍ଚଳରୁ ଲୋକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଯୁକ୍ତି ପାଇଁ ଦେଇଥିବା ଟଙ୍କା ଫେରି ପାଇବା ଆଶାରେ ବୁର୍ଲା ଥାନା ଝରେଇପାଲିର ଗ୍ରାମବାସୀ ଆଜି ଆସିଥିଲେ। କିଭଳି ସେମାନେ ଟଙ୍କା ଫେରିବେ ସେ ନେଇ ପ୍ରଶ୍ନ କରିଥିଲେ। ପୁଲିସ ନିଜ ଅଞ୍ଚଳରେ ଏ ସଂକ୍ରାନ୍ତରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲା।



# ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆରମ୍ଭ



ସମ୍ବଲପୁର, ୨୪।୧୦(ସମିସ): ସ୍ଥାନୀୟ ପିଏଚ୍‌ଡି ପଡ଼ିଆରେ ଦ୍ୱିତୀୟ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସମ୍ବଲପୁରର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ବରିଷ୍ଠ ପ୍ରଚାରକ ବିପିନ ବିହାରୀ ନନ୍ଦ ଓ ସାଥି ଚାରିଟେବୁଲର ପ୍ରତିଷ୍ଠାତା ଶତ୍ରୁଘ୍ନ ଲାଲ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା.ଲି. ପକ୍ଷରୁ ଆପେଲ ସାଇନ୍ ଆଣ୍ଡ ଗ୍ରାଫିକ୍ସ ସହାୟତାରେ ମେଳା ଅନୁଷ୍ଠିତ ହେଉଛି। ୨୦ଟି ରାଜ୍ୟ ଓ ୧୦ଟି ଦେଶରୁ ବ୍ୟବସାୟୀ ମାନେ ଏହି ମେଳାରେ ଅଂଶ ଗ୍ରହଣ କରିଛନ୍ତି।ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା, ପାୟଲ ଆଚାର୍ଯ୍ୟ ଗୁପ୍ତା, ଆପେଲ ସାଇନ ନିର୍ଦ୍ଦେଶକ ଦିନେଶ ଭୋଲ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର



ରେଢ଼ାଖୋଲ, ୨୪।୧୦ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କୁକୁଡାବାହାଲି ଗ୍ରାମ ପଞ୍ଚାୟତ ଅଧୀନ ଝିଙ୍କିଦାଦର ଗ୍ରାମ ନିକଟରେ ଶୁକ୍ରବାର ଦିନ ସନ୍ଧ୍ୟା ସମୟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ଫଳରେ ଏଥିରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତମାନେ ଝିଙ୍କିଦାଦର ଗ୍ରାମର ବାବୁଲି ପ୍ରଧାନ ଓ ଅନ୍ୟ ଜଣେ କିଶୋରନଗର ଥାନା ଜଏରାଟ ଗ୍ରାମର ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଝିଙ୍କିଦାଦର ଗ୍ରାମରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଦୁଇ ଜଣ ଗୁରୁତର ହୋଇଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

## ପିସିସି ସଭାପତିଙ୍କ ପ୍ରତି ଅଶାଳିନ ମନ୍ତବ୍ୟ

# ଜିଲ୍ଲା କଂଗ୍ରେସ ପକ୍ଷରୁ ସାଇବର୍ ଥାନାରେ ଅଭିଯୋଗ

ସମ୍ବଲପୁର, ୨୪।୧୦(ସମିସ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ଅପମାନିତ ତଥା ସମ୍ମାନହାନୀ କରିଥିବାରୁ ସମ୍ବଲପୁର ଜିଲ୍ଲା କଂଗ୍ରସ ପକ୍ଷରୁ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ଇଂ ଅମିତ୍ କୁମାର ଗୁରୁଙ୍କ ନେତୃତ୍ୱରେ ସୁଧାଂଶୁ ଶେଖର ରାଉତ, ଅଜୟ ପଣ୍ଡା ଓ ଅନନ୍ତ ନାରାୟଣ ଧଳଙ୍କ ନାମରେ ଏତଲା ଦିଆଯାଇଛି। ଉକ୍ତ ୩ ଜଣ ସାମାଜିକ ଗଣମାଧ୍ୟମରେ କଂଗ୍ରେସ ଦଳକୁ ବଦନାମ କରଛନ୍ତି। ଶ୍ରୀଦାସଙ୍କୁ ସମ୍ମାନହାନୀ ହେବା ପରି ମନ୍ତବ୍ୟ ଦେଉଛନ୍ତି। ଏଣୁ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା କଂଗ୍ରେସ ଦାବି କରିଛି। ବରିଷ୍ଠ ଆଇନଜୀବି ନିରଞ୍ଜନ ତ୍ରିପାଠୀ, ପୂର୍ବତନ ଜିଲ୍ଲା ସଭାପତି ଜୟଶଙ୍କର ମିଶ୍ର, ପିସିସି ସଭ୍ୟ ସୁବାସ ବିଶ୍ୱାଲ, ପିସିସି ସମ୍ପାଦକ ଦିଲିପ୍ ଦୁରିୟା, ପିସିସି ଏସସି ସେଲ ତାପସ କୁମ୍ଭାର, ମହିଳା ନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ହୀରାକୁଦ ନଗର ସଭାପତି ରବି ରାଉତ, ଜିତେନ ମହାନନ୍ଦ, ପିଙ୍କୁ ସିଂ, କୁନାଲ ରାୟେ, ତିଳୋତ୍ତମା ଚୌଧୁରୀ, ଦିନବନ୍ଧୁ ପରୀଡ, ବୁର୍ଲା ନଗର ସଭାପତି ଗିରିଜା ନାୟକ, ଜୟନ୍ତ ସାହୁ, ସଞ୍ଜୀବ ଗର୍ଡ଼ତିଆ, ନକୁଳ ବେହେରା ମକରଧ୍ୱଜ ରଣବିଡା, ନନ୍ଦ ବାରିକ ଅନ୍ୟ କର୍ମୀ ଓ କର୍ମ କର୍ତ୍ତା ଉପସ୍ଥିତ ଥିଲେ।



# ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ସୂଚନା ଅଧିକାର କର୍ମୀଙ୍କ ନାମରେ ମାମଲା

କୁଚିଣ୍ଡା, ୨୪।୧୦(ସମିସ): କୁଚିଣ୍ଡା ବ୍ଲକ ଅର୍ଡାବାହାଲ ଗ୍ରାମରେ ଜଣେ ୪୫ ବର୍ଷୀୟା ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ସୂଚନା ଅଧିକାର କର୍ମୀ ବୋଲାଉଥିବା ସେହି ଗ୍ରାମର ସମୀର ନାୟକଙ୍କ ବିରୋଧରେ ମହୁଲପାଲୀ ଥାନାରେ ମାମଲା ରୁଜୁ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଗତ ଗୁରୁବାର ଦିନ ସମ୍ପୃକ୍ତ ମହିଳାଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରି ଧାରା ୧୬୪ରେ ତାଙ୍କର ବୟାନ ରେକର୍ଡ କରିଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଅର୍ଡାବାହାଲ ଗ୍ରାମର ସମ୍ପୃକ୍ତ ମହିଳା ଘରେ ଏକୁଟିଆ ଥିବାବେଳେ ସୁଯୋଗ ଦେଖି ଗତ ୨୦ ତାରିଖ ଦିନ ସମୀର ତାଙ୍କ ଘରେ ପଶି ଜୋରଜବରଦସ୍ତି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ତେବେ ମହିଳାଙ୍କ ଜୋରଦାର ପ୍ରତିରୋଧ ଯୋଗୁଁ ସଫଳ ହୋଇ ନପାରିବାରୁ ରାଗିଯାଇ ସମ୍ପୃକ୍ତ ମହିଳାଙ୍କୁ ଲୁହା ଛଡ଼ରେ ନିସ୍ତୁକ ମାଡ ମାରିଥିଲେ।ମହିଳା ଜଣକ ଜୀବନ ବିକଳରେ ଚିତ୍କାର କରିବାରୁ ପାଟି ଶୁଣି ତାଙ୍କର ଭାଇ ବୋହୂ ଘଟଣାସ୍ଥଳରେ ପହଞ୍ଚି ସମୀରର କବଳରୁ ମହିଳାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିବା ବେଳେ ସମୀର ତାଙ୍କୁ ମଧ୍ୟ ମାଡ ମାରିଥିବା ଅଭିଯୋଗ ହୋଇଛି। ଏ ବାବଦରେ ପୀଡିତା ମହିଳା ଜଣକ ଗତ ୨୦ ତାରିଖ ଦିନ ମହୁଲପାଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ ନଂ ୧୩୬/ ୨୦୨୫ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ମାଡ ଖାଇ ଗୁରୁତର ଆହତ ହୋଇଥିବା ମହିଳା ଜଣକ କୁଚିଣ୍ଡା ଡାକ୍ତରଖାନାରେ ତିନି ଦିନ ଧରି ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ପୁଲିସ ଗତ ଗୁରୁବାର ଦିନ ତାଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରି ଧାରା ୧୬୪ରେ ବୟାନ ରେକର୍ଡ କରିବା ସହିତ ଆଜି କୁଚିଣ୍ଡା ଡାକ୍ତରଖାନାରେ ତାଙ୍କର ଡାକ୍ତରୀମାଇନା କରାଯାଇଛି।

# ଉପକୂଳ ଓଡ଼ିଶା ଅପେକ୍ଷା ପଶ୍ଚିମାଞ୍ଚଳର ପାରଦର୍ଶିତାକୁ ପ୍ରଶଂସା

ସମ୍ବଲପୁର, ୨୪।୧୦(ସମିସ): ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ରାଜ୍ୟ ବିପର୍ଯ୍ୟୟ ତାଲିମ କେନ୍ଦ୍ରରେ ରାଜ୍ୟ ସ୍ତରୀୟ ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ସହାୟତା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ଯୋଗଦେଇଥିଲେ। ବିପର୍ଯ୍ୟୟ ପ୍ରସ୍ତୁତିର ମୂଳଦୁଆରେ ଉପକୂଳ ଓଡ଼ିଶା ଅପେକ୍ଷା ପଶ୍ଚିମ ଓଡ଼ିଶାର ଯୋଗଦାନ ଓ ପାରଦର୍ଶୀତା ଏକ ଶୁଭ ସୂଚନା କହି ଖୁବ ପ୍ରଶଂସା କରିଥିଲେ। ସମ୍ବଲପୁର ଜିଲ୍ଲା ପକ୍ଷରୁ ଧମା ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀର ସ୍ୱେଚ୍ଛାସେବୀ ମାନେ ଚଳିତ ବର୍ଷ ଭାଗ ନେଇଥିଲେ। ଏହି ଦଳର ସମସ୍ତ ୭ ବାଳକ ଓ ୫ ବାଳିକା(ମା ଝାଡେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ) ଥିଲେ। ଡାକ୍ତର ରାଜାରାମ ଷଡ଼ଙ୍ଗୀ (ପ୍ରାଥମିକ ସହାୟତା) ଓ ଧମା ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ ଡିସିଓ ଗୀତାଞ୍ଜଳି ସା ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ସମ୍ମାନିତ କରାଯାଇଥିଲା।

# ଡିଏଭି ସ୍କୁଲରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ

ସମ୍ବଲପୁର, ୨୪।୧୦(ସମିସ): ବୁର୍ଲା ସ୍ଥିତ ଡିଏଭି ବିଦ୍ୟାଳୟରେ ଓଡ୍ରାଫ ଟିମ ଦ୍ୱାର ଦୁଇଦିନ ଧରି ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଏଏସଆଇ ତେଜବାହଦୁର ଗୁରୁଙ୍ଗଙ୍କ ନେତୃତ୍ୱରେ ଓଡ୍ରାଫ ଟିମ ଦ୍ୱାର ପରିଚାଳନା ହୋଇଥିଲା। ଏଥିରେ ବିପର୍ଯ୍ୟୟ ସମୟରେ କିପରି କୌଣସି ଜୀବନହାନି ସୁନିଶ୍ଚିତ କରି ଧନଜୀବନ ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ଏନସିସି, ସ୍କାଉଟଗାଇଡ ବିଦ୍ୟାର୍ଥୀଙ୍କୁ ଏହି ତାଲିମ ଦେଇଥିଲେ। ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକଙ୍କ ତତ୍ତ୍ୱାବଧାନରେ ଏନସିସି ଶିକ୍ଷକ ଶୁକ୍ଳାମ୍ବର ସା, ସ୍କାଉଟ ଶିକ୍ଷକ ରଞ୍ଜନ ନାୟକ, ଗାଇଡ଼ ଶିକ୍ଷୟିତ୍ରୀ ସଙ୍ଗୀତା ମହାରଣା ସହଯୋଗ କରିଥିଲେ।



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ କୈଳାଶ ଚନ୍ଦ୍ର ଅଗ୍ରୱାଲ

ବେତନଟୀ, ମୟୂରଭଞ୍ଜ

ଆବିର୍ଭାବ-୧୩/୧୧/୧୯୫୦ / ତିରୋଧାନ-୧୩/୧୦/୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଆମ ମାନଙ୍କ ପାଇଁ ଆପଣଙ୍କ ଜୀବନବ୍ୟାପୀ ତ୍ୟାଗ ସଦା ସର୍ବଦା ଆମକୁ ଋଣୀ କରି ରଖିବ। ଆପଣଙ୍କ ଅତୁଳା ସ୍ମୃତି ଚିରଦିନ ପାଇଁ ହୃଦୟରେ ଉଦ୍ଭାବିତ ହୋଇ ରହିଥିବ। ଆପଣଙ୍କ ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶ୍ରୀରାମ ଆପଣଙ୍କ ଅମରଆତ୍ମାକୁ ପାଦପଦ୍ମରେ ଚରଣାଶ୍ରିତ କରାନ୍ତୁ। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ଶାନ୍ତିରେ ଥାଆନ୍ତୁ କେବଳ ଏତିକି ପ୍ରାର୍ଥନା।

ଆପଣଙ୍କ ହତଭାଗିନୀ ଧର୍ମପତ୍ନୀ ପ୍ରେମଲତା ଅଗ୍ରୱାଲ, ପୁଅ ସିଦ୍ଧାର୍ଥ ଅଗ୍ରୱାଲ, ପୁତ୍ରବଧୂ, ନାତିନାତୁଣୀ, ଝିଅ, ଜ୍ୱାଇଁ, ଭାଇ, ଭଉଣୀ, ବନ୍ଧୁ ପରିଜନ ଏବଂ ଶୋକାସନ୍ତପ୍ତ ପରିବାରବର୍ଗ

# ମା'ଝାଡେଶ୍ୱରୀ ମହାବିଦ୍ୟାଳୟରେ ସାଇବର୍ ସଚେତନତା କର୍ମଶାଳା

ସମ୍ବଲପୁର, ୨୪।୧୦(ସମିସ): ସମ୍ବଲପୁର ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ସ୍ଥାନୀୟ ମା ଝାଡେଶ୍ୱରୀ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଯୁକ୍ତ ଦୁଇ ସ୍ରୋତର ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ସଦର ଏସ୍‌ଡିପିଓ ତୋଫାନ ବାଗ, ନୋଡାଲ ଅଧିକାରୀ ତଥା ସାଇବର ଥାନା ଡିଏସ୍‌ପି ଈଶ୍ୱର ତାଣ୍ଡି, ସାଇବର ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ, ଧମା ଥାନା ଅଧିକାରୀ ଅଭିନବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ସଚେତନତା ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇବା ସହ ସାମ୍ପ୍ରତିକ କାଳରେ ସାଇବର ସୁରକ୍ଷା ଏକ ଆହ୍ୱାନ ଏବଂ ଏଥି ନିମନ୍ତେ ସଚେତନତା ହିଁ ଏକମାତ୍ର ସୁରକ୍ଷାର ମାର୍ଗ ବୋଲି ପରାମର୍ଶ ଦେଇଥିଲେ। ନିଜେ ଏଥିପ୍ରତି ସଚେତନ ହେବା ସହ ନିଜ ପରିବାର ପରିଜନ, ବନ୍ଧୁ ବର୍ଗଙ୍କୁ ମଧ୍ୟ ସଚେତନ କରାଇବା ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ବୋଲି ସମ୍ପ୍ରତି ଚାଲୁଥିବା ଇ-କମର୍ସ ରିଫଣ୍ଡ, ଆକର୍ଷଣୀୟ ଅଫର୍, ନକଲି ପରିଚୟ, ଓଟିପି, ଡିଜିଟାଲ ଆରେଷ୍ଟ, ପାର୍ସଲ କଷ୍ଟମ ଆଦି ବିଭିନ୍ନ ସାଇବର ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖିବା ତାହା ବିଭିନ୍ନ ଦୃଷ୍ଟାନ୍ତ ଆଧାରରେ ବୁଝାଇ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସଭା ପୂର୍ବରୁ ପ୍ରଶାସନ ପକ୍ଷରୁ ଆସିଥିବା ସାଇବର ସୁରକ୍ଷା ସଚେତନତା ରଥକୁ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହ ଭବ୍ୟ ସ୍ୱାଗତ କରିଥିଲେ।ସଭାରେ ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁକ୍ତ ତିନ ସ୍ରୋତର ଅଧକ୍ଷ ଅନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଧମା ଥାନା ପକ୍ଷରୁ ଏସଆଇ କ୍ଷୀରପ୍ରସାଦ ମଲ୍ଲିକ, ପଦ୍ମନାଭ ଅଗସ୍ତି, ଜୟନ୍ତୀ ବେହେରା ପ୍ରମୁଖ ସହାୟତା କରିଥିଲେ। ମହାବିଦ୍ୟାଳୟର ମିନତି ଦାଶ, ସ୍ମାରକୀ ମାହାର, ସ୍ୱାତି ପତି, ଅନ୍ତର୍ଯ୍ୟାମୀ ମହାକୁର, ସୁଦୀପ୍ତା ଦାଶ, ମୌସୁମୀ ଷଡଙ୍ଗୀ, ସଂସାର ପ୍ରଧାନ, ପ୍ରମୋଦ ଦେହେରି ତନ୍ମୟା ବେହେରା, ଅମୃତା ପଟ୍ଟନାୟକ, ସୁଶ୍ରୀତ ଷଡଙ୍ଗୀ, ଚୈତନ୍ୟ ସେନାପତି ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସଚେତନତା ହିଁ ସୁରକ୍ଷାର ମାର୍ଗ




# ଜିଏମ୍‌ୟୁ ଉନ୍ମୋଚିତ କରିବ ରେଢାଖୋଲର ଅଜ୍ଞାତ ଇତିହାସ

ସମ୍ବଲପୁର/ରେଢ଼ାଖୋଲ, ୨୪।୧୦(ସମିସ)

ପଶ୍ଚିମଓଡ଼ିଶା ତଥା ଉପର ମହାନଦୀ ଘାଟୀ ଅଞ୍ଚଳ ଇତିହାସର ପ୍ରତ୍ୟେକ ସମୟର ସଂସ୍କୃତି ଏବଂ ସଂଭ୍ୟତାକୁ ତାହାର ବକ୍ଷରେ ଧରି ରଖିଛି। ଏହି ସଂସ୍କୃତି ଏବଂ ସଂଭ୍ୟତାର ଚିହ୍ନ ବିଭିନ୍ନ ରୂପରେ ଯଥା ପ୍ରାଗୈତିହାସିକ ଉପକରଣ, ଶୈଳଚିତ୍ର, ପ୍ରାଚୀନ ବସତି ତଥା ମନ୍ଦିର ସ୍ଥାପତ୍ୟଖଣ୍ଡ ରୂପରେ ବିଭିନ୍ନ ଅଞ୍ଚଳରେ ପଡ଼ିରହିଛି।ସେହିପରି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଢ଼ାଖୋଲ ଅଞ୍ଚଳ ଇତିହାସର ପ୍ରତ୍ୟେକ ଯୁଗର ମୂକ ସାକ୍ଷୀ କିନ୍ତୁ ସଠିକ ସର୍ବେକ୍ଷଣ ଏବଂ ଉତଖନ ଅଭାବରୁ ଏହାର ସମ୍ପୂର୍ଣ ଇତିହାସ ଲୋକଲୋଚନକୁ ଆସିପାରିନାହିଁ। ତେଣୁ ରେଢାଖୋଲର ଅଜ୍ଞାତ ଇତିହାସକୁ ଲୋକଲୋଚନକୁ ଆଣିବା ଏବଂ ଏହାକୁ ଓଡ଼ିଶା ତଥା ଭାରତ ଇତିହାସରେ ସ୍ଥାନ ଦେବା ଲକ୍ଷ୍ୟରେ ବିଗତ ବର୍ଷରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ ତାଙ୍କର ଗବେଷଣା କାର୍ଯ୍ୟ ଜାରି ରଖିଛନ୍ତି। ଏହି ସର୍ବେକ୍ଷଣରୁ ରେଢ଼ାଖୋଲ ତଥା ନାକଟିଦେଉଳ ଅଞ୍ଚଳରୁ ବହୁ ସଂଖ୍ୟକ ପ୍ରାଗୈତିହାସିକ ସ୍ଥଳ, ଆଦ୍ୟ ଐତିହାସିକ ସ୍ଥଳ, ଏବଂ ମନ୍ଦିର ସ୍ଥାପତ୍ୟଖଣ୍ଡର ଭଗ୍ନାବଶେଷ ସାମ୍ନାକୁ ଆସିଥିଲା। ବିଗତ ମାସରେ ଇତିହାସ ବିଭାଗର ଛାତ୍ରଛାତ୍ରୀମାନେ ଏହି ଅଞ୍ଚଳର ଭୀମ ମଣ୍ଡଳୀରେ ଏକ ୫ଦିନିଆ କାର୍ଯ୍ୟଶାଳା ମଧ୍ୟ କରିଥିଲେ ଯେଉଁଥିରେ ସେମାନେ ସେହି ଅଞ୍ଚଳର ଇତିହାସ, ସଂସ୍କୃତି, ପ୍ରତ୍ନତତ୍ତ୍ୱ, ପ୍ରଥା ପରମ୍ପରା ଆଦି ବିଷୟରେ ସବିଶେଷ ବବରଣୀ ସଂଗ୍ରହ କରିଥିଲେ। ତେଣୁ ରେଢ଼ାଖୋଲ ଇତିହାସର ପ୍ରାଚୀନତା, ସାଂସ୍କୃତିକ କ୍ରମ ବିକାଶ ଏବଂ ପ୍ରାଚୀନ ନଗରୀକରଣର ପ୍ରମାଣ ପାଇବା ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାକୁ ରେଢାଖାଲର ପୁରୁଣାଗଡ଼ର ଉତଖନନ ପାଇଁ ଏକ ପ୍ରସ୍ତାବ ପଠାଇଥିଲେ। ।ଏହି ପ୍ରସ୍ତାବ ଉପରେ ତର୍ଜମା କରି ଭାରତ ସରକାରଙ୍କ ସଂସ୍କୃତି ବିଭାଗର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗୀୟ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନା ତଥା ବିଭାଗର ଡ.ସନ୍ତୋଷ କୁମାର ମଲ୍ଲିକଙ୍କ ସହ ନିର୍ଦ୍ଦେଶନାରେ ଏହି ସ୍ଥାନକୁ ଉତଖନନ ପାଇଁ ଅନୁମତି ପତ୍ର ପ୍ରଦାନ କରିଛି।ଏହି ଉତଖନନ କାର୍ଯ୍ୟରେ ଇତିହାସର ଛାତ୍ରଛାତ୍ରୀ, ଗବେଷକ ତଥା ବିଷୟ ବିଶେଷଜ୍ଞମାନେ ଯୋଗଦେବେ।୨୦୨୨ ମସିହାରେ ମଧ୍ୟ ଡ. ପ୍ରଧାନଙ୍କ ନିର୍ଦ୍ଦେଶନାରେ ବରଗଡ଼ର ବରପାଲି ସ୍ଥିତ ଅସୁରଗଡ଼ ଉତଖନନରୁ ୨୦୦୦ହଜାର ବର୍ଷର ପ୍ରାଚୀନ ସଭ୍ୟତାର ସନ୍ଧାନ ମିଳିଥିଲା। ବିଗତ ବର୍ଷରେ ଜିଏମ୍‌ୟୁ ଇତିହାସ ବିଭାଗ ଉତଖନନ, ସର୍ବେକ୍ଷଣ, ଜନସଚେତନତା କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ଅନ୍ତରାଷ୍ଟ୍ରୀୟ ତଥା ରାଷ୍ଟ୍ରୀୟ ସମ୍ମାନ, ବାଖ୍ୟାନମାଳା ଆୟୋଜନ କରି ଛାତ୍ରଛାତ୍ରୀ ତଥା ଲୋକମାନଙ୍କ ମଧ୍ୟରେ ନିଜର ଇତିହାସ ଏବଂ ଐତିହ୍ୟ ପ୍ରତି ସଚେତନତା କାର୍ଯ୍ୟ କରୁଛି। ଡ଼ ପ୍ରଧାନଙ୍କ ମତରେ ଛାତ୍ରଛାତ୍ରୀ ଏବଂ ଗବେଷକମାନଙ୍କୁ କେବଳ ଇତିହାସର ପାଠ୍ୟପୁସ୍ତକରେ ସୀମାବଦ୍ଧ ନରହି ଏହିପରି ଉତଖନନ ଏବଂ ସର୍ବେକ୍ଷଣ ମାଧ୍ୟମରେ କିଭଳି ନୂଆ ଇତିହାସ ସୃଷ୍ଟି କରାଯାଏ ତାହାର ଜ୍ଞାନ ପ୍ରଦାନ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ।



## ଇତିହାସ ବିଭାଗକୁ ଏଏସଆଇ ଦେଲା ଅନୁମତି ପତ୍ର

### କେସିଙ୍ଗା ଅଞ୍ଚଳର ବ୍ୟବସାୟୀଙ୍କୁ ଆସୁଛି ଫୋନ

# ଜିଏସ୍‌ଟି ଅଫିସର ନାଁରେ ଚାନ୍ଦା ଆଦାୟ

**କେସିଙ୍ଗା, ୨୪ ।୧୦(ସମିସ)**

କଳାହାଣ୍ଡି ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ କେସିଙ୍ଗା । ଅନ୍ୟରାଜ୍ୟରୁ ଆସୁଥିବା ମାଲ ପରିବହନର ସୁବ୍ୟବସ୍ଥା ସାଙ୍ଗକୁ ଛୋଟ ବଡ଼ ଶିଳ୍ପାନୁଷ୍ଠାନ କେସିଙ୍ଗାରେ ଗଢ଼ି ଉଠିବାରୁ ଜିଲ୍ଲାରେ କେସିଙ୍ଗାର ମହତ୍ତ୍ୱ ଅନ୍ୟ ସହର ଠାରୁ ଅଧିକ । କଳାହାଣ୍ଡି ଜିଲ୍ଲା ସମେତ ପଡୋଶୀ ବଲାଙ୍ଗିର ଜିଲ୍ଲାର ସୀମାବର୍ତ୍ତି ଅଞ୍ଚଳର ଅନେକ ଜନସାଧାରଣ ନିତିଦିନିଆ କାମ ପାଇଁ କେସିଙ୍ଗା ଉପରେ ଶତ ପ୍ରତିଶତ ନିର୍ଭର କରିଥାନ୍ତି ।ସେଥିପାଇଁ ରାସ୍ତାକଡ଼ରେ ଅନେକ ଛୋଟ ବଡ଼ ଦୋକାନ ସୋରୁମ୍ ଗଢି ଉଠିଛି ।ସେଥିପାଇଁ ଅନେକ ସମୟରେ ଇନକମ୍ ଟ୍ୟାକ୍ସ ଟିମ୍ ହେଉ କିମ୍ବା ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ହେଉ କେସିଙ୍ଗାରେ ଦେଖିବାକୁ ମିଳେ । ବ୍ୟବସାୟରେ ବଡ଼ କିମ୍ବା କିଛି ଦୋଷ ତ୍ରୁଟି ଥିଲେ ଗଣମାଧ୍ୟମ ଜରିଆରେ ଲୋକ ଲୋଚନକୁ ଆସେ ନହେଲେ ସହରରେ ଉକ୍ତ ଟିମ୍‌ର ଉପସ୍ଥିତି କାହାରି କି ନଜର ଆସେନାହିଁ । ସେଥିପାଇଁ ଦୀପାବଳୀ ଦିନ ଠାରୁ କେହି ଜଣେ ବ୍ୟକ୍ତି ନିଜକୁ ଜିଲ୍ଲାର ଜିଏସ୍‌ଟି ଅଫିସର ଜଣେ କର୍ମଚାରୀ କହି ବ୍ୟବସାୟୀଙ୍କୁ ଫୋନ୍ କରି ଚାନ୍ଦା ମାଗିଥିବା ଘଟଣା ଅଞ୍ଚଳରେ ଚହଳ ପଡ଼ିଛି । ଉକ୍ତ ବ୍ୟକ୍ତି ଜଣକ ଫୋନ କରି ହାଲ ଚାଲ ପଚାରିବା ସହିତ ଜିଲ୍ଲା ଅଫିସରେ ଭୋଜିଭାତ ଅଛି କହି ଫୋନ୍ ପେ ମାଧ୍ୟମରେ ପଇସା ମାଗୁଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି ।ଯାହା ଜଣାପଡୁଛି କିଛି ବ୍ୟବସାୟୀ ଉକ୍ତ ବ୍ୟକ୍ତିଙ୍କୁ ପଇସା ଦେଇ ମଧ୍ୟ ଥିବେ ତେବେ କୌଣସି ବ୍ୟବସାୟୀ ପାଟି ଖୋଲୁ ନାହାନ୍ତି । ସେହି ବ୍ୟକ୍ତି ଜଣକ ଫୋନ୍ ପେ ତ ବାରକୋଡ଼ ମଧ୍ୟ ପଠାଉଥିବା ଜଣା ପଡ଼ିଛି ।ସେହି ବ୍ୟକ୍ତି ଜଣକ ୭୮୫୪୦୦୪୭୮୪ ନମ୍ବର ମୋବାଇଲରେ ସମସ୍ତଙ୍କୁ ଫୋନ୍ କରୁଛନ୍ତି ଟ୍ରୁକଲର ରେ ତାଙ୍କ ନାମ ଜିଏସ୍‌ଟି ଅଫିସର ରାମଚନ୍ଦ୍ର ପଣ୍ଡା ବୋଲି ଆସୁଛି ।ଆମେ ଉକ୍ତ ମୋବାଇଲ୍ ନମ୍ବରରେ ଅନେକ ବାର ଫୋନ୍ କରିଥିଲେ ମଧ୍ୟ ତାହା ବର୍ତ୍ତମାନ ସୁଇଚ ରହିଛି । ପରେ ଉକ୍ତ ବ୍ୟକ୍ତି ଜଣଙ୍କ ବିଷୟରେ ଜିଲ୍ଲା ଜିଏସ୍‌ଟି ଏନଫୋର୍ସମେଣ୍ଟ ଅଫିସକୁ ଫୋନ କରି ଉକ୍ତ ଚାନ୍ଦା ମାଗିଥିବା ବ୍ୟକ୍ତି ବିଷୟରେ ପଚାରିବାରୁ ଜିଲ୍ଲା ଅଫିସର ଜଣେ ଅଧିକାରୀ ଉକ୍ତ ବ୍ୟକ୍ତିର ଫୋନ୍ ନମ୍ବର୍ ମାଗିଥିଲେ । ତାଙ୍କୁ ଫୋନ୍ ନମ୍ବର ଦେବାରୁ ଯାଞ୍ଚକରି ଜିଲ୍ଲା ଅଧିକାରୀ ଆମ କଳାହାଣ୍ଡି ଅଫିସ କିମ୍ବା ବଲାଙ୍ଗିର ଜୟପୁର କିମ୍ବା ନୂଆପଡ଼ା ଜିଲ୍ଲା ଅଫିସରେ ମଧ୍ୟ ଉକ୍ତ ନାମରେ କିମ୍ବା ଉକ୍ତ ମୋବାଇଲ ନମ୍ବରରେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ନାହାନ୍ତି ବୋଲି ପ୍ରକାଶ କରିଥିଲେ । ବ୍ୟବସାୟୀ ମାନେ ସତର୍କ ରହିବା ସହିତ କାହା ପାଖକୁ ଉକ୍ତ ଠକ ବ୍ୟକ୍ତି ଜଣକ ଜିଏସ୍‌ଟି ଅଫିସ ନାମରେ ଟଙ୍କା ମାଗିଲେ ତାକୁ ଧରି ସ୍ଥାନୀୟ ପୁଲିସକୁ ଖବର ଦେବା ପାଇଁ ଅନୁରୋଧ କରିଛନ୍ତି ।

# ବେଧଡକ ଚାଲିଛି ବାଲି ଚୋରା ଚାଲାଣ

**ଲାଞ୍ଜିଗଡ଼, ୨୪ ।୧୦ (ସମିସ):** କଳାହାଣ୍ଡି ଲାଞ୍ଜିଗଡ଼ ବ୍ଲକରେ ସବୁ କଟକଣ ଓ ପ୍ରତିବନ୍ଧକ ସତ୍ତ୍ୱେ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ନଦୀ ନାଳରୁ ବାଲି ଚୋରିକୁ ରୋକାଯାଇ ପାରୁନାହିଁ । ବାଲି ମାଫିଆମାନେ ପ୍ରଶାସନିକ ନିୟମକୁ ଜଳାଞ୍ଜଳି ଦେଇ ଦିନ ଓ ରାତିରେ ବାଲି ଲୁଟିବାରେ ଲାଗିଥିଲେ ମଧ୍ୟ ପ୍ରଶାସନ ଓ ପୁଲିସ ନିରବଦ୍ରଷ୍ଟା ସାଜିଛନ୍ତି । ଏପରିକି ଖଣି ବିଭାଗ ହାତବାନ୍ଧି ବସିଛି । ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଓ ନୂତନ ବାଲେଲିମା ବଂଶଧାରା ନଦୀ ଏବଂ ସାନ୍ଦୁଲ ନଦୀର ବିଭିନ୍ନ ସ୍ଥାନରୁ ବ୍ୟାପକ ବାଲି ଚୋରି ହେଉଥିବା ଦେଖିବାକୁ ମିଳୁଛି ।



ହାଇୱା ଓ ଟ୍ରାକ୍ଟର ଯୋଗେ ଶହଶହ ଟ୍ରିପ୍ ବାଲି ବାହାରକୁ ଚାଲାଣ ହେଉଛି । ଏହି ଠାରେ ସରକାର ଅନୁମୋଦିତ ବାଲିଘାଟ ନଥିଲେ ସୁଦ୍ଧା ପ୍ରଶାସନର ନଜର କିପରି ପଡୁନାହିଁ ତାହା ଅନେକଙ୍କୁ ବିସ୍ମିତ କରିଛି । ଦିନରାତି ଭାରି ଯାନ ଦ୍ୱାରା ବାଲିଚାଲାଣ ହେବା ଫଳରେ ସ୍ଥାନୀୟ ଅଞ୍ଚଳର ରାସ୍ତା ଗୁଡ଼ିକ ଭାଙ୍ଗିରୁଜି ଦୟନୀୟ ହେଇପଡୁଛି । ଯାହାଫଳରେ ପଥଚାରୀମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ସଂଖ୍ୟାଧିକ ଯାନ ବାହାନ ଚଳପ୍ରଚଳ କରିବା ଦ୍ୱାରା ଶବ୍ଦ ପ୍ରଦୂଷଣ ସାଙ୍ଗକୁ ବାଲିଗୁଣ୍ଡ ଉଡ଼ି ପରିବେଶ ଦୂଷିତ ହେବାର ମଧ୍ୟ ଲାଗିଛି । ଜିଲ୍ଲା ଖଣିବିଭାଗ ଦୃଷ୍ଟି ଦେଇ ବାଲିମାଫିଆଙ୍କ ବିରୋଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳରେ ଦାବି ହେଉଛି ।

### ଶ୍ରୀସାଇ କଲେଜରେ ସ୍ୱାଗତ ସମାରୋହ

## କଠିନ ପରିଶ୍ରମ କଲେ ହିଁ ସଫଳତା ମିଳେ




**ନୂଆପଡ଼ା, ୨୪ ।୧୦(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୁରୁମପୁରୀସ୍ଥିତ ଶ୍ରୀସାଇ କଲେଜରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ଅଶୋକ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବରେ ଖଡିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମିଶ୍ର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଓଡ଼ିଆ ଅଧ୍ୟାପକ ବୈଲୋଚନ ସାହୁ ଓ ଶାରିରୀକ ଶିକ୍ଷା ଅଧ୍ୟାପକ ଦୁଷ୍ମନ୍ତ ସାହୁ ଯୋଗ ଦେଇଥିଲେ । ଛାତ୍ର ଜୀବନ ସଂଘର୍ଷପୂର୍ଣ୍ଣ ଏବଂ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ମୁଖ୍ୟଅତିଥି ମତ ଦେଇଥିଲେ । ପ୍ରଥମେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ଶେଷ ବର୍ଷର ଛାତ୍ରଛାତ୍ରୀ ନିଜର ଅନୁଭୂତି ପ୍ରକାଶ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପିକା ସିପ୍ରା ଗୁଆ ଓ ଅଧ୍ୟାପକ ଭାଗିରଥି ଭୋଇ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଅଧ୍ୟାପିକା ପ୍ରିୟମ୍ବଦା ବିଶି ଧନ୍ୟବାଦ କରିଥିଲେ । ଅଧ୍ୟାପକ, ଅଧ୍ୟାପିକା ତଥା ମୁକେଶ ରାଉତ, ଆଲୋକ ନିଆଲ, ଇପତେସ ମେହେର, ନିଖିଲ ଚନ୍ଦ୍ର ପଣ୍ଡା, ଅଶ୍ୱିନୀ କରେଇ, ଲକ୍ଷ୍ମିକାନ୍ତ ସାହୁ, ଚମନ ସାହୁ, ସଜନୀ ଶବର, ବୀଣାପାଣି ସାହୁ, ପୁନମ ଭୂସାଗର, ତପସ୍ୱିନୀ ନାଥ, ଉତ୍କଳିନୀ ସାମନ୍ତରାୟ, ଶ୍ରିମା ଓଝା, ଶାନ୍ତିଲତା ବେହେରା, ତନ୍ମୟୀ ବିଶି, ଶ୍ରଦ୍ଧାଞ୍ଜଳି ବେହେରା, ଶାନ୍ତିଲତା ବେହେରା, ଯାସ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ବିଜମରା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଆରମ୍ଭ

**କଲମପୁର, ୨୪ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ବିଜମରାସ୍ଥିତ ପିଏମ୍‌ଶ୍ରୀ ସରକାରୀ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୨୫ ଓ ୨୬ ଦୁଇଦିନ ଧରି ସୁବର୍ଣ୍ଣ ଜୟନ୍ତୀ ପାଳନ କାର୍ଯ୍ୟକ୍ରମର ଭବ୍ୟ ଆୟୋଜନ କରାଯାଇଛି । ଶୁକ୍ରବାର ଦିନ ୧ ଘଣ୍ଟା ସମୟରେ ସୁବର୍ଣ୍ଣ ଜୟନ୍ତୀ ମଞ୍ଚର ପ୍ରାରମ୍ଭିକ ପୂଜନ କରାଯାଇଛି । ମଞ୍ଚ ପୂଜନ କାର୍ଯ୍ୟକ୍ରମରେ ପୁରୋହିତନୟନ ରଞ୍ଜନ ପଣ୍ଡା ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସଭାପତି ସୁଧାଂଶୁ ଶେଖର ପଣ୍ଡାଙ୍କ ଜଜମାନତାରେ ସମାପନ କରିଥିଲେ । କାର୍ଯ୍ୟକ୍ରମ ଦୈନିକ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ହେବାକୁ ସ୍ଥିର କରାଯାଇଛି ।ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀ ସମେତ ଅନ୍ୟ କର୍ମଚାରୀ ବୃନ୍ଦ, ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧ୍ୟକ୍ଷ ଗଣେଶ ଚନ୍ଦ୍ର ସାହୁ ଓ ସମସ୍ତ ପୁରାତନ ଛାତ୍ରଛାତ୍ରୀ ସୁବର୍ଣ୍ଣ ଜୟନ୍ତୀ ପାଳନକୁ ସାଫଲ୍ୟ ମଣ୍ଡିତ କରିବାପାଇଁ ଆଗ୍ରହର ସହିତ ଲାଗି ପଡ଼ିଛନ୍ତି ।



# ଆନ୍ତର୍ଜାତିକ ଜଳବାୟୁ କାର୍ଯ୍ୟ ଦିବସ

**କେସିଙ୍ଗା, ୨୪ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରେ ଆନ୍ତର୍ଜାତିକ ଜଳବାୟୁ କାର୍ଯ୍ୟ ଦିବସ-୨୦୨୫ ପ୍ରଧାନଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି ।ଜଳବାୟୁର ସୁରକ୍ଷା ଓ




ସନ୍ତୁଳନ ତଥା ସାମୂହିକ ଜନସଚେତନତା ହିଁ ଆଜିର ଆବଶ୍ୟକତା ବୋଲି ଶ୍ରୀ ବେହେରା ପରିପ୍ରକାଶ କରିଥିଲେ । ଏହି ଅବସରରେ ଆୟୋଜିତ ସ୍ଲୋଗାନ ଲିଖନ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜୟିନୀଙ୍କୁ ପୁରସ୍କୃତ କରାଯାଇଥିଲା । ଏନର୍ଜୀ କ୍ଲବର ଭାରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ମହୁଲିଆ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଛାତ୍ରୀଦ୍ୱୟ ସୋନାକ୍ଷୀ ଠାକୁର ଓ ଓମାନା ମହାନନ୍ଦ ସଂଯୋଜନା କରିଥିଲେ ।

# ଶ୍ରୀଜଗନ୍ନାଥ ଚେତନା ପ୍ରତିଷ୍ଠାନର ବୈଠକ

**ଧର୍ମଗଡ଼, ୨୪ ।୧୦(ସମିସ):** ଧର୍ମଗଡ଼ ସ୍ଥିତ ହୋଟେଲ ରୟାଲ ପେଲେସରେ ଶ୍ରୀଜଗନ୍ନାଥ ଚେତନା ପ୍ରତିଷ୍ଠାନ ଓ ଗବେଷଣା କେନ୍ଦ୍ରର କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାସ୍ତରୀୟ ସଦସ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ରାଜ୍ୟ ସଭାପତି ରାଧେଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ



କେନ୍ଦ୍ରୀୟ ସଂଗଠନ ସଚିବ କରୁଣାକର ପ୍ରଧାନ ଯୋଗଦେଇ ଶ୍ରୀଜଗନ୍ନାଥ ଚେତନା ପ୍ରତିଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଆସନ୍ତା ଡ଼ିସେମ୍ବର ୨୦ ଓ ୨୧ ତାରିଖରେ ପୁରୀ ଠାରେ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଶିବିରରେ ଯୋଗ ଦେବାକୁ ସେ ସଦସ୍ୟଙ୍କୁ ଅନୁରୋଧ କରିଥିଲେ । ବୈଠକରେ ନୂଆପଡ଼ା ଜିଲ୍ଲାର ପୂର୍ଣ୍ଣ ଚନ୍ଦ୍ର ମେହେର, ପ୍ରମୋଦ କୁମାର ଯୋଶୀ, ନବୀନ ଚନ୍ଦ୍ର ମେହେର, ତୁଳସୀ ରାମ ମେହେର, ରୁପେଶ ଚନ୍ଦ୍ର ମେହେର, କଳାହାଣ୍ଡି ଜିଲ୍ଲାର ବଜେନ୍ଦ୍ର ପଟ୍ଟଯୋଶୀ, ବୀରକିଶୋର ପଣ୍ଡା, ହିମାଂଶୁ ଶେଖର ମୁଣ୍ଡ, ଡ.ନାରାୟଣ ପାଢ଼ୀ, ଡ.ଅଜିତ କୁମାର ନେଗୀ, ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, କୃପାସିନ୍ଧୁ ପଣ୍ଡା, ସନ୍ତୋଷ ମେହେର, ରମେଶ ଚନ୍ଦ୍ର ପଣ୍ଡା, ବିଦ୍ୟାଧର ସାହୁ, ହୃଷିକେଶ ମିଶ୍ର, ସୁରେନ୍ଦ୍ର ମୁନି, ସରୋଜ ସାହୁ, ସୁରେଶ ମୁଣ୍ଡ ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ । ନିରଞ୍ଜନ ମହାପାତ୍ର ବୈଠକ ପରିଚାଳନା କରିଥିବା ବେଳେ ପ୍ରମୋଦ କୁମାର ପଟ୍ଟନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ କଳାଉତ୍ସବରେ ବିକାଶ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଭବାନୀପାଟଣା, ୨୪ ।୧୦ (ସମିସ):** କଳା କ୍ଷେତ୍ରରେ ସମ୍ମାନଜନକ ପ୍ରତିଯୋଗିତା'କଳାଉତ୍ସବ-୨୦୨୫ ' ଅନୁଷ୍ଠିତ ହୋଇ ଯାଇଛି । ପ୍ରତିଯୋଗିତାରେ ବ୍ଲକ, ଜିଲ୍ଲା ଓ ଜୋନସ୍ତରରେ ଉତ୍କର୍ଷ ଲାଭ କରି ରାଜ୍ୟସ୍ତରୀୟ କଳାଉତ୍ସବରେ ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଅଭିଜିତ ପାତ୍ର ଇନଷ୍ଟ୍ରୁମେଣ୍ଟାଲ ମ୍ୟୁଜିକରେ ଅଂଶ ଗ୍ରହଣ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି ।ସେହିପରି ଗଳ୍ପ କଥନ ପ୍ରତିଯୋଗିତାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁପ୍ରଭାତି ପ୍ରଧାନ ଓ ସ୍ମୃତି ପ୍ରଜ୍ଞା ସାହୁ ଅଂଶ ଗ୍ରହଣ କରି ତୃତୀୟ ସ୍ଥାନ ଅଧିକାର କରି ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ତଥା କଳାହାଣ୍ଡି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି । ଛାତ୍ର ଛାତ୍ରୀଙ୍କ ସଫଳତାରେ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଶିକ୍ଷା ପ୍ରଭାରୀ ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଅରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଖୁସି ବ୍ୟକ୍ତ କରିବା ସହିତ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି । ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଅରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ଖୁସିବ୍ୟକ୍ତ କରିବା ସହିତ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ କୈଳାଶ ଚନ୍ଦ୍ର ଅଗ୍ରୱାଲ
ବେତନଟୀ, ମୟୂରଭଞ୍ଜ
ଆବିର୍ଭାବ-୧୩/୧୧/୧୯୫୦ / ତିରୋଧାନ-୧୩/୧୦/୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଆମ ମାନଙ୍କ ପାଇଁ ଆପଣଙ୍କ ଜୀବନବ୍ୟାପୀ ତ୍ୟାଗ ସଦା ସର୍ବଦା ଆମକୁ ଋଣୀ କରି ରଖିବ । ଆପଣଙ୍କ ଅଭୁଲା ସ୍ମୃତି ଚିରଦିନ ପାଇଁ ହୃଦୟରେ ଉଦ୍ଦୀବିତ ହୋଇ ରହିଥିବ । ଆପଣଙ୍କ ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶ୍ରୀରାମ ଆପଣଙ୍କ ଅମରଆତ୍ମାକୁ ପାଦପଦ୍ମରେ ଚରଣାଶ୍ରିତ କରାନ୍ତୁ । ଆପଣ ଯୋଉଠି ଥାଆନ୍ତୁ ଭଲରେ ଥାଆନ୍ତୁ, ଶାନ୍ତିରେ ଥାଆନ୍ତୁ କେବଳ ଏତିକି ପ୍ରାର୍ଥନା ।

ଆପଣଙ୍କ ହତଭାଗିନୀ ଧର୍ମପତ୍ନୀ ପ୍ରେମଲତା ଅଗ୍ରୱାଲ, ପୁଅ ସିଦ୍ଧାର୍ଥ ଅଗ୍ରୱାଲ, ପୁତ୍ରବଧୂ, ନାତିନାତୁଣୀ, ଝିଅ, ଜ୍ୱାଇଁ, ଭାଇ, ଭଉଣୀ, ବନ୍ଧୁ ପରିଜନ ଏବଂ ଶୋକାସନ୍ତପ୍ତ ପରିବାରବର୍ଗ

## ଘୋଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ସୁରଭି' କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା, ୨୪ ।୧୦(ସମିସ):** ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିନ ଘୋଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଂଯୋଜକ ତୁଳାରାମ ସାହୁଙ୍କ ଆବାହକତ୍ୱରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ବେହେରାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗରିବ ସୁନାନୀଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖମାରହଳଦୀ ପଞ୍ଚାୟତ ସରପଞ୍ଚ ରବୀନ୍ଦ୍ର କୁମାର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ଏବିଇଓ ଲବଣି ନାଏକ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଚଉବନ ଗୋପାଲ, ଶିକ୍ଷୟିତ୍ରୀ ସୁରେଶ୍ୱରୀ ପଣ୍ଡା, ଶିକ୍ଷକ ସଞ୍ଜୀବ ପାତ୍ର, ବିଭୁତି ସାହୁ, ସୁବାସ ବାଗ, ଉମା ନିଆଲ, ସାମ୍ବାଦିକ ଜନ୍ମେଜୟ ନାଏକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।ଏହି ଅବସରରେ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ନୃତ୍ୟ, ଗୀତ, କୁଇଜ, ଓ ଅନ୍ୟାନ୍ୟ ପ୍ରତିଯୋଗିତା ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଘୋଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆଶିଷ କୁମାର ବାରିକ ପରିଚାଳନା କରିଥିବା ବେଳେ ଧବଳେଶ୍ୱର ନାଏକ, ରାଧାକାନ୍ତ ନାଗ, ଶୁଭେନ୍ଦ୍ର ନାଏକ, ସୁବୋଧ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ ।

### ଯଙ୍ଗଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବେଲଖଣ୍ଡି ଦଳ ଚମ୍ପିଅନ

**କର୍ଲାମୁଣ୍ଡା, ୨୪ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଅଗାଧୁପୁର ଠାରେ ଅଗାଧୁପୁର ଯଙ୍ଗ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ରାତ୍ରି କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।ଫାଇନାଲ ମ୍ୟାଚ୍ କଳାହାଣ୍ଡି ଜିଲ୍ଲାର ବେଲଖଣ୍ଡି ଓ ବଲାଙ୍ଗିର ଜିଲ୍ଲାର ମଲମୁଣ୍ଡା ମଧ୍ୟରେ ହୋଇଥିଲା । ମଲମୁଣ୍ଡା ଦଳ କୁ ପରାସ୍ତ କରି ବେଲଖଣ୍ଡି ଦଳ ଚାମ୍ପିଅନ ହୋଇଥିଲା । ବିଜୟୀ ଓ ଉପବିଜୟୀ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ରିପୁ ଦମନ ସୌରଭ ମିଶ୍ର, ବିଜେଡି ବ୍ଲକ ସଭାପତି ଯଶୋବନ୍ତ ସାହୁ, ବିଜେଡି ଛାତ୍ର ଜିଲ୍ଲା ସଭାପତି ଅଜିତ କୁମାର ସାହୁ, କର୍ଲାମୁଣ୍ଡା ବିଜେପି ମଣ୍ଡଳ ସଭାପତି ଡୋଲାମଣୀ ଭୋଇ, ଏସସି ମୋର୍ଚ୍ଚା ବିଜେପି ଜିଲ୍ଲା ସଭାପତି ଗଣେଶ କୁମାର, ପୂର୍ବତନ ବିଜେଡି ବ୍ଲକ ସଭାପତି ଯୁଗଳ କିଶୋର ନାଏକ, ୱାର୍ଡ ମେମ୍ବର ସଂକୀର୍ତ୍ତନ ମାଝୀ, ପୂର୍ବତନ ୱାର୍ଡ ମେମ୍ବର ଶାନ୍ତନୁ କୁମାର, ସାମ୍ବାଦିକ ପ୍ରଦୀପ କୁମାର ସାହୁ, ଅବେଳ ବାଗ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।




ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟିର ରୀଙ୍କୁ ବେହେରା, ଗୁଡୁ ନାଏକ, ବବ୍ରୁବାହନ ଭୋଇ, ସୁଖୀ ମାଝୀ, ଉମାକାନ୍ତ ବାଗ, ଆନନ୍ଦ ମାଝି, ସାନନ୍ଦ ମାଝୀ, ସୁମନ୍ତ ଭୋଇ, ଜିତୁ ସାହୁ, ରାହୁଲ କୁମାର, କ୍ଷୀର ମଣୀ କୁମାର ଙ୍କ ସମେତ ସମସ୍ତ ଗ୍ରାମ ବାସୀ ଆୟୋଜନ କରିଥିଲେ । ତେବେ ଚଳିତ ମାସ ୧୬ ତାରିଖରେ ମ୍ୟାଚ୍ ଆରମ୍ଭ ହୋଇଥିଲା । ଏଥିରେ ବିଭିନ୍ନ ଜିଲ୍ଲାରୁ ୩୨ ଦଳ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ରାତ୍ରିରେ ଅନୁଷ୍ଠିତ ହୋଇଥିବା ମ୍ୟାଚ୍ ଗୁଡିକରେ ଅମ୍ପାୟାର କୁନ୍ତ ସୁନା, ଭୁପିନ୍ଦର ରଣା, ଜୟରାଜ କୁମାର, ବିକାଶ ନନ୍ଦ, ଶେଷ ଦେବ ସାହୁ, ମଧୁ ରଣା, ଅମିତ ନାଏକ, ଲୁନା କୁମାର, ନଟ ରାଜ୍ କୁମାର, ମିଥୁନ ରଣା ପ୍ରମୁଖ ଦାୟିତ୍ୱରେ ଥିଲେ ।

### ପର୍ଲା ପ୍ରାଥମିକ କୃଷି ସମବାୟ ସମିତ

# ବିନା ସମ୍ପାଦକରେ ପରିଚାଳନା

**ଧର୍ମଗଡ଼, ୨୪ ।୧୦(ସମିସ)**

ଧର୍ମଗଡ଼ ଉପଖଣ୍ଡ ଏଆରସିଏସ ଅଧିନ ପ୍ରାଥମିକ କୃଷି ସମବାୟ ସମିତି ଏବେ ଦେବାଳୟ ସ୍ଥିତିରେ ପରିଚାଳନା ହେଉଥିବା ନଜରକୁ ଆସିଛି । ଅସ୍ଥାୟୀ ସମ୍ପାଦକ ନିଯୁକ୍ତିରେ ଅନେକ ସମବାୟ ସମିତି ପରିଚାଳନା ହେଉଥିବା ବେଳେ ସ୍ଥାନୀୟ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଉଥିବା ଅଭିଯୋଗ ହୋଉଛି ।ଧର୍ମଗଡ଼ ଉପଖଣ୍ଡ ଏଆରସିଏସ ଅଧୀନରେ ମୋଟ ୮୯ଟି କୃଷି ସମବାୟ ସମିତି ରହିଥିବା ବେଳେ ମୋଟ ୨୦ଟି ସ୍ଥାନରେ ବିନା ସମ୍ପାଦକରେ ପରିଚାଳନା ହୋଉଥିବା ଜଣାପଡ଼ିଛି । ଅନେକ ସ୍ଥାନରେ ଅସ୍ଥାୟୀ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇ ଥିବା ବେଳେ ଅନେକ ସମସ୍ୟା ଉଠୁଛି ।ମୁଖ୍ୟତଃ ସ୍ଥାନୀୟ ଚାଷୀ କୌଣସି କାମ ପାଇଁ କାର୍ଯ୍ୟାଳୟକୁ ଆସି ସମ୍ପାଦକକୁ ନ ପାଇ ନିରାଶ ହୋଇ ପଡୁଛନ୍ତି । ଧର୍ମଗଡ଼ ବ୍ଲକ ପର୍ଲା, ନନ୍ଦଗାଁ, କାଂକେରି ଭଳି ସ୍ଥାନରେ ଦୀର୍ଘଦିନରୁ ସ୍ଥାୟୀ ସମ୍ପାଦକ ଖାଲି ପଡ଼ିଛି । ଅନ୍ୟ କୃଷି ସମବାୟ ସମିତି ଲିଃ କାର୍ଯ୍ୟାଳୟ ସମ୍ପାଦକଙ୍କୁ ଦାୟିତ୍ୱ ଦେଇ ବିଭାଗ କାମ ଚଳାଉଛୁ । ପର୍ଲାସ୍ଥିତ କୃଷି ସମବାୟ ସମିତି ଲିଃରେ ଗତ ଏପ୍ରିଲ ୨୦୨୧ମସିହା ଠାରୁ ସ୍ଥାୟୀ ସମ୍ପାଦକ ନ ଥିବା ବେଳେ ବେହେରା କୃଷି ସମବାୟ ସମିତି ସମ୍ପାଦକଙ୍କୁ ଦାୟିତ୍ୱ ଦିଆ ଯାଇଛି । ଯାହା ଚାଷୀ ଓ ଋଣୀଙ୍କ ଭିତରେ ବିଭିନ୍ନ ସମସ୍ୟା ଦେଖା ଯାଉଥିବା ଜଣାପଡ଼ିଛି । ପର୍ଲା ପ୍ରାଥମିକ କୃଷି ସମବାୟ ସମିତି ଲିଃ ଅଧୀନରେ ମୋଟ ୧୨ଶହରୁ ଊର୍ଦ୍ଧ୍ୱ ଚାଷୀ ରହିଥିବା ବେଳେ ୭ଶହରୁ ଊର୍ଦ୍ଧ୍ୱ ଋଣୀ ରହିଛନ୍ତି । ସରକାର ପ୍ରାଥମିକ କୃଷି ସମବାୟ ସମିତି ଲିଃକୁ ଗୁରୁତ୍ୱ ଦେଉଥିବା ବେଳେ ଚାଷୀଙ୍କ ସୁବିଧା ପାଇ ବିହନ, ସାର, ଋଣ ଆଦି ଯୋଗାଇ ଥାନ୍ତି ।ହେଲେ ବିନା ସମ୍ପାଦକରେ କାର୍ଯ୍ୟାଳୟ କିଭଳି ପରିଚାଳନା ହୋଉଛି ସହଜେ ଅନୁମେୟ । ଏନେଇ ଏଆରସିଏସ ଅଧିକାରୀଙ୍କୁ ପଚାରିବାରୁ ଉପରୋକ୍ତ ଅଧିକାରୀଙ୍କୁ ପଦବୀ ପୂରଣ ପାଇଁ ଚିଠି କରାଯାଇଛି ସ୍ଥାୟୀ ସମ୍ପାଦକ ନ ଥିବା ଯୋଗୁଁ ନିହାତି କାର୍ଯ୍ୟରେ ବାଧା ଉପୁଜୁଛି ବୋଲି ପ୍ରକାଶ କରିଛନ୍ତି । ତୁରନ୍ତ ସ୍ଥାୟୀ ସମ୍ପାଦକ ନିଯୁକ୍ତି କରିବାକୁ ଚାଷୀ ମହଲରେ ଦାବି ହେଉଛି ।



● ବାରମ୍ବାର ଦାବି ସତ୍ତ୍ୱେ ମରାମତି ହେଉନି ଜାତୀୟ ରାଜପଥ

## ଗର୍ତ୍ତରେ ପଡ଼ି ବାଇକ୍ ଆରୋହୀ ଗୁରୁତର

ପରଜଙ୍ଗ,୨୪।୧୦(ସମିସ): ପରଜଙ୍ଗ ଦେଇ ଯାଇଥିବା ୫୩ନଂ ଜାତୀୟ ରାଜପଥ ମଣ୍ଟୋକାର୍ଲ୍ସ କମ୍ପାନୀ ଅସ୍ଥାୟୀ ଶିବିର ନିକଟରେ ବୃହତ ଖାଲରେ ପଡ଼ି ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସିଙ୍ଗଡ଼ା ଗ୍ରାମର ଦ୍ୱିତୀକୃଷ୍ଣ ସାହୁ (୩୮)। ଦ୍ୱିତୀକୃଷ୍ଣ ତାଙ୍କ ମାମୁଘର ବାରିହାପୁରରୁ ନିଜ ଗ୍ରାମକୁ ବାଇକ୍ ଯୋଗେ ଫେରୁଥିବା ବେଳେ ରାସ୍ତାରେ ଥିବା ଗର୍ତ୍ତରେ ପଡ଼ିଯାଇଥିଲେ। ସେ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୀର୍ଘଦିନ ଧରି ଏଠାରେ ୫୦ ମିଟର ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଏବେ ଏହି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ଫଳରେ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆଗକୁ ବାତ୍ୟା ଓ ବର୍ଷା ଆଶଙ୍କା ଥିବାରୁ ତୁରନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମା' କାଳୀଙ୍କ ଭସାଣି ଉତ୍ସବ



ଢେଙ୍କାନାଳ,୨୪।୧୦(ସମିସ): ଢେଙ୍କାନାଳ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ୪ ଦିନ ଧରି ଚାଲିଥିବା ମାଆ କାଳୀଙ୍କ ପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ତତ୍ତ୍ୱାବଧାନ ତଥା ସମସ୍ତ କର୍ମଚାରୀଙ୍କ ସହଯୋଗରେ ମହାଆଡ଼ମ୍ବରରେ ମା'ଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ସହର ପରିକ୍ରମା କରି ବିସର୍ଜନ କରାଯାଇଥିଲା। ଭସାଣି ଶୋଭାଯାତ୍ରାରେ ହାତୀ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା।

## କାଣ୍ଡବିନ୍ଧା ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା



ଢେଙ୍କାନାଳ,୨୪।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ୨୧ ତାରିଖ କଳସଯାତ୍ରା, ୨୨ ତାରିଖ ଚକ୍ଷୁଦାନ ଓ ସୂର୍ଯ୍ୟପୂଜା, କଳସପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ଅଗ୍ନି ସଂସ୍କାର କରାଯିବା ସହ ପୂଜା ଆରମ୍ଭ ହୋଇଥିଲା। ଗତ ୧୪ ବର୍ଷ ଧରି ଏହି ପୂଜା ପାଳନ କରାଯାଉଛି। ଗାଁ ଗିରିଗୋବର୍ଦ୍ଧନ ପୂଜା କମିଟି ସହଯୋଗରେ ପୂଜା ଅନୁଷ୍ଠିତ ହେବା ସହ ଦୈନିକ ସମସ୍ତ ନୀତିକାନ୍ତି ଓ କମିଟି ତରଫରୁ ପ୍ରସାଦ ସେବନ କର୍ଯ୍ୟକ୍ରମ ହେଉଛି। କର୍ତ୍ତା ଭାବେ ସୁଶାନ୍ତ କୁମାର ନାୟକ, ପୂଜକ ସତ୍ୟନାରାୟଣ ମିଶ୍ର, ବିଭୂତି ଭୂଷଣ ହୋତା, ସଭାପତି ପ୍ରହ୍ଲାଦ ନାୟକ, ସମ୍ପାଦକ ରବିନାରାୟଣ ସେଠୀ, ଉପସଭାପତି ପଦନ ସାହୁ, କୋଷାଧକ୍ଷ ନିର୍ମଳ ପ୍ରଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ପୂଜା ଜାରି ରହିଛି। ଆସନ୍ତା ୩୧ ତାରିଖ ଅଁଳାନବମୀ ଦିନ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ନଭେମ୍ବର ୧ ତାରିଖ ଭସାଣି ଅନୁଷ୍ଠିତ ହେବ।

## ରେଲୱେ ପକ୍ଷରୁ କାଳୀପୂଜା ଭସାଣି ଉତ୍ସବ

ଢେଙ୍କାନାଳ,୨୪।୧୦(ସମିସ): ସ୍ଥାନୀୟ କାଳୀପଡ଼ିଆରେ ରେଲୱେ ପକ୍ଷରୁ ୯୧ତମ ମା' ଶ୍ୟାମାକାଳୀ ପୂଜାର ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ୨୦ ତାରିଖ ମଧ୍ୟରାତ୍ରରେ ପୂଜା ଆରମ୍ଭ ହୋଇ ଚାରି ଦିନ ପର୍ଯ୍ୟନ୍ତ ଚାଲିଥିଲା। ପୂଜା କମିଟି ସଭାପତି ହୃଷୀକେଶ ଗୌରା, ସମ୍ପାଦକ ପ୍ରଭାତ କୁମାର ମହାକୁଡ଼, କୋଷାଧକ୍ଷ ରଞ୍ଜିତ କୁମାର ପ୍ରଧାନ, ଉପକୋଷାଧକ୍ଷ ପ୍ରଦୀପ କୁମାର ସ୍ୱାଇଁ, ବଟକୃଷ୍ଣ ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମା'ଙ୍କ ପୂଜା ହୋଇଥିଲା। ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।



ମହୋଦଧିରେ ସମର୍ପଣ କାର୍ଯ୍ୟକ୍ରମ

# ରକ୍ତତୀର୍ଥ ନୀଳକଣ୍ଠପୁର ନଦୀଘାଟରୁ ମାଟି ଓ ପାଣି ସଂଗ୍ରହ

ଭୁବନ,୨୪।୧୦(ସମିସ)

ସହିଦ ବୀର ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସିଦ୍ଧଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ଭୁବନ ବ୍ଲକ ନୀଳକଣ୍ଠପୁର ବ୍ରାହ୍ମଣୀ

**ଅନ୍ତୁଡ଼ିଶାଳ ସୁରକ୍ଷା ପାଇଁ ଦାବି**

ନଦୀଘାଟରୁ ପାଣି ଓ ମାଟି ସଂଗ୍ରହ କରାଯାଇ ଆଧ୍ୟାତ୍ମିକ ପରିକ୍ରମା ଓ ମହୋଦଧି ସମର୍ପଣ ଢେଙ୍କାନାଳ ଅଭିମୁଖେ ଯାତ୍ରା ଆରମ୍ଭ ହୋଇଛି। ଭୁବନ ବିଡିଓ ଆୟୁଷୀ ମହାପାତ୍ର ଓ ବାଜି ରାଉତଙ୍କ ଦାୟାଦ କୁଳମଣି ରାଉତ ପବିତ୍ର ମାଟି ଓ ପାଣିକୁ ସିଦ୍ଧଶ୍ରୀକ୍ଷେତ୍ର ଢେଙ୍କାନାଳ



ପରିକ୍ରମା ପରିବାରକୁ ହସ୍ତାନ୍ତର କରିଥିଲେ। ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସମାଜସେବୀ ରାମଚନ୍ଦ୍ର ପାତ୍ର ସିଦ୍ଧ କଳସକୁ ସମର୍ପଣ କରିଥିଲେ। ସିଦ୍ଧଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ସଂଯୋଜକ ଅବନୀ କୁମାର ମିଶ୍ରଙ୍କ ନେତୃତ୍ୱରେ ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ଅଧିବକ୍ତା ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ସମବାୟବିତ୍ ଅକ୍ଷୟ କୁମାର ମହାନ୍ତି, ମନୋରମା ସିଂହ, ଅମର ପଟ୍ଟନାୟକ, ଆର୍ଯ୍ୟରତ୍ନ ଚକ୍ରଧର, ଶତ୍ରୁଘ୍ନ ମାଟି, ପରେଶ ଚନ୍ଦ୍ର ପଟ୍ଟନାୟକ, ଶରତ କୁମାର ବେହେରା, ଅକ୍ଷୟ କୁମାର ନାୟକ, ବିବେକାନନ୍ଦ ଷଡ଼ଙ୍ଗୀ, ରାଜକିଶୋର ବେହେରା, ସମୀର କୁମାର ପରିଡ଼ା, ସର୍ବେଶ୍ୱର ବ୍ରହ୍ମ, ଅଶୋକ କୁମାର ସାମଲ ଉପସ୍ଥିତ ଥିଲେ। ପୁଣ୍ୟ ମାଟି ଓ ପାଣିକୁ ନେଇ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କଟକ ଖାନନଗର ସଂସ୍କାର ପୀଠ ଦର୍ଶନ ଓ ପରେ ଭୁବନେଶ୍ୱର ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶେଷରେ ପୁରୀ ମହୋଦଧିରେ ବୈଦିକ ରୀତିନୀତି ଅନୁଯାୟୀ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯିବ ବୋଲି ସୂଚନା ଦିଆଯାଇଛି।

## ଇଫୁନା ଓ ଉଫୁନା ପକ୍ଷରୁ ବିଶ୍ୱ ମିଳିତ ଜାତିସଂଘ ଦିବସ

ଢେଙ୍କାନାଳ,୨୪।୧୦(ସମିସ): ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଇଣ୍ଡିଆନ ଫେଡେରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ (ଇଫୁନା) ଓ ଉତ୍କଳ ଫେଡେରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ (ଉଫୁନା) ପକ୍ଷରୁ ବିଶ୍ୱ ମିଳିତ ଜାତିସଂଘ ଦିବସ ପାଳିତ ହୋଇଛି। ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନର ଭାଇସ ଚେୟାରମ୍ୟାନ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ। ଇଫୁନାର ଜାତୀୟ ଉପସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ଜଜ୍ ଭିକାରୀ ଚରଣ ରାଉତ, ସମ୍ମାନିତ ବକ୍ତା ଭାବେ ଅଧ୍ୟାପିକା ମୀରା ବେଉରା ଯୋଗଦେଇଥିଲେ। ଉଫୁନାର ସମ୍ପାଦକ କବି ବାହାଦୁର ପାଟ୍ଟସାହାଣୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ ବିନାୟକ ଶତପଥୀ, ସରୋଜ ଶତପଥୀ, ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର, ପରିବେଶବିତ ଉପେନ୍ଦ୍ର କୁମାର ରାଉତ ପ୍ରମୁଖ ନିଜ ବକ୍ତବ୍ୟରେ ମାନବିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିବାରେ ମିଳିତ ଜାତିସଂଘର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ଉଫୁନାର ମହାସଚିବ ଦୀପାୟନ ପଟ୍ଟନାୟକ, ଇଂ ଅବିନାଶ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ମୁଖ୍ୟଅତିଥି ରୂପେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ ଜାତିସଂଘ ସଚେତନତା ହିଁ ସୁରକ୍ଷା ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଯୋଗଦେଇ ବିଶ୍ୱରେ ଶାନ୍ତି ଓ ସଂହତିର ପ୍ରତିଷ୍ଠା ମିଳିତ ଜାତିସଂଘର ମୂଳ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ଏକ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ପ୍ରଗତିଶୀଳ ବିଶ୍ୱ ଗଠନ ପାଇଁ ଜାତିସଙ୍ଘ ହିଁ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବାହାଦୁର ପାଟ୍ଟସାହାଣୀ, ଡ. ଦେବୀପ୍ରସାଦ ମିଶ୍ର, ଡ. ମାନସୀ କର, ଡ. ଅନୁପମା ମିଶ୍ର, କବୀ ମମତା ମିଶ୍ର, ମୈତ୍ରେୟୀ ଶୁଭଦା, ନନ୍ଦୀ କେଶରୀ ନାଥ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରେମାନନ୍ଦ ଶତପଥୀ, ତରୁଣ କୁମାର ବିଶ୍ୱାଳ, ପ୍ରାକୃତିକ ଚିକିତ୍ସା ବିଶାରଦ ପୀତବାସ ସାହୁ, ବିପିନ ବିହାରୀ ବେହେରା, ଦେବପ୍ରସାଦ ମିଶ୍ର, ଯୁଧିଷ୍ଠିର ସାହୁ, ଇଂ ଲଳିତ ମୋହନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ରାସୋଳରେ ପ୍ରାଣୀ ଚିକିତ୍ସାଳୟ ଗୃହ ଉଦଘାଟିତ



ହିନ୍ଦୋଳ,୨୪।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳଠାରେ ଶୁକ୍ରବାର ନୂତନ ପ୍ରାଣୀ ଚିକିତ୍ସାଳୟ ଗୃହ ଉଦଘାଟିତ ହୋଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଭାସ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଓ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୧୯୮୦ ମସିହାରୁ ଏଠାରେ ଗୋଟିଏ କୋଠରିରେ ପ୍ରାଣୀ ଚିକତ୍ସା ସେବା କରାଯାଉଥିବା ବେଳେ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ୧ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ପ୍ରାଣୀଚିକିତ୍ସା କେନ୍ଦ୍ରର ନୂତନ ଗୃହ ନିର୍ମାଣ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ରାସୋଳ ସରପଞ୍ଚ ଦିବାକର ନାଏକ, ରାସୋଳ ମଣ୍ଡଳ ବିଜେପି ସଭାପତି ଲିଙ୍ଗରାଜ ସାହୁ ସମେତ ବହୁ ସରପଞ୍ଚ ସମିତିସଭ୍ୟ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ଗୋପାଳକ, ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ। ହିନ୍ଦୋଳ ଏସଡିପିଓ ସତ୍ୟପ୍ରକାଶ ନନ୍ଦ, ରାସୋଳ ଥାନାଧିକାରୀ ବିଧୁଭୂଷଣ ମିଶ୍ର, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭବିକାଶ ମଲ୍ଲିକ, ବ୍ଲକ ପ୍ରାଣୀ ବିକିତ୍ସାଧିକାରୀ ଦେବାଶିଷ ତ୍ରିପାଠୀ, ହିନ୍ଦୋଳ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦେବୀପ୍ରସାଦ ମିଶ୍ର, ଭ୍ରାମ୍ୟମାଣ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରଶ୍ମି ସିଂ ପ୍ରମୁଖ ସହଯୋଗ କରିଥିଲେ।

● ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ

## ସୁନ୍ଦର ଷ୍ଟୋରୀ ପାଇଁ ଶାରୀରିକ ଓ ମାନସିକ ସୁସ୍ଥତା ଜରୁରୀ

ଢେଙ୍କାନାଳ,୨୪।୧୦(ସମିସ): ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍ସି)ରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏସବିଆଇ, ଏନଏଚଏମ, ସଞ୍ଜୀବନୀ ଓ ପିପିଏଚଏଫ ମିଳିତ ଉଦ୍ୟମରେ ଏହି ଶିବିର ହୋଇଥିଲା। ଏଥିରେ ପିପିଏଚଏଫର ମେଡିକାଲ ଅଫିସର ସୁଧାଂଶୁବାଳା ପାଣିଗ୍ରାହୀ ଏବଂ ବୈଷୟିକ ପରାମର୍ଶଦାତା ତନ୍ମୟ



ଶତପଥୀଙ୍କ ସମେତ ପାଞ୍ଚଜଣିଆ ଟିମ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ଔଷଧ ବଣ୍ଟନ କରିଛନ୍ତି। ପ୍ରତିଷ୍ଠାନର ବିଦ୍ୟାର୍ଥୀ, ଶିକ୍ଷକ ଓ କର୍ମଚାରୀମାନେ ଏଥିରେ ସାମିଲ ହେବା ସହ ନିଜ ରକ୍ତଶର୍କରା, ହିମୋଗ୍ଲୋବିନ ଓ ରକ୍ତଚାପ ଆଦି ପରୀକ୍ଷା କରିଛନ୍ତି। ପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ, ମେଡିକାଲ ଅଫିସର ପାଣିଗ୍ରାହୀ ଓ ବୈଷୟିକ ପରାମର୍ଶଦାତା ଶତପଥୀ ମଞ୍ଚାସୀନ ରହି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସାମ୍ବାଦିକ ତଥା ସାମ୍ବାଦିକତା ଓ ଯୋଗାଯୋଗ ବିଦ୍ୟାର୍ଥୀଙ୍କ ପକ୍ଷରେ ସୁନ୍ଦର ଷ୍ଟୋରୀ ଯେତିକି ଗୁରୁତ୍ୱପୂର୍ଣ୍ଣ, ସମାନ ଭାବେ ଶାରୀରିକ ଓ ମାନସିକ ସୁସ୍ଥତା ଜରୁରୀ ବୋଲି ପ୍ରଫେସର ପ୍ରଧାନ ମତ ରଖିଥିଲେ। ବର୍ତ୍ତମାନ ଜଳବାୟୁ ଓ ଖାଦ୍ୟରେ ପ୍ରଦୂଷଣ ବଢୁଥିବାରୁ ଘରେ ଘରେ ଶ୍ୱାସ ଓ ରକ୍ତ ସଞ୍ଚାଳନ ଜନିତ ବ୍ୟାଧି ପହଞ୍ଚିଛି। ଏଣୁ ଆମକୁ ଏବେଠାରୁ ସଚେତନ ହେବାକୁ ପଡ଼ିବ ବୋଲି ପାଣିଗ୍ରାହୀ ମତ ରଖିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ବିରଞ୍ଚି ନାରାୟଣ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ହରେକୃଷ୍ଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଡିଆଇଇଟିରେ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ

## ଶିକ୍ଷକତା ବୃତ୍ତି ନୁହେଁ, ଏକ ସାଧନା

ଢେଙ୍କାନାଳ,୨୪।୧୦(ସମିସ): ଶିକ୍ଷକତା ଏକ ବୃତ୍ତି ନୁହେଁ, ଏହା ଜ୍ଞାନ ଆହରଣ ଓ ବିତରଣର ଏକ ନିରନ୍ତର ଯାତ୍ରା। ଏପରି ଯାତ୍ରାରେ ସାମିଲ ହେବାକୁ ହେଲେ ନିଷ୍ଠା ଓ ସାଧନା ଆବଶ୍ୟକ। ସାଧନା କଲେ ଅବଶ୍ୟ ସିଦ୍ଧି ମିଳିବ ଓ ଜଣେ ଉଚ୍ଚକୋଟୀର ଶିକ୍ଷକ ହୋଇପାରିବ ବୋଲି ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଥମ ବର୍ଷ ଗୁରୁଛାତ୍ରଛାତ୍ରୀଙ୍କ ଦୀକ୍ଷାରମ୍ଭ

**ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଲାଗି ପ୍ରବେଶସ୍ତରୀୟ ପ୍ରଶିକ୍ଷଣ**



କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ପ୍ରକାଶ କରିଛନ୍ତ। ପ୍ରାକ ସେବା ଶିକ୍ଷକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ୪ ଦିନିଆ ପ୍ରବେଶସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ସାହୁ ଉଦଘାଟନ କରିଥିବା ବେଳେ ପ୍ରତିଷ୍ଠାନର ଗୌରବୋଜ୍ୱଳ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଥମ ବର୍ଷ ଗୁରୁ ଛାତ୍ରଛାତ୍ରୀଙ୍କୁ ତିଳକ ଓ ଗୋଲାପ ଦେଇ ସ୍ୱାଗତ କରାଯାଇଥିଲା। ପରେ ପରିଚୟ ଆଦାନ ପ୍ରଦାନ, ଆକାଂକ୍ଷା ପୋଷ୍ଟର, ରାଜ୍ୟରେ ଶିକ୍ଷକ ଶିକ୍ଷାର ସ୍ଥିତି ଓ ଡାଏଟର ଭୂମିକା ଏବଂ ପ୍ରାରମ୍ଭିକ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଅଧିବେଶନରେ ପ୍ରଶିକ୍ଷିକା ସ୍ୱାଗତିକା ଶରଣ, ସୁଦୀପ୍ତା ମିଶ୍ର, ସ୍ନେହଲତା ରାଜ, ଅବସରପ୍ରାପ୍ତ ଶିକ୍ଷକ ପ୍ରଶିକ୍ଷିକା ହରପ୍ରିୟା ପୃଷ୍ଟି ସାଧନକର୍ମୀ ଭାବେ କାର୍ଯ୍ୟ କରିଥିଲେ। ବିଭିନ୍ନ ଅଧିବେଶନରେ ନାଚଗୀତ, ଖେଳ, ଅଭିନୟ ଆଦି ଶିକ୍ଷଣ କାର୍ଯ୍ୟରେ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଶିକ୍ଷକ ପ୍ରଶିକ୍ଷିକା ବିନ୍ଦୁ ବେହୁରିଆ ଧନ୍ୟବାଦ ଦେଇଥିଲେ।

# ମହାବିରୋଡ଼୍‌କୁ ବ୍ଲକ ମାନ୍ୟତା ଦାବିରେ ବୈଠକ

କଙ୍କଡ଼ାହାଡ଼,୨୪।୧୦(ସମିସ)

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ୨୧ଟି ପଞ୍ଚାୟତକୁ ନେଇ ଗଠିତ। ଏହି ସବୁ ପଞ୍ଚାୟତଗୁଡ଼ିକ ମଧ୍ୟରୁ ମହାବିରୋଡ ହେଉଛି ପେଣ୍ଟସ୍ଥଳୀ। ଗଡ଼ପଳାଶୁଣି ବିଶଠାରୁ ଘାଗରାମୁଣ୍ଡା ପର୍ଯ୍ୟନ୍ତ ୧୦ଟି ପଞ୍ଚାୟତ ଥିବା ବେଳେ ଏହାର ପାଖ ପଡ଼ୋଶୀ ଭାବେ ୩/୪ଟି ପଞ୍ଚାୟତ ରହିଛି। ବର୍ତ୍ତମାନ ପରଜଙ୍ଗ ବ୍ଲକ ପିଟିରି ଛକରୁ ଖମାର କଣ୍ଟିଆପଶି ଦିଗକୁ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଘାଗରାମୁଣ୍ଡା ପଞ୍ଚାୟତରୁ କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ୩୦ରୁ ୪୦ କିଲୋମିଟର ଦୂର ହୋଇଥିବା ବେଳେ ବିରାଶାଳ ମେଡିକାଲ ୫୦ରୁ ଊର୍ଦ୍ଧ୍ୱ କିଲୋମିଟର ଦୂର। ବ୍ଲକ କାର୍ଯ୍ୟାଳୟ ହେଉ କିମ୍ବା ମେଡିକାଲ, ଅଞ୍ଚଳବାସୀ ବଣ ଜଙ୍ଗଲ ମଧ୍ୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ଏତେ ଦୂର ଯିବାକୁ ପଡୁଛି। ବ୍ଲକର ମଧ୍ୟଭାଗରେ ମହାବିରୋଡ ରହିଥିବା ବେଳେ ବିଭିନ୍ନ ଦିଗକୁ ଯାତାୟାତ ପାଇଁ ଗମନାଗମନ ସୁବିଧା ରହିଛି। ମହାବିରୋଡ ଦେଇ



ପରଜଙ୍ଗ, ତାଳଚେର ଅନୁଗୋଳ, କାମାକ୍ଷାନଗର, ଭୁବନ, ସୁକିନ୍ଦା, ଯାଜପୁର, କଟକ, ଭୁବନେଶ୍ୱର, ଖମାର, ପାଲଲହଡ଼ା, ରାଉରକେଲା, କେନ୍ଦୁଝର ପ୍ରଭୃତି ସ୍ଥାନକୁ ଯିବାପାଇଁ ଯାନବାହାନ ଚଳାଚଳ କରୁଛି। ଏତଦ୍‌ବ୍ୟତୀତ ମହାବିରୋଡରେ ସ୍କୁଲ, କଲେଜ, ଥାନା, ଉପସ୍ୱାସ୍ଥ୍ୟକେନ୍ଦ୍ର, ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟ ସମେତ ଅନ୍ୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। ଭୌଗୋଳିକ ଦୃଷ୍ଟିରୁ ମହାବିରୋଡକୁ ସ୍ୱତନ୍ତ୍ର ଭାବେ ନୂତନ ବ୍ଲକ ଗଠନ କରିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ଜୋର ଧରିବା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମହାବିରୋଡ ପଞ୍ଚାୟତ କାର୍ଯ୍ୟାଳୟରେ ଅଞ୍ଚଳର ଯୁବ ସମାଜସେବୀ କୃଷ୍ଣଚନ୍ଦ୍ର ସାହୁଙ୍କ ଆହ୍ୱାନ କ୍ରମେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ସମାଜସେବୀ ଧନେଶ୍ୱର ସାହୁଙ୍କ ସଭାପତିତ୍ୱ ଓ ଟିକମ ହାତୀଙ୍କ ସମର୍ଥନରେ ନୂତନ ବ୍ଲକ ଗଠନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମହାବିରୋଡକୁ ବ୍ଲକ ମାନ୍ୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ନୂତନ ବ୍ଲକ ଗଠନ ଲାଗି ବୈଠକରେ ସର୍ବସମ୍ମତି କ୍ରମେ ପ୍ରତ୍ୟେକ ପଞ୍ଚାୟତରୁ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ବ୍ଲକ ଗଠନ ହେବା ପର୍ଯ୍ୟନ୍ତ ଏହି କମିଟି ମାଧ୍ୟମରେ ପ୍ରତ୍ୟେକ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ନୂତନ ବ୍ଲକ ଗଠନ ନିତାନ୍ତ ଆବଶ୍ୟକ ବୋଲି କୃଷ୍ଣଚନ୍ଦ୍ର ସାହୁ, ଧନେଶ୍ୱର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ଟିକମ ହାତୀ, ଦିବ୍ୟସିଂହ ଦେହୁରୀ, ବିରଞ୍ଚି ନାରାୟଣ ସାହୁ, ଦୟାନିଧି ସାହୁ, ଭୀମସେନ ସାହୁ, ଚନ୍ଦ୍ରମଣି ସାହୁ, କରୁଣାକର ସାହୁ, ଜଗନ୍ନାଥ ଗଡ଼ନାୟକ, ମହେଶ୍ୱର ସାହୁ, ଅଶୋକ କୁମାର ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ବ୍ୟକ୍ତିମାନେ ମତାମତ ଦେଇଛନ୍ତି। ଆଗାମୀ ଦିନରେ ଅଞ୍ଚଳବାସୀଙ୍କୁ ନେଇ ବୈଠକ ହେବ ବୋଲି ଉକ୍ତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସରପଞ୍ଚଙ୍କ ମନମୁଖି କାର୍ଯ୍ୟ

## ଅନାସ୍ଥା ପ୍ରସ୍ତାବ ଆଣିଲେ ୧୦ ୱାର୍ଡ ସଭ୍ୟ

ଢେଙ୍କାନାଳ,୨୪।୧୦(ସମିସ): ସଦର ବ୍ଲକ କଙ୍କଡ଼ାହାଡ଼ ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ନେଇ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୧୦ ୱାର୍ଡ ସଭ୍ୟ। ପଞ୍ଚାୟତର ୧୩ ୱାର୍ଡରୁ ୧୦ଜଣ ୱାର୍ଡ ସଭ୍ୟ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ୱାର୍ଡ ସଭ୍ୟ ସଭ୍ୟାମାନେ ଗ୍ରାମର ସ୍ୱପ୍ନେଶ୍ୱର ଶିବ ମନ୍ଦିର ପରିସରରେ ଏକତ୍ରିତ ହୋଇଥିଲେ। ନାଏବ ସରପଞ୍ଚ ରଞ୍ଜିତା ବେହେରାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ସରପଞ୍ଚ କୁନି ନାୟକ ପଞ୍ଚାୟତର ବାର୍ଷିକ ଆୟବ୍ୟୟ ବୈଠକରେ ଅନୁମୋଦନ ନ କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ କୌଣସି ବୈଠକ କରୁ ନ ଥିବା ଅଭିଯୋଗ କରିଛନ୍ତି। ବୈଠକ ସମ୍ପର୍କରେ ୱାର୍ଡ ସଭ୍ୟସଭ୍ୟାଙ୍କୁ କୌଣସି ସୂଚନା ପ୍ରଦାନ କରାଯାଉ ନ ଥିବା ବେଳେ କୌଣସି କାର୍ଯ୍ୟ ସରକାରଙ୍କ ନିୟମ ଅନୁସାରେ ହେଉନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସରପଞ୍ଚଙ୍କ ଏପରି ମନମୁଖି କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରି ୬ନଂ ୱାର୍ଡ ସଭ୍ୟା ବିନୀତା ବେହେରା ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ୱାର୍ଡସଭ୍ୟ ରାକ୍ଷୀ ମହାରଣା, ରାଜଲକ୍ଷ୍ମୀ ମହାରଣା, ପଦ୍ମିନୀ ମହାରଣା, କୃତୀବାସ ବେହେରା, ମମତା ନାଏକ, ରଶ୍ମିତା ନାଏକ, ମମତା ନାଏକ, ସନ୍ତୋଷ ନାଏକ, ଜ୍ୟୋତ୍ସ୍ନା ଦଳେଇ ପ୍ରମୁଖ ଦଶ ଜଣ ଉପସ୍ଥିତ ଥିଲେ। ପରେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।



# ବେଆଇନ କାଠ ସହ ଟ୍ରକ୍ ଜବତ; ଦୁଇ ଅଟକ



କେନ୍ଦୁଝର, ୨୪।୧୦(ସମିସ): କେନ୍ଦୁଝର ବନ ବିଭାଗ ପକ୍ଷରୁ ଘଟଗାଁ ଏବଂ ଭୂୟା ଜୁଆଙ୍ଗ ପିଢ଼ ରେଞ୍ଜର ମିଳିତ ଅଭିଯାନରେ ଜଙ୍ଗଲ ଜମିରୁ ବେଆଇନ କାଟି ବାହାରକୁ ଚାଲାଣ ହେଉଥିବା ୧୦୦୦ ଘନଫୁଟରୁ ଅଧିକ ୟୁକାଲିପଟାସ୍ ବାଝୋଇ କାଠ ସହ ଏକ ୧୪ ଚକିଆ ଟ୍ରକ (ସିଜି ୧୫ଡିଏଚ ୯୭୦୦) ଜବତ କରାଯାଇଛି। ଛତିଶଗଡ଼ ରାଜ୍ୟ ସୁରଜପୁରର ଟ୍ରକ ଡ୍ରାଇଭର ଈଶ୍ୱର ସିଂହ (୨୬) ଏବଂ କେନ୍ଦୁଝର ଜିଲ୍ଲାର ପାଟନା ଥାନା ଅନ୍ତର୍ଗତ ସିଲିପଦାର ଗଣେଶ୍ୱର ପାତ୍ର (୩୦)ଙ୍କୁ ଅଟକ ରଖି ଅଧିକ ତଦନ୍ତ କରାଯାଉଛି। ବନ ବିଭାଗ ସୂତ୍ରରୁ ଜଣାପଡିଛି ଯେ ପଣ୍ଡାପଡ଼ାର ମିଥ୍ୟା କାଗଜପତ୍ର ଦେଖାଇ ଘଟଗାଁ ରେଞ୍ଜ ଅନ୍ତର୍ଗତ ସାନ୍ତରାପୁର ଗ୍ରାମରୁ ଏକ କାଠ ବୋଝେଇ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଗାଡ଼ିଟି ମଧ୍ୟପ୍ରଦେଶ ରାଜ୍ୟ ଶାହଡୋଲକୁ ଯିବା ପାଇଁ ପ୍ରସ୍ତୁତି ହେଉଥିଲା। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ସୂଚନା ଦେଇଛନ୍ତି। ସାନ୍ତରାପୁର ଅଞ୍ଚଳରୁ ଦୀର୍ଘବର୍ଷ ଧରି କାଠ ଚୋରାଚାଲାଣର ଅନେକ ମାମଲା ସତ୍ତ୍ୱେ ବନବିଭାଗ ରୋକିବାରେ ବିଫଳ ହେଉଛି। ଯାହାପାଇଁ ଜଙ୍ଗଲ ରକ୍ଷୟ ଦ୍ରୁତ ଗତିରେ ଚାଲିଛି। ଏହାକୁ ନେଇ ପରିବେଶବିତ୍ ଚିନ୍ତା ପ୍ରକଟ କରୁଛନ୍ତି।

# ଯୁବକ ଓ ମହିଳାଙ୍କୁ ଜୋତାମାଳ ପିନ୍ଧାଇବା ଘଟଣା: ଷଡ଼ଙ୍ଗୀରୁ ୪ ଗିରଫ

ଆନନ୍ଦପୁର, ୨୪।୧୦ (ସମିସ): ଜଣେ ଯୁବକ ଓ ଜଣେ ଜଣେ ମହିଳାଙ୍କୁ ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇବା ମହଙ୍ଗା ପଡ଼ିଛି। ଏନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ମାମଲା ରୁଜୁକରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଆନନ୍ଦପୁର ପୁଲିସ। ଅଭିଯୁକ୍ତମାନେ ହେଲେ ଷଡ଼ଙ୍ଗୀ ଗାଁର ମୀନତି ହୋ, ଲମ୍ବୋଧର ହୋ, ବାଣ ପୁର୍ତ୍ତି ଓ ଦଣ୍ଡରା ହୋ। ଘଟଣା ଘଟିଥିଲା ଗତ ୨୧ ତାରିଖ ଆନନ୍ଦପୁର ଥାନା ଷଡଙ୍ଗୀ ଗାଁରେ। ସୂଚନା ଅନୁସାରେ, ଗାଁର ଜଣେ ଯୁବକ ଧାନକ୍ଷେତରୁ କାମ ସାରି ହାଣ୍ଡିଆ ପିଇବାକୁ ଜଣଙ୍କ ଘର ନିକଟରେ ଅଟକି ଯାଇଥିଲେ। ସେଠାରେ ଉପସ୍ଥିତ ଜଣେ ମହିଳା ଯୁବକଙ୍କୁ ହାଣ୍ଡିଆ ଦେଇ ଘର ଭିତରକୁ ଚାଲିଯାଇଥିଲେ। ମହିଳାଙ୍କ ପଛେପଛେ ଯୁବକ ଜଣଙ୍କ ମଧ୍ୟ ଘର ଭିତରକୁ ଚାଲି ଯାଇଥିଲେ। ଏହା ଦେଖି ଗାଁର କିଛି ମହିଳା ଓ ପୁରୁଷ ଘରର ବାହାର ପଟୁ କବାଟ ବନ୍ଦ କରି ଦେଇଥିଲେ। ମହିଳାଙ୍କ ସ୍ୱାମୀ ଘରକୁ ଫେରାବା ପରେ ଉଭୟ ଯୁବକ ଓ ମହିଳାଙ୍କୁ ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇବା ସହିତ ଭିଡିଓ କରି ତାକୁ ଭାଇରାଲ କରିଥିଲେ ଗାଁଲୋକେ। ଏହି ଘଟଣାକୁ କେନ୍ଦ୍ରକରି ପୀଡ଼ିତା ମହିଳାଙ୍କ ଅଭିଯୋଗ ଆଧାରରେ ଆନନ୍ଦପୁର ପୁଲିସ ମାମଲାର ତଦନ୍ତ କରିଥିଲା।

# ଆନନ୍ଦପୁର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ଆନନ୍ଦପୁର, ୨୪।୧୦ (ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ ନାରାୟଣ ମିଶ୍ରଙ୍କ ଏହାକୁ ଉଦଘାଟନ କରିଥିଲା ବେଳେ ସମ୍ମାନିତଅତିଥି ଭାବେ ଡ ଶକ୍ତିପ୍ରସାଦ ମହାପାତ୍ର, ଭାରତୀ ସାହୁ, ଅନିତା ଦାସ, ମିତଶ୍ରୀ ବେହେରା, ଆଦ୍ୟାଦେବ ମହାନ୍ତି, ସେମିନାର ଉପଦେଷ୍ଟା ବିଶ୍ୱରଂଜନ ସାହୁ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଛାତ୍ର ଶୁଭମ୍ ରାମ ଓ ରତିରଞ୍ଜନ ଷଡ଼ଙ୍ଗୀ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ନଟିଆ-ବରଗୋଠ ଘାଟି ରାସ୍ତା ପରିଦର୍ଶନ କଲେ ବିଡିଓ

# ଯାତାୟାତ ପାଇଁ ହନ୍ତସନ୍ତ ହେଉଛନ୍ତି ୧୦ ଗାଁର ଲୋକ

ଆନନ୍ଦପୁର, ୨୪।୧୦ (ସମିସ)





କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଶାମୁକାନେଣ୍ଡି ପଞ୍ଚାୟତର ୧୦ରୁ ଅଧିକ ଗ୍ରାମର ଲୋକେ ପ୍ରତିଦିନ ଯାତାୟାତ ପାଇଁ ହଇରାଣ ହରକତ ହେଉଛନ୍ତି। ନଟିଆ-ବରଗୋଠ ରାସ୍ତା ନଥିବାରୁ ଘାଟିରେ ଚଢି ବିପଦଜନକ ଭାବେ ଜୀବନଜୀବିକା ନିର୍ବାହ କରିଥାନ୍ତି। ବାରମ୍ବାର ଅଭିଯୋଗ ପରେ ଶୁକ୍ରବାର ବିଡିଓ ବିନିତା ବିଜୟିନୀ ଉକ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସ୍ୱଚକ୍ଷୁରେ ଘାଟି ରାସ୍ତା ସମସ୍ୟାର ଅନୁଧ୍ୟାନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ରାସ୍ତା ଭଳି ମୌଳିକ ସମସ୍ୟାରେ ଜୀବନ ବିତାଉଛନ୍ତି ଏହି ଅଞ୍ଚଳବାସୀ। ଏପରି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ଘସିପୁରା ବ୍ଲକ ଶାମୁକାନାଣ୍ଡି ପଞ୍ଚାୟତର ବରଗୋଠ, ହାଡ଼ିବସା, ପଠାନଡାହି, ମଧୁବନ, ଝଟିଆ, କୁମପଦା ତଳସାହି, ବାଦୁଡ଼ିବସା, କଣ୍ଡିତଳି, ରାମସିଂ ଡାହି, କାଳିଆପାଣି, ପାଳିଆଡାହି ଗ୍ରାମରେ। ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରି ନାହିଁ। ଲୋକେ କେଉଁଠି ବିଲ ହୁଡ଼ାରେ ତ କେଉଁଠି ପାହାଡ଼ିଆ ରାସ୍ତାରେ ଯାତାୟାତ କରୁଛନ୍ତି।

ପଞ୍ଚାୟତର ବରଗୋଠ ଗ୍ରାମଠାରୁ ଶାମୁକା ନାଣ୍ଡି ନାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ୫କିମି। ଗ୍ରାମର କେହି ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟକୁ ଚାଉଳ ଆଣିବା ପାଇଁ ଗଲେ ଫେରିବା ସମୟରେ ତାଙ୍କର ପତ୍ନୀ କିମ୍ବା ପରିବାର ସଦସ୍ୟ ଖାଦ୍ୟ ନେଇ ପାହାଡ଼ ତଳକୁ ଆସିଥାନ୍ତି। ଏସବୁ ଗ୍ରାମକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଲୋକେ ମାନ୍ଧାତା ଅମଳର ଜୀବନ ବିତାଉଛନ୍ତି। ଗ୍ରାମବାସୀ ନାଥରାମ୍ ଦରାଇ, ନିରଞ୍ଜନ ତିରିଆ, ବିଜୟ ଦରାଇ, ଦାଶରଥୀ ତିରିଆ, ଲକ୍ଷ୍ମଣ ଫିଙ୍ଗୁଆ, ଗୋବିନ୍ଦ ପୂର୍ତ୍ତି, ଜଟ ପୂର୍ତ୍ତି, ସୁନିଆ ଚାତାର, ଜଗଦୀଶ ସଏ, ଚଡ଼ରାମ୍ ପୂର୍ତ୍ତି, ଶିବ ଜେରାଇ ଏବଂ କ୍ରିଷ୍ଣା ନାଇକ ପ୍ରମୁଖ ଏନେଇ ବିଡିଓଙ୍କ ନିକଟରେ ଆଲୋଚନା କରିଛନ୍ତି। ରାସ୍ତା ନଥିବା ଗାଁ ବରଗୋଠ, ବାଇବୁରୁ, ବାଦୁଡିବସା, ଆମ୍ବଡାହି, ପଠାନ୍ ଡାହି, ମଧୁବନ, କଣ୍ଡିତଳି, ହାଡ଼ିବସା ଏବଂ ଭାର୍ଷାଡାହିକୁ ସାମାନ୍ୟ ରାସ୍ତା ନାହିଁ କି ବିଜୁଳି ଆଲୁଅ ନଥିବାରୁ ଅନ୍ଧାରୀମୂଳକ ପାଲଟିଛି। ନଟିଆରୁ ବରଗୋଠ ଘାଟି ରାସ୍ତା ନଟିଆର ଅଧାଗଡ଼ା ଅଙ୍ଗନ୍‌ବାଡ଼ି, ବିଜୁଳି ଆଲୁଅ ବ୍ୟବସ୍ଥା ଖୁବ୍‌ଶୀଘ୍ର ହେବ ବୋଲି ବିଡିଓ ଗ୍ରାମବାସୀଙ୍କୁ କହିଛନ୍ତି।

# ଗୋଷ୍ଠୀ ସଭାଗୃହରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ




ନାରଦପୁର,୨୪।୧୦(ସମିସ): ଯୋଡ଼ା ବ୍ଲକ୍ ଚମକପୁର ପଞ୍ଚାୟତ ମୁରୁସୁଆଁ ପ୍ରାଥମିକ ବିଦ୍ୟାଳୟଟି ନିର୍ମାଣ ହୋଇ ପାରିନଥିବାରୁ ବିସ୍ଥାପିତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାନପୁର ପ୍ରକଳ୍ପ ଦ୍ୱାରା ମୁରୁସୁଆଁ ଗାଁଟି କ୍ଷତିଗ୍ରସ୍ତ ହୋଇଥିବାରୁ ତିନି ବର୍ଷ ପୂର୍ବରୁ ଉକ୍ତ ଗାଁକୁ ଉଚ୍ଛେଦ କରାଯାଇଥିଲା। ବିଦ୍ୟାଳୟକୁ ପ୍ରକଳ୍ପ ପକ୍ଷରୁ ନୂତନ ଭାବେ ବାସୁଦେବପୁର ବିସ୍ଥାପିତ କଲୋନୀରେ ନିର୍ମାଣ କରାଯିବା ପାଇଁ ଜାଗା ଚିହ୍ନଟ ସରିଛି ମାତ୍ର ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରି ନାହିଁ। ବିଦ୍ୟାଳୟ ନିର୍ମାଣ କରାଯାଇ ନଥିବାରୁ ଛାତ୍ରଛାତ୍ରୀମାନେ ଗୋଷ୍ଠୀ ସଭାଗୃହରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଯାଏଁ ଗୋଟିଏ କୋଠରୀରେ ସମୁଦାୟ ୨୦ ଜଣ ପିଲା ପାଠ ପଢୁଛନ୍ତି। ଏଭଳି ସମସ୍ୟା ଯୋଗୁଁ ବିଦ୍ୟାଳୟରେ ପିଲା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛନ୍ତି। ଏନେଇ ଅଭିଯୋଗ ଶୁଣାଣିରେ ମଧ୍ୟ ଲିଖିତ ଭାବେ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କିଛି ସୁଫଳ ମିଳି ନାହିଁ। କାନପୁର ପ୍ରକଳ୍ପ କର୍ତ୍ତୃପକ୍ଷ ତୁରନ୍ତ ନୂତନ ବିଦ୍ୟାଳୟ ନିର୍ମାଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ପବିତ୍ର ଗଡ଼ଚଣ୍ଡୀ ପୀଠରେ ହାଟଡ଼ିହୀ ହାଇସ୍କୁଲର ୧୯୮୦ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ

# ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ



ଆନନ୍ଦପୁର, ୨୪।୧୦ (ସମିସ): ଘସିପୁରା ବ୍ଲକ୍ ବାତୋ ପଞ୍ଚାୟତ ଅତା ଗ୍ରାମର ଅବସରପ୍ରାପ୍ତ ସେଟଲମେଣ୍ଟ ଇନ୍‌ସ୍ପେକ୍ଟର ଉଦ୍ଧବଚନ୍ଦ୍ର ନାଥ (୮୪)ଙ୍କ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇପଡିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁତ୍ର ଅଭିମନ୍ୟୁ ନାଥ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅଭିମନ୍ୟୁ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବାତୋ ପଞ୍ଚାୟତରେ ଶୋକ ପ୍ରକାଶ ପାଇଛି।

# ଅପହଞ୍ଚ ଇଲାକା ଉପର ପଣସନସା ଗାଁକୁ ରାସ୍ତା ହେବ ସୁଗମ



କେନ୍ଦୁଝର, ୧୪।୧୦(ସମିସ): ସ୍ୱାଧୀନତାର ସାତ ଦଶନ୍ଧି ପରେ ଗାଁକୁ ହେବ ରାସ୍ତା। ପଞ୍ଚାୟତକୁ ଚାଉଳ, ଭତ୍ତା ପାଇଁ ହେଉ ବା ଜରୁରିକାଳୀନ ସମୟରେ ମେଡିକାଲ ଯିବାକୁ ଆଉ ଲୋକଙ୍କ ଅସୁବିଧା ହେବ ନାହିଁ। ଗାଁକୁ ରାସ୍ତା ନ ଥିବାରୁ ବାଂଶପାଳ ବ୍ଲକ ଉପର ପଣସନସା ଗାଁର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିପାଇଁ ଗାଁଲୋକେ ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଶୁକ୍ରବାର ତେଲକୋଇ ବିଧାୟକ ଫକିର ମୋହନ ନାୟକଙ୍କ ପ୍ରଚେଷ୍ଟାରେ ରାସ୍ତା କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

**● ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ**

ତେଲକୋଇ ପୂର୍ତ୍ତ ବିଭାଗ ରାସ୍ତାରୁ ଉପର ପଣସନସା ଓ ହାଣ୍ଡିଭଙ୍ଗାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ନେଇ ସ୍ଥାନୀୟ ଲୋକେ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ସମୟରେ କେନ୍ଦୁଝର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ହରିହର ମହାନ୍ତଙ୍କ ସହ ବିଧାୟକ ପ୍ରତିନିଧି ଉମାକାନ୍ତ ବାରିକ, ମଣ୍ଡଳ ସଭାପତି କଳ୍ପତରୁ କଟେଇ, ଶୁକ୍ରା ମୁଣ୍ଡା, ନିରଞ୍ଜନ ପ୍ରଧାନ, ଗୁରୁଚରଣ ମହାନ୍ତ, ମହେନ୍ଦ୍ର ମହାନ୍ତ, କ୍ଷେତ୍ର ରଣା, ନବକିଶୋର ପ୍ରଧାନ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଶଙ୍କରପୁରରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା



କେନ୍ଦୁଝର, ୨୪।୧୦(ସମିସ): ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ଶଙ୍କରପୁରଠାରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସଦର ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ କପିଳେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ପତକା ଉତ୍ତୋଳନ କରି ଉଦ୍‌ଘାଟନ କରିବା ସହ କ୍ରୀଡ଼ାବିତଙ୍କୁ ଶୃଙ୍ଖଳିତ ଭାବେ ଖେଳ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ସଦର ବ୍ଲକ୍ ସମ୍ପାଦକ ଫକୀରମୋହନ ମହାନ୍ତ ମୁଖ୍ୟଅତିଥି ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଉପସ୍ଥିତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। କ୍ରୀଡା ଶିକ୍ଷକ ମୌଳେନ୍ଦୁ ମହାନ୍ତ, ଲକ୍ଷ୍ମୀଧର ସିଂ, ସମରଜିତ ସିଂ, ସସ୍ମିତା ବିଶ୍ୱାଳ ପ୍ରିୟଙ୍କା ମହାନ୍ତ ସୁଶାନ୍ତ ବାରିକ ଶ୍ରୀନିବାସ ମଲ୍ଲିକ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଦୀପ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ହଳଦିଆଗୁଣା ଏମ୍‌ଏସ୍‌ପି କାରଖାନା ଅନିୟମିତତା ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ

କେନ୍ଦୁଝର,୨୪।୧୦(ସମିସ)



କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ହଳଦିଆଗୁଣାସ୍ଥିତ ଏମ୍‌ଏସପି କାରଖାନାରେ ବ୍ୟାପକ ଅନିମିୟତା ଓ ମନମୁଖୀ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ୨୫ବର୍ଷ ହେବ ସ୍ଥାନୀୟ ବଣୁଆଁ, ବାଲିସୁଆଁ, ବାଙ୍କମାରୁଣୀ ଲୋକଙ୍କ ସହଯୋଗ ଓ ସମର୍ଥନ ଯୋଗୁଁ ପ୍ରତିଷ୍ଠିତ କାରଖାନା ସୁରୁଖୁରରେ ପରିଚାଳିତ ହେଉଥିଲା ବେଳେ ବର୍ତ୍ତମାନ ସ୍ଥାନୀୟ ଲୋକମାନେ ନିର୍ଗତ ଧୂଳିଧୂଆଁ, ବର୍ଜବସ୍ତୁ ଓ ଦୂଷିତ ପାଣି ଯୋଗୁଁ କ୍ଷତିଗ୍ରସ୍ତ ହେଉଛନ୍ତି। ଚାଷଜମି ଏବଂ ଅଞ୍ଚଳର ମୃତ୍ତିକା ଉପରେ ଗଭୀର ପ୍ରଭାବ ପଡୁଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ବର୍ଷବର୍ଷ ଧରି କମ୍ପାନୀର ନିଜସ୍ୱ ରାସ୍ତା ନାହିଁ। ଗ୍ରାମ୍ୟ ରାସ୍ତା ବ୍ୟବହାର କରୁଛି କମ୍ପାନୀ। ଏହି ରାସ୍ତା ଉପରେ ପାଖାପାଖି ୫ ହଜାର ଲୋକ ନିର୍ଭର କରୁଛନ୍ତି। ଦୈନିକ ଭାରୀଯାନଗୁଡିକ ଯାତାୟାତ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଇତିମଧ୍ୟରେ ଏକାଧିକ ଲୋକ ଦୁର୍ଘଟଣାରେ ପ୍ରାଣ ହରାଇ ସାରିଲେଣି। ଆମ୍ବୁଲାନ୍ସ ସମେତ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତାୟାତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଧୂଳିଧୂଆଁ ପାଣିକାଦୁଅରେ ଭର୍ତ୍ତି ହୋଇ ଶୋଚନୀୟ ହୋଇ ପଡିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ନିୟମ ବିରୋଧରେ ଚୋରି କରି ଅତ୍ୟାଧିକ ଭୂତଳ ଜଳ ବ୍ୟବହାର ଯୋଗୁଁ ଗ୍ରାମର ନଳକୂଅ, ପୋଖରୀଗୁଡିକରେ ପାଣି ଶୁଖି ଯାଉଛି। ଦିନକୁ ଦିନ ଜଳସ୍ତର ହ୍ରାସ ପାଉଛି। କିଛି ବର୍ଷ ହେବ କମ୍ପାନୀ କ୍ରମାଗତ ଭାବେ ଅନ୍ୟାୟ ଭାବେ ଶ୍ରମିକ ଛଟେଇ କରିଆସୁଛି। ଅବସରପ୍ରାପ୍ତ ଶ୍ରମିକଙ୍କୁ ବିନା କୌଣସି ପ୍ରାପ୍ୟ କିମ୍ବା ଗ୍ରାଚ୍ୟୁଟିରେ ବାହାର କରି ଦିଆଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ବହୁବାର ଅବଗତ କରାଯାଇଥିଲେ ହେଁ କୌଣସି ସୁଫଳ ମିଳୁ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କିଛିମାସ ପୂର୍ବରୁ ଶ୍ରମିକଙ୍କ ସ୍ଥାୟୀ ନିଯୁକ୍ତି ତଥା ଶ୍ରମିକ ଛୋଟେଇ ବିଷୟରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ଅଣଦେଖା କରାଯାଇଛି। ସ୍ଥାନୀୟ ସରପଞ୍ଚ ଅଭିଯୋଗ ପାଇବା ପରେ ସେ ମଧ୍ୟ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ମିଥ୍ୟା ମାମଲାକ୍ରମେ ସରପଞ୍ଚଙ୍କ ସମେତ ୫ ଜଣ ଯୁବକଙ୍କୁ କୋର୍ଟକୁ ଟଣାଯାଇଥିଲା। ନାନା ଅସୁବିଧାର ସମ୍ମୁଖୀନ ହେବା ଦ୍ୱାରା କମ୍ପାନୀର ଏଭଳି ପ୍ରଦର୍ଶନ ପାଇଁ ପରିବାର ବହୁ ଯନ୍ତ୍ରଣା ଭୋଗିଥିଲେ। କାରଖାନା ପ୍ରସାରଣ ବେଳେ ଜନଶୁଣାଣିରେ ପ୍ରଶାସନ ଉପସ୍ଥିତିରେ ସ୍ଥାନୀୟ ଅଧିବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କମ୍ପାନୀ କର୍ତ୍ତୃପକ୍ଷ ଅଣଦେଖା କରିଛି।

ଏହାକୁ ୪ ଦିନମଧ୍ୟରେ ସ୍ଥାୟୀ ସମାଧାନ କରା ନଗଲେ ୨୭ ତାରିଖ କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର, ଛଟେଇ ଶ୍ରମିକଙ୍କୁ ପୁନଃନିଯୁକ୍ତି ଓ ବକେୟା ଅର୍ଥରାଶି ପ୍ରଦାନ, ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ମହିଳାଙ୍କୁ ଅଗ୍ରାଧିକାର, ନିଜସ୍ୱ ରାସ୍ତା ନିର୍ମାଣ, ଯୋଗ୍ୟତା ଭିତ୍ତିରେ ଦରମା, ଭୂତଳ ଜଳ ଅପବ୍ୟବହାର ବନ୍ଦ କରିବା, ଜମିହରା ଲୋକଙ୍କୁ ଓ ସେମାନଙ୍କ ପରିବାରକୁ ସାମାଜିକ ସୁରକ୍ଷା ପ୍ରଦାନ, ପ୍ରଭାବିତ ଅଧିବାସୀଙ୍କୁ ସାର, ବିହନ, କୀଟନାଶକ, ଔଷଧ ଏବଂ ଗୃହପାଳିତ ପଶୁପକ୍ଷୀଙ୍କର ଚିକିତ୍ସା ସୁବିଧା, ବାଙ୍କମାରୁଣୀ ଛକଠାରେ ବଢୁଥିବା ଦୁର୍ଘଟଣା ପାଇଁ ଓଭରହେଡ କ୍ରସିଙ୍ଗ ନିର୍ମାଣ, ବୃକ୍ଷରୋପଣ ସମେତ ସିଏସଆର ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ମୌଳିକ ସେବା ତଥା ଉନ୍ନତିମୂଳକ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଦାବି ହୋଇଛି। ଏନେଇ ଜିଲ୍ଲା ଏସ୍‌ପି, ଡିଏଲସି କେନ୍ଦୁଝର, ସଦର ଥାନା ଆରକ୍ଷୀ, ଗୋବର୍ଦ୍ଧନ ଓ କାଉଁରୀକଳା ସରପଞ୍ଚଙ୍କୁ ଦାବିପତ୍ର ଦିଆଯାଇଛି। ମାଳତି ମୁଣ୍ଡା, ସୀମା ହାସଁଦା, ରନ୍ଦାଇ ମୁଣ୍ଡା, ସାବିତ୍ରୀ ଗାଗରାଇ, ଜାନ ମୁଣ୍ଡା, ନନ୍ଦଲାଲ ହାସଁଦା, ଅଶୋକ ମୁଣ୍ଡା, ଦୁର୍ଯ୍ୟୋଧନ ହାସଁଦା, ମେଘା ମୁଣ୍ଡା, ମହେନ୍ଦ୍ର ମୁଣ୍ଡା, ଅଜୟ ମୁଣ୍ଡା, ଚିତ୍ତରଞ୍ଜନ ହାନଗା, ଅରୁଣ ମୁଣ୍ଡା, ୨ନମ୍ବର ୱାର୍ଡମେମ୍ବର ମଙ୍ଗଳ ମୁଣ୍ଡା, କୁନାର ମୁଣ୍ଡା, ନିମାଇ ମୁଣ୍ଡା, ଟୁନା ମୁଣ୍ଡା, ଗୋବିନ୍ଦ ମୁଣ୍ଡା, ରବି ମୁଣ୍ଡା, ଶିବ ମୁଣ୍ଡା, ମାୟାଧର ମୁଣ୍ଡା, ନିମାଇଁ ମୁଣ୍ଡା, ରୋହିତ ମୁଣ୍ଡା, ଭରତ ସାହୁ ପ୍ରମୁଖ ଏନେଇ ଜିଲ୍ଲା ପ୍ରଶାସନର ଫେରାଦ ହେବା ସହ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି।

# ନେହରୁ ଷ୍ଟାଡିୟମରେ ୫ମ ଚନ୍ଦ୍ରଶେଖର କପ୍ ଫୁଟ୍‌ବଲ ପ୍ରତିଯୋଗିତା



ଚମ୍ପୁଆ,୨୪।୧୦(ସମିସ): ଚମ୍ପୁଆ ନେହରୁ ଷ୍ଟାଡିୟମଠାରେ ୫ମ ଚନ୍ଦ୍ରଶେଖର କପ ଆନ୍ତରାଜ୍ୟ ଫୁଟ୍‌ବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ଜୋଡା ଟ୍ରକଓନର ଆସୋସିଏସନ ସୁଶାନ୍ତ ବାରିକ, ଚମ୍ପୁଆ ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ସମାଜସେବୀ ହବି ଦାସ ପ୍ରମୁଖ ଯୋଗ ଦେଇଥିଲେ। ମଣିଙ୍ଗ କ୍ଲବ ଚମ୍ପୁଆ ପକ୍ଷରୁ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ କ୍ଲବ ସଂପାଦକ ଅଭୟ ଦାସ, ସଭାପତି ରଶ୍ମିରଂଜନ ସେଠୀ ଓ ସଂପାଦକ ଅମିତାଭ ପ୍ରଧାନ, ବିଷ୍ଣୁଚରଣ ପାଣି ପ୍ରମୁଖ ପରିଚାଳନା କରିଥିଲେ। ୩୨ଟି ଆନ୍ତରାଜ୍ୟ ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହେବ। ଚାମ୍ପିଅନ ଦଳ ପାଇଁ ଦୁଇଲକ୍ଷ ୨୦ ହଜାର, ରନର୍ସ ଅପ ଦଳପାଇଁ ଏକ ଲକ୍ଷ ତିରିଶ ହଜାର, ତୃତୀୟ ଦଳ ପାଇଁ ୭୫ ହଜାର ଓ ଚତୁର୍ଥ ଦଳ ପାଇଁ ୬୦ ହଜାର ଅର୍ଥରାଶି ସହ ଟ୍ରଫି ବ୍ୟବସ୍ଥା ସହ ଚାମ୍ପିଅନ ଦଳର ମ୍ୟାନେଜର ଓ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଖେଳାଳି ପାଇଁ ବିଦେଶ ଯାତ୍ରାର ବ୍ୟବସ୍ଥା ରହିଥିବା ସଭାପତି ସୂଚନା ଦେଇଥିଲେ। କ୍ଲବ୍ ସଦସ୍ୟ ସତ୍ୟଜିତ ମହାକୁଡ, ସରୋଜ ବେହେର, ସମେତ ବହୁ ସଦସ୍ୟ ସହଯାଗ କରିଥିଲେ। ପ୍ରଥମ ମ୍ୟାଚ୍ ମା' ବାଶୁଳି ସରାଶପୋଶି ଏକାଦଶ ଓ ଜୟ ମା' କାଳିବଲାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ଭାଷ୍ୟକାର ଭାବେ ନରୋତ୍ତମ ତନ୍ତୀ ଓ ବାବୁଲୁ ଆପଟ ସହଯୋଗ କରିଥିଲେ।

# ନିଶ୍ଚିନ୍ତକୋଇଲି-ପଞ୍ଚୁପାଣ୍ଡବ ଆର୍‌ଡି ରାସ୍ତା ବେହାଲ୍

ନିଶ୍ଚିନ୍ତକୋଇଲି,୨୪।୧୦(ସମିସ



ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କେନ୍ଦ୍ରାପଡା ୮ନଂ କେନାଲ ବାମ ପାଶ୍ୱର୍ ବନ୍ଧ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳଠାରୁ ବାହାରି ପଞ୍ଚୁପାଣ୍ଡବ ପର୍ଯ୍ୟନ୍ତ ଯାଇଥିବା ପ୍ରାୟ ୨୦ କିମି ଦୈର୍ଘ୍ୟ ବିଶିଷ୍ଟ ରସ୍ତାକୁ ଦୀର୍ଘଦିନ ହେବ ମରାମତି କରାଯାଇ ନାହିଁ। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେବା ସହିତ ଅନେକ ସ୍ଥାନରେ ପିଚୁ ଉଠିଯାଇଥିବା ଦେଖାଯାଇଛି। ଏହି ରାସ୍ତା ଉପରେ ନିଶ୍ଚିନ୍ତକୋଇଲି, ମାହାଙ୍ଗା, ଡେରାବିଶ ଓ ବଡଚଣା ଆଦି ବ୍ଲକର ହଜାର ହଜାର ପଥିକ ଯାତାୟତ କରିଥାଆନ୍ତି। ଏହାଛଡା ଯାତ୍ରୀବାହୀ ବସ୍ ସମେତ ଶହ ଶହ ସଂଖ୍ୟାରେ ଭାରୀଯାନ ଏବଂ ଚାରିଚକିଆ ଓ ଦୁଇଚକିଆ ଯାନ ଯାତାୟତ ମଧ୍ୟ କରିଥାଆନ୍ତି। ବିଶେଷ କରି ଏହି ରାସ୍ତାରେ ଉମର ମାଉସୀ ମା' ମନ୍ଦିର ଛକଠାରୁ ବାଲିଆଚକା ବଜାର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇପଡିଛି। ୩୦୦ ମିଟର ବ୍ୟାପୀ ଏହି ରାସ୍ତାରେ ଏଭଳି ଖାଲଖମା ସୃଷ୍ଟି ହୋଇଛି ଯେ ଏହା ମଧ୍ୟ ଦେଇ ଯାନବାହନ ଯାତାୟାତ କରିବା କଷ୍ଟସାଧ୍ୟ ହୋଇପଡିଛି। ଅନେକ ସମୟରେ ଏହି ରାସ୍ତାର ଖାଲଖମାରେ ପଡି ବାଇକ ଆରୋହୀମାନେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ଏହି ରାସ୍ତା ମଧ୍ୟ ଦେଇ ଜରୁରୀକାଳୀନ ଦମକଳ ଗାଡି ଓ ଆମ୍ବୁଲାନ୍ସ ଯିବା କଷ୍ଟକର ହୋଇପଡିଛି। ଏହି ରାସ୍ତା ମଧ୍ୟ ଦେଇ ସ୍କୁଲ ଛାତ୍ର ଛାତ୍ରୀଙ୍କୁ ନେଇ ଯାଉଥିବା ସ୍କୁଲଗାଡି ମଧ୍ୟ ବିପଦସଂକୁଳ ଅବସ୍ଥାରେ ଯାତାୟାତ କରୁଛି। ରାସ୍ତାର ଏଭଳି ଅବସ୍ଥାରେ ସାଧାରଣ ଲୋକମାନେ ଯିବା ଆସିବା କରିବା ପାଇଁ ବହୁ ହୀନସ୍ତା ହେଉଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏହି ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି ହେଉଛି।

## ଯୋବ୍ରା ବ୍ରିଜ୍‌ରୁ ଡେଇଁ ନିଖୋଜ ଯୁବତୀଙ୍କ ଶବ ଉଦ୍ଧାର



ସାଲେପୁର,୨୪।୧୦(ସମିସ): ଗତକାଲି ଯୋବ୍ରା ବ୍ରିଜ୍‌ରୁ ମହାନଦୀକୁ ଡେଇଁ ନିଖୋଜ ହୋଇଯାଇଥିବା ଯୁବତୀର ମୃତଦେହକୁ ଆଜି ସାଲେପୁର ମୁର୍କୁଣ୍ଡି ଗ୍ରାମ ବ୍ୟାରେଜ୍ ନିକଟରେ ଚିତ୍ରୋତ୍ପଳା ନଦୀରେ ଭାସୁଥିବା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ସାଲେପୁର ବ୍ଲକ୍ ଜଗତପୁର ଥାନା ଅଣ୍ଡେଇସାହି ଗ୍ରାମର କୁଳମଣି ମଲ୍ଲିକଙ୍କ ଝିଅ ଶିବାନୀ (୨୧) ବ୍ରିଜ୍ ନିକଟରେ ସ୍କୁଟି ରଖି ମହାନଦୀକୁ ଡେଇଁ ପଡିଥିଲେ। ସ୍ଥାନୀୟ ଦମକଳବାହିନୀ, ପୁଲିସ ଓ ଓଡ୍ରାଫ ଟିମ୍ ସନ୍ଧ୍ୟା ପର୍ଯ୍ୟନ୍ତ ନଦୀ ପାଣିରେ ଶିବାନୀକୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତା'ର କୌଣସି ପତ୍ତା ମିଳି ନ ଥିଲା। ଆଜି ଚିତ୍ରୋତ୍ପଳା ନଦୀର ମୁର୍କୁଣ୍ଡି ଗ୍ରାମ ନିକଟରେ ମୃତଦେହ ଭାସୁଥିବାର ସ୍ଥାନୀୟ ଲୋକେ ଦେଖି ସାଲେପୁର ଓ କିଶୋରନଗର ପୁଲିସକୁ ଖବର ଦେଇଥିଲେ। ଉଭୟ ପୁଲିସ ସେଠାରେ ପହଞ୍ଚି ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲେ।

## ମିନି ଟ୍ରକ୍ ମାଲିକ ମହାସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ



କନ୍ଦରପୁର,୨୪।୧୦(ସମିସ): କଟକ ଜିଲ୍ଲା ମିନିଟ୍ରକ ମାଲିକ ସଂଘ ଓ କଟକ ସଦର ମିନିଟ୍ରକ ମାଲିକ ସଂଘ ନୂତନ କାର୍ଯ୍ୟାଳୟ ବ୍ରହ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ମୁକ୍ତାମଣି ଭବନରେ ଉଦଘାଟିତ ହୋଇଯାଇଛି। କଟକ ଜିଲ୍ଲା ସଭାପତି ରାକେଶ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଆରଟିଓ ବିଶ୍ୱଜିତ୍ ଦାଶ, ସମ୍ମାନିତ ଅତିଥି ଭାରତ ମସଲା ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା, ନିଖିଳ ଓଡ଼ିଶା ମିନିଟ୍ରକ ମାଲିକ ମହାସଂଘର ରାଜ୍ୟ ସଭାପତି ଗଣେଶ ମାହାରୀ, ରାଜ୍ୟ ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ସନ୍ତୋଷ କର, ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀକାନ୍ତ ଜେନା, ଉମେଶଚନ୍ଦ୍ର ମହାନ୍ତି, ରାଜ୍ୟ ସହସମ୍ପାଦକ ବିଜୟ ସେଠୀ, ଆର୍ତ୍ତତ୍ରାଣ ବାରିକ, କଟକ ଜିଲ୍ଲା ସଭାପତି ରାଜେଶ ସ୍ୱାଇଁ, କଟକ ଜିଲ୍ଲା ସମ୍ପାଦକ ଚିନ୍ମୟ ଦେବତା, କଟକ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ଲେଙ୍କା ଯୋଗ ଦେଇଥିଲେ। ପ୍ରମୋଦ ଦେବତା, ସୁନୀଲ ଦେବତା, ନିତ୍ୟାନନ୍ଦ ମହାପାତ୍ର, କାଳିଆ ଦେବତା, ସିଲୁ ଦେବତା, ଗୋଲକ ପରିଡ଼ା, ବାବୁଲି ସ୍ୱାଇଁ, ଗୁଡୁ ନନ୍ଦ, ଦୁଷ୍ମନ୍ତ ନନ୍ଦ, ଆନନ୍ଦ ଦେବତା, ସୁଜିତ ଦେବତା, ନିରଞ୍ଜନ ମହାରଣା, ରତ୍ନାକର ସାହୁ ସହଯୋଗ କରିଥିଲେ।

## ସାଇବାବାଙ୍କ ମହାସ୍ନାନ ଉତ୍ସବ

ନିଶ୍ଚିନ୍ତକୋଇଲି,୨୪।୧୦(ସମିସ): ପବିତ୍ର ଦୀପାବଳିରେ ନିଶ୍ଚିନ୍ତକୋଇଲି ବ୍ଲକ



ନତକାଇ ପଞ୍ଚାୟତ ବାଣୀନଗରଠାରେ ଥିବା ଆନନ୍ଦଧାମ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ସିରିଡି ସାଇ ମନ୍ଦିରରେ ସାଇବାବାଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଛି। ପହଡ଼ ଫିଟିବା ପରେ ପୂଜକ ସୁବାଶିଷ ଷଡ଼ଙ୍ଗୀଙ୍କ ଦ୍ୱାରା ବାବାଙ୍କର ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପରେ ଘିଅ, ମହୁ, ଲହୁଣୀ, କ୍ଷୀର, କନ୍ଦ, ଅଗୁର ଗୋଲାପଜଳ ମିଶ୍ରିତ ଶୁଦ୍ଧପୁତ ଜଳରେ ମହାସ୍ନାନ କରାଯାଇଥିଲା। ବାବାଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଇ ବିଭିନ୍ନ ପୁଷ୍ପରେ ସୁସଜ୍ଜିତ କରାଯାଇଥିଲା। ଏକ ସୁସଜ୍ଜିତ ବିମାନରେ ବାବାଙ୍କର ଚଳନ୍ତି ପ୍ରତିମାକୁ ଶ୍ରୀ ଶ୍ରୀ ଶକ୍ତିଶ୍ୱର ମନ୍ଦିର ବେଢା ଓ ସାଇମନ୍ଦିର ବେଢା ପରିକ୍ରମା କରାଯାଇ ମଧ୍ୟାହ୍ନ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ସାଇ ବାବାଙ୍କ ଭକ୍ତ ଯୋଗଦେଇ ବାବାଙ୍କ ସାନ୍ନିଧ ଲାଭ କରିଥିଲେ। ଟ୍ରଷ୍ଟର ସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ପ୍ରଧାନ, ସନ୍ତୋଷ ରାଉତ, ମନୋଜ ଓଝା, ଗଣେଶ ବେହେରା, ରଘୁନାଥ ବାରିକ, ଚଗଲା ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଡମ୍ବା କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ଜୟନ୍ତୀ



ବଡମ୍ବା,୨୪।୧୦(ସମିସ): ବଡମ୍ବା କରଣ ସମାଜର ଇଷ୍ଟ ଦେବତା ଭଗବାନ ଚିତ୍ରଗୁପ୍ତଙ୍କ ଜୟନ୍ତୀ ଗୁରୁବାର ନିଜିଗଡ଼ସ୍ଥିତ ଗୁଣ୍ଡିଚାବାଡ଼ି ମଠ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ୧୧ଟାରେ ହୋମ କାର୍ଯ୍ୟ ଆରମ୍ଭ ହୋଇଥିଲା। ବଡମ୍ବା କରଣ ସମାଜର ବରିଷ୍ଠ ସଦସ୍ୟ ଫକୀରମୋହନ ଦାସ କର୍ତ୍ତା ଭାବେ ହୋମ କାର୍ଯ୍ୟ ତୁଲାଇଥିଲେ। ସମ୍ପାଦକ ବୈକୁଣ୍ଠ ନାଥ ମହାନ୍ତି, କୋଷାଧ୍ୟକ୍ଷ ନାରାୟଣ ଚନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟ ଶାରଦା ଚରଣ ଦାସ, ବିଭୁଦତ୍ତ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ଶେଷଦେବ ପଟ୍ଟନାୟକ, ସୁଜିତ ପଟ୍ଟନାୟକ, ବରଦା ପଟ୍ଟନାୟକ, ପ୍ରକାଶ ପଟ୍ଟନାୟକ, ପ୍ରବୀଣ ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, ଶିବ ପ୍ରସାଦ ମହାନ୍ତି, ଚିନ୍ମୟ ମହାନ୍ତି, ଦେବ ନାରାୟଣ ମହାନ୍ତି, ଦୀପକ ମହାନ୍ତି, ମୌସୁମୀ ମହାନ୍ତି, ମନମୋହନ ମହାନ୍ତି, ଅନିଲ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାଜର ବରିଷ୍ଠ ସଦସ୍ୟ ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସମ୍ମିଳନୀ

ଟାଙ୍ଗୀ,୨୪ ।୧୦(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ମଣିଆ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ କ୍ଲଷ୍ଟରସ୍ତରୀୟ ସମ୍ମିଳନୀ କାୟାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଦୟାନିଧି ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବିଇଓ ଅରୁନ୍ଧତୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷାନୀତି ଅନୁଯାୟୀ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ ଦେଇଥଲେ। ପ୍ରଧାନଶିକ୍ଷକ ଭକ୍ତ ବତ୍ସଳ ଦାଶ, ଅନୁସମା ଲେଙ୍କା, ପୂର୍ଣ୍ଣଚନ୍ଦ୍ର ବିରୁଆ, ହରିହର ବେହେରା, ଶିକ୍ଷକ ସୁଶୀଲ



ଶତପଥୀ, ବିଶ୍ୱଜିତ ରାୟ, କିରଣ ମାରାଣ୍ଡି, ବଂଶୀଧର ସିଂ, ସୁନୀତା ମଲ୍ଲିକ, ନିଲମ ଲେଙ୍କା, ଶ୍ରୀନିବାସ ସ୍ୱାଇଁ ଓ ପ୍ରିୟଦର୍ଶୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପୂର୍ବକ ବିଦ୍ୟାଳୟରେ ଉପୁଜୁଥିବା ସମସ୍ୟା ସଂକ୍ରାନ୍ତରେ ମତ ରଖିଥିଲେ। କାୟାପଲ୍ଲୀ ପ୍ରଧାନଶିକ୍ଷକ ପ୍ରଦୀପ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଭବିଷ୍ୟତ ଗଠନ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶନନଗର,୨୪।୧୦(ସମିସ): କଟକ ସଦର ଅନ୍ତର୍ଗତ କେଳି କଦମ୍ବ ଆଞ୍ଚଳିକ ସାଧନ କେନ୍ଦ୍ର ତଥା ଧରିଣା ପଞ୍ଚାୟତର ସରକାରୀ ଅର୍ଚ୍ଛିଲ୍-ବାଲି ସାହି ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଶିକ୍ଷୟିତ୍ରୀ ଭାବେ ରହି ସୁନାମ ଅର୍ଜନ କରିଥିବା ଭାରତୀ ଜେନାଙ୍କ ପାଇଁ ଆଜି ବୁଧବାର ଦିନ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅର୍ଚ୍ଛିଲ୍, ହାଡୁଆକୁଳ, ବାଲି ସାହି ଗ୍ରାମବାସୀମାନେ ଶିକ୍ଷୟିତ୍ରୀଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଡା. ଶୁଭାଶିଷ ଶତପଥୀ, ପୂର୍ବତନ ଅଧ୍ୟକ୍ଷ ସାଧୁ ଜେନା, ପୂର୍ବତନ ଅଧ୍ୟକ୍ଷ ରମାପଦ ବିଶ୍ୱାଳ, ସରପଞ୍ଚ ରତ୍ନାକର ରାଉତ, ସମିତିସଭ୍ୟା ସସ୍ମିତା ଦାଶ, ଶିକ୍ଷାବିତ କାଙ୍ଗାଳି ଚରଣ ବେହେରା, ଶମ୍ଭୁନାଥ ବେହେରା, ସେକ୍ ଅବଦୁଲ ବୁରାହାନ୍, ସିଆରସିସି ଜଗନ୍ନାଥ ମହାଳି, ଦୁର୍ଗାଚରଣ ମୁର୍ମୁ, ଅନିରୁଦ୍ଧ ସ୍ୱାଇଁ, ପ୍ରଭାକର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀଙ୍କୁ ମନେ ରଖିବା ପାଇଁ ଚାରାରୋପଣ କରାଯାଇଥିଲା। ପରିଚାଳନାରେ ଗ୍ରାମବାସୀଙ୍କ ସମେତ ବଳରାମ ସେଠୀ, ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମାଳତୀ ସୋରେନ୍ ଧନ୍ୟବାଦ ଦେଇଥିଲେ।

## ଗିରି ଗୋବର୍ଦ୍ଧନ ପୂଜା

କିଶନନଗର,୨୪।୧୦(ସମିସ): କଟକ ସଦର ଅନ୍ତର୍ଗତ ଯଶପଡା ପଞ୍ଚାୟତ ଓଡ଼ପଡ଼ାଠାରେ ଥିବା ମାଳିକା ପ୍ରସିଦ୍ଧ



ଗିରିକ୍ରୋଟ (ଗିରିଧାରୀ ମଠ)ରେ ପ୍ରତିବର୍ଷ ପରି ପାରମ୍ପରିକ ଗିରି ଗୋବର୍ଦ୍ଧନ ପୂଜା ବୁଧବାର ଦିନ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ରାତି ପର୍ଯ୍ୟନ୍ତ ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସାଧୁସନ୍ଥଙ୍କ ସମେତ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ଆଶୀର୍ବାଦ ଭିକ୍ଷା କରିବା ସହିତ "ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ' ସାମାଜିକ ସଂଗଠନର ସଭାପତି ଶିକ୍ଷାବିତ ପ୍ରଫେସର ମନୋଜ ନାୟକ ସଂଧ୍ୟା ଆଳତିରେ ଘଣ୍ଟ ବଜାଇ ସଦରବାସୀଙ୍କ ଶୁଭ କାମନା କରିଥିଲେ। ଓଡ଼ପଡ଼ା ଓ ହୁଲିପୁର ଗ୍ରାମବାସୀଙ୍କ ସମେତ ସଭାପତି ରାକେଶ ମହାନ୍ତି, ଲୋକନାଥ ପୃଷ୍ଟି, ପ୍ରମୋଦ ମହାନ୍ତି, ରାଜନ ରାଉତ, ବାବା ମହେଶ୍ୱର ଦାସ ମହାରାଜ ସହାୟତା କରିଥିଲେ।

## ପୂର୍ବତନ ସାଂସଦଙ୍କ ପତ୍ନୀ ବିୟୋଗ

ତିଗିରିଆ,୨୪।୧୦(ସମିସ): କଟକ ରାଜ୍ୟସଭା ଆସନର ପୂର୍ବତନ ସାଂସଦ ସୁବାସଚନ୍ଦ୍ର ମହାନ୍ତିଙ୍କ ପତ୍ନୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କବିତା ମହାନ୍ତିଙ୍କ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ



୬୮ ବର୍ଷ ବୟସ ହୋଇଥିଲା। ମାରାତ୍ମକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ସେ ଗତ କିଛି ଦିନ ଧରି ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ତାଙ୍କ ପାର୍ଥିବ ଶରୀର ତିଗିରିଆସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ଦୂରଦୁରାନ୍ତରୁ ତାଙ୍କ ଶୁଭେଚ୍ଛୁ ତଥା ଛାତ୍ରଛାତ୍ରୀ ଶେଷ ଦର୍ଶନ କରିଥିଲେ। ବିଳମ୍ବିତ ସଂଧ୍ୟାରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ସିଦ୍ଧାର୍ଥ ମହାନ୍ତି ମୁଖାଗ୍ନି ପ୍ରଦାନ କରିଥିଲେ। ସ୍ୱର୍ଗତ ମହାନ୍ତି ତିଗିରିଆ ଅଞ୍ଚଳର ଜଣେ ମାନ୍ୟଗଣ୍ୟ ତଥା ଧର୍ମପରାୟଣ ମହିଳା ଥିଲେ।

## ଆତ୍ମହତ୍ୟା ପ୍ରବଣତା ନିରୋଧ ସଚେତନତା

ଚୌଦ୍ୱାର,୨୪।୧୦(ସମିସ): ଯୁବବର୍ଗ ଓ କିଶୋର କିଶୋରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ନିରୋଧ ସଚେତନତା ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ମାନବାଧିକାର କାଉନସିଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନବାଧିକାର କାଉନସିଲ୍‌ର ରାଜ୍ୟ ସଭାପତି ସସ୍ମିତା ଦାସଙ୍କ ସଭାପତିତ୍ୱରେ ଚୌଦ୍ୱାର କଲେଜ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ଥାନା ଇନସପେକ୍ଟର ସରସ୍ୱତୀ ସାହୁ, କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ଆଇସିସି ପ୍ରିଜାଇଡ଼ିଂ ଅଫିସର ଅଧ୍ୟାପିକା ସସ୍ମିତା ଭୂୟାଁ, ଶିକ୍ଷାବିତ ଗଣେଶ ବେହେରା, ଅଧ୍ୟାପିକା ମମତା ସାହୁ ପ୍ରମୁଖ ଅତିଥିଭାବେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଶିବସୁନ୍ଦର ସ୍ୱାଇଁ, ସଂପାଦକ ନାରାୟଣ ବିଶ୍ୱାଳ ଏଥିରେ ଅତିଥିଭାବେ ଯୋଗଦେଇଥିଲେ। ସାମ୍ବାଦିକ ସତ୍ୟବ୍ରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ପୋଷାକ ବିତରଣ

ନେମାଳ,୨୪।୧୦(ସମିସ): ନେମାଳ ଅଚ୍ୟୁତାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ସରକାରଙ୍କ ତରଫରୁ ମାଗଣାରେ ପୋଷାକ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଧ୍ୟାରାଣୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଭୈରବ କାସ୍ତ, ସାହିତ୍ୟିକ ତନ୍ମୟ କିଶୋର ଦାସ, ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଗୋବିନ୍ଦଚନ୍ଦ୍ର ଦାସ, ଯୁବ ସମାଜସେବୀ ବିଭୁପ୍ରସାଦ ଦ୍ୱିବେଦୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନମିତା ଦାସ, ଏମ ଡ଼ି ସଲିମ, ସାବିତ୍ରୀ ଆଗୁଆନ, ବବିନୀ ଲେଙ୍କା, ମନୋରଞ୍ଜନ ବେହେରା, ସମିର ମହାପାତ୍ର, ସୁଶ୍ରୀ ଦିବ୍ୟାନୀ ପରିଦର୍ଶିନୀ ରାଉତ, ରିତୁ ରାଉତ, ରୁକସାନା ବେଗମ, ଯୁଗ ସ୍ୱପ୍ନା ପ୍ରିୟଦର୍ଶିନୀ, ସ୍ୱର୍ଣ୍ଣମୟୀ ପାତ୍ର, ମମତା ମଞ୍ଜରୀ ପାଇକରାୟ, ସୁଚିସ୍ମିତା ତରାଇ, କମଳାକାନ୍ତ ମହାନ୍ତି, ରତ୍ନାକର ଗୋଚ୍ଛାୟତ, ଦେବାନନ୍ଦ ଗୋଚ୍ଛାୟତ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ବିଜୟ ଦାସ ଧନ୍ୟବାଦ ଦେଇଥିଲେ।

## କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଶୋକ

କଟକ,୨୪।୧୦(ସମିସ): ବିଶିଷ୍ଟ ସାରସ୍ୱତ ସାଧକ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଶତାୟୁ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶୋକ ପ୍ରକାଶ ପାଇଛି। କବି ଶ୍ରୀ ପଣ୍ଡାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି। ଜଣେ ନିଷ୍ଠାପର ସାରସ୍ୱତ ସାଧକ ଓ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ ଭାବେ କବି ଶ୍ରୀ ପଣ୍ଡା ସଦା ସ୍ମରଣୀୟ ହୋଇ ରହିବେ ବୋଲି ଏକ ଶୋକବାର୍ତ୍ତାରେ ଅନୁଷ୍ଠାନର ସଭାପତି ଗୋବିନ୍ଦଚନ୍ଦ୍ର ଚାନ୍ଦ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ ଷଡ଼ଙ୍ଗୀ, ସଂଗଠନ ସଂପାଦକ ଶଶିକାନ୍ତ ରାଉତ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସଙ୍କ ସମେତ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଆଦିତ୍ୟ ପ୍ରତାପ ଧଳ, ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଗାୟତ୍ରୀ ଦେବୀ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅମିତାଭ ଖିଲାର, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ରଘୁ ସାହୁ, ଧରଣୀଧର ନାଥ, ରାଜକିଶୋର ସ୍ୱାଇଁ ଓ ଗୀତାଞ୍ଜଳି ପୃଷ୍ଟି ଜଣାଇଛନ୍ତି। ସେହିପରି କଳାବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଶୋକ ପ୍ରକାଶ କରି କହିଛନ୍ତି। ଯଶସ୍ୱୀ କବି ରାଜେନ୍ଦ୍ର କିଶୋର ପଣ୍ଡା ଥିଲେ ଆଧୁନିକ ଓଡ଼ିଆ କବିତାର ଦିଗ ନିର୍ଦ୍ଦେଶକ। ବୌଦ୍ଧିକ ଚେତନା ସହ ମାନବିକ ଆବେଦନରେ ରାଜେନ୍ଦ୍ରଙ୍କ ସାହିତ୍ୟ ଯେପରି ମୁଖରିତ ହୋଇଥିଲା ତାର ପଟାନ୍ତର ନାହିଁ।






## ୫୩ ନଂ ୱାର୍ଡରେ ୪ଟି ପ୍ରକଳ୍ପର ଶିଳାନ୍ୟାସ



କଟକ,୨୪।୧୦(ସମିସ)

କଟକ ମହାନଗର ନିଗମ ଅନ୍ତର୍ଗତ ୫୩ନଂ ୱାର୍ଡରେ ୪ଟି ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ଅରବିନ୍ଦଙ୍କ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେଥିମଧ୍ୟରେ ସିଏମସି ପକ୍ଷରୁ ୨୪ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣୀନଗର ମହାବୀର ଲେନସ୍ଥିତ ଗୀତିରଞ୍ଜନ ମହାନ୍ତିଙ୍କ ଘରଠାରୁ ନବକିଶୋର ନାୟକଙ୍କ ଘର ପର୍ଯ୍ୟନ୍ତ ପେଭର ବ୍ଲକ ରୋଡ ଏବଂ ଢ଼ଳେଇ ଡ୍ରେନ, ୩ ଲକ୍ଷ ଟଙ୍କା ବ୍ୟୟରେ ଦରଖାପାଟଣାସ୍ଥିତ ଅଜୟ ଦାସଙ୍କ ଘରଠାରୁ ଶୋଭନ ସାହୁଙ୍କ ଘର ପର୍ଯ୍ୟନ୍ତ ଢ଼ଳେଇ ଡ୍ରେନ ଓ ପେଭର ବ୍ଲକ, ୯ ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀକ୍ଷେତ୍ର ନଗରସ୍ଥିତ ବନମାଳୀ ମିଶ୍ରଙ୍କ ଘର ଠାରୁ ଭଗବାନ ସାହୁଙ୍କ ଘର ପର୍ଯ୍ୟନ୍ତ ପେଭର ବ୍ଲକ ଏବଂ ଢ଼ଳେଇ ଡ୍ରେନ, ୧୦ ଲକ୍ଷ ଟଙ୍କା ବ୍ୟୟରେ ଦରଖାପାଟଣା ମୁଖ୍ୟରାସ୍ତାଠାରୁ ଭଜମନ ଚେମେଇଙ୍କ ଘର ପର୍ଯ୍ୟନ୍ତ ଢ଼ଳେଇ ରୋଡ ଆଦି ନିର୍ମାଣ କରାଯିବ। ଏହି ଶିଳାନ୍ୟାସ ଉତ୍ସବରେ ୨୨ ଦିଗ ଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁ, ମୁରବୀ ବିପିନ ଭୋଳ, ଆଲୋକ ଦାସ, ରଜନୀକାନ୍ତ ପରିଜା, ଅମର ସାମନ୍ତରାୟ, ଗୀତିରଞ୍ଜନ ମହାନ୍ତିଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡବାସୀ ଉପସ୍ଥିତ ଥିଲେ।

## ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ

# ପୂରଣ ହେଉନି ବିଶେଷଜ୍ଞ ଡାକ୍ତର ପଦବୀ

ବାଲେଶ୍ୱର,୨୪।୧୦(ସମିସ)

ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅଲଗା ହୋଇ ରେମୁଣାରେ ନିଜସ୍ୱ କ୍ୟାମ୍ପସକୁ ସ୍ଥାନାନ୍ତରିତ ହୋଇଯାଇଛି। ହେଲେ ସ୍ଥାନାନ୍ତର ହୋଇଥିଲେ ବି ସମସ୍ୟା ସୁଧୁରିନି। କାରଣ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହୋଇ ନଥିବାରୁ ରୋଗୀମାନେ ସେବା ନପାଇ ନିରାଶ ହେଉଥିବା ଅଭିଯୋଗ ହେଉଛି। କେଉଁଠି ଡାକ୍ତର ଅଛନ୍ତି ତ ସେଠାରେ ମେସିନ୍ ନାହିଁ, ପୁଣି ମେସିନ୍ ଥିଲେ ଡାକ୍ତର ନାହାନ୍ତି। ଏମିତିକି ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ହୃଦ୍‌ରୋଗ, ସ୍ନାୟୁ, ମସ୍ତିଷ୍କ ଓ ଅନ୍ୟାନ୍ୟ ବିଭାଗରେ ବିଶେଷଜ୍ଞ ଚିକିତ୍ସକଙ୍କ ନିଯୁକ୍ତି ପାଇଁ ଆଜି ସିଭିଲ ସୋସାଇଟି ଦୃଢ଼ ଦାବି କରିଛି। ଏନେଇ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେବଳ ଉତ୍ତର ଓଡ଼ିଶା ନୁହେଁ ବରଂ ସାରା ପୂର୍ବ ଭାରତର ପ୍ରମୁଖ ଚିକିତ୍ସା କେନ୍ଦ୍ର। ଯାହା ବହୁ ରୋଗୀଙ୍କର ଜୀବନ ରକ୍ଷା ନିମନ୍ତେ ସ୍ଥାପନ ହୋଇଛି। ଏଠାରେ ହାରାହାରି ଦୈନିକ ୨୫୦୦ରୁ ଅଧିକ ରୋଗୀ ଚିକିତ୍ସା ନିମନ୍ତେ ବହିଃବିଭାଗକୁ ଆସିଥାନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଯେ, କୌଣସି ବିଶେଷଜ୍ଞ ଚିକିତ୍ସକ ନିଯୁକ୍ତି ପାଇନଥିବାରୁ ରୋଗୀମାନେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥାନ୍ତି। ଅନେକ କ୍ଷେତ୍ରରେ ରୋଗୀମାନେ ଆଶୁ ଚିକିତ୍ସାରୁ ବଞ୍ଚିତ ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି ବୋଲି ସିଭିଲ ସୋସାଇଟି ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହିମର୍ମରେ ବିଶେଷଜ୍ଞ ଚିକିତ୍ସକଙ୍କ ନିଯୁକ୍ତି ଦାବିରେ ବାଲେଶ୍ୱର ଜନସାଧାରଣ ବହୁବାର ଆନ୍ଦୋଳନ କରି ଦାବି ରଖିଛନ୍ତି। ଏବାବଦରେ ଚିଠି ସଂଖ୍ୟା ୨୦୨୫ ଜୁନ ୪ ତାରିଖରେ ମେଡିକାଲ କଲେଜ ଡିନ୍ ତଥା ପ୍ରିନ୍ସିପାଲଙ୍କ ଚିଠି ପ୍ରଣିଧାନ ଯୋଗ୍ୟ। କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଚିଠି ସଂଖ୍ୟା ୨୦୨୩ ଅଗଷ୍ଟ ୮ ତାରିଖ ଉକ୍ତ ଦାବିର ଗୁରୁତ୍ୱ ବହନ କରେ। ଫକୀରମୋହନ ମେଡିକାଲ କଲେଜ ପ୍ରିନ୍ସିପାଲଙ୍କ ଚିଠି ସଂଖ୍ୟା ୨୦୨୧ ସେପ୍ଟେମ୍ବର ୯ ତାରିଖ ମଧ୍ୟ ଏହାର ଏକ ବଳିଷ୍ଠ ପ୍ରମାଣ ବୋଲି କହିଛନ୍ତି। ଏଥିସହ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ୧୯-୯-୨୦୨୧ ମସିହାର ପ୍ରେରିତ ପତ୍ର ଓ ପୂର୍ବତନ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ୨୩-୬-୨୦୨୧ ମସିହାର ପ୍ରେରିତ ପତ୍ର ଜନସାଧାରଣଙ୍କ ଆବଶ୍ୟକ୍ତା କେତେ ଜରୁରୀ ତାହା ପ୍ରମାଣ କରୁଛି। କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଆବଶ୍ୟକତା ଅନୁଯାୟୀ ୩୮ଟି ବିଭାଗରେ ବିଶେଷଜ୍ଞ ଚିକିତ୍ସକଙ୍କ ସ୍ଥାନ ପୂରଣ ହୋଇଥିବା ବେଳେ ବାଲେଶ୍ୱର ଫକୀରମୋହନ କଲେଜ ଓ ହସ୍ପିଟାଲରେ ବିଶେଷଜ୍ଞ ଚିକିତ୍ସକଙ୍କୁ ନିଯୁକ୍ତି ନଦେବା ଓ ଜରୁରୀ ବିଭାଗ ନଖୋଲିବା ବିଡ଼ମ୍ବନାର ବିଷୟ ବୋଲି ପ୍ରକାଶ କରାଯାଇଛି। ରୋଗୀଙ୍କ ଜୀବନ ପ୍ରତି ସମବେଦନା ତଥା ପ୍ରାଧାନ୍ୟ ନଦେବା ଜନମଙ୍ଗଳ ରାଷ୍ଟ୍ର ବିଚାର ଧାରାର ପରିପନ୍ଥୀ ଅଟେ। ବହୁ ଆଶା ଓ ଭରଷା ନେଇ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କର ଅକାଳ ମୃତ୍ୟୁ ଅତ୍ୟନ୍ତ ମର୍ମାହତ କରୁଛି। ବାଲେଶ୍ୱରବାସୀଙ୍କ ମନରେ ଗଭୀର ଉଦ୍‌ବେଗ ସୃଷ୍ଟି କରିବା ସହ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ ବୋଲି ହୃଦ୍‌ବୋଧ କରୁଛୁ ବୋଲି ସଦସ୍ୟମାନେ ମତପ୍ରକାଶ କରିକହିଛନ୍ତି। ଅବିଳମ୍ବେ ହୃଦ୍‌ରୋଗ, ସ୍ନାୟୁ ରୋଗ, ମସ୍ତିଷ୍କ, ୟୁରୋଲୋଜି, ହେପାଟୋଲୋଜି, ଏଣ୍ଡକ୍ରିନଲୋଜି, ଅର୍ଥୋପେଡିକ ଓ ମେଡିସିନ୍ ବିଭାଗରେ ବଶେଷଜ୍ଞଙ୍କୁ ନିଯୁକ୍ତି ଦେବା ନିମନ୍ତେ ଦୃଢ ଦାବି କରିଛି ବାଲେଶ୍ୱର ସିଭିଲ ସୋସାଇଟି। ନଚେତ୍ ବାଲେଶ୍ୱରବାସୀ ଗଣତାନ୍ତ୍ରିକ ଆନ୍ଦୋଳନର ପଥ ଆପଣେଇବାକୁ ବାଧ୍ୟହେବେ ବୋଲି ସଭାପତି ମନୋଜ ନାୟକ, ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସମେତ ଅନ୍ୟମାନେ ଚେତାବନୀ ଦେଇଛନ୍ତି।



- ଅଧିକାଂଶ ସମୟରେ ରୋଗୀଙ୍କୁ କଟକ ସ୍ଥାନାନ୍ତର
- ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞଙ୍କ ନିଯୁକ୍ତି ଦାବିକଲା ସିଭିଲ ସୋସାଇଟି

## ତୃଣମୂଳସ୍ତରରେ 'ଟାପ୍'ର କାର୍ଯ୍ୟକାରିତାକୁ ଟିପିଏନ୍‌ଓଡିଏଲ୍‌ର ଗୁରୁତ୍ୱ



ବାଲେଶ୍ୱର,୨୪।୧୦(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ଟାଟା ଆଫରମେଟିଭ ଆକ୍ସନ ପଲିସି (ଟାପ୍)ର କାର୍ଯ୍ୟକାରିତାକୁ ବିଶେଷ ଗୁରୁତ୍ୱ ଦେଉଛି। ଯାହା ସାମାଜିକ ଓ ଆର୍ଥିକ ଅନଗ୍ରସର ବର୍ଗ, ବିଶେଷ କରି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ଆର୍ଥିକ ଅନଗ୍ରସର ମହିଳା (ଏଏ ବର୍ଗ)ଙ୍କୁ ସଶକ୍ତ ଓ ସକ୍ଷମ କରିବା ପାଇଁ ପଦକ୍ଷେପକୁ ଅଧିକ ସଂଗଠିତ କରିବ। ଟିପିଏନଓଡିଏଲ ଦର୍ଶାଇଛି ଯେ, ସ୍ୱେଚ୍ଛାକୃତ ଭାବେ ସମାଜର ଆଫରମେଟିଭ ଆକ୍ସନ ଗୋଷ୍ଠୀର ଶିକ୍ଷା, ନିଯୁକ୍ତି ସୁଯୋଗ, ଆର୍ଥିକ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତିକୁ ଉନ୍ନତ କରିବା ପାଇଁ ଏହାର ତାଲିମ ସମ୍ବଳକୁ ସଂସ୍ଥା ସର୍ବୋତ୍ତମ ବିନିଯୋଗ କରିବ। ସର୍ବଦା ଉଦ୍ୟୋଗିକତା ଏବଂ ଶିଳ୍ପ ମୂଲ୍ୟଯୁକ୍ତ ଶୃଙ୍ଖଳାରେ ଅନ୍ତର୍ଭୁକ୍ତି ପାଇଁ ଆଫରମେଟିଭ ଆକ୍ସନ ବର୍ଗଙ୍କୁ ସଶକ୍ତ ଏବଂ ଉତ୍ସାହିତ କରାଯିବ ବୋଲି ମଧ୍ୟ ଟିପିଏନଓଡିଏଲ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ ଟିପିଏନଓଡିଏଲ ସାମାଜିକ ଦାୟିତ୍ୱବୋଧତା କ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରୁଛି। ଶିକ୍ଷା, ନିଯୁକ୍ତି, ଉଦ୍ୟୋଗୀ କ୍ଷେତ୍ରରେ ପ୍ରୋତ୍ସାହନ ଓ ମୌଳିକ ସେବା ଆଦି ବର୍ଗରେ ସିଏସଆର ବିନିଯୋଗକୁ ପ୍ରାଧାନ୍ୟ ଦେବା ସହ ଏକ୍ଷେତ୍ରରେ ମାଇଲଖୁଣ୍ଟ ହାସଲ କରିଛି। ଉର୍ଜା ସଖୀ କାର୍ଯ୍ୟକ୍ରମ ଅଧୀନରେ ୬ହଜାର ୨୦୦ରୁ ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ୪ଲକ୍ଷରୁ ଅଧିକ ଲୋକଙ୍କୁ ଡିଜିଟାଲ ସାକ୍ଷର, ୧୪୬୦ ପ୍ରଶିକ୍ଷାର୍ଥୀଙ୍କୁ ଭିଟିସି ମାଧ୍ୟମରେ ଧନ୍ଦା ମୂଳକ ଶିକ୍ଷା, ୬୫ହଜାର ଛାତ୍ରଛାତ୍ରୀଙ୍କୁ କ୍ଲବ ଏନର୍ଜି ମାଧ୍ୟମରେ ଶକ୍ତି ସଂରକ୍ଷଣ ନେଇ ଶିକ୍ଷା ଆଦି ପ୍ରଦାନ କରାଯାଇଛି। ଏହାସହ ୧୨୩୦ଜଣ ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ କୋଚିଂ, ୧୬ଶହ ମହିଳାଙ୍କୁ ମୌଳିକ ଶିକ୍ଷା ଏବଂ ୨ଲକ୍ଷ ୭୪ହଜାରରୁ ଅଧିକ ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇଛି ଟିପିଏନଓଡିଏଲ।

## ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ସଂକ୍ରାନ୍ତରେ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର,୨୪।୧୦(ସମିସ): ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନ୍ ସଂକ୍ରାନ୍ତରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ (ଆଇଏସଡି)ର ନିର୍ଦ୍ଦେଶକ ଓ ଉପ-ଆରକ୍ଷୀ ଅଧିକ୍ଷକ ସଂଶୋଧନ ବିଶେଷଜ୍ଞ ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା



ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାରୀମାନଙ୍କ ସୁରକ୍ଷିତ ଓ ନିରାପଦ ଜୀବନଯାପନ ପାଇଁ ସରକାର ନେଉଥିବା ପଦକ୍ଷେପ ବିଷୟରେ ତାଲିମ୍ ଦିଆଯାଇଛି। ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଅଧକ୍ଷତା କରି ନାରୀ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସାମାଜିକ ବିକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା, ଡେପୁଟି ଏସ୍‌ପି ଚାନ୍ଦମଣି ସିଂ, ଆଇସିଡିଏସ୍ ଅଧିକାରୀ ସ୍ୱପ୍ନା ପ୍ରହରାଜ, ଡିସିପିଓ ଖୁସିରାମ ଗହିର, ସମସ୍ତ ସିଡିପିଓ, ଓଏସସି କର୍ମଚାରୀ, ଶକ୍ତି ସଦନ କର୍ମଚାରୀ, ଡିଏଚଇଡବ୍ଲ୍ୟୁର ସମସ୍ତ କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତାମାନେ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରୋଟେକ୍ସନ ଅଧିକାରୀ ଯୁଥିକା ରାଣୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## କବିତା ପୁସ୍ତକ 'ପ୍ରେମ ନିର୍ମାଲ୍ୟ ଓ କେବଳ ତୁମରି ପାଇଁ' ଉନ୍ମୋଚିତ



ବାଲେଶ୍ୱର,୨୪।୧୦(ସମିସ): ଆମ ଅସ୍ମିତା, ଆମ ଜଗନ୍ନାଥ ସାହିତ୍ୟ ସଂସଦ ତରଫରୁ ଜଗନ୍ନାଥମୟ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ସଂସଦର ଉପସଭାପତି ପୁଷ୍ପଲତା ମିଶ୍ରଙ୍କ ସଭାପତିତ୍ୱରେ ଜଗନ୍ନାଥ ସଂସ୍କୃତି ଆଧାରିତ କବିତା ପାଠର ଆୟୋଜନ ହୋଇଥିଲା। ଏଥିରେ ଡଃ ତାନଶ୍ରୀ ପାଣିଗ୍ରାହୀ, ଏଲିଜା ଜେନା, ଡଃ ସଂଯୁକ୍ତା ପରିଡା, ଜୟଶ୍ରୀ ପଟ୍ଟନାୟକ, ରୀତା ଅପରାଜିତା ମହାନ୍ତିଙ୍କ ସଂଯୋଜନାରେ ପରିବେଶଟି ଜଗନ୍ନାଥମୟ ହୋଇଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠାନର ସଭାପତି ଡଃ ନାରାୟଣ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ମହାନିଗମ ଅଧିକାରୀ ବିଜୟ କୁମାର ମିଶ୍ର ଉଦଘାଟକ, ବିଶିଷ୍ଟ ଶିକ୍ଷାବିତ ପ୍ରବକ୍ତା ଡଃ ପ୍ରତିଭା ମହାରଥୀ ମୁଖ୍ୟବକ୍ତା, ପ୍ରାକ୍ତନ ସହ ଜିଲ୍ଲାପାଳ ଓ ବହୁଭାଷୀ ସାହିତ୍ୟିକ ଡଃ ଅଲେଖ ପ୍ରସାଦ ମହାରଣା ସ୍ୱତନ୍ତ୍ର ଅତିଥି, ବିଶିଷ୍ଟ ଆଇନଜୀବୀ ଓ ସମାଜସେବୀ ଶିବବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚ ମଣ୍ଡନ କରିଥିଲେ। ଜଗନ୍ନାଥ ସଂସ୍କୃତି ଭିତ୍ତିକ ତଥ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ଡଃ ନାରାୟଣ ଚନ୍ଦ୍ର ସେନାପତି ଓ ଡଃ ତାନଶ୍ରୀ ପାଣିଗ୍ରାହୀଙ୍କ ଯୁଗଳବନ୍ଦୀ କବିତା ପୁସ୍ତକ 'ପ୍ରେମ ନିର୍ମାଲ୍ୟ' ତଥା ସେନାପତିଙ୍କର 'କେବଳ ତୁମରି ପାଇଁ' କବିତା ପୁସ୍ତକର ଶୁଭ ଉନ୍ମୋଚନ ହୋଇଥିଲା। କବି ତାନଶ୍ରୀଙ୍କ ସହ ପ୍ରାୟ ଷାଠିଏ ଜଣଙ୍କୁ ଶ୍ରୀଜଗନ୍ନାଥ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୁଷମା ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କବି ନାରାୟଣ ଓ କବୀ ତାନଶ୍ରୀଙ୍କ ଏକ ନିଆରା କବିତା ସଂକଳନ ପାଇଁ ପାଠକ ମହଲରୁ ଅନେକ ଶୁଭେଚ୍ଛାର ସୁଅ ଛୁଟିଛି।

## ବିଶ୍ୱ ପୋଲିଓ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର,୨୪।୧୦(ସମିସ): ବିଶ୍ୱ ପୋଲିଓ ଦିବସ ଅବସରରେ ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ କ୍ଲବର କର୍ମକର୍ତ୍ତାମାନେ ଏକ ବାଇକ୍ ରାଲିରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏହି ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତ ଏକ ପୋଲିଓ ମୁକ୍ତ ରାଷ୍ଟ୍ର ଭାବେ ଘୋଷିତ ହୋଇଥିଲେ ବି ଏହାକୁ ଜାରି ରଖିବା ପାଇଁ ନିରନ୍ତର ସଚେତନତାର ଆବଶ୍ୟକତା ରହିଛି ବୋଲି ଶ୍ରୀ ନାୟକ ମତ ପ୍ରକାଶ କରିଥିଲେ। ବାଲେଶ୍ୱର ରୋଟାରୀ କ୍ଲବର ସଭାପତି ଦେବାଶିଷ ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେ ଏହି ଅବସରରେ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ କ୍ଲବର ସଦସ୍ୟଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବାଇକ୍ ରାଲିରେ ସହର ପରିକ୍ରମା ସହ ଜନସାଧାରଣଙ୍କ ମଧ୍ୟରେ ପୋଲିଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

## ନିଖୋଜ ତୀର୍ଥଯାତ୍ରୀ ବୃଦ୍ଧାଙ୍କୁ ଠାବକଲା ପୁଲିସ

ନୀଳଗିରି,୨୪।୧୦(ସମିସ): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅଞ୍ଚଳରୁ ଏକ ଘରୋଇ ବସ୍‌ରେ ଗତ ୨୨-୧୦-୨୫ରିଖରୁ ଓଡ଼ିଶାର ବିଭିନ୍ନ ତୀର୍ଥସ୍ଥଳୀ ଭ୍ରମଣ କରି ୨୪ ତାରିଖରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଆସିଥିଲେ। ସମସ୍ତେ ଜଗନ୍ନାଥ ମନ୍ଦିରରେ ବୁଲାବୁଲି କରୁଥିବା ବେଳେ ପାନବତି ମଲ୍ଲିକ (୭୦) ହଠାତ୍ ନିଖୋଜ ହୋଇଯାଇଥିଲେ। ସମ୍ପର୍କୀୟ ଲୋକେ ବହୁ ଖୋଜା ଖୋଜି କଲା ପରେ ବି ବୃଦ୍ଧାକୁ ପାଇ ନ ଥିଲେ। ଶେଷରେ ୧୧୨ ପୁଲିସକୁ ଯୋଗାଯୋଗ କରିଥିଲେ। ନୀଳଗିରି ଥାନାର ସବ୍ ଇନ୍ସପେକ୍ଟର ନଳିନୀ ଜେନା ବହୁ ଖୋଜା ଖୋଜି ପରେ ବ୍ଲକ ନିକଟରୁ ଉଦ୍ଧାର କରି ବୃଦ୍ଧାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ନିଳଗିରି ପୁଲିସର ଏପରି ପଦକ୍ଷେପକୁ ପରିବାର ଲୋକେ ପ୍ରଶଂସା କରିଛନ୍ତି।

## ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ଦ୍ୱିତୀୟ ଦିବସ




**ଚାରୋଟି ନାଟକ ମଞ୍ଚସ୍ଥ**

ବାଲେଶ୍ୱର,୨୪।୧୦(ସମିସ): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ନାଟକ ଓ ସଂସ୍କୃତିର କଳାକାର, ବାଲେଶ୍ୱର ପକ୍ଷରୁ ୨୬ ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ-୨୦୨୫ ଓ ୩୫ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡା. ଜୟନ୍ତ ପାଣି ମଞ୍ଚ ଆହ୍ୱାନ କରିଥିଲେ। 'କଳାକାର'ର ଉପସଭାପତି ତରୁଣ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିଳ୍ପପତି ତଥା 'କଳାକାର'ର ଉପଦେଷ୍ଟା ଅଞ୍ଜଳି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ ସୁଧାଂଶୁ ଶେଖର ପଣ୍ଡା, ମଧୁସ୍ମିତା ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶେଷରେ ମାନସ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବର ଦ୍ୱିତୀୟ ଦିନରେ ଚାରୋଟି ନାଟକ ମଞ୍ଚସ୍ଥ ହୋଇଥିଲା। ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ପକ୍ଷରୁ ନାଟକ 'ପିତୃମାତୃ ଦେବ ଭବ', ତୋଟାପଡା ମହାବୀର ଆବାସିକ ବିଦ୍ୟାଳୟ ପକ୍ଷରୁ ନାଟକ 'ଏମିତି ଭୁଲ ଜମା ହବନି', ଅଙ୍ଗାରଗଡିଆ ଜଗନ୍ନାଥ ଆବାସିକ ବିଦ୍ୟାଳୟ ପକ୍ଷରୁ ନାଟକ 'ଆତ୍ମହତ୍ୟା ମହାପାପ' ଏବଂ ମଡର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ ନାଟକ 'ଅଭିଶପ୍ତ କନ୍ୟା' ମଞ୍ଚସ୍ଥ ହୋଇଥିଲା। 'କଳାକାର'ର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସହରରେ ଚିନ୍ତା ବଢ଼ାଇଲାଣି ଅବୈଧ ପାର୍କିଂ

# ବେଆଇନ୍ ପାର୍କିଂ ପାଇଁ ଫସୁଛି ନିଆଁଲିଭା ଗାଡ଼ି

ବାଲେଶ୍ୱର,୨୪।୧୦(ସମିସ)







ସହରରେ ଚିନ୍ତା ବଢ଼ାଇଲାଣି ବେଆଇନ ତଥା ଅବୈଧ ଗାଡ଼ି ପାର୍କିଂ। ରାସ୍ତାକଡ଼ରେ ମାଳମାଳ ଗାଡ଼ି ଛିଡ଼ା ହେଉଛି। ଯିଏ ଯେଉଁଠି ପାରିଲେ ମନଇଚ୍ଛା ଗାଡ଼ି ପାର୍କିଂ କରୁଛନ୍ତି। ବାଇକ୍ ଠୁ ଆରମ୍ଭ କରି କାର୍ ବି ରାସ୍ତା ଉପରେ ପାର୍କିଂ ହେଉଛି। ରାସ୍ତା ସହିତ ବଜାର ବି ଜାମ୍। ବାହାରକୁ ବାହାରିବା ମାତ୍ରେ ଏହି ପାର୍କିଂ ପାଇଁ ନାକେଦମ୍। ବାଲେଶ୍ୱର ସହରରେ ଦିନକୁ ଦିନକୁ ବେଆଇନ ପାର୍କିଂ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ବେଆଇନ ପାର୍କିଂ ଦ୍ୱାରା କେଉଁଠି ନିଆଁ ଲିଭାଇବା ପାଇଁ ବ୍ୟସ୍ତ ଗାଡ଼ି ଭିଡ଼ ଭିତରେ ଫସି ରହୁଛି। ବାଧ୍ୟହୋଇ ଅଗ୍ନିଶମ ବିଭାଗ କର୍ମଚାରୀ ନିଜେ ଗାଡ଼ିରୁ ଓହ୍ଲାଇ ରାସ୍ତାରେ ପାର୍କିଂ ହୋଇଥିବା ଗାଡ଼ି ସାଇଡ୍ କରୁଛନ୍ତି। ଏହାଠୁ ବଡ଼ ବିଡ଼ମ୍ବନା ଆଉ କଣ ହୋଇପାରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ବାଲେଶ୍ୱର ସହରରେ ଏପରି ଦୃଶ୍ୟ ସାମ୍ନାକୁ ଆସିଛି। ବେଆଇନ ପାର୍କିଂ ଯୋଗୁଁ ଅଗ୍ନିଶମ ଗାଡ଼ିଟି ଅଟକି ରହିଥିଲା। ଗାଡ଼ିର ସୁବିଧାଜନକ ଗତି ପାଇଁ ଅଗ୍ନିଶମ ବିଭାଗ କର୍ମଚାରୀ ନିଜେ ରାସ୍ତା ସଫା କରିଥିଲେ। ସୂଚନାଯୋଗ୍ୟ, ସହରରେ ଦୋକାନ ବଜାର ବୃଦ୍ଧି ସହିତ ଗାଡ଼ିର ସଂଖ୍ୟା ବୃଦ୍ଧି ପାଉଛି। ଖାଲି ସେତିକି ନୁହେଁ ସହରରେ ରାସ୍ତାକଡ଼ରେ ବଡ଼ବଡ଼ ବ୍ୟବସାୟୀକ କୋଠାଘର ତିଆରି ହୋଇ ବ୍ୟାଙ୍କ୍, ବୀମା ସଂସ୍ଥା, ଫାଇନାନ୍ସ ସଂସ୍ଥା, ମୋବାଇଲ ସୋରୁମ୍, ମଲ୍, କ୍ଲିନିକ୍ ତଥା ନର୍ସିଂହୋମ ଆଦି ହେଇଛି। ପରିତାପର ବିଷୟ କି ଏହି ସବୁ ଘରୋଇ ବ୍ୟବସାୟିକ କୋଠା ଗାଡ଼ି ଛିଡ଼ା କରିବାକୁ କୌଣସି ବ୍ୟବସ୍ଥା କରି ନାହାଁନ୍ତି। ଯେଉଁଥିପାଇଁ ଲୋକେ ବାଧ୍ୟହୋଇ ରାସ୍ତାକଡ଼ରେ ବା ଉପରେ ଗାଡ଼ି ରଖିବା ଏକ ଅଭ୍ୟାସ କରିନେଇଛନ୍ତି। ଆବଶ୍ୟକ ପାର୍କିଂସ୍ଥାନ ନଥିବାରୁ ରାସ୍ତା ଉପରେ ଗାଡ଼ି ରଖିବା ସମସ୍ତଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ସହରର ଯେଉଁ ରାସ୍ତା ଉପରେ ନଜର ପକାଇଲେ ବେଆଇନ ଭାବେ ଗାଡ଼ି ପାର୍କିଂ ହୋଇଥିବା ଦେଖିବାକୁ ମିଳୁଛି। ଫଳରେ ଗାଡ଼ି ଚଳାଇ କରିଯିବା ଯେତିକି କଷ୍ଟକର ତାହଠୁ ଅଧିକ ଚାଲିକରି ଯିବା ବି କଷ୍ଟକର ହୋଇଗଲାଣି। ଦିନ ତମାମ ଏହି ସମସ୍ୟା ସହ ରାତି ହେଲେ ହସ୍ପିଟାଲ ରୋଡ଼, ଆଜିମାବାଦ, ସିନେମା ଛକ, ମୋତିଗଞ୍ଜ, ଫକୀରମୋହନ ଗୋଲେଇ ଠୁ ଫାଣ୍ଡିଛକ, ଷ୍ଟେସନ ଛକ ପରି ବିଭିନ୍ନ ରାସ୍ତାରେ ଏହି ବେଆଇନ ପାର୍କିଂ ପାଇଁ ଟ୍ରାଫିକ ଜାମ୍ ହେଉଛି। ଫଳରେ ଜରୁରୀକାଳୀନ ସେବା ଅଗ୍ନିଶମ ଗାଡ଼ି ଓ ଆମ୍ବୁଲାନ୍ସ ଆଦି ଯିବାରେ ଅସୁବିଧା ହେଉଛି। ପ୍ରଶାସନ ପାର୍କିଂ ପାଇଁ ବ୍ୟବସ୍ଥା କରୁନଥିବାର ଏପରି ଅବସ୍ଥା ହେଉଛି ବୋଲି ମତପ୍ରକାଶ ପାଇଛି। କାରଣ ରାସ୍ତା, ଅଣଓସାରିଆ, ଦୋକାନୀମାନେ ରାସ୍ତାକୁ ମାଡ଼ି ଆସିଥିବା ବେଳେ ଏପଟେ ବେଆଇନ ପାର୍କିଂ ଚିନ୍ତା। ହେଲେ ଏନେଇ ସହରରେ କୌଣସି ସଚେତନତା କିମ୍ବା କାର୍ଯ୍ୟାନୁଷ୍ଠାନ ହେଉନଥିବା ଜଣାପଡ଼ିଛି। ଏନେଇ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ କହିଛନ୍ତି, ବେଆଇନ ପାର୍କିଂ ସହରରେ ଯଦି ବୃଦ୍ଧି ପାଉଛି ତାହେଲେ ଆମେ ପୁଲିସ୍ ସହାୟତାରେ ପଦକ୍ଷେପ ଗ୍ରହଣ କରିବୁ। ବେଆଇନ ପାର୍କିଂ ଯେଉଁଠି ହେଉଥିବ ସେଠାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅବରୋଧ ହଟାଇବୁ। ଏବାବଦରେ ଜିଲ୍ଲା ଅଗ୍ନିଶମ ବିଭାଗ ଅଧିକାରୀ ସମୀର ବିଶ୍ୱାଳ କହିଛନ୍ତି, ଆମ ଅଗ୍ନିଶମ ଗାଡ଼ି ଯିବାବେଳେ ଅନେକ ଅସୁବିଧା ହେଉଛି। ରାସ୍ତା ଉପରେ ସବୁ ଗାଡ଼ି ପାର୍କିଂ ହେଉଛି। ଆମେ ଅନେକ ଅସୁବିଧାରେ ଗାଡ଼ି ଭିଡ଼ରୁ ବାହାର କରି ନେଉଛୁ। ନିଜେ ଗାଡ଼ି ପରିଚାଳନା କରି ଏବଂ ରାସ୍ତାରେ ଗାଡ଼ି ସାଇଡ୍ କରିନେବାକୁ ପଡୁଛି। ଏଦିଗରେ ପୌରପାଳିକା ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ପଦକ୍ଷେପ ଗ୍ରହଣ କରିବା ଉଚିତ୍। ଅନ୍ୟପଟେ ପ୍ରଶାସନ ପାର୍କିଂ ବ୍ୟବସ୍ଥା କରି ଏହି ବେଆଇନ ପାର୍କିଂ କ୍ଷେତ୍ରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରନ୍ତୁ ବୋଲି ସଚେତନ ନାଗରିକ ଦାବି କରିଛନ୍ତି।

**ବ୍ୟସ୍ତ ବେଳେ ନିଜେ ଅଗ୍ନିଶମ କର୍ମଚାରୀ ଗାଡ଼ି ସାଇଡ୍ କରୁଛନ୍ତି**

**ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଦାବି**

### ବଳଦେବଜୀଉଙ୍କ ଜମି ଉପରେ ମୁଷ୍ଟିମେୟଙ୍କ ଲୋଲୁପ ଦୃଷ୍ଟି

# ପ୍ରଶାସନ ଅଜାଣତରେ ବିକ୍ରି ହୋଇଗଲାଣି ଏକର ଏକର ଜମି

କେନ୍ଦ୍ରାପଡ଼ା,୨୪।୧୦(ସମିସ)

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ଜମି ଉପରେ କେତେଜଣ ମୁଷ୍ଟିମେୟଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଶହ ଶହ ଏକର ବଳଦେବଜୀଉଙ୍କ ସମ୍ପତ୍ତିକୁ ସୁରକ୍ଷା ଦେବାକୁ ମାର୍ଫତଦାର ରଖାଯାଇଥିଲା। ମାର୍ଫତଦାର ଅର୍ଥାତ ଜଗୁଆଳି। ପ୍ରଭୁଙ୍କ ସମ୍ପତ୍ତିକୁ ସୁରକ୍ଷା ଦେବା ସହ ଫସଲ ଉତ୍ପନ୍ନ କରିବେ। ଯେଉଁ ଫସଲ ଉତ୍ପନ୍ନ ହେବ, ସେଥିରୁ ପ୍ରଭୁଙ୍କ ନୀତି ପାଇଁ କିଛି ସମର୍ପଣ କରିବେ। ଯାହା ରହିଲା ସେ ନିଜ ଇଚ୍ଛା ଅନୁସାରେ ଖର୍ଚ୍ଚ କରିପାରିବେ। ତେବେ କେତେକ ଜମି ଜଗୁଆଳି କାହାକୁ ଶାଗ ମାଛ ଦରରେ ବିକ୍ରି କଲେଣି ତ ଆଉ କିଏ ବଡ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ କଲେଣି। ଏମିତିକି ପ୍ରଭୁଙ୍କ ଜମିରେ ବିବାହ ମଣ୍ଡପ ଗଢ଼ିଉଠିଲାଣି। ତେବେ ଏତେସବୁ ପରେ ମଧ୍ୟ ମନ୍ଦିର ପ୍ରଶାସନ ଓ ଏଣ୍ଡାଓମେଣ୍ଟ କିପରି ଜାଣିପାରୁନାହାନ୍ତି, ସେ ନେଇ ପ୍ରଶ୍ନ ଉଠିଛି। ନା ସବୁ ଜାଣି ଚୁପ୍ ବସି ପଡିଛନ୍ତି, ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଏଥିସହ ବର୍ଷ ବର୍ଷ ଧରି ଦେବତ୍ତୋର ସମ୍ପତ୍ତିକୁ ଆଉ କେତେଜଣ ଜବରଦଖଲ କଲେଣି। ଏହି ଜମି ବଳଦେବଜୀଉ ମନ୍ଦିର ନାମରେ ଥିଲା। କେତେକ ପ୍ରଭାବଶାଳୀ ବ୍ୟକ୍ତି ଜାଲିଆତି ମାଧ୍ୟମରେ ଏସବୁ ଜମିରେ ଅଟ୍ଟାଳିକା ଓ ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ କରିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ଏଣ୍ଡାଓମେଣ୍ଟ ବିଭାଗ ଏହାକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଠାକୁରଙ୍କ ଜମି ଉପରେ ଯଦି ଏମିତି ଦଖଲରାଜ ଚାଲିବ ଓ ହୋଟେଲ, ମଣ୍ଡପ, ବ୍ୟବସାୟିକ ପ୍ରତିଷ୍ଠାନ ହେବ, ତେବେ ସାଧାରଣ ଜନତାଙ୍କ ଜମି କିଭଳି ସୁରକ୍ଷା ପାଇବ; ସେନେଇ ପ୍ରଶ୍ନ ଉଠିଲାଣି। ଲୋକେ ନିଜ ଧନ ସମ୍ପତ୍ତି ସୁରକ୍ଷା କାହାଠାରୁ ଆଶା କରିବେ ବୋଲି ପ୍ରଶ୍ନ ଉଠିଛି। ଏହା କେବଳ ଜମି ଦଖଲ ନୁହେଁ, ଏହା ଆସ୍ଥା ଓ ଆଦର ଉପରେ କୁଠାରଘାତ। ଠାକୁରଙ୍କ ଜମି ଯଦି ସୁରକ୍ଷିତ ନୁହେଁ, ତେବେ ଆମ ସଂସ୍କୃତି ଓ ଆସ୍ଥା କେଉଁଠି ରହିବ ବୋଲି ପ୍ରଭୁଙ୍କ ଭକ୍ତମାନେ ପ୍ରଶ୍ନ କରିଛନ୍ତି।

- ମାର୍ଫତଦାର ପାଲଟିଛନ୍ତି ମାଲିକ
- ଠାକୁରଙ୍କ ଜମିରେ ଛିଡ଼ାହୋଇଛି ବ୍ୟବସାୟିକ ପ୍ରତିଷ୍ଠାନ, ବିବାହ ମଣ୍ଡପ
- ଦେବୋତ୍ତର ଜମିକୁ ସୁରକ୍ଷା ଦେବାରେ ପ୍ରଶାସନ ବିଫଳ

## ମଲ୍ଲିକେଶ୍ୱରପୁରରେ ଶ୍ରୀରାମଚରିତ ମାନସ ପାରାୟଣ

ଡେରାବିଶ, ୨୪।୧୦(ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମସ୍ଥ ମଲ୍ଲିକେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ତ୍ରିଂଶତିତମ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଆରମ୍ଭ ହୋଇଛି। ମଲ୍ଲିକେଶ୍ୱର ଶ୍ରୀରାମଚରିତ ମାନସ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେଅସୁରେଶ୍ୱରସ୍ଥ ରଘୁନାଥଜୀଉ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ଗୁରୁବାର କଳସାଧିବାସ, ସୂର୍ଯ୍ୟପୂଜା, ଗୋପୂଜା ଓ ଶ୍ରୀବିଗ୍ରହଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେହ ପାରାୟଣ, ସନ୍ଧ୍ୟାରେ ଗୀତାପାଠ, ଚାଳିଶା ପାଠ, ବ୍ୟାସକଥନ, ପରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଉଛି। ପଣ୍ଡିତ ଶରତ ମିଶ୍ର, ବ୍ୟାସ ସଚ୍ଚିଦାନନ୍ଦ ଆଚାର୍ଯ୍ୟ ଓ ପ୍ରଶାନ୍ତ ରଥ ବ୍ରହ୍ମା ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଦାସ, ପଣ୍ଡିତ ବସନ୍ତ ମଙ୍ଗରାଜ, ସନ୍ଥ ପୁରୁଷୋତ୍ତମ ଦାସମହାରାଜ ପ୍ରମୁଖ ପ୍ରବଚକ ଅଛନ୍ତି। ଆସନ୍ତା ୩୧ ତାରିଖରେ ଯଜ୍ଞାନୁଷ୍ଠାନର ପୂର୍ଣ୍ଣାହୁତି ଓ ଚରୁଅନ୍ନ ବଣ୍ଟନ କରାଯାଇ ଯଜ୍ଞ ସମାପ୍ତ ହେବ।

● ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

## ପଟ୍ଟାମୁଣ୍ଡାଇ ମଞ୍ଚ ସଦସ୍ୟଙ୍କ ଯୋଗଦାନ

ପଟ୍ଟାମୁଣ୍ଡାଇ,୨୪।୧୦(ସମିସ): ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଉତ୍ସବରେ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚର ୧୫ ଜଣ ସଦସ୍ୟ ଯୋଗଦେଇଥିବା ପଟ୍ଟାମୁଣ୍ଡାଇ ମଞ୍ଚର ସଦସ୍ୟ ପ୍ରମୋଦ ସାହୁ ସୂଚନା ଦେଇଛନ୍ତି। ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ରାଜନଗର ମେଡିକାଲ ଅଫିସର ଡାକ୍ତର ରଶ୍ମିରଂଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ସମାରୋହରେ କେନ୍ଦ୍ରାପଡ଼ା ସିଡିଏମଓଙ୍କ ସମେତ ଅନ୍ୟ ବରିଷ୍ଠ ଡାକ୍ତର ଯୋଗଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟର ଯତ୍ନ ଉପରେ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ପାଦକ ପ୍ରଫେସର ଭରତ ପାତ୍ର, ପ୍ରଫେସର କୈଳାସ ପାତ୍ର, ଶିକ୍ଷକ ନେତା ବିଜୟ ସାହୁ, ଇଂ ତପନ ପାତ୍ରଙ୍କ ନେତୃତରେ ୧୫ ଜଣ ସଦସ୍ୟ ଯୋଗ ଦେଇଥିଲେ।



## ରଣ ସୁଝିବା ପରେ ବି ବନ୍ଧକ ଚେନ ଫେରାଉ ନ ଥିବା ଅଭିଯୋଗ

କେନ୍ଦ୍ରାପଡ଼ା,୨୪।୧୦(ସମିସ): ଜଣେ ମହିଳା ଅସୁବିଧା ବଶତଃ ସୁନା ଚେନ ଅନ୍ୟ ଜଣେ ମହିଳାଙ୍କ ନିକଟରେ ବନ୍ଧକ ରଖି ଟଙ୍କା ଆଣିଥିଲେ। ତେବେ ସମସ୍ତ ରଣ ଅର୍ଥ ସୁଧ ସହ ଫେରସ୍ତ କରିବା ପରେବି ତାଙ୍କ ସୁନା ଚେନ୍‌କୁ ବନ୍ଧକ ରଖିଥିବା ମହିଳା ଫେରାଉ ନ ଥିବା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକଙ୍କ ପାଖରେ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବକ୍ତାରପୁର ଗ୍ରାମର ମିତାଲୀ ନାୟକ ସେହି ଗ୍ରାମର ଅନୁସ୍ୱୟା ସାହୁଙ୍କ ପାଖରେ ତାଙ୍କ ସୁନା ଚେନ୍ ବନ୍ଧକ ରଖି ୧ ଲକ୍ଷ ଟଙ୍କା କରଜ ଆଣିଥିଲେ। ବନ୍ଧକ ରଖିବାର ବର୍ଷକ ପରେ ମିତାଲୀ ୨ ଲକ୍ଷ ୫୦ ହଜାର ଟଙ୍କା ମୂଳ ଓ ସୁଧ ବାବଦ ଅର୍ଥ ଅନୁସ୍ୱୟାଙ୍କୁ ଦେଇଥିଲେ ମଧ୍ୟ ସେ ତାଙ୍କ ସୁନାଚେନ ଫେରାଉ ନ ଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ମିତାଲୀ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ଏସଡିପିଓଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ରିଘାଗଡ଼ରୁ ଅଜଗର ଓ ଖମାରସାହିରୁ ତମ୍ପସାପ ଉଦ୍ଧାର

ରାଜନଗର,୨୪।୧୦(ସମିସ): ରାଜନଗର ବ୍ଲକ୍ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ (ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ) ଗ୍ରାମରୁ ବନ ବିଭାଗ ଟିମ୍ ୯ ଫୁଟ ଲମ୍ବର ଅଜଗରକୁ ଉଦ୍ଧାର କରିଛି। ଦୁଃଶାସନ ବେହେରାଙ୍କ ବାଡ଼ରେ ଲଗାଯାଇଥିବା ମନୋଫିଲାମେଣ୍ଟ ଜାଲରେ ଅଜଗର ଲାଗିଯାଇଥିବା ନେଇ ବନ ବିଭାଗକୁ ଖବର ଦେଇଥିଲେ। ସହକାରୀ ବନ ସଂରକ୍ଷକ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ନବୀନ ମଲ୍ଲିକଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ବବୁଲ ପରିଡା ଓ କର୍ମଚାରୀ ପହଞ୍ଚି ଅଜଗରକୁ ଉଦ୍ଧାର କରି ଜାତୀୟ ଉଦ୍ୟାନରେ ଛାଡ଼ି ଦେଇଥିଲେ। ସେହିପରି ଖମାରସାହି ଗ୍ରାମର ମଣ୍ଟୁ ପରିଡାଙ୍କ ବାଡରେ ଦିଆଯାଇଥିବା ଜାଲରେ ୫ ଫୁଟ ଲମ୍ବର ତମ୍ପସାପ ଲାଗିଯାଇଥିଲା। ଫରେଷ୍ଟର ବବୁଲ ପରିଡ଼ା ଓ କର୍ମଚାରୀ ସାପକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନରେ ଛାଡ଼ି ଦେଇଥିଲେ।

## ଦାମୋଦରଜୀଉ ବିଦ୍ୟାପୀଠରେ ଶିଶୁ ମହୋତ୍ସବ

ପଞ୍ଚୁପାଣ୍ଡବ,୨୪।୧୦(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମସ୍ଥ ଦାମୋଦରଜୀଉ ବିଦ୍ୟାପୀଠ ଓ ବଜାର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ମାମୁନି ସିଂଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଏବିଇଓ ଖଗେଶ୍ୱର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ଭଗବତୀ କ୍ଲଷ୍ଟରର ୯ଟି ବିଦ୍ୟାଳୟର ୨୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ଏବିଇଓ ସଚ୍ଚିକାନ୍ତ ମିଶ୍ର, ସମର ସାମଲ ଓ ସରପଞ୍ଚ ମୋହନ ସାହୁ ଯୋଗ ଦେଇଥିଲେ। ବିଚାରକ ଭାବେ କୁଶିଆପାଳ କ୍ଲଷ୍ଟର ସିଆରସିସି ହରେକୃଷ୍ଣ କର ଓ ଅବସରପ୍ରାପ୍ତ ଶିକ୍ଷକ ସଂଗ୍ରାମ ସାମଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଉର୍ମିଳା ସାହୁ, ଶୁଭଲକ୍ଷ୍ମୀ ଜେନା, କାଜଲ ସାହୁ, ରଶ୍ମିତା ସିଂ, ପ୍ରଦୀପ ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ଶିକ୍ଷକ ସନ୍ତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ କଲେଜରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ

ରାଜନଗର, ୨୪।୧୦(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ଓ ସ୍ୱାବଲମ୍ବୀ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ଅଧ୍ୟାପକ ପ୍ରଣୟ ବେହେରା, ବାଣିଜ୍ୟ ବିଭାଗ ମୁଖ୍ୟ ଅଭିମନ୍ୟୁ ରାଉତ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଷ୍ଟାର୍ଟଅପ୍ ଇଣ୍ଡିଆ ରାଜ୍ୟ ସହସଂଯୋଜକ ସୌଭାଗ୍ୟ ମହାନ୍ତି ଯୋଗଦେଇ ଯୁବ ନେତୃତ୍ୱ ଓ ସାମାଜିକ ସହଭାଗିତା ସହ କେମିତି ଜଣେ ସଫଳ ଔଦ୍ୟୋଗିକ ହୋଇପାରିବେ, ସେ ବିଷୟରେ ଆଲୋଚନା କରିଥିଲେ। ଏଥିସହ କିପରି ନିଯୁକ୍ତି ସୃଷ୍ଟି ହୋଇପାରିବ କହିଥିଲେ। ଏଥିରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ଜରା ଦିବସ

ରାଜନଗର, ୨୪।୧୦(ସମିସ): ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ଜରା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ଗୌରାଙ୍ଗ ଗିରି, ଡାକ୍ତର ସଚିଦାନନ୍ଦ ମିଶ୍ର, ଡାକ୍ତର ସୁକାନ୍ତ ପ୍ରଧାନ, ଶୁଭଙ୍କର ନାୟକ ପ୍ରମୁଖ ଯୋଗଦେଇ ବିଶ୍ୱ ଜରା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଏଥିସହ ବିଶ୍ୱର ସମୃଦ୍ଧିରେ ବୟସ୍କଙ୍କ ଅବଦାନ ଅତୁଳନୀୟ। ସୁସ୍ଥ ଭାବେ ବଞ୍ଚିବା ପ୍ରତ୍ୟେକ ବୟସ୍କଙ୍କ ଅଧିକାର ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୭ ଜଣ ବୟସ୍କ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ସମସ୍ତ ବୟସ୍କଙ୍କ ଓଜନ, ରକ୍ତଚାପ, ମଧୁମେହ, ଦନ୍ତ ଓ ଚକ୍ଷୁ ରୋଗ ପରୀକ୍ଷା କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ସମସ୍ତ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩୮ ଜଣଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଥିଲା। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଶ୍ରୀକାନ୍ତ ଦାସ, ଚନ୍ଦ୍ରଶେଖର ମଲ୍ଲିକ, ରଞ୍ଜନ ଦାସ, ହିମାଂଶୁ ଦାସ, ନିର୍ମଳ ଦାସ, ଯୀଶୁଖ୍ରୀଷ୍ଟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜକନିକାରେ ଖୋଲିବ ନୂତନ କୋର୍ଟ

ରାଜକନିକା,୨୪।୧୦(ସମିସ): ରାଜକନିକାରେ ନୂତନ କୋର୍ଟ ପ୍ରତିଷ୍ଠା ହେବାରେ ବିଳମ୍ବ ହେଉଥିବାବେଳେ ଆଜି ଅପରାହ୍ନରେ ଜିଲ୍ଲା ଦୌରାଜଜ ପ୍ରସ୍ତାବିତ କୋର୍ଟ ପରିସର ବୁଲି ଦେଖିବା ସହ ଆବଶ୍ୟକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଅପରାହ୍ନ ୪ଟା ସମୟରେ ଜିଲ୍ଲା ଦୌରାଜଜ ଶ୍ରୀମତୀ ଲୁନା ମହାନ୍ତିଙ୍କ ସହ ଜିଲ୍ଲା ରେଜିଷ୍ଟ୍ରାର, ଆଳି ଜେଏମଏଫସି ଦେବାନ ସତ୍ୟଦର୍ଶୀ ନନ୍ଦ, କନିକା ଆଡସିନାଲ ତହସିଲଦାର ଦେବଲ୍ଲଭ ସେଠୀ ପ୍ରମୁଖ ଓସ୍ତିଆ ଡାକ ବଙ୍ଗଳାଠାରେ ପ୍ରସ୍ତାବିତ କୋର୍ଟ ପରିସର ବୁଲି ଦେଖିବା ସହ ବାଉଣ୍ଡାରୀ, ରାସ୍ତା ଓ ପାଇଖାନା ତୁରନ୍ତ ନିର୍ମାଣ ସାରିବାକୁ ଆରଡି ବିଭାଗ ଜେଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତିନିବର୍ଷ ଧରି ରାଜକନିକାରେ କୋର୍ଟ ଖୋଲିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇ କାମଚଳା ଭାବେ ପୂର୍ତ୍ତ ବିଭାଗ ଓସ୍ତିଆ ଡାକ ବଙ୍ଗଳାରେ କାର୍ଯ୍ୟ ଆରମ୍ଭ ହେବାକୁ ନିଷ୍ପତ୍ତି ହୋଇସାରିଛି। ଏହି କୋର୍ଟ ଖୋଲିବାରେ ଅହେତୁକ ବିଳମ୍ବ ପାଇଁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପର୍ଯ୍ୟାୟରେ ଦାବିପତ୍ର ପ୍ରଦାନ କରାଯାଇଆସୁଛି। ଆଜିର ଗସ୍ତ ପରେ ରାଜକନିକାରେ ଖୁବଶୀଘ୍ର କୋର୍ଟ ଖୋଲିବ ବୋଲି କନିକା ବାର୍ ଆସୋସିଏସନ ପକ୍ଷରୁ କୁହାଯାଇଛି।

କନିକା ତହସିଲ ଅଞ୍ଚଳରେ ବାଲି ଚୋରାଚାଲାଣ

## ୪ ବାଲି ବୋଝେଇ ହାଇୱା ଜବତ



ରାଜକନିକା,୨୪।୧୦(ସମିସ): ସରକାରୀ ନିୟମଅନୁଯାୟୀ ବାଲିଖାଦାନରୁ ନିଲାମଧାରୀ ବାଲି ଉଠାଇ ସଠିକ୍ କାଗଜପତ୍ର ଥିବା ଗାଡ଼ିରେ ଚାଲାଣ କରିବା ନିୟମ ରହିଛି। ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପରିବହନରେ ସ୍ୱଚ୍ଛତା ପାଇଁ ସ୍ଥାନୀୟ ମାଜିଷ୍ଟ୍ରେଟ୍, ପୁଲିସ, ଖଣି ଅଧିକାରୀ ଆଦି ଏହାକୁ ଯାଞ୍ଚ କରିବାର ଧାରା ରହିଛି। ତେବେ ବେଆଇନ ଭାବେ ନଦୀରୁ ବାଲି ଉଠିବା, ରାତିରେ ଏହା ପରିବହନ ହେଉଛି। ଏହାକୁ ରୋକିବାକୁ କନିକା ତହସିଲଦାରଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ୪ଟି ହାଇୱାକୁ ଜବତ କରାଯାଇଛି। ତେବେ ଧର୍ମକୁ ଆଖିଠାର ସଦୃଶ ଚଢ଼ଉ କରାଯାଉଥିବା ଅଭିଯୋଗ ହେଉଛି। କନିକା ତହସିଲ ଅଞ୍ଚଳର ବହୁ ବାଲି ସୈରାତରେ ମଝିରେ ମଝିରେ ଧରପଗଡ଼ ହେବା ଓ ଗାଡ଼ି ମାଲିକ ମାମଲାକୁ ରଫାଦଫା କରିଦେଉଥିବା ନାମ ଗୋପନ ରଖି ଜଣେ ତହସିଲ କର୍ମଚାରୀ କହିଛନ୍ତି। କନିକା ତହସିଲ ପକ୍ଷରୁ ହେଉଥିବା ଏଭଳି ଚଢ଼ଉ ଓ ପରର ଖଲାସ ନୀତି ବନ୍ଦ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହେଉଛି। ଏ ସମ୍ପର୍କରେ କନିକା ତହସିଲଦାର ଭାନୁମତୀ ମାଝୀଙ୍କୁ ପଚାରିବାରୁ ଆମେ ଦୁଇଦିନ ମଧ୍ୟରେ ୧୦ଟି ଗାଡ଼ି ଧରି କାଗଜପତ୍ର ଯାଞ୍ଚ ପରେ ୬ଟି ଗାଡ଼ି ଛାଡ଼ିଦେଇଛୁ। ଅନ୍ୟ ୪ଟି ଗାଡ଼ିର କାଗଜପତ୍ର ନ ଥିବାରୁ ଥାନାକୁ ହସ୍ତାନ୍ତର କରାଯାଇଥିବା କହିଛନ୍ତି। ତେବେ ସବୁଠୁ ରୋଚକ ଖବର ଏହା ଯେ ଆଗରୁ ଯେତେ ସବୁ ଗାଡ଼ି ଜବତ ହୋଇଛି, ତାହା ଥାନା ଆଗରେ ରହୁଥିବାବେଳେ କାଲି ଜବତ ଗାଡ଼ି ତହସିଲରେ ରହିବା ଘଟଣା ବାଲି କାରବାରରେ ତହସିଲ ଓ ଥାନା ମଧ୍ୟରେ ତୁ ତୁ ମେଁ ମେଁ ହେଉଥିବା ସୂଚନା ମିଳିଛି। ରାଜକନିକା ଥାନା ଓ କନିକା ତହସିଲ ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ବାଲି ଚାଲାଣ ବଢ଼ିବା ଓ ଏମିତି ଧରପଗଡ଼ ନ କରି ନିୟମାନୁଯାୟୀ ବାଲି ଉଠାଣ ଓ ଚାଲାଣ କରିବାକୁ ପ୍ରଶାସନ ସ୍ୱଚ୍ଛତାରେ କାର୍ଯ୍ୟ କରି ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାକୁ ଦାବି ହୋଇଛି।

● କାଳୀଭଞ୍ଜଡ଼ିଆରୁ ୩୦ ବସ୍ତା ବାତେରା ଓ ଗରାଣୀ ଚେର ଜବତ

## ୯ ଜଣଙ୍କୁ କୋର୍ଟ ଚାଲାଣ କଲା ବନ ବିଭାଗ



ରାଜନଗର,୨୪।୧୦(ସମିସ): ଭିତରକନିକା ଜାତୀୟ ଉଦ୍ୟାନର କାଳୀଭଞ୍ଜଡ଼ିଆ ଜଙ୍ଗଲରୁ ବନ ବିଭାଗ ପାଟ୍ରୋଲିଂ ଟିମ୍ ଚଢ଼ଉ କରି ୩୦ ବସ୍ତା ବାତେରା ଓ ଗରାଣୀ ଚେର ଜବତ କରିବା ସହ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ବନ ସଂରକ୍ଷକ ମାନସ ଦାସଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ କାଳୀଭଞ୍ଜଡ଼ିଆରେ ଚଢ଼ଉ କରିଥିଲା। ସେଠାରେ ଲୁଣା ଜାତୀୟ ଗଛକୁ କାଟି ବାତେରା ଓ ଗରାଣୀ ଚେର ସଂଗ୍ରହ କରୁଥିବା ଦିବାକର ମଣ୍ଡଳ, ଶମ୍ଭୁନାଥ ନାୟକ, କାମପ୍ତର ନାୟକ, ଉପେନ୍ଦ୍ର ନାୟକ, ସାଗର ନାୟକ, କୁନି ନାୟକ, ହାରା ନାୟକ ଓ ପ୍ରତିମା ନାୟକଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨ଟି କାଙ୍କ, ୧ଟି କୋଦାଳ, ୩ଟି କଟୁରୀ ଓ ୫ଟି ଗଇଁନ୍ତି ଜବତ କରାଯାଇଛି। ସେମାନେ ସଂଗ୍ରହ କରିଥିବା ୨୦ ବସ୍ତା ବାତେରା ଚେର (୧୦ କ୍ୱିଣ୍ଟାଲ) ଓ ୧୦ବସ୍ତା ଗରାଣୀ ଚେର (୫ କ୍ୱିଣ୍ଟାଲ) ଜବତ ହୋଇଛି। ସେମାନଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ପାଟ୍ରୋଲିଂ ଟିମରେ ଫରେଷ୍ଟର ପ୍ରକାଶ ଦାସ, ପ୍ରଶାନ୍ତ ସିଂ, ଫରେଷ୍ଟ ଗାର୍ଡ ସୁବାସ ବେହେରା, ସନ୍ଧ୍ୟାରାଣୀ ମଲ୍ଲିକ ଓ କର୍ମଚାରୀ ଗୋରାଚାନ୍ଦ ସିଂ, ସତୀଶ ଲାକ୍ରା, ବବୁଲ ପରିଡାଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ରାଜ୍ୟସ୍ତରୀୟ କ୍ରୀଡ଼ାରେ ଡେରାବିଶ କଲେଜ ଛାତ୍ରଛାତ୍ରୀଙ୍କ ସଫଳତା



ଡେରାବିଶ,୨୪।୧୦(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟର ଉଭୟ +୨ ଓ +୩ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କ୍ରୀଡ଼ାର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁରସ୍ଥ ଧାମାର ଝାଡ଼େଶ୍ୱରୀ ମହାବିଦ୍ୟାଳୟରେ ଆୟୋଜିତ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍‌ରେ ଅଧ୍ୟାପକ ଡ. ସନ୍ଦୀପ ବଳଙ୍କ ତତ୍ତ୍ୱାବଧାନରେ +୨ ଛାତ୍ର ବିଜ୍ଞାନ ମଲିକ ସ୍ୱର୍ଣ୍ଣପଦକ ହାସଲ କରି ଜମ୍ମୁରେ ହେବାକୁ ଥିବା ଜାତୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍‌ରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କଲେଜର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶ୍ରୀ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଯୋଗ ପ୍ରତିଯୋଗିତାରେ +୩ ଛାତ୍ରୀ ପ୍ରିୟଦର୍ଶିନୀ ମଲିକ, ସରସ୍ୱତୀ ସିଂ ଓ ଶୁଭଶ୍ରୀ ରାଉତ, ଭୁବନେଶ୍ୱରସ୍ଥ କିସ୍‌ରେ ଆୟୋଜିତ ଭଲିବଲ୍ ପ୍ରତିଯୋଗିତାରେ +୨ଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ସିଂ ସଫଳ ପ୍ରଦର୍ଶନ କରି ଜାତୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି +୨ ଛାତ୍ର ମିର ଫେରାନ୍ ଜାତୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି। ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ, କ୍ରୀଡ଼ା ପରିଷଦର ଭାରପ୍ରାପ୍ତ ଅଧ୍ୟାପକ ସଂଜୟ ମିଶ୍ର, ଡ. ସନ୍ଦୀପ ବଳ, ଅଭିଜିତ ପ୍ରଧାନ, ଅଧ୍ୟାପିକା ଭାଗ୍ୟଲକ୍ଷ୍ମୀ ସାହୁ, ଆକାଂକ୍ଷା ଦାସ, ସୁବାସିନୀ ମିଶ୍ର, ବନୀତା ମହାରଣା ଓ ପ୍ରଜ୍ଞା ପରମିତା ରାଉତରାୟ ଛାତ୍ରଛାତ୍ରୀଙ୍କ ସଫଳତାରେ ଖୁସିବ୍ୟକ୍ତ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି।

## ତିଖିରୀ ଆବାସିକ ବିଦ୍ୟାଳୟରେ ସୁରଭି

ମହାକାଳପଡ଼ା,୨୪।୧୦(ସମିସ): ମହାକାଳପଡ଼ା ବ୍ଲକ ତିଖିରୀ ଆବାସିକ ସେବାଶ୍ରମ ବିଦ୍ୟାଳୟରେ ନିଗମ ନୋଡାଲ ଉପ୍ରା ବିଦ୍ୟାଳୟ, ମଧୁରଗଣ୍ଡଖମାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୌମେନ୍ଦ୍ର ଦାସ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶଶାଙ୍କ ସେନାପତି ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ତିଖିରୀ ସରପଞ୍ଚ ଚାମେଲୀ ଓଝା, ସମ୍ମାନିତ ଅତିଥି ଭାବେ କ୍ଲଷ୍ଟର ବିଦ୍ୟାଳୟ ପ୍ରଧାନଶିକ୍ଷକ ଦୀପକ ପଟ୍ଟନାୟକ, ପୂର୍ବତନ ସିଆରସିସି ପ୍ରଦୀପ ରାଉତରାୟ, ଅଂଶୁମାନ ରାଉତରାୟ, କୃତ୍ତିବାସ ମିଶ୍ର, ଜିତେନ୍ଦ୍ର ଦାସ ଯୋଗ ଦେଇଥିଲେ। ପୂର୍ବତନ ସିଆରସିସି ଶିଶିର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଲଷ୍ଟରର ୧୬ଟି ବିଦ୍ୟାଳୟରୁ ୨୦୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଛପାଲିରେ ଶ୍ୟାମାକାଳୀ ପୂଜା

ମହାକାଳପଡ଼ା,୨୪।୧୦(ସମିସ): ବାଉଲାକଣି ପଞ୍ଚାୟତ ଛପାଲି ପ୍ରଭାକରପୁର ଗୋଡ଼ା ବଜାର ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପୂଜାର ବିଭିନ୍ନ ଦିବସରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଭ୍ରାଂଶୁ ଲେଙ୍କା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବିଜେପି ନେତା ସଞ୍ଜୟ ରଥ, ସମାଜସେବୀ ସୌଭାଗ୍ୟ ପରିଡ଼ା, ବଉଳକଣି ସରପଞ୍ଚ ସାଲବେଗ ମହାଳି, ଜଗନ୍ନାଥ ଦଳାଇ, ରୁଦ୍ରନାରାୟଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ପକ୍ଷରୁ ପ୍ରସନ୍ନ ରାଉତ, ହରେକୃଷ୍ଣ ପାତ୍ର, ଉତ୍ତମ ରାଉତ, ଶତ୍ରୁଘ୍ନ ଜେନା, କାର୍ତ୍ତିକ ସେଠୀ, ପ୍ରବୀର ରାଉତ, ଅଧର ମଣ୍ଡଳ, କ୍ଷୀରୋଦ ପରିଡା, ଅମରେନ୍ଦ୍ର ରାଉତ, ସୋମନାଥ ବାରିକ, ମୁନା ସେଠୀ ପ୍ରମୁଖ ପୂଜା ଉତ୍ସବ ପରିଚାଳନା କରିଥିଲେ।



## ପୂର୍ବତନ ସରପଞ୍ଚ ନୃସିଂହ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୪।୧୦(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ସମାଜସେବୀ ତଥା ତରଡ଼ିପାଳର ପୂର୍ବତନ ସରପଞ୍ଚ ନୃସିଂହ ବିଶ୍ୱାଳଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ତୁଳସୀଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନିର୍ମଳ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ବିଶ୍ୱାଳ, ପେଣ୍ଠପାଳ ସମବାୟ ସମିତି ସଭାପତି ଧନେଶ୍ୱର ପ୍ରଧାନ, ମର୍ଦ୍ଦରାଜ ଛୁଆଲସିଂ ମହାପାତ୍ର, ନାରାୟଣ ବିଶ୍ୱାଳ, ଗିରିଶ ରାୟ, କାର୍ତ୍ତିକ ରାଉତ, ସୁଶୀଳ ବିଶ୍ୱାଳ, ସୀତାନାଥ ସାମନ୍ତରାୟ, ଜ୍ୟୋତିରଞ୍ଜନ ପ୍ରଧାନ, ହିମାଂଶୁ ବିଶ୍ୱାଳ, ରବିନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତିସଭାରେ ଧୋୟାଞ୍ଚଳର ବହୁ ଲୋକପ୍ରତିନିଧି, ରାଜନେତା, ସମାଜସେବୀ ଓ ବିଭିନ୍ନ ଗଣସଂଗଠନ କର୍ମକର୍ତ୍ତା ଯୋଗ ଦେଇଥିଲେ।



### ନେତାଜୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଏନ୍‌ଏସି ଚାନ୍ଦବାଲି ଚାମ୍ପିଅନ୍, ନେତାଜୀ କ୍ଲବ୍ ରନର୍ସଅପ୍

ରାଜକନିକା,୨୪।୧୦(ସମିସ)



ରାଜକନିକା ବ୍ଲକ୍ ତରାସସ୍ଥ ନେତାଜୀ ମିନି ଷ୍ଟାଡ଼ିୟମରେ ଚାଲିଥିବା ୩୪ତମ ନେତାଜୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଦୁଇଦିନିଆ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଆୟୋଜକ ନେତାଜୀ କ୍ଲବ୍ ଓ ଚାନ୍ଦବାଲି ଏନଏସି ମଧ୍ୟରେ ଖେଳାଯାଇଥିବା। ଏଥିରେ ଚାନ୍ଦବାଲି ୨-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗ ନେଇଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ମା' ମଙ୍ଗଳା କ୍ଲବ୍ ଯାଜପୁର ଓ ଚାନ୍ଦବାଲି ଏନଏସି ମଧ୍ୟରେ ଖେଳାଯାଇଥିବାବେଳେ ଚାନ୍ଦବାଲି ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଥିଲା। ମୁଖ୍ୟଅତିଥି ଭାବେ ତରାସ ସରପଞ୍ଚ ମନୋରମା ନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପରେ ଦ୍ୱିତୀୟ ସେମିଫାଇନାଲ୍‌ରେ ଆୟୋଜକ ନେତାଜୀ କ୍ଲବ୍ ବିଜୟୀ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ତଥା ଓଡ଼ିଶା ଫୁଟବଲ୍ ଆସୋସିଏସନ ସଭାପତି ଟଙ୍କଧର ତ୍ରିପାଠୀ ଯୋଗଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟନାରାୟଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ୍‌ର ସଭାପତି ବନଜ ବାରିକ ସଭା ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ତଥା ମତୋ ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଶିବପ୍ରସାଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ନେତାଜୀ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ







ବାଲେଶ୍ୱର,୨୪।୧୦(ସମିସ)

ରେମୁଣା ଫିଡର କ୍ଲଷ୍ଟରର ଶିଶୁ ମହୋତ୍ସବ 'ସୁରଭି-୨୦୨୫' ରେମୁଣା ହାଇସ୍କୁଲରେ ଉଲ୍ଲାସର ସହ ପାଳନ ହୋଇଯାଇଛି। ଆୟୋଜିତ ଉତ୍ସବରେ କ୍ଲଷ୍ଟରର ସିଆରସିସି ସଂଯୋଜିକା ଭାବରେ କ୍ଲଷ୍ଟର ଅଧୀନ ସମସ୍ତ ପ୍ରାଥମିକରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଏଉତ୍ସବ ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ଦୁଇଶହ ଛାତ୍ରଛାତ୍ରୀ ଚିତ୍ରକଳା, ବକ୍ତୃତା, ସୃଜନଶୀଳ ଲିଖନ, ଗଳ୍ପକଥନ ଆଦି ପାଖାପାଖି ୨୪ଟି ବିଭାଗରେ ଜୁନିୟର ଓ ସିନିୟର ବର୍ଗରେ ଭାଗ ନେଇଥିଲେ। ବିଆରସିସି ବଳରାମ ନାୟକ ସଂଯୋଜକ, ମୁଖ୍ୟଅତିଥି ରେମୁଣା ଏନ୍‌ଏସ୍‌ସିର ଅଧକ୍ଷ ଚନ୍ଦନା ଗିରି, ମୁଖ୍ୟବକ୍ତା ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୈଳବାଳା ବେହେରା ଏବଂ ସମ୍ମାନିତ ଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଦୀପମିଶ୍ର, ସମାଜସେବୀ ଶେଖ୍‌ଆମିର, ଶେଖ୍‌ଅବଦୁଲ୍ଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ପ୍ରତ୍ୟେକ ବିଦ୍ୟାଳୟରେ ସ୍ୱପ୍ନ କାନ୍ଥ କରି ପିଲାମାନେ ଭବିଷ୍ୟତରେ କଣ ହେବାକୁ ଚାହାଁନ୍ତି ଲେଖିକରି ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଦେଖନ୍ତୁ ବୋଲି ପ୍ରସ୍ତାବ ଦେଇଥିଲେ। ରେମୁଣା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରଞ୍ଜୁ ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଜେତା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଅଭିଭାବିକା ଏହି ଉତ୍ସବରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

**ଖଇରା:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଖଇରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୧୩ଟି ବିଭିନ୍ନ ବିଷୟରେ ୧୭ଟି କ୍ଲଷ୍ଟରରୁ ୫ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଳିପ୍ସା ସାହୁ, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଆର୍‌ସିସି ମାଣିକ ମିଶ୍ର ସଭାରେ ପୌରହିତ୍ୟ କରିଥିଲେ। ଶେଷରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଦୁର୍ଗାମାଧବ ଜେନା ଓ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ବିଭିନ୍ନ କ୍ଲଷ୍ଟରର ସିଆରସିସି ଦିବସବ୍ୟାପି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଚନ୍ଦନେଶ୍ୱର:** ବାଲେଶ୍ୱର ଜିଲ୍ଲା ଭୋଗରାଇର ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ଶଙ୍ଖାରୀରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁନୀଲ କୁମାର ଦତ୍ତଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଅତିଥି ଭାବେ ସିଆରସିସି ନୂନା ହେମ୍ବ୍ରମ, ପୂର୍ବତନ ସିଆରସିସି ସଞ୍ଜୟ କୁମାର ବେହେରା, ଅବସରପ୍ରାପ୍ତ





ଶିକ୍ଷକ ଯଦୁନାଥ ଜେନା, କୃଷ୍ଣନଗର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁମିତା ଜେନା ପ୍ରମୁଖ ଯୋଗଦେଇଥିଲେ। କ୍ଲଷ୍ଟର ତରଫରୁ ୧୧ଟି ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଶିକ୍ଷକ ଧ୍ରୁବଚରଣ ପ୍ରଧାନ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ଶିକ୍ଷକ ପ୍ରଦୀପ କଟୁଆଳ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନାରେ ଶିକ୍ଷକ ହିମାଂଶୁ ଶେଖର ଦାସ, ଦେବେନ୍ଦ୍ର କୁମାର ମଲ୍ଲିକ, ଦୀପକ କୁମାର ଦିଣ୍ଡା ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷା କର୍ମଚାରୀ ତଥା ସାଧନକେନ୍ଦ୍ରର ସମସ୍ତ ଶିକ୍ଷକମାନେ ସହଯୋଗ କରିଥିଲେ। ସେହିପରି ଭୋଗରାଇର ହାଡ଼ିଗୋଛିଆ ଫୁଲବଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ହାଡିଗୋଛିଆ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମହେଶ୍ୱର ଗିରିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ, ବିଶିଷ୍ଟ ଅତିଥି ଭାବେ ସରପଞ୍ଚ ଉପେନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସିଆରସିସି ସୀତାରାମ ବାରିକ, ପ୍ରାକ୍ତନ ଶିକ୍ଷକ ଶଶିଭୂଷଣ ମହାନ୍ତି, ବୈକୁଣ୍ଠ ନାଥ ପାତ୍ର, ସମୀର କୁମାର ଦାସ, ରଜନୀକାନ୍ତ ପ୍ରଧାନ, ଗୋପୀନାଥ ଜେନା, ସିଆରସିସି ନାଭଡେଶ୍ୱର ମାଝି, ପରିଚାଳନା କମିଟିର ସଭାପତି ଭବେଶ ଚନ୍ଦ୍ର ଗିରି, ବିଚାରକ କାର୍ତ୍ତିକ ଚନ୍ଦ୍ର ପାତ୍ର, ରାମପଦ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯିବା ସହ ପ୍ରତି ବିଭାଗର ପ୍ରଥମ ବ୍ଲକ ସ୍ତରରେ ଭାଗନେବେ। ପ୍ରାକ୍ତନ ସିଆରସିସି ପଦ୍ମଲୋଚନ ମାଝି ମଞ୍ଚ ଆହ୍ୱାନ କରିଥିବା ବେଳେ ଦେବବ୍ରତ ଜେନା ଅତିଥି ପରିଚୟ, ବ୍ରହ୍ମପଦ ଘଡାଇ ବେଦପାଠ ଓ କାହ୍ନୁଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଭୋଗରାଇ:** ଭୋଗରାଇ ବ୍ଲକ ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭୋଗରାଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ମହାରଣା, ମୁଖ୍ୟବକ୍ତା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ସତୀଶ ଚନ୍ଦ୍ର ପଣ୍ଡା ଏବଂ ସମ୍ମାନିତ ଅତିଥି ସମାଜସେବୀ ଅଂଶୁମାନ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ, ଜ୍ୟୋସ୍ନାରାଣୀ ପଣ୍ଡା, ସୋହରିଆ ସରପଞ୍ଚ ଜଗନ୍ନାଥ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ନାଥ ପାତ୍ର, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗୌତମ କୁମାର ବେହେରା, ଗ୍ରାମର ମୁଖ୍ୟ ତଥା ବିଦ୍ୟାଳୟର ପୂର୍ବତନ ଶିକ୍ଷକ ରାଧାକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଶୁଭେନ୍ଦୁ କୁମାର ଦାଶ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସୂର୍ଯ୍ୟକୁମାର ନାୟକ, ମୁଖ୍ୟବକ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବିଶିଷ୍ଟ ଅତିଥି ସମାଜସେବୀ ଆଶିଷ ପାତ୍ର ଏବଂ ସମ୍ମାନିତ ଅତିଥି ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ସାହୁ, ୩୪ ନଂ ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, ପ୍ରଧାନଶିକ୍ଷକ ଅରୁଣ କୁମାର ଧଡ଼ା ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକର ୨୫ଟି କ୍ଲଷ୍ଟର ଅଧୀନରେ ୮୭୫ ବରିଷ୍ଠ ଓ କନିଷ୍ଠ ବିଭାଗର ୨୮ ଜଣ କୃତୀ ଛାତ୍ରଛାତ୍ରୀ ସମେତ ଦଳଗତ ପ୍ରତିଯୋଗିତା ପାଇଁ ୧ଟି ବିଦ୍ୟାଳୟକୁ ଚୟନ କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ସମସ୍ତ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

**ଚନ୍ଦନେଶ୍ୱର:** ଭୋଗରାଇ ବ୍ଲକ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ (ସୁରଭି-୨୦୨୫) ଭୋଗରାଇର ନାରାୟଣ ମହାନ୍ତି ପଡିଆ ପଞ୍ଚାୟତ ଅଧୀନ ବିଏମ ନୋଡାଲ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାପୁର ସିଆରସିସି ଦେବ କୁମାର ପାତ୍ରଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ କ୍ଲଷ୍ଟର ଅଧୀନ ୧୫ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟକ ଭାବେ ରଜନୀକାନ୍ତ ଏକାଡେମୀର ପ୍ରଧାନଶିକ୍ଷକ ଗଙ୍ଗାଧର ଜେନା ଉଦ୍‌ଘାଟନ କରିଥିବା ବେଳେ ବିଏମ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ମଙ୍ଗଳ ସିଂ ସଭାପତିତ୍ୱ କରିଥିଲେ। ଶିକ୍ଷକ ସୁକୁମାର ପଣ୍ଡା ମାଙ୍ଗଳିକ ବେଦ ଉଚ୍ଚାରଣ କରିଥିବା ବେଳେ ଶିକ୍ଷକ ତଥା ପୂର୍ବତନ ସିଆରସିସି ଅଶୋକ କୁମାର ସେନାପତି ମଞ୍ଚ ଆହ୍ୱାନ, ଶିକ୍ଷକ ହରେକୃଷ୍ଣ ପ୍ରଧାନ ଅତିଥି ପରିଚୟ ଓ ଶିକ୍ଷକ ସୁବଳ ଚନ୍ଦ୍ର ଭଞ୍ଜ ଧନ୍ୟବାଦ ଦେଇଥିଲେ। ମୋଟ ୧୦ଟି ବିଭାଗର ପ୍ରତିଯୋଗିତାରେ ୧୮୪ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ମଙ୍ଗୁଳି ସିଂ, ମନୋଜ କୁମାର ମହାନ୍ତି,ପର୍ଶୁରାମ ପରିଡା, ଅଶ୍ୱିନୀ ବାରିକ, ଜନ୍ମେଜୟ ପାଳ, ପ୍ରଶାନ୍ତ କବାଟ, ଗୋପାଳ ଚନ୍ଦ୍ର ସେଠୀ, ହରେକୃଷ୍ଣ କବାଟ, କାଞ୍ଚନବାଳା ବେହେରା, ଶର୍ମିଷ୍ଠା ସୁର, ଜଗନ୍ନାଥ ମଣ୍ଡଳ, ସୁଶାନ୍ତ ଜେନା, ମିଥୁନ ଗଙ୍ଗେଇ, ଆଦିକନ୍ଦ ମଲ୍ଲିକ, ଧୀରେନ୍ଦ୍ର ନାୟକ, ନିର୍ମଳ କୁମାର ଗିରି, ରାଧାଶ୍ୟାମ ପ୍ରଧାନ, ଚନ୍ଦନ ଦାସ, ସୁଶାନ୍ତ ପାତ୍ର, ଉଦୟହରି ନାୟକ, ସୁଧାଂଶୁ ଶେଖର ଜେନା, ଅଶୋକ ସାମଲ, ସରୋଜ ପାତ୍ର, ଆରତୀ ଜେନା, ନନ୍ଦିତା ପାତ୍ର ସମେତ ଶ୍ରଦ୍ଧାପୁର ଉଚ୍ଚ ବିଦ୍ୟାଳୟର ଶକ୍ତିପଦ ମହାନ୍ତି, ରବୀନ୍ଦ୍ର ସାହୁ, ରଜନୀକାନ୍ତ ଏକାଡେମୀର ସୌମ୍ୟଦୀପ ସାହୁ, ଚନ୍ଦନ କୁମାର ଜେନା ପ୍ରମୁଖ ଓ ପରିଚାଳନା କମିଟିର ସଭାପତି ବଂଶୀଧର ମଣ୍ଡଳ ସମେତ ୱାର୍ଡ ସଭ୍ୟ ସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ।

**ଜଳେଶ୍ୱର:** ଶିଶୁ ନିକଟରେ ଥିବା ସମ୍ଭାବନା ଓ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିବାପାଇଁ ଆୟୋଜିତ ହେଉଥିବା 'ସୁରଭି' କାର୍ଯ୍ୟକ୍ରମର ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ଆଜି ଲକ୍ଷ୍ମଣନାଥ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶରେ ମୁଖ୍ୟବକ୍ତା ଭାବେ ଜିଲ୍ଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ ଏବଂ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ମ୍ୟୁନିସିପାଲଟି ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଉପାଧ୍ୟକ୍ଷା ସଂଜିତା ସେନାପତି, ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଅନିତା ମହାନ୍ତି, ମିହିର ଭୂୟାଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠପଢିବା ସହିତ ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରାଯିବା ଉଚିତ ବୋଲି କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଆର୍‌ସିସି ସୁଶାନ୍ତ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସରପଞ୍ଚ ରଞ୍ଜନ କୁମାର ମହାନ୍ତି ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ଶ୍ୟାମାଚରଣ ଦାସ, ସୁବ୍ରତ ସେନାପତି, ଜିତେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀର ବିକାଶ ଲାଗି ଶିକ୍ଷକଙ୍କ ସହିତ ଅଭିଭାବକମାନେ ପ୍ରୟାସ କରିବା ଉଚିତ୍ ବୋଲି କହିଥିଲେ। ତୃତୀୟ ଶ୍ରେଣୀ, ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷକ ବୀର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ଦେଶୀମଦ ଜବତ; ଦୁଇ ଗିରଫ

**ସୋର,୨୪।୧୦(ସମିସ):** ସୋର ଅବକାରୀ ବିଭାଗ ତରଫରୁ ବାଘ ଆମ୍ବୁଡା ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୁଡପୋଚ ନଷ୍ଟକରି ଦେଶୀମଦ ଜବତ କରିଥିବା ବେଳେ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୋରଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ବାଘଆମ୍ବୁଡା ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢ଼ଉ କରି ୨୭ ଶହ ଲିଟର ଗୁଡପୋଚ ନଷ୍ଟ କରିବାସହିତ ୧୪୦ ଲିଟର ଦେଶୀମଦ ଜବତ କରିଥିଲେ। ଚଢ଼ଉ ହେଉଥିବା ଜାଣିପାରି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେହିପରି ଏହି ଟିମ କୁରୁଣିଆ ଗ୍ରାମର ହରେକୃଷ୍ଣ ଗାହାଣନିକଟରୁ ୩୦ ଲିଟର ଦେଶୀମଦ ଏବଂ ବାଲଙ୍ଗ ଗ୍ରାମର ଅଜୟ ବିଶ୍ୱାଳ ନିକଟରୁ ୪୦ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ଣରେ ସୋର ମେଡ଼ିକାଲରେ ଉଭୟଙ୍କ ଡାକ୍ତରୀମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଏବଂ ମିନତୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

## ଭ୍ୟାନ୍ ଚୋରି ଅଭିଯୋଗରେ ଯୁବକ ଗିରଫ

**ଭୋଗରାଇ,୨୪।୧୦(ସମିସ):** ଭୋଗରାଇ ଥାନା ଜଳେଶ୍ୱରପୁର ଅଞ୍ଚଳରୁ ଚୋରି ହୋଇଥିବା ବଲେରୋ ଗାଡ଼ିକୁ ଜଳେଶ୍ୱର ଥାନା ଆମ୍ବିଳିଅଠା ଅଞ୍ଚଳରୁ ପୁଲିସ ଜବତ କରିଛି। ଘଟଣାର ସଂପୃକ୍ତ ଜଳେଶ୍ୱର ଥାନା ଚୂଡ଼ାମଣିପୁର ଗ୍ରାମର ସୁଜିତ କୁମାର ପରିଡ଼ା(୪୨)କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗତ ଅଗଷ୍ଟ ୨ ତାରିଖରେ ଭୋଗରାଇ ଥାନା କାଳାହି ଅଞ୍ଚଳର ସୌମ୍ୟଦୀପ ଜେନା ତାଙ୍କର (ଓଡି ୦୧ ଏ୯ ୯୦୨) ନମ୍ବର ଥିବା ବଲେର ଗାଡ଼ିକୁ ସବୁଦିନ ପରି ଜଳେଶ୍ୱରପୁର ସ୍ଥିତ କଂଗ୍ରେସ ଭବନ ନିକଟରେ ଛିଡ଼ା କରିଥିଲେ। ପରେ ବିଳମ୍ବିତ ରାତିରେ ଗାଡ଼ି ଚୋରି ହୋଇଥିବା



ଜାଣି ସୌମ୍ୟଦୀପ ଖୋଜାଖୋଜି ନିରାଶ ହୋଇ ଅଗଷ୍ଟ ୬ରେ ଅଭିଯୋଗ କରିଥିଲେ। ଭୋଗରାଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ସୂତ୍ରରୁ ଖବର ପାଇଁ ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ ସଦଳବଳେ ଜଳେଶ୍ୱର ଥାନା ଆମ୍ବିଳିଅଠା ଅଞ୍ଚଳର ଏକ ଗ୍ୟାରେଜରୁ ଚଢ଼ଉ କରି ଗାଡ଼ିକୁ ଜବତ କରିଥିଲେ।

## ଶିଶୁ ମଙ୍ଗଳ ବିଭାଗ ଦ୍ୱାରା ଅଚାନକ ବାଳାଶ୍ରମ ପରିଦର୍ଶନ

**ବାଳାଶ୍ରମ ଅଧ୍ୟକ୍ଷଙ୍କୁ ନୋଟିସ**

**ରୂପସା,୨୪।୧୦(ସମିସ):** ଗୃହମାତାଙ୍କ ନିର୍ଯାତନା ସହି ନପାରି ପାଚେରୀ ଡେଇଁ ଦୁଇଜଣ ଛାତ୍ର ବସ୍ତା ବ୍ଲକ୍ ମଥାନୀ ବାଳାଶ୍ରମରୁ ପଳାଇବା ଘଟଣାରେ ଶୁକ୍ରବାର ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଚାନକ ବାଳାଶ୍ରମକୁ ପରିଦର୍ଶନରେ ଆସିବା ଘେନି ଚକିତ କରିଛି। ସୂଚନାରୁ ପ୍ରକାଶ ଯେ ବିଭିନ୍ନ ଗଣମାଧ୍ୟମରେ ବାଳାଶ୍ରମର ଅଘଟଣ ପ୍ରକାଶ ପାଇବା ପରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ପଣ୍ଡା, ସଦସ୍ୟ ପ୍ରୋ. ଶତ୍ରୁଘ୍ନ ମଲିକ, ଅନିତା କର, ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହର ଓ ଅନ୍ୟାନ୍ୟ ବିଭାଗୀୟକର୍ମଚାରୀ ପହଞ୍ଚି ବାଳାଶ୍ରମଅଧ୍ୟକ୍ଷ ହରିହର ମହାପାତ୍ର, ଗୃହମାତା ପ୍ରଜ୍ଞାପିତା ବେହେରା, ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପୁହାଣ, ଡେଇଁ ପଳାଉଥିବା ଷଷ୍ଠ ଶ୍ରେଣୀ ଛାତ୍ର ରାହୁଲ ସିଂହ ଓ କାର୍ତ୍ତିକ ମହାନ୍ତିଙ୍କୁ ଜେରା କରିଥିଲେ। ଗୃହମାତା ନିର୍ଯାତନା ଦେଇ ନ ଥିବା କହୁଥିବା ବେଳେ ଛାତ୍ର ଦୁଇ ଜଣ ଜୁଲମ ହୋଇଥିବା କହିଥିଲେ। ଶେଷରେ ଅଧ୍ୟକ୍ଷ ଶ୍ରୀ ମହାପାତ୍ରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ଧଳାଜହର କାରବାର ରୋକିବା ପାଇଁ ଦାବି

**ଜଳେଶ୍ୱର,୨୪।୧୦(ସମିସ):** ପଶ୍ଚିମବଙ୍ଗରୁ ଜଳେଶ୍ୱରକୁ ଖୁଲମଖୁଲା ଧଳାଜହର କାରବାର ଚାଲିଛି ବୋଲି ଅଭିଯୋଗ ହେଉଛି। ମୁର୍ଶିଦାବାଦରୁ କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ଜଳେଶ୍ୱରକୁ ବ୍ରାଉନସୁଗର ଆଣି ସ୍ଥାନୀୟ ଯୁବକଙ୍କ ଦ୍ୱାରା ବିକ୍ରି କରାଇବାରେ ସଫଳ ହେଉଛନ୍ତି। ପୁଲିସ୍ କିମ୍ବା ଅବକାରୀ ବିଭାଗ ଏହାର ଟେର ପାଉନଥିବା ବେଳେ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଏପରି ଘଟୁଥିବା ସାଧାରଣରେ ଆଲୋଚନା ହେଉଛି। ଅଳ୍ପଦିନରେ ଧନୀ ହେବାର ସ୍ୱପ୍ନ ଯୁବକ ବେକାରମାନଙ୍କୁ କରାୟତ କରିଥିବାରୁ ପଶ୍ଚିମବଙ୍ଗର ମାଫିଆମାନଙ୍କ ଦ୍ୱାରା ଅଣାଯାଇ ଏଠାରେ ଧଳାଜହର ବ୍ୟବସାୟ କରାଯାଉଛି। ଏସ୍‌ଡିପିଓ ସୁବ୍ରତ ବେହେରାଙ୍କ ତତ୍ୱାବଧାନରେ ଜଳେଶ୍ୱର ପୁଲିସ୍ ପକ୍ଷରୁ ଅଗ୍ରୱାଲାଛକ ନିକଟରେ ୨ଜଣ ଯୁବକଙ୍କ ନିକଟରୁ ୩୫ଗ୍ରାମର ବ୍ରାଉନ୍‌ସୁଗର ଜବତ୍ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୩ଟି ମୋବାଇଲ ଓ ଏକ କାର୍ ଓଡି୦୧ଏପି-୮୭୯୨କୁ ଜବତ୍ କରାଯାଇଥିଲା। କେସ୍ ନଂ ୪୮୪/୨୫ମୂଳେ ସେମାନଙ୍କୁ କୋର୍ଟ ପଠାଯାଇଥିବା ଜଣାଯାଇଛି। ସେହିପରି ମୁର୍ଶିଦାବାଦର ଜନୈକ ଯୁବକ ଓ କାଶିଡିହା ଅଞ୍ଚଳର ଜନୈକ ଯୁବକଙ୍କ ନିକଟରୁ ୯୫ ଗ୍ରାମର ଧଳାଜହର ଜବତ୍ କରାଇଥିବା ଜଣାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଧଳାଜହର ମାଫିଆମାନେ ନୂଆ ନୂଆ ଯୁବକମାନଙ୍କୁ ଆକୃଷ୍ଟ କରୁଥିବାରୁ ପ୍ରଶାସନ ପକ୍ଷରୁ ଏହାକୁ ରୋକାଯାଇ ପାରୁନାହିଁ। ଜଳେଶ୍ୱର ସହରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହା କୁଟିରଶିଳ୍ପରେ ପରିଣତ ହୋଇଥିବା ବେଳେ ଧିରେ ଧିରେ ଏହା ଗ୍ରାମାଞ୍ଚଳକୁ ବ୍ୟାପିବାରେ ଲାଗିଛି। ଏହାକୁ ରୋକାନଗଲେ ଭବିଷ୍ୟତରେ ପରିସ୍ଥିତି ଅଣାୟତ ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## କାର୍ଯ୍ୟରେ ଅବହେଳା ପାଇଁ ଦୁଇ କନେଷ୍ଟବଳ ନିଲମ୍ବିତ

**ସୋର,୨୪।୧୦(ସମିସ):** ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡିରେ ଦୁଇଜଣ କନେଷ୍ଟବଳ କାର୍ଯ୍ୟରେ ଅବହେଳା କରିଥିବା ଯୋଗୁଁ ବାଲେଶ୍ୱର ଏସ୍‌ପି ଉଭୟଙ୍କୁ ନିଲମ୍ବନ କରିଛନ୍ତି। ସୂଚନା ଅନୁସାରେ ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡିରେ କାର୍ଯ୍ୟରତ କନେଷ୍ଟବଳ ପୂର୍ଣ୍ଣଚନ୍ଦ୍ର ସିଂ ଓ ପୁରୁଷୋତ୍ତମ ସିଂ କାର୍ଯ୍ୟରେ ଅବହେଳା କରିଥିଲେ। ଏ ବାବଦରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ନାୟକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ ଗତକାଲି ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଉଭୟଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ପୁରୁଷୋତ୍ତମ ଏକ ମାମଲାରେ ଟିମ ସହ କେରଳ ଯାତ୍ରା କରିଥିବା ଜଣାପଡ଼ିଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ



**ଲଙ୍ଗଳେଶ୍ୱର,୨୪।୧୦(ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧୀନ ଦେଉଳା ପଞ୍ଚାୟତର ବାସୁଦେବପୁର ଗ୍ରାମର ଧର୍ମପରାୟଣ ମହିଳା ବୁଦ୍ଧିମଣି ନାୟକ(୮୫)ଙ୍କ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଶ୍ରୀମତୀ ନାୟକ ଉକ୍ତ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ମନ୍ମଥ ନାୟକଙ୍କ ମାତା ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

## ଦୁଇଟି ବେଆଇନ ମାଲ ବୋଝେଇ ଗାଡ଼ି ଜବତ

**ସୋର,୨୪।୧୦(ସମିସ):** ଖଣି ବିଭାଗ ତରଫରୁ ସୋର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇଟି ବେଆଇନ ବାଲି ଏବଂ ପଥର ବୋଝେଇ ଡମ୍ଫରକୁ ଜବତ କରି ସୋର ଥାନାରେ ଜିମା ଦିଆଯାଇଛି। ସୂଚନା ଅନୁସାରେ ଆଜି ଭୋର ସମୟରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏକ ଟିମ ସହ ୧୬ ନମ୍ବର ଜାତୀୟ ରାଜପଥ ମାଟିଆପଲ୍ଲା ଛକ ନିକଟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ବୋଝେଇ ଗାଡିଗୁଡିକର କାଗଜପତ୍ର ଯାଞ୍ଚ କରୁଥିଲେ। ଏହି ସମୟରେ ଓଡି ୦୧ଏପି ୭୭୦୭ ନମ୍ବର ବିଶିଷ୍ଟ ହାଇୱାଟି ବେଆଇନ ଭାବେ ବାଲି ପରିବହନ କରୁଥିବା ଜାଣିପାରି ଗାଡ଼ିକୁ ଜବତ କରି ଥାନାରେ ଜିମାଦେଇଥିଲେ। ସେହିପରି ଅପରାହ୍ଣରେ ଏହି ଟିମ ଦହିପୁର ଛକରେ ଚଢ଼ଉ କରି ବାଗୁଡ଼ି ପାହାଡ଼ରୁ ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ଓଡି ୦୧ ଏଜେଡ ୪୯୯୩ ନମ୍ବର ବିଶିଷ୍ଟ ଡମ୍ଫରକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି।

## ଟ୍ରାକ୍ଟର ଚଢ଼ିଯିବାରୁ ପୂଜକଙ୍କ ମୃତ୍ୟୁ

**ଜଳେଶ୍ୱର/ଜଳେଶ୍ୱର ବ୍ଲକ୍,୨୪।୧୦(ସମିସ):** ଟ୍ରାକ୍ଟର ଚଢ଼ିଯିବାରୁ ପୂଜକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲକ୍ଷ୍ମୀକାନ୍ତ ଦାସ(୬୨)। ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ ଓଲମରା ପଞ୍ଚାୟତ ରାଜନଗର ଗାଁର ଛୋଟବସ୍ତି ବାଙ୍କ ରାସ୍ତାରେ ଇଟାବୋଝେଇ ଟ୍ରାକ୍ଟର ଦ୍ରୁତଗତିରେ ଆସି ଗୋପାଳପୁର ଗ୍ରାମର ପୂଜାରୀ ଲକ୍ଷ୍ମୀକାନ୍ତଙ୍କୁ ଧକ୍କାଦେଇ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ରାଜନଗର ଗାଁ, ବିଦ୍ୟୁତ ମିଶ୍ରଙ୍କ ଟ୍ରାକ୍ଟର ବୋଲି ଜଣାପଡ଼ିଛି। ଚାଳକ ସାଗର ଘଡ଼େଇ(୨୦) ମଦ୍ୟପାନ କରି ମୋବାଇଲରେ କଥାହେବା ସହିତ ଟ୍ରାକ୍ଟର ଚଳାଉଥିବା ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକ ଡ୍ରାଇଭରକୁ କାବୁ କରି ରାଇବଣିଆ ପୁଲିସକୁ ହସ୍ତାନ୍ତର କରିଛନ୍ତି। ପୁଲିସ ଟ୍ରାକ୍ଟର ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଛି। ପରିବାର ଲୋକ ଆମ୍ବୁଲାନ୍ସରେ ଲକ୍ଷ୍ମୀକାନ୍ତଙ୍କୁ ହାତୀଗଡ ହସ୍ପିଟାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ପଠାଯାଇଛି। ନମ୍ବର୍ ପ୍ଲେଟ ଓ ଲାଇସେନ୍ସ ନଥାଇ ଟ୍ରାକ୍ଟର ଚଳାଚଳ ନେଇ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଲକ୍ଷ୍ମୀକାନ୍ତଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ କ୍ଷତିପୂରଣ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

## ନିମ୍ନମାନର ରାସ୍ତା କାମକୁ ଗାଁ ଲୋକଙ୍କ ବିରୋଧ

ଚନ୍ଦନେଶ୍ୱର,୨୪।୧୦(ସମିସ)

ଗାଁର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଅର୍ଥ ମଞ୍ଜୁର କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ଅବହେଳା ସରକାରଙ୍କ ଅସଲ ଉଦ୍ଦେଶ୍ୟକୁ ଫସର ଫଟାଇ ଦେଉଛି। ନା ଅଛି ଫଳକ ନା ସରକାରଙ୍କ ନୀତିନିୟମ। ସବୁକିଛିକୁ ଫୁଙ୍କରି କିଛି ଠିକାଦାର ମନଇଚ୍ଛା କାର୍ଯ୍ୟ ଚଳାଇଛନ୍ତି। ଏହାକୁ ଗାଁ ଲୋକେ କିନ୍ତୁ ସହଜରେ ଗ୍ରହଣ କରି ପାରିନାହାନ୍ତି। ନିମ୍ନମାନର କାମକୁ ବନ୍ଦ କରିବା ସହିତ ସରପଞ୍ଚଙ୍କୁ ଅବଗତ କରିଛନ୍ତି। ଏନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି



ମଧ୍ୟ କରିଛନ୍ତି ଗାଁ ଲୋକେ। ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ହାଣ୍ଡିପଡା ଗାଁ ଠାରୁ ନୂଆଗାଁ ପର୍ଯ୍ୟନ୍ତ ପ୍ରାୟ ୩ କିମି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର କାର୍ଯ୍ୟ ପ୍ରାୟ ୧୫ଦିନ ପୂର୍ବରୁ ଆରମ୍ଭ ହୋଇଥିଲେ ମଧ୍ୟ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଛନ୍ତି। କୌଣସି ସୂଚନାଫଳକ ନଥିବା ବେଳେ ଆବଶ୍ୟକୀୟଉପକରଣସବୁ ବହୁ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ସବୁଠାରୁ ବଡ଼କଥା କାର୍ଯ୍ୟରେ ବ୍ୟବହୃତ ବାଲିକୁ ନେଇ ଗାଁ ଲୋକେ ଉତ୍ତ୍ୟକ୍ତ ହୋଇଛନ୍ତି। ବହୁ ପତଳା ଏବଂ କାର୍ଯ୍ୟ ଅନୁପଯୋଗୀ। ବାରବାଟିଆ ଗାଁର ହେମନ୍ତ ଦାସ, ଚନ୍ଦନ ପାତ୍ର, ଅନନ୍ତ ଆଚାର୍ଯ୍ୟ, କୃତିବାସ ନାୟକ, ରବୀନ୍ଦ୍ର ନାୟକ, ମନ୍ମଥ ନାୟକ, ନନି ହାତୀ, ଅନିଲ ପାତ୍ର ପ୍ରମୁଖ କାମ ବନ୍ଦ କରିବା ସହିତ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ବାରବାଟିଆ ସରପଞ୍ଚ ବାସୁଦେବ ମହାନ୍ତି କୁହନ୍ତି ପ୍ରକୃତରେ ବାଲି ନିମ୍ନମାନର ଥିଲା। ଠିକାଦାରଙ୍କୁ ଏନେଇ ତାଗିଦ କରାଯାଇଛି। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଶ୍ୟାମଳ କିସ୍କୁଙ୍କୁ ଏନେଇ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ସେ ଫୋନ ଉଠାଇ ନଥିଲେ।

# ଗଞ୍ଜେଇ ଚାଲାଣଚାରୀଙ୍କୁ ଧରିଲା ପୁଲିସ



ପଟ୍ଟାଙ୍ଗି,୨୪।୧୦(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ପୁଲିସକୁ ମିଳିଛି ବଡ଼ ସଫଳତା। ବନ୍ଧୁକ ଧରି ଗଞ୍ଜେଇ ଚାଲାଣ କରୁଥିବା ଦୁଇଜଣ ଅଭିଯୁକ୍ତ ମଧ୍ୟରୁ ଜଣକୁ ଧରିବାରେ ସଫଳ ହୋଇଛି ପୁଲିସ। ତାଙ୍କଠାରୁ ଦୁଇଟି ଅଫୁଟା ଗୁଳି, ମାଗାଜିନ୍ ସହ ବନ୍ଧୁକ ଏବଂ ଗଞ୍ଜେଇ ଜବତ କରାଯାଇଛି। ଶୁକ୍ରବାର ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ପଟ୍ଟାଙ୍ଗି ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସେ ପଟ୍ଟାଙ୍ଗି ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ କୁଞ୍ଜଲତା ବେହେରା ନିଜ ଟିମ ସହ ମିଶି ୨୬ ନଂ ଜାତୀୟ ରାଜପଥ ରାଲେଗଡ଼ା ଗ୍ରାମ ନିକଟରେ ପାଟ୍ରୋଲିଂ/ନାକା ଡ୍ୟୁଟି କରୁଥିଲେ। ପୁଲିସ ଏହି ସମୟରେ ରାଜୁଗୁଡ଼ା ଛକରେ ଏକ କାରକୁ ଅଟକାଇ ଥିଲା ।ସେ କାରଟିକୁ ନରଖି ସେଠାରୁ ଦ୍ରୁତ ଗତିରେ ଚାଲି ଯାଇଥିଲା। ପୁଲିସ ସେମାନଙ୍କୁ ଗୋଡ଼ାଇ ଗାଡ଼ିକୁ ଅଟକାଇଥିଲା। କିନ୍ତୁ ଘଟଣାସ୍ଥଳରୁ ଜଣେ ଫେରାର ହୋଇଯାଇଥିଲା। କାରରୁ ଦୁଇଟି ଅଫୁଟା ଗୁଳି, ମାଗାଜିନ୍ ସହ ବନ୍ଧୁକ ଏବଂ ଗଞ୍ଜେଇ ଜବତ ହୋଇଥିବା ନେଇ ପୋଲିସ ସୂଚନା ଦେଇଛନ୍ତି। ପୁଲିସ ୩ ଜରି ପ୍ୟାକେଟରୁ ୫୧ କିଲୋ ୭୭ ଗ୍ରାମ ଗଞ୍ଜେଇ, ଗୋଟିଏ କଳା ରଙ୍ଗର ଫୋର୍ଡ ଫିଷ୍ଟା କାର, ଗୋଟିଏ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି ଓ ଗୋଟିଏ ମାଗାଜିନ୍ ଏବଂ ଗୋଟିଏ ମୋବାଇଲ୍ ଫୋନ ଜବତ କରିଛି। ଉକ୍ତ ଘଟଣାରେ ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ରେଣୁ ଗ୍ରାମର ଶ୍ରୀକାନ୍ତ ଧଡକା (୨୫)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଘଟଣାରେ ଅଭିଯୁକ୍ତ ଶ୍ରୀକାନ୍ତ ଙ୍କ ପିତା ଗୋରା ଧଡକା ଥାନାରେ ପହଞ୍ଚି ତାଙ୍କ ପୁଅକୁ ମିଥ୍ୟା ଅଭିଯୋଗ ଆଣି କୋର୍ଟ ଚାଲାଣ କରାଯାଇଥିବା ଏବଂ ଉଚିତ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରାଯିବା ନିମନ୍ତେ ସେ ସାମ୍ବାଦିକଙ୍କ ନିକଟରେ ଦାବି କରିଛନ୍ତି।

# ଗୋରୁ ଭର୍ତ୍ତି ଟ୍ରକ୍ ଜବତ; ୩୨ ଜୀବିତ, ୫ ମୃତ

ଜୟପୁର,୨୪। ୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଅନ୍ତର୍ଗତ ୨୬ନମ୍ବର ଜାତୀୟ ରାଜପଥରେ ଟ୍ରକରେ ବୋଝେଇ ହୋଇ ଗାଈଗୋରୁ ଚାଲାଣ ବେଳେ ହିନ୍ଦୁ ସମାଜ ସଦସ୍ୟ ମାନେ ଟ୍ରକକୁ ଅଟକାଇ ପୁଲିସକୁ ସୂଚନା ଦେଇଥିଲେ। ସଦରଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିଥିଲେ। ଉକ୍ତ ଟ୍ରକ୍‌ରୁ ୭ଟି ଗାଈ, ୩୦ ବଳଦ ଚାଲାଣ ହେଉଥିଲେ। ୫ଟି ବଳଦ ମୃତଦେହ ଉଦ୍ଧାର କରାଯାଇଛି। ନବରଙ୍ଗପୁର ଜିଲ୍ଲାରେ ପୋଡଶୀ ଆନ୍ଧ୍ରପ୍ରଦେଶ ଜିଲ୍ଲା ଭଦ୍ରାଚଳମକୁ ଏହି ଗୋରୁଗାଈ ଟ୍ରକରେ ବୋଝେଇ କରାଯାଇ ଚାଲାଣ ହେଉଥିବା ହିନ୍ଦୁ ସମାଜକୁ ସୂଚନା ମିଳିଥିଲା। ହିନ୍ଦୁ ସମାଜର ସଦସ୍ୟ ମାନେ ଜାତୀୟ ରାଜପଥ ଉମୁରୀ ଗ୍ରାମଠାରୁ ଜୟପୁର ସହରର ବିଭିନ୍ନ ଛକରେ ଦୀର୍ଘ ୨ ଘଣ୍ଟାରୁ ଅଧିକ ସମୟ ଜଗି ରହିଥିଲେ। ଅପରାହ୍ନ ସାଢେ ୨ଟା ସମୟରେ ଉକ୍ତ ଗୋରୁ ବୋଝେଇ ଟ୍ରକ ଜାତୀୟ ରାଜପଥର ଏୟାରପୋର୍ଟ ଛକ ଠାରେ ପହଞ୍ଚିବା ପରେ ସମାଜର ସଦସ୍ୟ ମାନେ ଉକ୍ତ ଟ୍ରକ୍‌କୁ ଅଟକାଇଥିଲେ। ସଦସ୍ୟ ମାନେ ଡ୍ରାଇଭର ଏବଂ ହେଲପରକୁ କାବୁ କରିବା ପରେ ଟ୍ରକ୍ ଡାଲା ଉପରେ ଏକ କପଡ଼ା ଜାଲିରେ ଘୋଡାଇ ରଖାଯାଇଥିଲା। ଘୋଡ଼ଣୀକୁ ହଟାଯିବା ବେଳେ ଗାଈଗୋରୁଙ୍କ ଦୟନୀୟ ଅବସ୍ଥାରେ ଗୋଡ଼ ଓ ବେକକୁ ବାନ୍ଧି ଆବଶ୍ୟକ ଠାରୁ ଅଧିକ ବୋଝେଇ କରାଯାଇଥିଲା। ଏହାପରେ ସଦସ୍ୟ ମାନେ ସଦରଥାନାକୁ ସୂଚନା ଦେଇଥିଲେ। ହିନ୍ଦୁ ସମାଜର ଅଭିଯୋଗ କ୍ରମେ ସଦରଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଉଦ୍ଧାର ଜୀବିତ ୩୨ଟି ଗୋରୁଗାଈଙ୍କୁ ସ୍ଥାନୀୟ ପାଞ୍ଜିଆଗୁଡା ଗୋଶାଳାରେ ରଖିବାର ବ୍ୟବସ୍ଥା କରିବା ସହ ଗୋରୁ ଗାଈଙ୍କ ଖାଦ୍ୟ ନେଇ ୩ ଦିନ ପାଇଁ ହିନ୍ଦୁ ସମାଜ ପକ୍ଷରୁ ପ୍ରଦାନ କରିବାକୁ ଦାୟିତ୍ୱ ନେଇଛନ୍ତି। ଏହିପରି ଯେଉଁ ଲୋକମାନେ ଉକ୍ତ ଗୋରୁଗାଈକୁ ନେବାକୁ ଇଚ୍ଛୁକ ସେମାନଙ୍କୁ ଆଇନଗତ ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯିବ। ଏହିପରି ଅଧିକାଂଶ ବଳଦ ରହିଥିବା ଯୋଗୁଁ ଚାଷ କାର୍ଯ୍ୟରେ ନିୟୋଜିତ କରିବାକୁ ଇଚ୍ଛୁକ ଚାଷୀ ମାନେ ଏହାକୁ ଗ୍ରହଣ କରିପାରିବେ। ସେହିପରି ଟ୍ରକ ଡ୍ରାଇଭର ପି. ରାଜାଙ୍କ କହିବାନୁଯାୟୀ ସେ ନବରଙ୍ଗପୁର ନିକଟରେ ଗାଡିରେ ଗାଈ ଗୁଡିକ ବୋଝେଇ କରିଥିଲେ। ଏହି ଗାଡି ଆନ୍ଧ୍ରପ୍ରଦେଶର ଭଦ୍ରାଞ୍ଚଳମ ଯାଇ ସେଠାରୁ ଅନ୍ୟ ଏକ ଟ୍ରକରେ ହାଇଦ୍ରାବାଦ ଚାଲାଣ କରାଯିବାର ଯୋଜନା ରହିଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ନାରାୟଣପାଟଣା,୨୪।୧୦(ସମିସ): ଶିକ୍ଷା ବିଭାଗରେ ପରିଚାଳିତ ୯ ଗୋଟି କ୍ଲଷ୍ଟର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପ୍ରତିଭା ଚୟନ କରାଯାଇ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୫ ନାରାୟଣପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାରାୟଣପାଟଣା ଏବିଇଓ ଇଶ୍ୱର ଚନ୍ଦ୍ର ମୁଦୁଲି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ପ୍ରଭାତୀ ଝୋଡିଆ, ବିଡ଼ିଓ ବିକ୍ରମ କୁମାର ଦୋରା, ଆଇଆଇସି ପ୍ରମୋଦ ନାୟକ, ସରପଞ୍ଚ ରେବତୀ କୁନ୍ଦାରୀୟା, ଶିକ୍ଷକ ସଂଘର ସଭାପତି ପଶୁରାମ ତାଡିଙ୍ଗି, ଉପସଭାପତି ଦିଲୀପ ବିଡ଼ିକା, ସମ୍ପାଦକ ଯେ ସତ୍ୟନାରାୟଣ, ଶ୍ରୀବତ୍ସ ମହାନ୍ତି, ସଂଯୋଜକ କିଶୋର ଯାନୀ ଯୋଗଦେଇ ଥିଲେ। ଶିକ୍ଷକ ପାଲ"ରାମ ତାଡିଙ୍ଗିଙ୍କ ସହ ପ୍ରେମପ୍ରକାଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଆଦର୍ଶ ଶିକ୍ଷୟିତ୍ରୀ ସ୍ୱାଗତିକା ତୁଳୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ବୃନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉପସଭାପତି ଦିଲୀପ ବିଡ଼ିକା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଲମତାପୁଟ,୨୪।୧୦(ସମିସ): ଲମତାପୁଟ ବ୍ଲକ ଅନ୍ତର୍ଗତ ବାଲେଲ ସ୍କୁଲ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ଓ କଳା ମଞ୍ଚରେ ପଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବରେ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାନୀ ମୁଦୁଲି, ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ବରଦା ପ୍ରସାଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ମଙ୍ଗଳା ମୁଦୁଲି, ଶିକ୍ଷକ ସଂଘର ସଭାପତି ରାମଚନ୍ଦ୍ର ମାଣ୍ଡି ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

ଟିକିରି,୨୪।୧୦(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ମୁସୁରିପଦର ଛୋକ ନିକଟରେ ରାସ୍ତା ଉପରେ ଛିଡା ହୋଇଥିବା କୋଇଲା ବୋଝେଇ ଟ୍ରକକୁ ପଛ ପଟେ ଧକ୍କା ଦେଇ ବାଇକ୍ ଚାଳକ ଟିକିରି ଥାନା ମୁସୁରିପଦର ଗ୍ରାମର ଲାକି ମାଝୀଙ୍କ ମୃତ୍ୟୁ ଘଟିଛି। ସେ ୯ ବାଇକ ଓଡି୩୩ଏମ ୨୬୦୪ରେ ମୁସୁରି ପଦରରୁ ଟିକିରି ଅଭିମୁଖେ ଯାଉଥିବା ସମୟରେ ରାସ୍ତା ଉପରେ ଛିଡା ହୋଇଥିବା କୋଇଲା ବୋଝେଇ ଟ୍ରକ୍ ଓଡି୦୫ ବିଏ ୪୩୦୩କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଛି।

■ ନାହିଁ ଡ୍ରେନେଜ୍ ବ୍ୟବସ୍ଥା

# ଏକ୍ସ ବୋର୍ଡ ସ୍କୁଲ ଛାତ୍ରାବାସରେ ଆଣ୍ଠୁଏ ପାଣି



ବନ୍ଧୁଗାଁ, ୨୪।୧୦ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ଏକ୍ସ ବୋର୍ଡ ସ୍କୁଲ ଛାତ୍ରାବାସ ସମ୍ମୁଖରେ ଆଣ୍ଠୁଏ ବର୍ଷା ପାଣି ଜମି ରହିଛି। ସ୍କୁଲରେ ୨୯୮ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଛାତ୍ରାବାସରେ ୧୪୦ ପିଲା ରହି ପାଠ ପଢୁଛନ୍ତି। ସ୍କୁଲ ଚାରି ପଟେ ପାଚେରୀ ରହିଛି। ପ୍ରବଳ ବର୍ଷା ହେଲେ ବର୍ଷା ପାଣି ଜମି ରହିଛି। ଛାତ୍ରାବାସକୁ ଲାଗି ପିଲା ଖେଳିବା ପାଇଁ ଖେଳ ପଡିଆ ରହିଛି। ପୁଣି ରୋଷେଇ ଘର ମଧ୍ୟ ରହିଛି। ବର୍ଷା ପାଣି ଯିବା ପାଇଁ ଡ୍ରେନେଜ ବ୍ୟବସ୍ଥା ନାହିଁ। ତେଣୁ ଛାତ୍ରାବାସ ସମ୍ମୁଖରେ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଛି। ଏଥିଯୋଗୁଁ ଛାତ୍ର ମାନେ ରୋଷେଇ ଘରକୁ ଯାଇ ଖାଦ୍ୟ ଆଣିବା, ବସି ଖାଇବା ସହିତ ଖେଳିବା ପାଇଁ ପଡିଆ ପାଇଁ ଆଣ୍ଠୁଏ ଅଳିଆ ଆବର୍ଜନା ପାଣି ଭିତରେ ଚାଲି ଚାଲି ଯାଉଛନ୍ତି। ଅତିଶୀଘ୍ର ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରା ନ ଗଲେ ଛାତ୍ରାବାସର ଛାତ୍ର ମାନେ ଥଣ୍ଡା, କାଶ ଓ ଚର୍ମ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବ୍ଲକ ପ୍ରଶାସନ ତରଫରୁ ସ୍କୁଲ ଓ ଛାତ୍ରାବାସ ଭିତରୁ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ଅବିଭାବକ , ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବି ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତା




କୋଷାଗୁମୁଡା,୨୪।୧୦(ସମିସ): ଚଳିତ ବର୍ଷ ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତା ପିଏମ୍ ଶ୍ରୀ ରାଜା ଚୈତନ୍ୟ ଉଚ୍ଚ ବିଦ୍ୟାଳୟ ନବରଙ୍ଗପୁର ଠାରେ ଆରମ୍ଭ ହୋଇଯାଇଛି। ଏହି ନାଟକ ପ୍ରତିଯୋଗିତାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଛତ୍ରପତି ସାହୁ, ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ଉପସ୍ଥିତ ରହି ନାଟକ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ୧୦ଟା ବ୍ଲକ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୬ଟି ବିଷୟ ଦିଆଯାଇଥିଲା। ସେଥିମଧ୍ୟରୁ କୋଷାଗୁମୁଡ଼ା ବ୍ଲକ୍‌ର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆର ଛାତ୍ରଛାତ୍ରୀମାନେ ବୈଷୟିକ କୌଶଳ ଓ ନୂତନ କୃଷି ଉପକରଣ ବ୍ୟବହାର କରି କିପରି ଚାଷ କରାଯାଏ ନାଟକ ମାଧ୍ୟମରେ ଉପସ୍ଥାପନ କରିଥିଲେ। ବୈଜ୍ଞାନିକ ଯୁଗରେ ଆଧୁନିକ କୃଷି ଉପକରଣ ଓ ବିଭିନ୍ନ ନୂତନ ପଦ୍ଧତି ବ୍ୟବହାର କଲେ କୃଷକ ମାନେ ଲାଭବାନ ହୋଇପାରିବେ। ତାହା ନାଟକ ମାଧ୍ୟମରେ ଉପସ୍ଥାପନା କଲେ ଏବଂ ଲୋକଙ୍କ ପାଖକୁ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରି ପ୍ରଶଂସାର ପାତ୍ର ସାଜିଥିଲେ। ଏହି ନାଟକକୁ ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ନିର୍ଦ୍ଦେଶନା ଦେଇଥିଲେ ଏବଂ ପ୍ରସନ୍ନଜିତ୍ ମାଝୀ ସହଯୋଗ କରିଥିଲେ।

# ଅଳ୍ପକେ ବର୍ତ୍ତିଗଲେ ସ୍କୁଲ ଛାତ୍ରୀ

**ନନ୍ଦପୁର,୨୪।୧୦(ସମିସ):** ନନ୍ଦପୁର ସଦର ମହକୁମାର ମୁଖ୍ୟ ରାସ୍ତା କଡରେ ରହିଛି କୁମ୍ଭାରସାହି ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟ ଯିବାକୁ ସ୍କୁଲ ଛାତ୍ରଛାତ୍ରୀ ରାସ୍ତା ପାରି ହୋଇ ଯିବାକୁ ପଡୁଛି। ଶୁକ୍ରବାର ସ୍କୁଲ ଯିବାକୁ ଛାତ୍ରୀ ଜଣଙ୍କ ବାହାରି ରାସ୍ତା ପାରି ହେଉ ଥିବା ସମୟରେ ହଠାତ୍ ଏକ ଘରୋଇ ବସ ସିମିଳିଗୁଡାରୁ ହାଟଗୁଡା ଯାଉଥିବା ସମୟରେ ନନ୍ଦପୁର ଅବକାରୀ ବିଭାଗ କାର୍ଯ୍ୟାଳୟ ତଥା କୁମ୍ଭାରସାହି ସ୍କୁଲ ସମ୍ମୁଖରେ ଛାତ୍ରୀ ଉପରେ ମାଡି ଯାଇଥିଲା। ତେବେ ଛାତ୍ରୀ ଜଣଙ୍କ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଥିବା ଜଣାପଡିଛି। ତେବେ ରାସ୍ତା କଡ଼ରେ ସ୍କୁଲ ରହିଥିବା ବେଳେ ହମ୍ପସ ନିର୍ମାଣ ପାଇଁ ଦାବି ହେଉଛି।

# କାର୍‌ରୁ ଗଞ୍ଜେଇ ଜବତ, ଜଣେ ଗିରଫ

ବିଷମକଟକ.୨୪।୧୦(ସମିସ): ବିଷମକଟକ ଥାନା ଅଂଚଳରେ ଏକ ଦୁର୍ଘଟଣା ଗ୍ରସ୍ତ ଇନୋଭା କାରରୁ ବିଷମ କଟକ ପୋଲିସ୍ ୫୧କିଲୋ ଗଞ୍ଜେଇ ଜବତ କରିବା ସହ କେରଳ ରାଜ୍ୟର ଏରନାକୁଲମ ଜିଲ୍ଲାର ଆଜମଲ୍ ସି.ଏମ୍. (୨୬)ଙ୍କୁ ଗିରଫ କରିଛି। ଉକ୍ତ ବ୍ୟକ୍ତି ଜଣକ ଦୀର୍ଘ ଦଶ ଦିନ ହେବ ଗୁଡାରି ଥାନା ଅନ୍ତର୍ଗତ କୁଟୁଲି ଗ୍ରାମର ଶଙ୍କର ସେଠୀ ଘରେ ରହି ଗଞ୍ଜେଇ କିଣୁଥିବା ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତକାଲି ଏହି ଗାଡିକୁ ପୁଲିସ ପିଛା କରୁଥିବା ବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

● କୋଲାବ ବ୍ରିଜ୍ ସୁରକ୍ଷା ଦାବି

# ତତ୍ପରତା ଦେଖାଇଲା ପ୍ରଶାସନ

ବୈପାରିଗୁଡ଼ା,୨୪।୧୦(ସମିସ): ବୈପାରିଗୁଡା ସୁରକ୍ଷା ମଞ୍ଚ ତରଫରୁ କୋଟା ଛକ ନିକଟସ୍ଥ ବ୍ରିଟିଶ ଅମଳର କୋଲାବ ବ୍ରିଜ୍ ଅସୁରକ୍ଷିତ ଥିବାରୁ ସୁରକ୍ଷା ତଥା ରକ୍ଷଣାବେକ୍ଷଣ ନିମନ୍ତେ ବାରମ୍ବାର ଦାବି କରି ଆସୁଥିଲେ। ଗତ ୧୪ ତାରିଖ ଦିନ ବୈପାରିଗୁଡା ବ୍ଲକ, ଜୟପୁର ଏବଂ ଲମତାପୁଟ ବ୍ଲକର ସ୍ୱେଚ୍ଛାସେବୀ ଜୟପୁର ଉପଜିଲ୍ଲାପାଳଙ୍କ ନିକଟରେ କୋଲାବ ବ୍ରିଜ୍ ସୁରକ୍ଷା ନିମନ୍ତେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଥିଲା ଯେ, ୧୯୩୧ ମସିହାରେ ନିର୍ମାଣ ହୋଇଥିବା କୋଲାବ ବ୍ରିଜ୍ ଉପରେ ମାଲକାନଗିରି ଜିଲ୍ଲା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟ ନିର୍ଭର କରିଥାନ୍ତି। ଏହାଛଡ଼ା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର, ମାଛକୁଣ୍ଡ ଜଳପ୍ରପାତ ଭଳି ବହୁ ଦର୍ଶନୀୟ ସ୍ଥାନକୁ ପ୍ରତିଦିନ ଶହଶହ ଯାନବାହାନ ଚଳାଚଳ ହୋଇଥାଏ। ବର୍ତ୍ତମାନ ଏହି କୋଲାବ ବ୍ରିଜ୍ ଶୋଚନୀୟ ଅବସ୍ଥାକୁ ଚାଲିଆସିଛି। ତେଣୁ ୭ ଦିନ ମଧ୍ୟରେ ବ୍ରିଜର ସୁରକ୍ଷା ନିମନ୍ତେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଦାବି ଅନୁଯାୟୀ ଆଜି ଜାତୀୟ ରାଜପଥ ଯନ୍ତ୍ରୀଙ୍କ ସହ ସଂପୃକ୍ତ ବିଭାଗର ଅଧିକାରୀ କୋଟା ଛକ ନିକଟସ୍ଥ କୋଲାବ ବ୍ରିଜର ସ୍ଥିତି ଯାଞ୍ଚ କରିଥିଲେ। ଅତିଶୀଘ୍ର କୋଲାବ ବ୍ରିଜର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

# ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ସେମିଳିଗଡ଼ା,୨୪।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ବେହେରାଗୁଡ଼ା ଗ୍ରାମଠାରେ ଥିବା ଦେଓମାଲି ପବ୍ଲିକ ସ୍କୁଲ ପରିସରରେ ସ୍ୱାଧୀନତା ସଂଗ୍ରାମୀ ତଥା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିଙ୍କୁ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମଚନ୍ଦ୍ର କାଡାମ ଶୁକ୍ରବାର ଉନ୍ମୋଚନ କରିଥିଲେ। ସ୍କୁଲ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ କାଡାମ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ବି.ଆର. ଆମ୍ବେଦକର, ମଧୁ ସୁଦନ ଦାସ ଏବଂ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍କୁଲ ସମ୍ପାଦକ ରାଜେନ୍ଦ୍ର କୁମାର୍ ପାତ୍ରଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଜୟଚାନ୍ଦ୍ର ଖେମୁଣ୍ଡୁ ,କୋଷାଧ୍ୟକ୍ଷ ପ୍ରଦୀପ କୁମାର ପାତ୍ର, ସ୍କୁଲ୍‌ର ଅଧ୍ୟକ୍ଷ କରାମତ ଅଲ୍ଲୀ, ଉପାଧ୍ୟକ୍ଷ ଶ୍ରୀଜୟ ବଡତ୍ୟା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ଦ୍ୱାରା ବିଧାୟକ ରାମଚନ୍ଦ୍ର କାଡାମଙ୍କୁ ସମ୍ମାନିତ କରାଯାଇଛି। ସେହିପରି ସ୍କୁଲର ଦ୍ୱିତୀୟ ମହଲା କୋଠାର ଉଦ୍‌ଘାଟନ କରାଯାଇଛି। ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଶ୍ରେଣୀଗୃହ, କମ୍ପ୍ୟୁଟର ଲ୍ୟାବ, ପଦାର୍ଥ ବିଜ୍ଞାନାଗାର ଏବଂ ଜୀବବିଜ୍ଞାନ ପରୀକ୍ଷାଗାର ରହିଛି।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା: ଜଣେ ଗିରଫ

ଜୟପୁର,୨୪।୧୦(ସମିସ): ଜୟପୁର ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ଏବଂ ଦୁଷ୍କର୍ମ କରିଥିବା ମାମଲାରେ ଆଜି ଟାଉନ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ଖ୍ରୀଷ୍ଟିୟାନ ପେଟା ୪ର୍ଥ ଲାଇନର ସୁଜେଲ ଗୋଲାପ(୧୯)। ଗତ ଅକ୍ଟୋବର ୮ ତାରିଖରେ ସୁଜେଲ ନାବାଳିକାକୁ ଅପହରଣ କରି ନେଇଥିବା ବେଳେ ତାଙ୍କ ସହିତ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ନାବାଳିକା କିଛିଦିନ ପରେ ଘରକୁ ଫେରିବା ପରେ ପରିବାର ଲୋକଙ୍କୁ ସମସ୍ତ ଘଟଣା ବିଷୟରେ କହିଥିଲେ। ଏଥିନେଇ ପରିବାର ଏତଲା କ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଫେରାର ଅଭିଯୁକ୍ତ ଯୁବକଙ୍କୁ ଆଜି ଗିରଫ କରିବା ସହ ଉଭୟଙ୍କ ଡାକ୍ତର ମାଇନା ପରେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ରାଜେନ୍ଦ୍ର ପାଙ୍ଗୀ ସୂଚନା ଦେଇଛନ୍ତି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କୈଳାଶ ଚନ୍ଦ୍ର ଅଗ୍ରୱାଲ
ବେତନଟୀ, ମୟୂରଭଞ୍ଜ
ଆବିର୍ଭାବ-୧୩/୧୧/୧୯୫୦ / ତିରୋଧାନ-୧୩/୧୦/୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଆମ ମାନଙ୍କ ପାଇଁ ଆପଣଙ୍କ ଜୀବନବ୍ୟାପୀ ତ୍ୟାଗ ସଦା ସର୍ବଦା ଆମକୁ ଋଣୀ କରି ରଖିବ। ଆପଣଙ୍କ ଅଭୁଲା ସ୍ମୃତି ଚିରଦିନ ପାଇଁ ହୃଦୟରେ ଉଦ୍ଭାବିତ ହୋଇ ରହିଥିବ। ଆପଣଙ୍କ ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଆଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶ୍ରୀରାମ ଆପଣଙ୍କ ଅମରଆତ୍ମାକୁ ପାଦପଦ୍ମରେ ଚରଣାଶ୍ରିତ କରାନ୍ତୁ। ଆପଣ ଯୋଉଠି ଥାଆନ୍ତୁ ଭଲରେ ଥାଆନ୍ତୁ, ଶାନ୍ତିରେ ଥାଆନ୍ତୁ କେବଳ ଏତିକି ପ୍ରାର୍ଥନା।

ଆପଣଙ୍କ ହତଭାଗିନୀ ଧର୍ମପତ୍ନୀ ପ୍ରେମଲତା ଅଗ୍ରୱାଲ, ପୁଅ ସିଦ୍ଧାର୍ଥ ଅଗ୍ରୱାଲ, ପୁତ୍ରବଧୂ, ନାତିନାତୁଣୀ, ଝିଅ, ଜ୍ୱାଇଁ, ଭାଇ, ଭଗିନୀ, ବନ୍ଧୁ ପରିଜନ ଏବଂ ଶୋକାସନ୍ତପ୍ତ ପରିବାରବର୍ଗ

## ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି ବୈଠକ

# ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଶିଥିଳତାକୁ ନେଇ ଉଦ୍‌ବେଗ




କୋରାପୁଟ,୨୪।୧୦(ସମିସ) ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ବୈଠକରେ ଜାତୀୟ ରାଜପଥ ୨୬ ଓ ୩୨୬, ରେଳବାଇ ପ୍ରକଳ୍ପ, ମୋବାଇଲ ଟାୱାର, ପାନୀୟ ଜଳ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ସ୍ୱାସ୍ଥ୍ୟ, ଭାରତମାଳା ଏକ୍ସପ୍ରେସ ହାଇୱେ,ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ଗ୍ରାମୀଣ, ଏକଲବ୍ୟ ମଡେଲ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଜଳଜୀବନ ମିଶନ ଅନ୍ତର୍ଗତ ମେଗା ପାନୀୟ ଜଳ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। କୋରାପୁଟ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବା କାରଣରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି। ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ରାସ୍ତାଗୁଡିକ ଖରାପ ହୋଇଯାଉଥିବା ବେଳେ ବାରମ୍ବାର ଅବଗତ କରାଯାଇଥିବା ସତ୍ତ୍ୱେ କାହିଁକି ମରାମତି କରାଯାଉ ନାହିଁ ବୋଲି କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ପ୍ରଶ୍ନ କରିବା ସହ ତୁରନ୍ତ ମରାମତି କରିବାକୁ ଦାବି କରିଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ୨୦୨୨ ମସିହାରେ ଶେଷ ହେବା କଥା। କିନ୍ତୁ ୨୦୨୭ ମସିହାରେ କାର୍ଯ୍ୟ ଶେଷ ହେବ ବୋଲି କୁହାଯାଇଛି। ଏହା ଦୁର୍ଭାଗ୍ୟଜନକ ଅଟେ ବୋଲି ସାଂସଦ କହିଛନ୍ତି। ଜାତୀୟ ରାଜପଥରେ ମରାମତି କାର୍ଯ୍ୟ ଶିଥିଳତାକୁ ନେଇ ପଟ୍ଟାଙ୍ଗୀ ବିଧାୟକ ଶ୍ରୀ କାଡାମ କ୍ଷୋଭ ପ୍ରକାଶ କରିଛନ୍ତି। ପଟ୍ଟାଙ୍ଗୀ ସଦର ମହକୁମାରେ ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ ହୋଇଥିବା ବେଳେ ଜାତୀୟ ରାଜପଥ ଏବଂ ପିଡବ୍ଲୁଡ଼ି ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ କାର୍ଯ୍ୟ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଡିଏମଏଫ ଅର୍ଥ ରାଶି ମିଳି ନ ଥିବାରୁ କାର୍ଯ୍ୟ ହୋଇ ପାରିନାହିଁ ବୋଲି ପିଡବ୍ଲୁଡ଼ି ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ କହିଛନ୍ତି। କୋରାପୁଟ ଠାରୁ ଜୟପୁର ରାସ୍ତାରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ଯାନବାହାନ ଚଳାଚଳରେ ବାଧାପ୍ରାପ୍ତ ହେଉଥିଲା। ଡିସେମ୍ବର ମାସ ଶେଷ ସୁଦ୍ଧା ଜାତୀୟ ରାଜପଥ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସରିବ ନାହିଁ ତେବେ ଏହାକୁ ନେଇ ଲୋକସଭାରେ ଉପସ୍ଥାପନା କରିବା ସହ ରାଜରାସ୍ତାରେ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସେ କହିଛନ୍ତି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, କୋରାପୁଟ ବିଧାୟକ ରଘୁରାମ ମାଛ,ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରାଙ୍କ ସହ ଜିଲ୍ଲାର ଅନ୍ୟ ଅଧିକରୀମାନେ ଉପସ୍ଥିତ ଥିଲେ।

ଯାଜପୁରର ଗଣପର୍ବ କାଳୀପୂଜା

# ମନମୋହୁଛି ଆକର୍ଷଣୀୟ ତୋରଣ

ଆରମ୍ଭ ହେଲା ସାଂସ୍କୃତିକ କାର୍ଯ୍ୟକ୍ରମ










**ଯାଜପୁର, ୨୪।୧୦(ସମିସ):** ଧିରେ ଧିରେ ଯାଜପୁରର ଗଣପର୍ବ କାଳୀପୂଜା ପାଇଁ ଭିଡ଼ ଜମିବାରେ ଲାଗିଛି। ଆଜି ବିଶେଷକରି ଭିଡ଼ ଅଧିକ ଦେଖାଦେଇଛି। ସନ୍ଧ୍ୟା ହେବା କ୍ଷଣି ସହରର ବିଭିନ୍ନ ପଟୁ ହଜାର ହଜାର ଦର୍ଶକଙ୍କ ସୁଅ ଛୁଟିବାରେ ଲାଗିଛି। ଆଜି ଠାରୁ ଅଧିକାଂଶ ପୂଜା ମଣ୍ଡପରେ ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ଏହି ଭିଡ ଅଧିକ ଅନୁଭୁତ ହୋଇଛି। ଚଳିତ ବର୍ଷ ବିଭିନ୍ନ ମଣ୍ଡପରେ ଆକର୍ଷଣୀୟ ତୋରଣ ହୋଇଛି। କିଆନାଳି କୂଳରେ ହୋଇଥିବା ରେଡିଓ ଥିମ୍ ତୋରଣ ସମସ୍ତଙ୍କୁ ଆକୃଷ୍ଟ କରୁଛି। 'ମୋବାଇଲ୍‌କୁ ଦୂରେଇ ଦେଇ ଆସ ଫେରିଯିବା ରେଡ଼ିଓ ଯୁଗକୁ' ଭଳି ସୁନ୍ଦର ବାର୍ତ୍ତା ଏହି ମଣ୍ଡପ ଦେଇଛି। ସେହିପରି ଚଳିତ ବର୍ଷ କୁସୁମା ପଡ଼ିଆରେ ହେଉଥିବା ବାଣିଜ୍ୟ ମେଳାକୁ ବନ୍ଦ କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ମୀନାବଜାରରେ ଭିଡ ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁ ଓ ଦର୍ଶକମାନେ ବିଭିନ୍ନ ମଣ୍ଡପରୁ ମଣ୍ଡପ ବୁଲିବା ସହିତ ମା' କାଳୀ ଓ ଲକ୍ଷ୍ମୀନାରାୟଣଙ୍କ ଦର୍ଶନ କରି କୃପା ଭିକ୍ଷା କରୁଛନ୍ତି। ଏଥିସହିତ ବିଭିନ୍ନ ସ୍ଥାନରେ ଲାଗିଥିବା ସୁସ୍ୱାଦୁ ଷ୍ଟଲରେ ଖାଦ୍ୟର ମଜା ଉଠାଉଥିବା ଦେଖିବାକୁ ମିଳିଛି। ମହିଳା ମାନେ ବିଭିନ୍ନ ଘରକରଣା ସାମଗ୍ରୀ କିଣିବା ପାଇଁ ବିଶେଷ ଆଗ୍ରହ ଦେଖାଉଥିବା ଲକ୍ଷ୍ୟ କରାଯାଇଛି। ପ୍ରବଳ ଜନସମାଗମକୁ ଦେଖି ଯାଜପୁର ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସହରର ମାନସା ପୋଲ, ମେଡିକାଲ ଛକ, ଯୋଡିକୂଅ ଭଳି ପ୍ରବେଶ ପଥରେ ବ୍ୟାରିକେଟିଂ ବ୍ୟବସ୍ଥା କରାଯାଇ ଭିଡକୁ ନିୟନ୍ତ୍ରଣ କରାଯାଇଛି। କେବଳ ପାଦଚଲା ଲୋକଙ୍କୁ ସହର ଭିତରକୁ ଯିବାକୁ ଅନୁମତି ମିଳିଛି। ପକେଟ ମାର ଏବଂ ମଦ୍ୟପଙ୍କ ଉପରେ କଡା ନଜର ରଖି?ବା ପାଇଁ ସାଧା ପୋଷାକଧାରୀଙ୍କୁ ମଧ୍ୟ ମୁତୟନ କରାଯାଇଛି ବୋଲି ଯାଜପୁର ଟାଉନ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

## ସୁନ୍ଦର ଓ ସୁସ୍ଥ ମନ୍ଦିର ପରିବେଶ ସଚେତନତା



**ବରୀ, ୨୪।୧୦(ସମିସ):** ସୁସ୍ଥ ପରିବେଶ ଓ ସୁନ୍ଦର ପରିବେଶ କିପରି ଦେବାଳୟ ଗୁଡିକରେ ସୃଷ୍ଟି କରଯାଇ ପାରିବ ସେ ଦିଗରେ ଭବିଷ୍ୟତ ପିଢ଼ି ଦୃଷ୍ଟି ଦେବା ଉଚିତ। ଏ ଦିଗରେ ଅଧିକରୁ ଅଧିକ ସଚେତନତା ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ପୂର୍ବାହ୍ନରେ ମା' ବଟମଙ୍ଗଳାଙ୍କ ପୀଠ, ଗୋଲକୁଣ୍ଡ ପରିସରରେ ଓଡ଼ିଶା ସରକାରଙ୍କ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ବିଭାଗୀୟ ଅଧିକାରି ଭରତ ଚନ୍ଦ୍ର ଜେନା ଯୋଗଦେଇ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ପଦ୍ମନାଭ ସରକାରି ଉଚ୍ଚ ବିଦ୍ୟାଳୟ ଓ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗରେ 'ସୁନ୍ଦର ଓ ସୁସ୍ଥ ମନ୍ଦିର ପରିବେଶ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଚୈତନ୍ୟ ଚରଣ ଜେନା, ପ୍ରଦିପ କୁମାର ମହାରଣା, ସନ୍ତୋଷ କୁମାର ରାଉତଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମନାଭ ସରକାରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଶତପଥୀ, ସହକାରୀ ଶିକ୍ଷକ ଦଶରଥ ବେଙ୍କ, ବାସୁଦେବ ନାୟକ, ଦୁଷ୍ମନ୍ତ କୁମାର ପତି, ତାପସ କୁମାର ବିଶ୍ୱାଳ ଅଙ୍କିତ ନାୟକ, ରଶ୍ମିରେଖା ପାଢ଼ି, ଶୋୟମ ପ୍ରଭା ମୁଦୁଲି, ସବ୍ୟସାଚୀ ପଣ୍ଡା, ପ୍ରଦିପ କୁମାର ଜେନା, ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସମେତ ପ୍ରାକ୍ତନ ସରପଞ୍ଚ ଶରତ ଚନ୍ଦ୍ର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁଷ୍ମନ୍ତ କୁମାର ଜେନା, ସୁଶାନ୍ତ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ଜାମୁ ଗଛରେ ପିଟି ହେଲା କାର୍

**ଯାଜପୁର, ୨୪।୧୦(ସମିସ):** ଯାଜପୁର ଥାନା ଅନ୍ତର୍ଗତ ଘୁଷୁରିଆ ପୋଲ ନିକଟରେ ଏକ ଜାମୁ ଗଛରେ ଭାରସାମ୍ୟ ହରାଇ ଧକ୍କା ଦେଇଛି କାର। ଅଠରନଳା ଦେଇ ଏକ ଧଳା ରଙ୍ଗର କାର ଘୁଷୁରିଆ ପୋଲ ନିକଟରେ ଯାଉଥିବା ବେଳେ ଗୋଟିଏ ବାଇକକୁ ଧକ୍କା ଦେଇଥିଲା। ଫଳରେ କାର୍ ଡ୍ରାଇଭର ଜୀବନ ବିଶ୍ୱାଳ ଓ ବାଇକ ଆରୋହୀ ପ୍ରକାଶ ସାହୁଗୁରୁତର ହୋଇପଡ଼ିଛନ୍ତି। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## 'ଆସ ସ୍କୁଲ ଯିବା' ପଦଯାତ୍ରା ଉଦ୍‌ଘାଟିତ

**ଯାଜପୁର, ୨୪।୧୦(ସମିସ):** ଅଧାରୁ ପାଠ ଛାଡୁଥିବା ଏବଂ ଆଦୌ ବିଦ୍ୟାଳୟକୁ ଆସୁନଥିବା ପିଲାମାନଙ୍କୁ ଶିକ୍ଷାସ୍ରୋତରେ ସାମିଲ କରିବା ପାଇଁ ଯାଜପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ପଦଯାତ୍ରା ଉଦଘାଟିତ ହୋଇଯାଇଛି। ଯାଜପୁର ଜିଲ୍ଲା ସ୍କୁଲ୍ ପ୍ରାଙ୍ଗଣରେ ଥିବା ବରପୁତ୍ର ମାନଙ୍କ ମୂର୍ତ୍ତିରେ ଜିଲ୍ଲାପାଳ ମାଲ୍ୟାର୍ପଣ କରିଥିଲେ। 'ଆସ ସ୍କୁଲ୍ ଯିବା' କାର୍ଯ୍ୟକ୍ରମ ଅଧୀନସ୍ଥ ଏହି ଜିଲ୍ଲାସ୍ତରୀୟ ପଦଯାତ୍ରାକୁ ପ୍ରାରମ୍ଭରେ ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ପଦଯାତ୍ରାକୁ ଉଦଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ରାଲିର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ସବିତା ସାହୁ ଏବଂ ସୁରମା ମହାପାତ୍ର ଉକ୍ତ ରାଲିରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ବିଧାୟକମାନଙ୍କର ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଅବିଭାବକ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଯାଜପୁର ଜିଲ୍ଲା ସ୍କୁଲ୍ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁରର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ରାଲିରେ ଯୋଗଦେଇ ଲୋକମାନଙ୍କୁ ସଚେତନ କରାଇଥିଲେ। ରାଲିଟି ଯାଜପୁର ଜିଲ୍ଲା ସ୍କୁଲ୍‌ରୁ ବାହାରି ମେଡ଼ିକାଲ ଛକ, କୁସୁମା ଛକ, ଗରିଆପୁର୍ ଏବଂ ବଡ ବଜାର ଦେଇ ଜିଲ୍ଲା ସ୍କୁଲ୍ ରେ ପହଞ୍ଚିଥିଲା। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

ଯାଜପୁରରେ ମରିସସ୍‌ର ପ୍ରବାସୀ ଓଡ଼ିଆ

## ପିଢ଼ି ପରେ ପିଢ଼ି ଖୋଜୁଛନ୍ତି ଜନ୍ମମାଟି

**ଯାଜପୁର, ୨୪।୧୦(ସମିସ):** କୁହାଯାଏ ମାଟି ଓ ମଣିଷର ସମ୍ପର୍କ ଜନ୍ମ ଜନ୍ମର। ସେହି ଜନ୍ମ ମାଟିକୁ ଖୋଜି ଖୋଜି ସେ ଚାଲି ଆସିଛନ୍ତି ସାତସମୁଦ୍ର ତେର ଦରିଆ ପାରି ହୋଇ। ପିଢ଼ି ପରେ ପିଢ଼ି ନିଜ ଜନ୍ମ ମାଟିକୁ ଖୋଜି ଚାଲିଛନ୍ତି ମରିସସ୍‌ରେ ରହୁଥିବା ପ୍ରବାସୀ ଓଡ଼ିଆ। ରାମରୁଜ ଜଗୁରନାଥ ନାମକ ଏହି ବ୍ୟକ୍ତିଙ୍କ ପୂର୍ବ ପୁରୁଷ ଯାଜପୁର ଜିଲ୍ଲାରୁ ମରିସସ୍ ପଳାଇଥିଲେ। ଏବେ ନିଜ ପୂର୍ବଜଙ୍କୁ ଖୋଜିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ରାମରୁଜ। ପୂର୍ବରୁ ସେ ଏକାଧିକ ବାର ଯାଜପୁର ଆସି ତାଙ୍କ ପୁର୍ବଜଙ୍କ ସମ୍ପର୍କରେ ଖୋଜାଖୋଜି କରି ବିଫଳ ହୋଇଥିବା ବେଳେ ଏବେ ସେ ପୁଣି ଆସିଛନ୍ତି ପୁର୍ବଜଙ୍କ ସନ୍ଧାନରେ। ଯାଜପୁର ଜିଲ୍ଲାର ପ୍ରସିଦ୍ଧ ସିଦ୍ଧେଶ୍ୱର ପୀଠରେ ନିଜ ଜେଜବାପାଙ୍କୁ ରୀତିନୀତି ଅନୁଯାୟୀ ପିଣ୍ଡଦାନ କରିଛନ୍ତି। ପରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ଯାଇ ଦର୍ଶନ କରିଛନ୍ତି।



ରାମରୁଜ ଯାଜପୁର ଜିଲ୍ଲାରେ ପ୍ରାୟ ୮ ଦିନ ରହି ଜିଲ୍ଲା ପ୍ରଶାସନର ସହାୟତାରେ ବିଭିନ୍ନ ଗାଁ ଗଣ୍ଡାକୁ ଯାଇ ନିଜ ପୂର୍ବଜକୁ ଖୋଜିବେ ବୋଲି ସୂଚନା ଦେଇଛନ୍ତି। ଆଜି ସେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ନିଜ ପରିବାର ସମ୍ପର୍କରେ ଆଲୋଚନା କରିଛନ୍ତି। ସୂଚନା ଅନୁଯାୟୀ ଅଭାବ ଅନାଟନ ଯୋଗୁଁ ରାମରୁଜଙ୍କ ୫ ପିଢ଼ିର ପୂର୍ବଜ ରୋଜଗାର ସଂଗ୍ରହରେ ମରିସସ୍ ଯାଇଥିଲେ। ସେବେ ଠାରୁ ତାଙ୍କର କୌଣସି ପିଢ଼ିର ପୂର୍ବଜ ଆଉ ଯାଜପୁର ଫେରିନାହାନ୍ତି।

## ଥାନା ଅଧିକାରିଣୀଙ୍କ ନାମରେ ଅଭିଯୋଗ

**ବ୍ରହ୍ମବରଦା, ୨୪।୧୦ (ସମିସ):** ଜଣେ ୮୧ ବର୍ଷିୟା ବୃଦ୍ଧାଙ୍କୁ ଖାଇବା ଥାଳି ନିକଟକୁ ଉଠାଇ ନେଇ ମାଡ଼ ମାରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ରାତାରାତି କୋର୍ଟଚାଲାଣ କରିବା ଘଟଣାକୁ ନେଇ ତାଙ୍କ ଜ୍ୱାଇଁ ରାକେଶ ରାୟ ବ୍ରହ୍ମବରଦା ଥାନାରେ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ବ୍ରହ୍ମବରଦା ଥାନା ଅଧୀନସ୍ଥ ରୁଦ୍ରପୁର ଗ୍ରାମର ସ୍ୱର୍ଗତ ହୃଷୀକେଶ ସାହୁଙ୍କ ପତ୍ନୀ ସୁକାନ୍ତି ସାହୁ ଗତକାଲି ମଧ୍ୟାହ୍ନ ସମୟରେ ଖାଇ ବସିଥିବା ବେଳେ ବ୍ରହ୍ମବରଦା ଥାନା ଅଧିକାରୀ ଜୟନ୍ତୀ ମଲ୍ଲିକ ଓ ୪/୫ ଜଣ ସହଯୋଗୀ ପୁଲିସ ହଠାତ ବୃଦ୍ଧାଙ୍କ ଘରେ ପଶି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜବରଦସ୍ତ ଥାନାକୁ ଉଠାଇ ଆଣି କୋର୍ଟଚାଲାଣ କରିଛନ୍ତି। ବୃଦ୍ଧାଙ୍କ ଘରେ କେହି ନଥିବା ବେଳେ ପୁଲିସ ଘରେ ତାଲା ପକାଇ ମୋବାଇଲ ନେଇ ଯାଇଥିବା ଏତଲାରେ ଦର୍ଶାଯାଇଛି। ସୂଚନାଥାଉକି ଗତ ୧୯ ତାରିଖ ରବିବାର ସେହି ଗ୍ରାମର ମଣିନାଥ ସାହୁ ପତ୍ନୀ ସୁମିତ୍ରା ସାହୁ ଉକ୍ତ ବୃଦ୍ଧା ସୁକାନ୍ତି ସାହୁ ଓ ତାଙ୍କ ଦୁଇ ପୁଅଙ୍କ ନାମରେ ଏକ ଘରୋଇ କଳିକୁ ନେଇ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ୨୪୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ବାଡ଼ବୁଜାକୁ କେନ୍ଦ୍ରକରି ମହିଳାଙ୍କୁ ଆକ୍ରମଣ

**ଯାଜପୁର, ୨୪।୧୦(ସମିସ):** ଜଣେ ମହିଳାଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିବା ନେଇ ସମ୍ପୃକ୍ତ ମହିଳା ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯାଜପୁର ବ୍ଲକ ବଡ଼ସୁଆର ଗ୍ରାମର ଝରଣା ପଣ୍ଡାଙ୍କ ପରିବାର ଘରର ସୀମାକୁ ନେଇ ବାଡ଼ ବୁଜୁଥିଲେ। ଏହି ସମୟରେ ପଡୋଶୀ ଅକ୍ଷୟ ବେହେରା, ସମୀର ବେହେରା ଓ ରଞ୍ଜନ ବେହେରା ଜୋର ଜବରଦସ୍ତ ବାଡ଼କୁ ଉପାଡ଼ି ଦେଇଥିଲେ। ଏଥିରେ ଝରଣା ପଣ୍ଡାର ସ୍ୱାମୀ ଭାଗୀରଥି ପଣ୍ଡା ପ୍ରତିବାଦ କରିବାରୁ ଉପରୋକ୍ତ ବ୍ୟକ୍ତି ଭାଗିରଥୀକୁ ମାଡ଼ ମାରିଥିଲେ। ସ୍ୱାମୀକୁ ମାଡ଼ ମରାଯାଉଥିବା ଦେଖି ପତ୍ନୀ ଝରଣା ପଣ୍ଡା ପ୍ରତିବାଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅକ୍ଷୟ, ସମୀର ଓ ରଞ୍ଜନ ଝରଣାକୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଏପରିକି ଗାଁ ଦାଣ୍ଡରେ ଉଲଗ୍ନ କରି ଦେଇଥିବା ନେଇ ଝରଣା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତାଙ୍କୁ ଜୀବନରୁ ମାରି ଦେବା ସହ ଉପରୋକ୍ତ ବ୍ୟକ୍ତି ବିଶେଷ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇବା ସହ ଶାଶୁ ଶ୍ୱଶୁରଙ୍କୁ ମଧ ମାଡ଼ ମାରିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଜଣେ ମହିଳାଙ୍କୁ ବିଚ୍ ରାସ୍ତାରେ ମରଣାନ୍ତକ ଆକ୍ରମଣ କରିବା ଓ ମାଡ଼ରେ ତାଙ୍କର ମୁଣ୍ଡ ଫାଟିବା ଉପରୋକ୍ତ ଅଞ୍ଚଳରେ ଅସନ୍ତୋଷ ଖେଳାଇ ଦେଇଛି। ଘଟଣା ଘଟିବା ପରେ ଝରଣା ଓ ତାର ସ୍ୱାମୀ ଭାଗୀରଥି ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯାଜପୁର ପୁଲିସ ଘଟଣାକୁ ହାଲୁକା ଭାବେ ନେଇଥିବା ଓ ସମାଧାନ କରିବାକୁ ଝରଣା ଉପରେ ଚାପ ପକାଉଥିବାରୁ ନିରୁପାୟ ହୋଇ ଝରଣା ଏସ୍‌ପିଙ୍କ ଦ୍ୱାରସ୍ଥ ହେବ ବୋଲି କୋହ ଭରା କଣ୍ଠରେ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଅକ୍ଷୟ ବେହେରା ମଧ ଝରଣା ପରିବାର ନାମରେ ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାପଡ଼ିଛି।

## ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ସମ୍ବନ୍ଧୀୟ ବୈଠକ

**ଯାଜପୁର, ୨୪।୧୦(ସମିସ):** ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ 'ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା' ଅଧୀନରେ ବିଦ୍ୟାଳୟସ୍ତରରେ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯୋଜନା ଅଧୀନରେ ଜିଲ୍ଲାର ପ୍ରତି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରେଇବା ସହ ଦୃଷ୍ଟି ବ୍ୟାଧିତ ପିଲାମାନଙ୍କୁ ମାଗଣା ଚଷମା ପ୍ରଦାନ ଏବଂ ଚିକିତ୍ସା ପାଇଁ ବ୍ୟବସ୍ଥା ରହିଛି। ଜିଲ୍ଲାପାଳ ଶ୍ରୀ କର ଜିଲ୍ଲାର ସମସ୍ତ ବିଦ୍ୟାଳୟଗୁଡ଼ିକରେ ଦୃଷ୍ଟି ବ୍ୟାଧିତ ଯୋଗୁଁ କେତେ ପିଲା ଅସୁବିଧା ଭୋଗୁଛନ୍ତି ସେମାନଙ୍କୁ ଚିହ୍ନଟ କରିବା ପାଇଁ ଉପସ୍ଥିତ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଯଯାତୀ କେଶରୀ ଭେଷଜ ମହାବିଦ୍ୟାଳୟ ଓ ଅଧ୍ୟାପନା ଚିକିତ୍ସାଳୟର ଡିନ୍ ତଥା ଅଧ୍ୟକ୍ଷ ଡା. ସୀତାରାମ ମହାପାତ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ।

ମଡର୍ଣ୍ଣ ପେଣ୍ଟାଥଲନ ବିଶ୍ୱଚାମ୍ପିଅନ ପ୍ରତିଯୋଗିତା

## ଚିଓ୍ୱାଳ କଲେଜ ଛାତ୍ର ମନୋନୀତ

**ଦଶରଥପୁର/ଧର୍ମଶାଳା, ୨୪।୧୦(ସମିସ)**

ମଧ୍ୟପ୍ରଦେଶର ଇନ୍ଦୋର ଠାରେ ମଡର୍ଣ୍ଣ ପେଣ୍ଟାଥଲନ (ରନିଂ/ଫ୍ରିଷ୍ଟାଇଲ ସୁଇମିଂ) ବାଇଥେଲ ବା ଟ୍ରାଇଥେଲ ଜାତୀୟ ଚାମ୍ପିଅନସପ ଗତ ୪ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ୨ଟି ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜକୁ ମିଶାଇ ମୋଟ ୩ଟି ପଦକ ହାସଲ କରିଛି ଓଡ଼ିଶା। ସିନିଅର ବର୍ଗରେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ସ୍ଥିତ ଚିଓ୍ୱାଳ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଛାତ୍ର ପ୍ରଣବ ଦାସ ଦଳର ଅଧିନାୟକ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହିତ ନିଜ ପ୍ରଦର୍ଶନ ଆଧାରରେ ଆସନ୍ତା ଡିସେମ୍ବର ୮ ତାରିଖରେ ସାଉଥ ଆଫ୍ରିକା ଠାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱଚାମ୍ପିୟନସିପ ପ୍ରତିଯୋଗିତାରେ ଭାଗ ନେବାକୁ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ଜାତୀୟ ଦଳ ପାଇଁ ମନୋନୀତ ହୋଇଛନ୍ତି। ବିଶ୍ୱଚାମ୍ପିୟନଶିପ ନିମନ୍ତେ ପ୍ରଣବଙ୍କ ଚୟନକୁ ମଡର୍ଣ୍ଣ;ର୍ ପେଣ୍ଟାଥଲନ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ସମ୍ପାଦକ ତଥା କୋଚ ମହମ୍ମଦ ଆଜମ ଏବଂ ମୁଖ୍ୟ ସହାୟକ ଗୋପାଳ




କୃଷ୍ଣ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଆଜି ଚିଓ୍ୱାଳ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ସାହୁଙ୍କ କାର୍ଯ୍ୟାଳୟ ପରିସରରେ କୃତି ଛାତ୍ର ପ୍ରଣବ ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ଖେଳ ଶିକ୍ଷକ ଲୋକନାଥ ମହାପାତ୍ର, ଅଧ୍ୟାପକ ନିରଞ୍ଜନ ରାଉତଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି କୃତୀ ଛାତ୍ର ପ୍ରଣବଙ୍କୁ ଶୁଭକାମନା ଜଣାଇଥିଲେ। ସେହିପରି ପ୍ରଣବଙ୍କ ଘର ଧର୍ମଶାଳା ବ୍ଲକ ପାଖର ଗ୍ରାମରେ ହୋଇଥିବାରୁ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ ପାଖରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ପୋଲିଓ ଦିବସ

**ଧର୍ମଶାଳା, ୨୪।୧୦(ସମିସ):** ଧର୍ମଶାଳା ବ୍ଲକ ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ବିଶ୍ୱ ପୋଲିଓ ଦିବସ ପାଳନ କରାଯାଇଛି। ଏହି ଅବସରରେ ରୋଟାରୀ କ୍ଲବର ସଭାପତି ଇଂ. ସୁକାନ୍ତ ସ୍ୱାଇଁ ଓ ସମ୍ପାଦକ ଦୀପକ ସ୍ୱାଇଁଙ୍କ ନେତୃତ୍ୱରେ ଉଭୟ କ୍ଲବର ସଦସ୍ୟ ଓ ଧର୍ମଶାଳା ମହାବିଦ୍ୟାଳୟର ସ୍କାଉଟ ଗାଇଡ ଏବଂ ଏନସିସି ଛାତ୍ରଛାତ୍ରୀ ଏକ ସଚେତନତା ଶୋଭାଯାତ୍ରାରେ ମହାବିଦ୍ୟାଳୟରୁ ବାହରି ବଜାର ଦେଇ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ପରିକ୍ରମା କରି ପୋଲିଓ ରୋଗର ନିରାକରଣ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ଏକ ବାଇକ୍‌ରେ ପୋଲିଓ ସଚେତନତା ରଥ ପରିକ୍ରମା କରାଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରିଆନ ଡା. ବିଜୟ କୁମାର ଶତପଥୀ, ଅଜାମ୍ବର ସାହୁ, ବିନୋଦ ପରିଡ଼ା, ପ୍ରମୋଦ ସାମଲ, ତ୍ରିଲୋଚନ ବିଶ୍ୱାଳ, ନିରଞ୍ଜନ ପାଣିଗ୍ରାହୀ, ରାଜେନ୍ଦ୍ର ପଲେଇ, ହରିହର ପଣ୍ଡା, ଅମୂଲ୍ୟ ମହାରଣା, ବିପିନ ଷଡ଼ଙ୍ଗୀ, ସମେତ ଜାରକା ଇନରହୁଇଲ କ୍ଲବର ସଭାପତି ଲୋପାମୁଦ୍ରା ଷଣ୍ଢ, ମାଧୁରୀ ଶତପଥୀ, ଅର୍ଚ୍ଚନା ସ୍ୱାଇଁ, ବିଶ୍ୱମିତ୍ରା ସାହୁ, ସରୋଜିନୀ ପଣ୍ଡା, କାଦମ୍ବିନୀ ମିଶ୍ର ପ୍ରମୁଖ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସକାଳ
THE SAKALA


## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'




ନନ୍ଦପୁର,୨୪।୧୦(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନସ୍ଥ ଲମତପୁଟ ବ୍ଲକ ଅନ୍ତର୍ଗତ ବନମାଳୀପୁଟ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମ ଦେବଗନ୍ଧନା ସେବାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଅଜୟ କୁମାର ଖଣ୍ଡପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନମାଳୀପୁଟର ସରପଞ୍ଚ ଗୋରା ଜାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟର୍ ଅନ୍ତର୍ଗତ୧୩ଟି ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଘାଟନୀ ସମାରୋହରେରେ ଟିକରପଡ଼ା ସରପଞ୍ଚ ନବିନା ହନ୍ତାଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ବକ୍ତୃତା, ବିତର୍କ, କୁଇଜ୍, ସଙ୍ଗୀତ, ସୃଜନଶୀଳ ଲିଖନ, ପ୍ରବନ୍ଧ, ଚିତ୍ରାଙ୍କନ, ତଥା ସାଂସ୍କୃତିକ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ମାନେ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ। ସେବାଶ୍ରମର ପ୍ରଧାନ ସେବିକା ମିନିମା ପାଙ୍ଗି କାର୍ଯ୍ୟକ୍ରମକୁ ଅତି ସରସ ସୁନ୍ଦର ଭାବେ ପରିଚାଳନା କରିଥିଲେ । ତତ୍ତ୍ୱାବଧାନରେ ଶିକ୍ଷକ ରଘୁନାଥ ଦଳେଇ, ମଞ୍ଚ ପରିଚାଳନା ଦାୟିତ୍ୱରେ ଶିକ୍ଷକ କିରଣ କୁମାର ମୂର୍ତ୍ତି ଓ କାର୍ଯ୍ୟକ୍ରମକୁ ଆସିଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତାରେ ସୁଚାରୁ ରୂପେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

### ଅସ୍ଥାୟୀ ଅଧ୍ୟାପକଙ୍କୁ ବର୍ଦ୍ଧିତ ଦରମା ପ୍ରଦାନ ଦାବି

# ବିଶ୍ୱବିଦ୍ୟାଳୟ ଫାଟକରେ ତାଲା ଦେଇ ଧାରଣା

ଜୟପୁର,୨୪।୧୦(ଇମିସ):

ବର୍ଦ୍ଧିତ ଦରମା ପ୍ରଦାନ ଦାବି ନେଇ କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ଅତିଥି ତଥା ଅସ୍ଥାୟୀ ଅଧ୍ୟାପକ ଅଧ୍ୟାପିକା ମାନେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଠକରେ ତାଲା ପକାଇ ପୂର୍ବାହ୍ନ ସାଢେ ୧୦ଟାରୁ ଧାରଣା ଦେଇ ବସିଥିଲେ। ମୁଖ୍ୟ ଫାଟକ ବନ୍ଦ ରହିଥିବା ବେଳେ ମୁଖ୍ୟତଃ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟ କର୍ମଚାରୀ ଏବଂ ବିଶ୍ୱବିଦ୍ୟାଳୟକୁ କୌଣସି କାର୍ଯ୍ୟରେ ଆସିଥିବା ସାଧାରଣ ଲୋକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅଧ୍ୟାପକ ଓ ଅଧ୍ୟାପିକା ମାନେ ଦେଶର ବୁଦ୍ଧିଜୀବି ଭାବେ ପରିଗଣିତ ହେଉଥିବା ବେଳେ ଶିକ୍ଷାନୁଷ୍ଠାନର ମୁଖ୍ୟଫାଟକକୁ ବନ୍ଦ କରି ଅନ୍ୟମାନଙ୍କୁ ସମସ୍ୟାରେ ପକାଇ ନିଜ ଦାବି ଉପସ୍ଥାପନା କରିବାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଯୁକ୍ତ ୩ ଦ୍ୱିତୀୟ ବର୍ଷର ପରୀକ୍ଷା ପାଇଁ ଆସୁଥିବା ଛାତ୍ରଛାତ୍ରୀମାନେ ପୁରୁଣା ଭବନର ଠାରୁ ନୂତନ ଭବନ ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ପାଦଚଲା ଓଭରବ୍ରିଜ ଦେଇ ଯାତାୟାତ କରିଥିଲେ। ଅନ୍ୟପକ୍ଷରେ ଯୁକ୍ତ ୩ ପରୀକ୍ଷା ପରିଚାଳନା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରିଥିଲେ। ସେହିପରି ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଶ୍ରେଣୀରେ ପାଠପଢାରେ ବାଧାପ୍ରାପ୍ତ ହୋଇଥିଲା। ଏହିପରି ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ମାନେ ଆନ୍ଦୋଳନକାରୀ ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ଦୀର୍ଘ ସମୟରେ ଧରି ବୁଝାସୁଝା କରିଥିଲେ। ଏହିପରି ଉଚ୍ଚ ଶିକ୍ଷା ବିଭାଗ ଅତିଥି ଅଧ୍ୟାପକଙ୍କ ପାରିଶ୍ରମିକ ସମ୍ପର୍କରେ ଆଲୋଚନା ପାଇଁ ଆସନ୍ତା ୨୭ତାରିଖରେ କୁଳସଚିବଙ୍କୁ ଭୁବନେଶ୍ୱର ଠାରେ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇ ବର୍ଦ୍ଧିତ ଟଙ୍କା ନେଇ ଆଲୋଚନା କରିବେ ବୋଲି ବୁଝାଇଥିଲେ। କିନ୍ତୁ ଆନ୍ଦୋଳନକାରୀ ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ମାନେ ସେମାନଙ୍କ ବର୍ଦ୍ଧିତ ଦରମା ପ୍ରଦାନ ତୁରନ୍ତ କରିବା ନିଜ ଜିଦ୍‌ରେ ଅଡି ବସିଥିଲେ। ଏହିପରି ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ପାଇଁ ଶ୍ରେଣୀରେ ଯୋଗଦେବାକୁ ଆସିଥିବା ଛାତ୍ରଛାତ୍ରୀ ମାନେ ଫାଟକ ବନ୍ଦ ରହିଥିବା ଯୋଗୁଁ ଫ୍ଲାଏ ଓଭର ଦେଇ ସାଇକଲ୍ ଉଠାଇ ବହୁ କଷ୍ଟରେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିଥିଲେ। ବାଇକରେ ଆସିଥିବା ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟର ସ୍ଥାୟୀ ଅଧ୍ୟାପକମାନେ ଫାଟକ ବାହାରେ, ରାସ୍ତା ଉପରେ ବାଇକ ରଖିବା ଯୋଗୁଁ ବିଶ୍ୱବିଦ୍ୟାଳୟ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଏହିପରି କୁଳପତି ପ୍ରଫେସର ଦେବୀପ୍ରସାଦ ମିଶ୍ର, କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ପ୍ରଶାନ୍ତ ପାତ୍ର, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ ପ୍ରଧାନ ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ସହିତ ଆଲୋଚନା ବେଳେ ସମସ୍ତ ଅସ୍ଥାୟୀ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ରେକର୍ଡପତ୍ର ନେଇ ସରକାରଙ୍କୁ ଅବଗତ କରିବା ସହ ବର୍ଦ୍ଧିତ ମାସିକ ୩୫ ହଜାର ଟଙ୍କା ଦରମା ପ୍ରଦାନ ନେଇ ପଦକ୍ଷପ ଗ୍ରହଣ କରାଯିବ ଏବଂ ସେମାନଙ୍କ ବର୍ଦ୍ଧିତ ଦରମା ପାଇଁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପୂର୍ବରୁ ୩ଟି ଚିଠି ଉଚ୍ଚଶିକ୍ଷା ବିଭାଗ ପ୍ରେରଣ କରାଯାଇଥିବା ସୂଚନା ଦେଇଥିଲେ। ଅନ୍ତିମ ଚିଠି ଅକ୍ଟୋବର ୨୩ତାରିଖରେ ଉଚ୍ଚ ଶିକ୍ଷା ବିଭାଗ ବିକ୍ରମଦେବ ବିଶ୍?ବିଦ୍ୟାଳୟର କୁଳପତି ସଚିବଙ୍କୁ ଚିଠି କରିଛନ୍ତି। ଅତିଥି ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବର୍ଦ୍ଧିତ ସମସ୍ୟା ଅତିଶିଘ୍ର ସମାଧାନ ହୋଇଛିବା ତେଣୁ ଆନ୍ଦୋଳନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। କିନ୍ତୁ ଆନ୍ଦୋଳନକାରୀ ଅତିଥି ଅଧ୍ୟାପକମାନେ ଲିଖିତ ପ୍ରତିଶ୍ରୁତି ପାଇଁ ଦାବି କରିଥିଲେ। ଫଳରେ କୌଣସି ସମାଧାନ ହୋଇପାରିନଥିବା ଯୋଗୁଁ ଏହି ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆନ୍ଦୋଳନକାରୀ ଅଧ୍ୟାପକ ମାନେ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ , ଅସ୍ଥାୟୀ ଅଧ୍ୟାପକମାଙ୍କ ଗତ ୩ରୁ ଗତ ୫ମାସ ହେଲାଣି ଦରମା ମିଳିନଥିବା ଏବଂ ବର୍ଦ୍ଧିତ ମାସିକ ୩୫ ହଜାର ଟଙ୍କା ଦରମା ନେଇ ଗତ ଅକ୍ଟୋବର ୧୯ ତାରିଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏଥିନେଇ ଉଚ୍ଚ ବିଶ୍ୱବିଦ୍ୟାଳୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ସେମାନଙ୍କ ଦାବି ପୂରଣ ନେଇ ସରକାରଙ୍କୁ ଅବଗତ କରାଯିବ ଏବଂ ସମସ୍ୟାର ସମାଧାନ ନେଇ ପ୍ରତିଶୃତି ପରେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏକ ମାସର ଊାସର ହୋଇଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇନଥିବା ନେଇ ଅସ୍ଥାୟୀ ତଥା ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ମାନେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ଦେଇ ଟେଣ୍ଟ ବାନ୍ଧି ଆଜି ଧାରଣା ଆରମ୍ଭ କରିଛନ୍ତି। ଗତ ଜୁନ ମାସରେ ଉଚ୍ଚଶିକ୍ଷା ବିଭାଗ ସ୍ନାତକ ମହାବିଦ୍ୟାଳୟ ଅତିଥି ଅଧ୍ୟାପକ ପାଇଁ ପାରିଶ୍ରମିକ ୫୦୦କୁ ୭୦୦ଟଙ୍କା ବୃଦ୍ଧି କରିଥିବା ତଥା ମାସିକ ସର୍ବାଧିକ ୨୫ ହଜାରରୁ ୩୫ ହଜାରକୁ ଦରମା ବୃଦ୍ଧି କରିଛନ୍ତି। କିନ୍ତୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅତିଥି ଅଧ୍ୟାପକ ମାନେ ଏହି ବର୍ଦ୍ଧିତ ଟଙ୍କା ମିଳି ନଥିବା ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହିପରି ବିକ୍ରମଦେବ୍ ବିଶ୍ୱବିଦ୍ୟାଳୟରେ ମାତ୍ର ୨୪ ଜଣ ସ୍ଥାୟୀ ଅଧ୍ୟାପକ ଅଧ୍ୟାପିକା ଥିବାବେଳେ ୭୦ ଜଣ ଅତିଥି ଅଧ୍ୟାପକ ଓ ଅଧ୍ୟାପିକା ରହିଛନ୍ତି। ସରକାର ବିଶ୍ୱ ବିଦ୍ୟାଳୟ ଆବଶ୍ୟକ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରିବାକୁ ବୁଦ୍ଧିଜୀବୀ ମାନ ଦାବି କରିଛନ୍ତି।

## ସାଇବର ସୁରକ୍ଷା ସଚେତନତା ପଦଯାତ୍ରା

ନବରଙ୍ଗପୁର,୨୪।୧୦ (ସମିସ) : ନବରଙ୍ଗପୁର ସହର ସ୍ଥିତ ସ୍ଥାନୀୟ ସଦାଶିବ ପାର୍କଠାରୁ ପୁଲିସ ପଡିଆ ପର୍ଯ୍ୟନ୍ତ ସାଇବର ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାକୁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମାଡକର ସନ୍ଦୀପ ସମ୍ପତ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ।



ବର୍ତମାନ ସମୟରେ ସାଇବର ଠକେଇରେ ପୀଡ଼ିତ ହୋଇ ଅନେକ ଲୋକ ନିଜର କଷ୍ଟ ଉପାର୍ଜିତ ସର୍ବସ୍ୱ ଟଙ୍କା ହରାଉଛନ୍ତି ଏବଂ ଏହାକୁ ରୋକିବାରେ ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଏହି ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ, ନବରଙ୍ଗପୁର ଭାରପ୍ରାପ୍ତ ଥାନା ଅଧିକାରୀ ସମ୍ବିତ ବେହେରା, ଡିଆଇପିଆର୍‌ଓ ମନୋଜ ବେହେରା, ପୁଲିସ ବିଭାଗର ବିଭିନ୍ନ ଅଧିକାରୀ, ବିଦ୍ୟାର୍ଥୀ ମହାବିଦ୍ୟାଳୟ, ସ୍ମାର୍ଟ ଗୁରୁକୁଳ, ମହିଳା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ,ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ। ନକଲି ପରିଚୟ ଦେଇ ଅନ୍‌ଲାଇନ ଓଟିପି ଠକେଇ, ଇ କମର୍ସ ରିଫଣ୍ଡ ଠକେଇ, ଚାକିରି ଦେବାର ଲୋଭ ଦେଖାଇ ଠକେଇ, ନକଲି ଓ ଟକ୍ରାଲ ରଣ ଆପ୍, ପାର୍ଶଲ୍ ଠକେଇ, ଟ୍ରେଡିଂ ଠକେଇ, ଡିଜିଟାଲ ଆରେଷ୍ଟ ଠକେଇ ଉପରେ ବିଶେଷ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ନିଜ ହାତରେ ରାସ୍ତା କଡ଼ ଦୋକାନୀ,ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଥିବା ଲିଫ୍ଲେଟ୍ ଦେଇ ବୁଝାଇ କହିଥିଲେ। ଓଟିପି, ପିନ୍ ନମ୍ବର କାହାରିକୁ ସେୟାର ନ କରିବା, ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର, କୌଣସି ସନ୍ଦେହଜନକ ଲିଙ୍କରେ କ୍ଲିକ୍ ନ କରିବା, ସୋସିଆଲ ମିଡିଆରେ ସତର୍କତା, ସୁରକ୍ଷିତ ଅନଲାଇନ୍ ସର୍ଫି ସମ୍ବନ୍ଧୀୟ ସଚେତନ ବାର୍ତ୍ତାକୁ ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କୌଣସି ଆର୍ଥିକ କ୍ଷତି ହେଲେ ତୁରନ୍ତ ସାଇବର ହେଲ୍ପ ଲାଇନ ୧୯୩୦ରେ ଫୋନ କରିବାକୁ ଗୁରୁତ୍ୱ ଦିଆଗଲା।

## ରନ୍ଧନ ଗ୍ୟାସ୍ ଅଭାବ, ଖାଉଟି ହନ୍ତସନ୍ତ

ଉମରକୋଟ,୨୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଥିବା ଏକ ମାତ୍ର ଇଣ୍ଡେନ ଗ୍ୟାସ ଏଜେନ୍ସିକୁ କଂପାନୀ ରନ୍ଧନ ଗ୍ୟାସ ଯୋଗାଣ ବନ୍ଦ କରି ଦେଇଥିବାରୁ ଦୀର୍ଘ ୨୩ ଦିନ ହେଲା ଉମରକୋଟ ସହରରେ ଗ୍ୟାସର ଉକ୍ରଟ ସମସ୍ୟା ଦେଖାଯିବା ସହ ଗ୍ରାହକ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ସଂସ୍ଥା ଇଣ୍ଡେନ କମ୍ପାନୀର ଗ୍ୟାସ ଏଜେନ୍ସି ଉମରକୋଟ ବ୍ଲକରେ ବିତରଣ ପାଇଁ ପେଣ୍ଡ୍ରାଣୀ ଗ୍ୟାସ ପୂର୍ବତନ ବିଧାୟକଙ୍କ ପତ୍ନୀଙ୍କ ନାମରେ ଆଜିକୁ ପ୍ରାୟ ୨୫ ବର୍ଷ ହେବ ରହିଛି ଓ ସିଲିଣ୍ଡର୍ ଗୋଦାମ ଉମରକୋଟ ନିକଟସ୍ଥ ମେନ୍ଦାବେଡା ଗ୍ରାମରେ ରହିଛି। ପୂର୍ବତନ ବିଧାୟକ ସରକାରଙ୍କଠାରୁ ୩୦ ସେଣ୍ଟ ଜମି ଲିଜ୍‌ରେ ନେଇ ଗୋଦାମ ତିଆରି କରିଥିଲେ। ତେବେ ଗୋଦାମ ତିଆରି ହେବାଠାରୁ ଲିଜ୍ ଟଙ୍କା ବନ୍ଧା ହୋଇ ନଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। କିଛି ଦିନ ତଳେ ଗୋଦାମର ଏକ୍ସପ୍ଲୋସିଭ ଲାଇସେନ୍ସର ଅବଧି ଶେଷ ହୋଇ ଯାଇଥିବାରୁ କମ୍ପାନୀ ନିକଟରେ ଲାଇସେନ୍ସ ନବୀକରଣ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ କମ୍ପାନୀ ପକ୍ଷରୁ ଲିଜ ଟଙ୍କା ପୈଠ ହୋଇ ନଥିବା ଜାଣି ନବୀକରଣ ପାଇଁ ମନା କରି ଦେଇଥିଲେ। ମିଳିଥିବା ସୂଚନା ଅନୁସାରେ ଗୋଦାମ ତିଆରି ହେବା ଠାରୁ ଲିଜ ଟଙ୍କା ପୈଠ ହୋଇ ନ ଥିବା ଜଣାପଡ଼ିଛି। ଯାହାର ମୂଲ୍ୟ ପ୍ରାୟ ଦୁଇ କୋଟିରୁ ଅଧିକ ହେବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଗ୍ୟାସ କମ୍ପାନୀ ତରଫରୁ ବର୍ତ୍ତମାନ ସେଠାରେ ଗ୍ୟାସ ବିତରଣ ବନ୍ଦ କରି ଦିଆଯାଇଛି । ଫଳରେ ଗୋଦାମ ଗୃହ ଠାରେ ବର୍ତ୍ତମାନ ତାଲା ଝୁଲୁଛି ଏବଂ ସହର ଠାରୁ ପ୍ରାୟ ୮ କିଲୋମିଟର ଦୂରରେ ଥିବା ବୁର୍ଜା ଠାରେ ଗ୍ୟାସ ନେବା ପାଇଁ ଗ୍ରାହକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାହକ ମାନେ ଉମରକୋଟ ଗ୍ୟାସ ଏଜେନ୍ସି ଠାରେ ବୁକିଂ କରୁଛନ୍ତି ଏବଂ ବୁର୍ଜା ଏଜେନ୍ସିକୁ ଯାଇ ସେଠାରୁ ଗ୍ୟାସ ଆଣୁଛନ୍ତି। ଏହାକୁ ନେଇ ଗ୍ରାହକଙ୍କ ମନରେ ଅନେକ ଅସନ୍ତୋଷ ଦେଖିବାକୁ ମିଳୁଛି। ଗୋଟିଏ ପଟେ ଗ୍ୟାସ ଘରେ ଆଣି ଡେଲିଭରି



କରିବାର ନିୟମ ରହିଥିବା ବେଳେ ଲୋକେ ପ୍ରାୟ ୮ କିଲୋମିଟର ଦୂରକୁ ଯାଇ ଗ୍ୟାସ ଆଣୁଛନ୍ତି । ଫଳରେ ଗ୍ରାହକ ମାନେ ଦୂରରୁ ଗ୍ୟାସ ଆଣିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉମରକୋଟ ତହସିଲଦାର ମେଘବାନ ବାଗ କହିଛନ୍ତି, ମାଲିକ ଗ୍ୟାସ ଏଜେନ୍ସି ଡିପୋ ପାଇଁ ଜାଗା ଉପରେ ଯେଉଁ ଲିଜ ନେଇଥିଲେ, ତାହାର ବଜାର ମୂଲ୍ୟ ଅନୁଯାୟୀ ଟଙ୍କା ପୈଠ କରିବାକୁ କୁହା ଯାଇଥିଲା । ସେ ଯଦି ସେହି ଟଙ୍କା ପୈଠ କରି ଦିଅନ୍ତି, ତାହେଲେ ଆମେ ସେହି ଲିଜ୍ ପ୍ରକ୍ରିୟାଟିକୁ ଫାଇନାଲ କରିବା ପାଇଁ ଜିଲାପାଳଙ୍କ ନିକଟକୁ ଲିଜ୍ ଅନୁମୋଦନ ପାଇଁ ପଠାଇବି ବୋଲି କହିଛନ୍ତି। ସେହିଭଳି ଖାଉଟି ବିଭାଗ ଅଧିକାରୀ ସୁନୀଲ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଘଟଣାର ସମାଧାନ ପାଇଁ ଏଜେନ୍ସି ମାଲିକଙ୍କୁ କୁହାଯାଇଛି । ଅପର ପକ୍ଷରେ କମ୍ପାନୀର ଜୟପୁର ଠାରେ ରହୁଥିବା ସହକାରୀ ସେଲସ ମ୍ୟାନେଜର ରାଜେନ୍ଦ୍ର ରାଉଳଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ, ଗ୍ରାହକଙ୍କୁ ନିକଟସ୍ଥ ବୁର୍ଯା ଓ ଧୋଡ୍ରା ଠାରେ ଥିବା ୨ଟି ଏଜେନ୍‌ସିରୁ ଗ୍ୟାସ ନେବାପାଇଁ କୁହାଯାଇଛି। ସୋମବାର କି ମଙ୍ଗଳବାର ସୁଦ୍ଧା ଲାଇସେନ୍ସ ଆସିଯିବ ବୋଲି ଭାବୁଛୁ । ଯଦି ନ ଆସେ ଉମରକୋଟ ସହରର ଗ୍ରାହକଙ୍କ ପାଇଁ ବିକଳ୍ପ ପନ୍ଥା ନିଆଯିବ । ଦୀର୍ଘ ୨୦ ଦିନ ହେଲାଣି ଉମରକୋଟ ଓ ଏହାର ଆଖପାଖ ଅଞ୍ଚଳରେ ରନ୍ଧନ ଗ୍ୟାସର ବ୍ୟାପକ ଅଭାବ ଦେଖ ଦେଇଥିବା ବେଳେ କମ୍ପାନୀ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ବିହିତ ପଦକ୍ଷେପ ନ ନେବା ଯୋଗୁଁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଓ କମ୍ପାନୀ ଗ୍ରାହକ ଯେମିତି ସୁବିଧାରେ ଗ୍ୟାସ୍ ପାଇ ପାରିବେ ଏଥିପାଇଁ ବିହିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

## କିନ୍ନରଙ୍କ ହୋମଯଜ୍ଞ

ନବରଙ୍ଗପୁର,୨୪।୧୦(ସମିସ): ଜିଲ୍ଲା କିନ୍ନର ସଂଘ ପକ୍ଷରୁ ସ୍ଥାନୀୟ ବିନାୟକ ଭବନ ପରିସରରେ ସଂଘର ଉପଦେଷ୍ଟା ଶର୍ମିଷ୍ଠା ଦେଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୂର୍ଗି ମାତାଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା। ପୂଜାରେ ଜିଲ୍ଲାର କୋଣ



ଅନୁକୋଣରୁ ଆସିଥିବା କିନ୍ନରମାନେ ଯୋଗ ଦେଇ ଦେଶର ସୁରକ୍ଷା ତଥା ଜଗତ କଲ୍ୟାଣ ନିମନ୍ତେ ହୋମ ଯଜ୍ଞ କରିଛନ୍ତି। ପୂଜା ନିମନ୍ତେ ଜିଲ୍ଲାର ପାରମ୍ପରିକ ବାଦ୍ୟ ଯନ୍ତ୍ର ଢୋଲ, ତାସା ଏବଂ ମହୁରୀ ବ୍ୟବହାର କରାଯାଇଥିଲା। ନବରଙ୍ଗପୁର ଜିଲ୍ଲା କିନ୍ନର ମାନେ ଦେଶ ପାଇଁ ଏବଂ ଜଗତ କଲ୍ୟାଣ ନିମନ୍ତେ ପୂଜା କରିଥିବା ଜାଣି ସାଧାରଣ ଜନତା ବହୁତ୍ ଖୁସି ପ୍ରକଟ କରିବା ସହ ଏଭଳି ଅଭିନବ ପ୍ରୟାସ କୁ ପ୍ରଶଂସା କରିଛନ୍ତି। ଜିଲ୍ଲା କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର ସମେତ ସଂଘର ଉପଦେଷ୍ଟା କିଶୋରୀ ପଟ୍ଟନାୟକ, ଡକ୍ଟର ସଂଯୁକ୍ତା ପଣ୍ଡା, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସାଗରିକା ମହାଙ୍କୁଡ, ନୀନୀବାବୁ ତ୍ରିପାଠୀ, ଅଖିଳ ଭଟ୍ଟ, ଦୁର୍ଗା ପାଢ଼ୀ ପ୍ରମୁଖ କିନ୍ନର ମାନଙ୍କ ଏହି ପଦକ୍ଷେପକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସଙ୍ଘର ସଭାପତି କାଜଲ କିନ୍ନର, ସମ୍ପାଦକ ଚୂମକି କିନ୍ନର, ସହ ସମ୍ପାଦକ ପ୍ରୀତି କିନ୍ନର, ବର୍ଷା, ରାଧା, କବିତା, ଶିବାନୀ, ବଇଦି, ଅନିତା, ଇପ୍ସିତା ସମେତ ଜିଲ୍ଲାର କୋଣ ଅନୁକୋଣରୁ ଅନେକ କିନ୍ନର ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ପବିତ୍ର ଦୀପାବଳି ଅବସରରେ କିନ୍ନର ମାନେ ନବରଙ୍ଗପୁର ସହର ର ବିଭିନ୍ନ ଦୋକାନ ବଜାରରୁ ପାଇଥିବା ଦାନ ଟଙ୍କାକୁ ଉପଯୋଗ କରି ଉକ୍ତ ପୂଜା ସମ୍ପନ୍ନ କରିଥିଲେ। ତେଣୁ କିନ୍ନର ସଂଘର ସମସ୍ତ ସଦସ୍ୟ ନବରଙ୍ଗପୁର ସହରର ସମସ୍ତ ବ୍ୟବସାୟୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ସେମିଳିଗୁଡ଼ା ମହାବିଦ୍ୟାଳୟରେ ଶୋକସଭା



ସେମିଳିଗୁଡ଼ା, ୨୪।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟର ପରିଚାଳନା କମିଟିର ପୂର୍ବତନ ସଦସ୍ୟ, ସିତମର ସମ୍ପାଦକ ଏବଂ ଜଣାଶୁଣା ବ୍ୟବସାୟୀ ଲକ୍ଷ୍ମଣ କୁମାର ରାଉତଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଶିକ୍ଷା ଜଗତ ଏବଂ ସମଗ୍ର ସମୁଦାୟର ଏକ ଅପୂରଣୀୟ କ୍ଷତି ଘଟିଛି। ୧୯ ଅକ୍ଟୋବରରେ ୭୬ ବର୍ଷ ବୟସରେ ଶ୍ରୀ ରାଉତଙ୍କ ଦେହାନ୍ତ ନିଜସ୍ୱ ବାସଭବନରେ ହୋଇଥିଲା। ସ୍ୱର୍ଗତ ରାଉତଙ୍କର ସେମିଳିଗୁଡ଼ା ମହାବିଦ୍ୟାଳୟର ଉନ୍ନତି ଏବଂ ବିକାଶରେ ସର୍ବଦା ନିଜସ୍ୱ ଯୋଗଦାନ ଦେଇଛନ୍ତି। ସେ ଟ୍ରକ୍ ମାଲିକ ସଂଘର ସମ୍ପାଦକ ଥିବା ସମୟରେ ଯୁକ୍ତ ଦୁଇ ବିଜ୍ଞାନ ସେମିଳିଗୁଡ଼ା ମହାବିଦ୍ୟାଳୟରେ ଆରମ୍ଭ କରିବା ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଟ୍ରକ୍ ମାଲିକ ସଂଘ ଦେଇଥିଲା। ମହାବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ଭାବରେ ସେ ଯେଉଁ ଦୂରଦର୍ଶିତା ପ୍ରଦର୍ଶନ କରିଥିଲେ, ତାହା ଏହି ଶିକ୍ଷା କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ସ୍ୱରୂପ ଦେବାରେ ସାହାଯ୍ୟ କରିଥିଲା। ତାଙ୍କର ଶିକ୍ଷା ବ୍ୟବସ୍ଥା ଏବଂ କର୍ମଠତା ମହାବିଦ୍ୟାଳୟ ପରିବାର ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ। ଏହି ସଭାରେ ଅଧ୍ୟକ୍ଷା ଡ. ଝାନ୍ ସି ସିଂହ ତାଙ୍କ ଜୀବନର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ଅପୂରଣୀୟ କ୍ଷତିରେ ସମଗ୍ର ମହାବିଦ୍ୟାଳୟ ପରିବାର ମର୍ମାହତ ହୋଇଛି। ଶ୍ରୀ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଆଜି ମହାବିଦ୍ୟାଳୟର ସେମିନାର କକ୍ଷରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ମହାବିଦ୍ୟାଳୟର ଡ.ଶୁଭ୍ରାଂଶୁ ସୁନ୍ଦର ଦାସ, ଡ.ଗୀତା ପଟ୍ଟନାୟକ, ଭାଗିରଥି ରାଉତ, ହର ପ୍ରସାଦ ପତି, ସୁରେଶ ପାଇକରାୟ, ଡ.ଅଲେଖ ପଣ୍ଡା, ଶିବାଶିଷ ପଟ୍ଟନାୟକ, ହରେକୃଷ୍ଣ ସାହୁ, ବାସନ୍ତୀ ଶ୍ରୀ, ରୋନାଲି ନାୟକ, ଡ.ରମେଶ ମଲ୍ଲିକ,ଚନ୍ଦନ, ବିନୋଦ ଲେଙ୍କା , ସୁକାନ୍ତ ପ୍ରଧାନ, ସହିତ ସମସ୍ତ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସୁନାବେଡ଼ା ପୁଲିସର ସାଇବର ସଚେତନତା



ସୁନାବେଡ଼ା,୨୪।୧୦ (ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ସୁନାବେଡ଼ା ସହରରେ ସାଇବର ସୁରକ୍ଷା ସଚେତନତା ରଥ ଅଭିଯାନ ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନାବେଡ଼ା ଥାନା ଅଧିକାରୀ ସୁସ୍ମମା କୁଆଁରଙ୍କ ନେତୃତ୍ୱରେ ସୁନାବେଡ଼ା ଅଞ୍ଚଳରେ ଜନସାଧାରଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରି ସୁନାବେଡ଼ା ସହରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲୋକମାନଙ୍କୁ ଅନ୍‌ଲାଇନ୍ ଠକେଇ , ଫେସ୍‌ବୁକ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ହୋଇଥିବା ଠକେଇ ଏବଂ ବ୍ୟାଙ୍କ ଫ୍ରଡରୁ ଫୋନ୍ ପେ, ଗୁଗଲ ପେ ଯେମିତିକି ଅଶ୍ଳୀଳ ଫୋଟ କିମ୍ବା ଭିଡ଼ିଓ ଆଦି କ୍ଷେତ୍ରରେ ହେଉଥିବା ବିଭିନ୍ନ ଅପରାଧ ବିଷୟରେ ସଚେତନତା ବଢାଇବା ଓ ସାଧାରଣ ଜନତାଙ୍କୁ ସୁରକ୍ଷିତ ରଖିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅଭିଯାନରେ ସାଇବର ସେଲ୍ କୋରାପୁଟରୁ ଡିଏସପି ଭବାନୀ ପ୍ରଧାନ ଏବଂ ତାଙ୍କ ଦଳ, ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନା, ଅନ୍ୟ ପୁଲିସ କର୍ମଚାରୀମାନେ ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀ ଓ ଅଧ୍ୟାପିକା ସ୍ଥାନୀୟ ସାଧାରଣ ଜନତା ଯୋଗ ଦେଇଥିଲେ।

## ନଭେମ୍ବର ୧୨ରେ ଲୋକ ମହୋତ୍ସବ 'ପରବ'

କୋରାପୁଟ,୨୪।୧୦(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ କୋରାପୁଟ ଜିଲ୍ଲାର ଆଦିବାସୀ ଲୋକ ମହୋତ୍ସବ ପରବ-୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଏସପି ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, କୋରାପୁଟ ଉପ




ଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ତହସିଲଦାର ଶୟଦ ସବିର ସାହା, କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜର ମତମତ ଉପସ୍ଥାପନା କରିଥିଲେ। ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୁଟୁଣୀପଦର ଶିବ ମନ୍ଦିରରୁ ପରବ ୨୦୨୫ ଶୁଭାରମ୍ଭ କରାଯିବ। ଜିଲ୍ଲାର ସମସ୍ତ ପଞ୍ଚାୟତରେ ନଭେମ୍ବର ୧୩ରୁ ୨୩ ପର୍ଯ୍ୟନ୍ତ ଏବଂ ବ୍ଲକ ଓ ସହରାଞ୍ଚଳ ପରବ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। କୋରାପୁଟ ପୌର ପରିଷଦ ଅନ୍ତର୍ଗତ ପରବ ପଡ଼ିଆରେ ଡିସେମ୍ବର ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ପରବର ମୁଖ୍ୟ ସମାରୋହ ଆୟୋଜନ କରାଯିବ। ମୁଖ୍ୟ ସମାରୋହ ଆୟୋଜନ ଅବସରରେ ପଲ୍ଲୀଶ୍ରୀ ଓ ଖାଦ୍ୟ ମେଳା ଆୟୋଜନ କରାଯିବା ସହ ନୂତନ ଭାବେ ପୁଷ୍ପ ପ୍ରଦର୍ଶନୀ କରାଯିବାକୁ ନିଷ୍ପତ୍ତି ନିଆ ଯାଇଛି। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ସଚେତତନତା ଶୋଭାଯାତ୍ରା

ଉମରକୋଟ,୨୪।୧୦(ସମିସ): ଆଜି ନବରଙ୍ଗପୁର ଜିଲା ପୋଲିସ ପକ୍ଷରୁ ଉମରକୋଟରେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା ଏବଂ ଏହି ଶୋଭାଯାତ୍ରା ପୋଲିସ ଥାନା ନିକଟରୁ ପେଣ୍ଡରାଣୀ ମହାବିଦ୍ୟାଳୟ ଯାଏଁ ଯାଇଥିଲା। ଗୁରୁକୃପା କଲେଜର ଛାତ୍ରୀ ଛାତ୍ର ଓ କଲେଜ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଡାକ ବାଜି ଯନ୍ତ୍ର ଦ୍ୱାରା ସାଇବର ଠକେଇ ଠାରୁ କିପରି ବଞ୍ଚି ପାରିବେ ସେ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏମ. ସୁନିଲ ସମ୍ପଦଙ୍କ ତତ୍ତ୍ୱାବଧାନରେ ଉମରକୋଟ ଥାନା ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ଅନେକ ବରିଷ୍ଠ, ବିଜ୍ଞ, ଓ ରାଜ ନେତା, କାଉନସିଲର ଉପସ୍ଥିତ ଥିଲେ। ସାଇବର ଠକେଇରୁ



କିପରି ବର୍ତ୍ତି ପାରିବେ ତାହାକୁ ନେଇ ସଚେତନ କରାଯାଇଥିଲା। କୌଣସି ପୋଲିସ ଅଧିକାରୀଙ୍କ ପରିଚୟ ବା ଡିଜିଟାଲ ଆରେଷ୍ଟ ଭଳି କିଛି ଧମକପୂର୍ଣ୍ଣ ଫୋନ ଆସିଲେ ତୁରନ୍ତ ନିକଟସ୍ଥ ଥାନା ସହ ଯୋଗାଯୋଗ କରିବାକୁ ସୂଚନା ଦେଇଛନ୍ତି ଏସ୍‌ପି। ଏହି କାର୍ଯ୍ୟକ୍ରମରେ ଏସପିଙ୍କ ବ୍ୟତୀତ ପୌର ଅଧ୍ୟକ୍ଷା ରାଧା ଭତ୍ରା, ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଡିଏସପି ସରୋଜ କିସପୋଟା, ପାପଡାହାଣ୍ଡି ପୋଲିସ ଉପଖଣ୍ଡ ଅଧିକାରୀଙ୍କ ସହ ସାଇବର ସେଲର ଅନେକ ଅଧିକାରୀଙ୍କ ସମେତ ଉମରକୋଟ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଚାନ୍ଦନା ମଲ୍ଲିକ କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କରିଥିଲେ।

## ତମ୍ବା ତାର ପାଇଁ ଟ୍ରାନ୍ସଫର୍ମର ଖୋଲିନେଲେ ଦୁର୍ବୃତ୍ତ



ମୁରିବାହାଲ,୨୪।୧୦(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ଟୁପାଉଡର ପଞ୍ଚାୟତ ବଛାପଡାରେ ଦୁର୍ବୃତ୍ତ ତମ୍ବା ତାର ପାଇଁ ଏକ ଟ୍ରାନ୍ସଫର୍ମର ଖୋଲି ନେଇଛନ୍ତି। ଟୁପାଉଡାର ଗ୍ରାମର ବଛାପଡାରେ ୨୦୨୨ରେ ୧୦କେଭିର ଏକ ଟ୍ରାନ୍ସଫର୍ମର ବସିଥିଲା। ଦୁର୍ବୃତ୍ତ ରାତିରେ ଏହି ଘଟଣା ଘଟାଇବା ପରେ ସକାଳୁ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏ ବିଷୟରେ ପଡାବାସୀ ମୁରିବାହାଲ ବିଦ୍ୟୁତ ବିଭାଗକୁ ଜଣାଇବା ସହ ମୁରିବାହାଲ ଥାନାରେ ଏତଲା ଦେଇଥିଲେ। ପୁଲିସ ଏତଲା ରୁଜୁ କରି ତଦନ୍ତ କରୁଛି। ମୁରିବାହାଲ ଅଞ୍ଚଳରେ ହାତୀର ପ୍ରାଦୁର୍ଭାବ ଲାଗି ରହିଥିବାରୁ ବିଦ୍ୟୁତ୍ ବିଭାଗ ଅନେକ ସମୟ ବିଦ୍ୟୁତ୍ ସଂଯୋଗ କାଟି ଦେଉଛି। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଟ୍ରାନ୍ସଫର୍ମର ଚୋରିକରିଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ନୂତନ ଟ୍ରାନ୍ସଫର୍ମର ଯୋଗାଇଦେବା ପାଇଁ ପଡ଼ାବାସୀ ଅନୁରୋଧ କରିଛନ୍ତି।

## ୨୯ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିବ କେନ୍ଦ୍ରପତ୍ର କର୍ମଚାରୀ ସଂଘ

ଦେଓଗାଁ,୨୪।୧୦(ସମିସ): ଓଡିଶା କେନ୍ଦ୍ରପତ୍ର ସଂଘର ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନ କ୍ରମେ ଚଳିତମାସ ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିଭିନ୍ନ ଦାବି ନେଇ ଘେରଉ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଘେରଉରେ ଯୋଗଦେବା ପାଇଁ ଗୁଡଖାପଲା ପଞ୍ଚାୟତ ଅଧୀନ ମାଲପଡା ନିକଟ ମଣ୍ଡପରେ ବଲାଙ୍ଗିର କେନ୍ଦୁପତ୍ର ଡିଭିଜନ କେନ୍ଦୁପତ୍ର କର୍ମଚାରୀ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଭିଜନ ସଂପାଦକ ରାଜକିଶୋର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୫ ଶହରୁ ଅଧିକ କର୍ମ.ରୀ ଓ ତୋଳାଳି ଉପସ୍ଥିତ ରହି ବିଭିନ୍ନ ଦାବି ଉପରେ ମତପୋଷଣ କରିଥିଲେ। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ବନ୍ଧେଇ ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି, କନ୍ୟା ବିବାହ ସହାୟତା, ସର୍ବନିମ୍ନ ଅନୁପାତରେ ମଜୁରୀ ଧାର୍ଯ୍ୟ କରିବା, ତୋଳାଳୀମାନଙ୍କ କେନ୍ଦୁପତ୍ର ଦର ବୃଦ୍ଧି, କାର୍ଯ୍ୟ ଦିବସ ବୃଦ୍ଧି, ଜିଏସଟି ଅର୍ଥ ଫେରସ୍ତ ଓ କର୍ମ.ରୀଙ୍କ ବୋନସ ବୃଦ୍ଧି ଇତ୍ୟାଦି ଦାବିକୁ ନେଇ ଆସନ୍ତା ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯର୍ୟାଳୟ ଘେରଉ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ବଲାଙ୍ଗିର ଡିଭିଜନ କର୍ମ.ରୀ ଓ ତୋଳାଳି ସଂଘ ତରଫରୁ ଆହ୍ୱାନ କରାଯାଇଥିଲା। ଏହି ବୈଠକରେ ଅନନ୍ତ ହୋତା, ଦିନେଶ ବେହେରା, ବି. ପାତ୍ର, ବିଜୟ ସାହୁ, ନେପାଳ ସା, ସତ୍ୟ ଶତପଥୀ, ହେମନ୍ତ ମାଝୀ, ମୋହନ ମଲ୍ଲିକ, ମନୋଜ ବାରିକ, ମକାରୁ ନାଏକ, ପ୍ରକାଶ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲେଖା ଆହ୍ୱାନ

ବଲାଙ୍ଗିର,୨୪।୧୦(ସମିସ): ବଲାଙ୍ଗିର ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଦେବୀଙ୍କ ପୀଠରେ ୧୮୭୨ ମସିହାରେ ନୂତନ ନକ୍ସା ତିଆରି ହୋଇ ରାଜଧାନୀ ସ୍ଥାପନ ହୋଇଥିଲା। ଏହାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲେଖା ଆହ୍ୱାନ କରାଯାଇଛି। ମାଁ ପାଟଣେଶ୍ୱରୀ ଦେବୀଙ୍କ କିଂବଦନ୍ତି, ଐତିହ୍ୟ, ତନ୍ତ୍ରମନ୍ତ୍ର, ମାଁଙ୍କ ଆବିର୍ଭାବ, ଭକ୍ତମାନଙ୍କ ଆସ୍ଥା, ବିଶ୍ୱାସ, ମାଁଙ୍କ ମହିମା ଉପରେ ଏହି ଲେଖା ଆହ୍ୱାନ କରାଯାଇଛି। ଜାନୁୟାରୀ ମାସରେ ମାଁ ପାଟଣେଶ୍ୱରୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ସ୍ମରଣିକା ପ୍ରକାଶିତ ହେବ। ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଗ୍ରାମର ଦେବାଦେବୀଙ୍କୁ ନେଇ ମଧ୍ୟ ଏଥିରେ ପ୍ରକାଶ ପାଇବ। ଲୋକକଥା, ପ୍ରଚୀନ ସାଂସ୍କୃତି, ପରମ୍ପରା, ଐତିହ୍ୟ ଓ ପୂଜା ସମ୍ପର୍କରେ ଏଥିରେ ପ୍ରକାଶ ପାଇବ। ଏ ସମ୍ପର୍କୀତ ଲେଖା ପଠାଇବାକୁ ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର ନିବେଦନ କରିଛନ୍ତି।

## ଦାଦନ ଦୁଃଖ
# ଶ୍ରମିକ ହୋଇ ଯାଉଛନ୍ତି, ଶବ ହୋଇ ଫେରୁଛନ୍ତି

**ସାମ୍ନାକୁ ଆସୁନାହିଁ ମୃତ୍ୟୁ ପଛର କାରଣ**
**ସାଙ୍ଗ ହୋଇ କାମ କରୁଥିଲେ, ସାଙ୍ଗ ହୋଇ ନିଖୋଜ**
**ଗୋଟିଏ ସ୍ଥାନରୁ ମିଳିଲା ମୃତଦେହ**
**ମାମଲା ପ୍ରତି ପୁଲିସର ଗୁରୁତ୍ୱ ନାହିଁ**

ବଲାଙ୍ଗିର,୨୪।୧୦(ସମିସ)



ଦୁଇ ମୃତକଙ୍କ ପରିବାର ଲୋକ ଶୁକ୍ରବାର ଏସ୍‌ପିଙ୍କୁ ଭେଟିବା ଅବସରରେ

ବଲାଙ୍ଗିର ଜିଲ୍ଲା ଓ ଦାଦନ ସମସ୍ୟା କାହାଣୀ ଆଜି କି କାଲିର ନୁହଁ। ଦାଦନ ଶ୍ରମିକଙ୍କ କରୁଣ କାହାଣୀର ଫର୍ଦ୍ଦ ଯେତେ ଓଲଟାଇଲେ ବଲାଙ୍ଗିର ଜିଲ୍ଲାର ନାମ ନିହାତି ଭାବେ ରହିଥିବ। ଜିଲ୍ଲାରୁ କାମ କରିବା ପାଇଁ ଶ୍ରମିକମାନେ ବାହାର ରାଜ୍ୟକୁ ଯାଉଛନ୍ତି। ସେଠାରୁ ଶବ ହୋଇ ଫେରିଛନ୍ତି। ତଥାପି ନିର୍ବିକାର ସରକାର। ଦାଦନ ଶ୍ରମିକଙ୍କୁ ହତ୍ୟା କରାଯାଉଥିବା ସେମାନଙ୍କ ପରିବାର ଅଭିଯୋଗ କରି ଆସୁଛନ୍ତି; କିନ୍ତୁ ତାହାର ଉପଯୁକ୍ତ ତଦନ୍ତ କରା ନ ଯାଇ ମାମଲାକୁ ଉଭୟ ରାଜ୍ୟର ପୁଲିସ ଚାପି ଦେଉଥିବା ଅଭିଯୋଗ ହେଉଛି। ସେହିଭଳି ଆଉ ଏକ ଘଟଣା ସାମ୍ନାକୁ ଆସିଛି।

ଦୁଇ ଜଣ ଦାଦନ ଶ୍ରମିକ ଗୋଟିଏ ଇଟାଭାଟିର କାମ କରୁଥିଲେ। କିଛି ଦିନ ପୂର୍ବରୁ ଦୁଇ ଜଣଙ୍କ ମୃତଦେହ ଗୋଟିଏ ସ୍ଥାନରୁ ମିଳିଲା; କିନ୍ତୁ ପରିବାର ଲୋକଙ୍କୁ ଦୁଇ ଦିନ ଅନ୍ଧାରରେ ରଖି ପୃଥକ ପୃଥକ୍ ଭାବେ ଏକାଧିକ ଦିନ ବ୍ୟବଧାନରେ ହସ୍ତାନ୍ତର କରାଯାଇଥିଲା। ସେଠାରେ ଏମିତି କିଛି ଘଟିଛି ଯାହାକୁ ସେଠିକାର ପୁଲିସ ମାଲିକ ସହ ମିଶି ଲୁଚାଇବାକୁ ଚେଷ୍ଟା କରୁଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି। ଉଭୟଙ୍କ ପରିବାର ନ୍ୟାୟ ପାଇଁ ଶୁକ୍ରବାର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।୩ ବର୍ଷ ତଳେ ତୁରେକେଲା ଥାନା ବଡ଼ଡୁକୁଲା ଗାଁର ଦୁର୍ଯୋ ଧରୁଆ (୨୬) ପତ୍ନୀ ନଳିନୀ ବରିହାଙ୍କୁ ନେଇ କାମ କରିବାକୁ ରାଜ୍ୟ ବାହାରକୁ ଯାଇଥିଲେ। ସେମାନେ ତେଲେଙ୍ଗାନା ମେହେବୁବନଗରରେ ଏକ ଇଟାଭାଟିରେ କାମ କରିଆସୁଥିଲେ। ସେହିପରି ତୁରେକେଲା ଥାନା ଜଇଁନ୍ତରା (ନୂଆଁପଡ଼ା)ର ନେପାଳ ପଟ୍ଟନାୟକ (୨୭) ଗତ ପ୍ରାୟ ଦେଢ଼ ମାସ ତଳେ ତେଲେଙ୍ଗାନା ମେହେବୁବନଗର ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ସେଠି ସେ ଟ୍ରାକ୍ଟର ଚାଳକ ଭାବେ କାମ କରୁଥିଲେ। ଗତ ସେପ୍ଟେମ୍ବର ୫ରେ ଜଇଁନ୍ତରାର ଶ୍ରମିକ ସର୍ଦ୍ଦାର ପ୍ରସାଦି ଚନ୍ଦନ ନେପାଳଙ୍କ ସହ ଚଲକି ଖୁଜେନପାଲିର ଅକ୍ରୁର ବଗର୍ତ୍ତି, ପାଟଣାଗଡ଼ ବୁଢ଼ୀପଦରର ସଙ୍ଖାଲାଲ ଜାଲ୍ ଓ ବାଦୁପଲା ନୂଆମୁଣ୍ଡାର ମଦନ ପ୍ରଧାନୀଙ୍କୁ ଇଟାଭାଟିକୁ କାମ କରିବାକୁ ନେଇଥିଲେ। ତେବେ ଗତ ସେପ୍ଟେମ୍ବର ୨୮ ରାତିରେ ନେପାଳ ଓ ଦୁର୍ଯୋ ଇଟାଭାଟିରୁ ନିଖୋଜ ହୋଇଯାଇଥିଲେ; କିନ୍ତୁ ଅକ୍ରୁର ଓ ମଦନ ସେପ୍ଟେମ୍ବର ୩୦ରେ ନିଜ ଘରକୁ ଫେରିଆସିଥିଲେ। ନେପାଳଙ୍କ ପରିବାର ଲୋକେ ନେପାଳଙ୍କ ସହ ଯୋଗାଯୋଗ କରି ନ ପାରି ମୁରିବାହାଲ ଥାନାରେ ଅଭିଯୋଗ କରିଥିଲେ। ନେପାଳଙ୍କୁ ଠାବ କରିବାକୁ ବଲାଙ୍ଗିର ଏସ୍‌ପିଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଗତ ୯ ତାରିଖ ସକାଳେ ମେହେବୁବନଗର ନିକଟରେ ପାଣି ଜମିଥିବା ଏକ କ୍ଷେତରୁ ନେପାଳ ଓ ଦୁର୍ଯୋଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ଉପସ୍ଥିତ ଦୁର୍ଯୋଙ୍କ ପତ୍ନୀ ନଳିନୀ ଦୁହିଁଙ୍କ ମୃତଦେହ ଚିହ୍ନଟ କରିଥିଲେ।

ଦୁର୍ଯଙ୍କ ମୃତଦେହ ନେଇ ପତ୍ନୀ ନଳିନୀ ଗତ ୧୦ରେ ଗାଁରେ ପହଞ୍ଚିଥିବା ବେଳେ ନେପାଳଙ୍କ ମୃତଦେହ ୨ ଦିନ ପରେ ଗତ ୧୨ ସକାଳେ ଗାଁରେ ପହଞ୍ଚିଥିଲା। ନେପାଳଙ୍କୁ ସର୍ଦ୍ଦାର ପ୍ରସାଦି ଚନ୍ଦନ ଓ ଅନ୍ୟ ୩ଜଣ ସହକର୍ମୀ ଶ୍ରମିକ ମିଶି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ଦୁର୍ଯୋଙ୍କ ମଧ୍ୟ ଏମାନେ କୌଣସି କାରଣରୁ ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଏ





ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଅଭିଯୋଗ ହୋଇଛି। ଏକା ସଙ୍ଗେ ଦୁଇ ଶ୍ରମିକ ନିଖୋଜ ହେବା, ଗୋଟିଏ ସ୍ଥାନରୁ ମୃତଦେହ ମିଳିବା ଘଟଣା ନିହାତି ଭାବେ ହତ୍ୟାକାଣ୍ଡ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ ଶ୍ରମିକ ଶ୍ରେଣୀ ଓ ରାଜ୍ୟ

ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ପରେ ବି ପୁଲିସ ଶୁଣୁ ନ ଥିବା ଉଭୟ ପରିବାର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବା କହି ମେହେବୁବନଗର ଓ ବଲାଙ୍ଗିର ପୁଲିସ ହାତ ଟେକି ଦେଉଥିବା ଅଭିଯୋଗ ହୋଇଛି। ଉଭୟ ଶ୍ରମିକଙ୍କ ମୃତଦେହ ଗୋଟିଏ ସ୍ଥାନରୁ ଉଦ୍ଧାର ହୋଇଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ କହୁଛନ୍ତି। ତେବେ ସେଠିକାର ପୁଲିସ ଜାଣିଶୁଣି ଉଭୟଙ୍କ ମୃତଦେହକୁ ଦୁଇ ଦିନ ବ୍ୟବଧାନରେ ବାହାରେ ଏହା ହୋଇଥିବାରୁ ସ୍ଥାନୀୟ ପୁଲିସ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ତେବେ ଥାନାରେ ନିରାଶ ହେବା ପରେ ଶୁକ୍ରବାର ଉଭୟଙ୍କ ପରିବାର ମିଶି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହତ୍ୟା ପଛରେ ସ୍ଥାନୀୟ ସର୍ଦ୍ଦାର ଓ ସେଠିକାର ମାଲିକ କିମ୍ବା ଆଉ ଅନ୍ୟ ସହଯୋଗୀଙ୍କ ହାତ ନିଶ୍ଚିତ ଥିବ ବୋଲି ପରିବାର ଲୋକେ କହିଛନ୍ତି। ଏହି ଦାରୁଣ ଦାଦନ ଘଟଣା ସାମ୍ନାକୁ ଆସିବା ପରେ ଦାଦନ ଦୁଃଖ କେତେ ଜଟିଳ ତାହା ସ୍ପଷ୍ଟ ହୋଇଛି।

## ମନରେଗା ସାମାଜିକ ସମୀକ୍ଷା



ଖପ୍ରାଖୋଲ,୨୪।୧୦(ସମିସ): ଖପ୍ରାଖୋଲ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅର୍ଦ୍ଧ ବାର୍ଷିକୀ ସାମାଜିକ ସମୀକ୍ଷା ତଥା ଜନ ଶୁଣାଣି ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପର୍ଯ୍ୟବେକ୍ଷକ ରୂପେ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ସମ୍ମାନୀତ ଅତିଥି ରୂପେ ଜିଲ୍ଲା ସାମାଜିକ ସମୀକ୍ଷକ ଅମିତାଭ ମେଣ୍ଡୁଲି, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରୋଗ୍ରାମ ଅଫିସର ତଥା ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ନାଏକ ବ୍ଲକର ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ରିପୋର୍ଟ ଅନୁସାରେ ବ୍ଲକରେ ଗତ ୬ ମାସରେ ୧୮ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ୪ଲକ୍ଷ ୭୬ହଜାର ୮୪୯ ଟି ଶ୍ରମ ଦିବସ ସୃଷ୍ଟି ହୋଇଛି। ୧୭୪ ପରିବାରକୁ ୩ଶହ ଦିନ, ୫୭୬ପରିବାରକୁ ୨ଶହ ଦିନ ଓ ୧୯୨୦ ପରିବାରକୁ ଶହେ ଦିନର କାମ ମିଳିଛି ବୋଲି ତଥ୍ୟ ଉପସ୍ଥାପନ କରାଯାଇଥିଲା। ଯୋଗାଣ ନୀରିକ୍ଷକ ବିକାଶ ବାର୍ଲା ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଚାଉଳ ବଣ୍ଟନ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ସମୀକ୍ଷା ସମୟରେ ମିଳିଥିବା ଜନସାଧାରଣଙ୍କ ଅଭିଯୋଗ, ବ୍ୟତିକ୍ରମ, ଆର୍ଥିକ ଅନିୟମିତତା, ନିୟମ ଉଲ୍ଲଙ୍ଘନ ଉପରେ ତଥ୍ୟ ପ୍ରଦାନ କରି ସମସ୍ୟାର ସମାଧାନ ଉପରେ ଆଲୋକପାତ କରାଯାଇଥିଲା। ତେବେ ପାଉଣା ମିଳି ନ ଥିବା ନେଇ ଗାଁ ସାଥୀମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣି ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ଉପ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମହରାପଦର, ଲାଠୋର ଓ ଧଣ୍ଡାମୁଣ୍ଡା ପଞ୍ଚାୟତକୁ ୩ ଶହ ଦିନ କାମ ଯୋଗାଇବାରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଛି। ସେହିଭଳି ଶ୍ରମିକମାନେ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଏସଏ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଜିପିଡିଓ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ଜଙ୍ଗଲ, ଉଦ୍ୟାନ କୃଷି ବିଭାଗର ଅଧିକାରୀ, ସରପଞ୍ଚ, ପିଇଓ, ଏଡିଏଓ, ଗାଁ ସାଥୀ, ଶ୍ରମିକ ଉପସ୍ଥିତ ଥିଲେ।

### ଭୀମ ପାହାଡ ମହୋତ୍ସବ ତୃତୀୟ ସନ୍ଧ୍ୟା
## ଲୋକକଳା, ଦୁଲ୍‌ଦୁଲିରେ ଝୁମିଲେ ଦର୍ଶକ



ଦେଓଗାଁ,୨୪।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତର ପର୍ଯ୍ୟଟନସ୍ଥଳ ଭୀମ ପାହାଡରେ ୧୧ତମ ଭୀମପାହାଡ ମହୋତ୍ସବ ଚାଲିଛି। ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ପାରମ୍ପାରିକ ଲୋକକଳା ଓ ଦୁଲଦୁଲିରେ ଦର୍ଶକ ଝୁମିଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସଂସ୍କୃତି ଗବେଷକ ଗୁରୁ ଶ୍ରୀ ଡ. ଘାସିରାମ ମିଶ୍ର, ସମ୍ମାନୀତ ଅତିଥି ଭାବେ କଣ୍ଠାମାଳର ପୂର୍ବତନ ବିଧାୟକ ମହିଧର ରଣା, ସ୍ଥାନୀୟ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୀନା ମେହେର ପ୍ରମୁଖ ଯୋଗ ଦେଇଥିଲେ।

ଅଞ୍ଚଳର ସାମଗ୍ରୀକ ବିକାଶରେ କଳା, ସାହିତ୍ୟ ଓ ସଂସ୍କୃତିର ଅବଦାନ ଅନେକ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏହି ଅବସରରେ ବୌଦ୍ଧ ଜିଲ୍ଲା ଟପର୍ଣ୍ଣାର ମୃଦଙ୍ଗ ବାଦକ ପ୍ରହଲ୍ଲାଦ ରଣା ଓ ଗୌରଗୋଠ ରାମଜୀ ପଡାର ଶ୍ରୀରାମ କଳାପରିଷଦକୁ ଭୀମପାହାଡ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ପରେ ମଧୁସୂଦନ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଟିଟିଲାଗଡର ଦୀପକ ଜାଲ ଓ ସାଥିଙ୍କ ଦ୍ୱାରା ଡାପନୃତ୍ୟ, ବଲାଙ୍ଗିରର ସଂଜୋତି କଳାପରିଷଦ ଓ ଢୋଲମହୁରୀ କଳାପରିଷଦର କଳାକାରମାନେ ପାରମ୍ପାରିକ ଲୋକନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ କଳାକାର ରବୀନ୍ଦ୍ର ସାହୁ ଓ ସାଥିଙ୍କ ଦ୍ୱାରା କଂସ ଦରବାର ମଞ୍ଚସ୍ଥ ହୋଇଥିଲା। ଗିରି ଗୋବର୍ଦ୍ଧନ ପୂଜା କମିଟି ଆନୁକୂଲ୍ୟରେ ଚାଲିଥିବା ପୂଜା ଉପଲକ୍ଷେ ୨୪ ପ୍ରହର ନାମଯଜ୍ଞ ମଧ୍ୟ ଜାରି ରହିଛି। କମିଟିର ଉପଦେଷ୍ଟା ଶୈଳେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ଥାନୀୟ ସମିତି ସଭ୍ୟ ଅଭିମନ୍ୟୁ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଭୀମପାହାଡ ମହୋତ୍ସବ କମିଟି ସଭାପତି ପ୍ରମୋଦ ବହିଦାର, ଗୋବର୍ଦ୍ଧନ ସାହୁ, ନନ୍ଦିକିଶୋର ନାଏକ, ପୂର୍ବତନ ସରପଞ୍ଚ ବାଳକ ପଧାନ, ରୁପାଧର ପୁଟା, ଦୟାସାଗର ନାଏକ, ପିତାମ୍ବର ପ୍ରଧାନ, ସାର୍ଥିକ ଭୋଇ, ରାଜେଶ ନାଏକ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

## ଚିତ୍ରଗୁପ୍ତ କଲ୍ୟାଣ ଉତ୍ସବ ଉଦ୍‌ଯାପିତ

ବଲାଙ୍ଗିର,୨୪।୧୦(ସମିସ): ବଲାଙ୍ଗିର ଜିଲ୍ଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ପକ୍ଷରୁ ପ୍ରତି ବର୍ଷ ଭଳି ଏ ବର୍ଷ କରଣ ସମାଜର ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ଦେବଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରା ଏବଂ ଚିତ୍ରଗୁପ୍ତ ଦେବଙ୍କ ପୂଜା ହୋଇଥିଲା। ଏଥିରେ କର୍ତ୍ତା ରୂପେ ଶଙ୍କର ପଟ୍ଟନାୟକ ଓ ତାଙ୍କ ପତ୍ନୀ ସୁଷମା ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କରଣ ସମାଜର ସଭା ଅନୁଷ୍ଠିତ ହୋଇଥିଲେ। ପ୍ରିତମ ବକ୍ସି ସଭାପତିତ୍ୱ କରିଥିଲେ। ସସ୍ମିତା ନେପାକ ପରି.ଳନା କରିଥିଲେ। ସଂପାଦକ ଅଶ୍ୱିନୀ ପଟ୍ଟନାୟକ ବିଗତ ବର୍ଷର ଆୟବ୍ୟୟ ପାଠ କରିଥିଲେ। ଉପସଭାପତି ବିଜୟ ପଟ୍ଟନାୟକ, କୋଷାଧ୍ୟକ୍ଷ ମନୋରଂଜନ ବହିଦାର, ମୀନାକ୍ଷି ପଟ୍ଟନାୟକ ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଓଏଏସ୍ ପାଇଥିବା ସ୍ୱରୂପ ମହାନ୍ତି, ନିଟ୍‌ରେ କୃତକାର୍ଯ୍ୟ ସିମ୍‌ପାଲ ପଟ୍ଟନାୟକ, ଆଇଆଇଟି ଖଡଗପୁର ପାଇଁ ଚୟନ ହୋଇଥିବା ଆୟୁଷ ପଟ୍ଟନାୟକ, ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ସମୀକ୍ଷା ପଟ୍ଟନାୟକ, ରାଜ୍ୟସ୍ତରୀୟ ଖୋଖୋ ଚମ୍ପିୟାନସିପ୍‌ରେ କୃତକାର୍ଯ୍ୟ ସୁଚରିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁର୍ଡା ପ୍ୟାକ୍ସ ଋଣ ଠକେଇ ଘଟଣା
# ତଦନ୍ତ ହେଉଛି; ହେଲେ କାର୍ଯ୍ୟାନୁଷ୍ଠାନ ହେଉନି

- କର୍ମଚାରୀଙ୍କୁ ବିଭାଗୀୟ ସୁରକ୍ଷା
- ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ଚାଷୀ
- ରଫାଦଫା ପାଇଁ ଧାନ ବେପାରୀ ଓ କର୍ମଚାରୀ ଦେଇଥିଲେ ପ୍ରଲୋଭନ

ବଲାଙ୍ଗିର,୨୪।୧୦(ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ବୁର୍ଡା ପ୍ରାଥମିକ ସେବା ସମବାୟ ସମିତି ବା ପ୍ୟାକ୍ସରେ ହୋଇଥିବା ଋଣ ଠକେଇ ଘଟଣାର ତଦନ୍ତ ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଜଣେ ପକ୍ଷାଘାତ ରୋଗୀଙ୍କଠାରୁ ତାଙ୍କ ଅଜାଣତରେ କୃଷିଋଣ କରି ସେହି ଟଙ୍କା ଉଠାଇ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା। କେବଳ ଏତିକି ନୁହଁ; ସଂପୃକ୍ତ ଚାଷୀଙ୍କ ନାମରେ ଏତେ ଟଙ୍କା କେମିତି ଋଣ ହେଲା ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଏହି ଘଟଣାରେ ପ୍ୟାକ୍ସର ଡାଟା ଏଣ୍ଟ୍ରି ଅପରେଟର, ପିଅନ ଓ ଜଣେ ଧାନ ବ୍ୟବସାୟୀଙ୍କ କାରବାରକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ଖବର ପ୍ରକାଶନ ଓ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହେବା ପରେ ସମବାୟ ବିଭାଗ ଲୋକଦେଖାଣିଆ ତଦନ୍ତ କରିଛି। ଏହାକୁ ସପ୍ତାହେରୁ ଅଧିକ ସମୟ ବିତିସାରିଥିବା ବେଳେ ସମବାୟ ବିଭାଗ ପକ୍ଷରୁ ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ବେଳେ ତାଙ୍କୁ ସୁରକ୍ଷା ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି।

ଲୋଇସିଂହା ବ୍ଲକ୍ ବୁର୍ଡା ପ୍ରାଥମିକ ସମବାୟ ସମିତିରେ ଅନେକ ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଛି। ଗତ କିଛି ଦିନ ତଳେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ଥିବା ଚାଷୀ ମୁକୁନ୍ଦ ସାହୁ ଅଭିଯୋଗ କରିଥିଲେ ଯେ ତାଙ୍କ ଅଜାଣତରେ ତାଙ୍କ ନାମରେ କୃଷି ଋଣ କରାଯାଇଛି। ତାଙ୍କର ସମସ୍ତ କିସମ ମିଶି ୫ ଏକର ଜମି ହେବ। କିଛି ମାସ ତଳେ ସେ ଯେତେବେଳେ ପୋଷ୍ଟ ଅଫିସକୁ ଯାଇଥିଲେ ସେହି ସମୟରେ ପ୍ୟାକ୍ସ କର୍ମଚାରୀ ରଞ୍ଜନ ନନ୍ଦ ଓ ନିରୋଜ ସାହୁ ତାଙ୍କୁ ଡାକି କିଛି କାଗଜପତ୍ରରେ ଟିପଚିହ୍ନ ନେଇଥିଲେ। ସେ ଦସ୍ତଖତ ଦେଇପାରନ୍ତି; କିନ୍ତୁ ତାଙ୍କର ଚାଷୀ ପଞ୍ଜିକରଣ କରାଯିବ କହି ଟିପ ଚିହ୍ନ ନେଇଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କ ନାମରେ ପ୍ରାୟ ୬୫ ହଜାର ଟଙ୍କା ଋଣ କରାଯାଇଛି। ତାକୁ ଉଠାଇ ଆତ୍ମସାତ କରାଯାଇଥିବା ସେ ସଙ୍ଗିନ ଅଭିଯୋଗ ଆଣିଥିଲେ। ତାଙ୍କ ବ୍ୟାଙ୍କ ଜମାଖାତା ସ୍ଥାନୀୟ ଜଣେ ଧାନ ବ୍ୟବସାୟୀ ଛନ୍ଦାଚରଣ ଖମାରୀଙ୍କ ପାଖରେ ଥିବା ମଧ୍ୟ ସେ କହିଥିଲେ। ଏନେଇ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହୋଇଥିବା ବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ପରେ ସମବାୟ ବିଭାଗ ପକ୍ଷରୁ ଏହାର ଛାନଭିନ ପାଇଁ ଦୁଇ ଜଣ ନୀରିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିଲା; କିନ୍ତୁ ଅଭିଯୋଗର ପ୍ରାୟ ସପ୍ତାହେରୁ ଅଧିକ ସମୟ ବିତିଯାଇଥିବା ବେଳେ ବୁଧବାର ଦୁଇ ଜଣ ଅଧିକାରୀ ଆସି ଏନେଇ ପଚରାଉଚୁରା କରିଥିବା ଜଣାପଡିଛି। କେବଳ ଅଭିଯୋଗକାରୀ ଓ ଦୁଇ ତିନି ଜଣଙ୍କୁ କିଛି ପ୍ରଶ୍ନ ପଚାରି ସେମାନେ ଚାଲିଯାଇଥିବା ବେଳେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନକୁ ନେଇ ସଂପୃକ୍ତ ଚାଷୀ ପ୍ରଶ୍ନ ଉଠାଇଛନ୍ତି। ମାମଲାକୁ ରଫାଦଫା କରିବା ପାଇଁ ତାଙ୍କୁ କୁଆଡେ ପେକ୍ସ କର୍ମଚାରୀ ଓ ବ୍ୟବସାୟୀ ଲକ୍ଷାଧିକ ଟଙ୍କା ଯାଚିଥିଲେ; କିନ୍ତୁ ସେ ସଫା ସଫା ମନା କରିଦେଇ ଅଭିଯୋଗ ଆଣିଥିଲେ। ଏଠି ପ୍ରଶ୍ନ ଯଦି ଅଭିଯୋଗ ମିଛ ତେବେ ଚାଷୀ ଟଙ୍କା ନେଇ ଅଭିଯୋଗ କରି ନ ଥାନ୍ତେ। ଯଦି ଏଥିରେ ସତ୍ୟତା ନାହିଁ ତେବେ ମାମଲା ରଫାଦଫା କରିବାକୁ କାହିଁକି ଚାଷୀଙ୍କୁ ଡକାଯାଇଥିଲା। ଏଥିରୁ ଏହା ସ୍ପଷ୍ଟ ଯେ ଏହି କାରବାରରେ କିଛି ନା କିଛି ଭୁଲ୍ ରହିଛି।

ଅନ୍ୟପକ୍ଷରେ ତଦନ୍ତରେ ବିଳମ୍ବ ହେବାର କାରଣ କ'ଣ। ତଦନ୍ତରେ ବିଳମ୍ବ ଯୋଗୁ ପ୍ୟାକ୍ସ କର୍ମଚାରୀମାନେ ନିଜକୁ ଠିକ୍ ପ୍ରମାଣିତ କରିବା ପାଇଁ ବ୍ୟବସ୍ଥା କରିବାର ସମ୍ଭାବନା ରହିଛି। ଯାହାକି ସେମାନଙ୍କ ପାଇଁ ସୁଯୋଗ। ତେବେ ମୋଟାମୋଟି ଭାବେ କହିବାକୁ ଗଲେ ପ୍ରଶାସନିକସ୍ତରରେ ମାମଲା ଚାପିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ପ୍ୟାକ୍ସରେ ଏହା ପ୍ରଥମ ନୁହଁ। ଏହା ପୂର୍ବରୁ ମଧ୍ୟ ହୋଇଥିବା ମାମଲାକୁ ଚାପି ଦିଆଯାଇଥିଲା। ସୂଚନା ଯୋଗ୍ୟ ଯେ ଗତ ଖରିଫ ସମୟରେ ଏହି ପ୍ୟାକ୍ସରେ କାର୍ଯ୍ୟରତ ଥିବା ଡାଟା ଏଣ୍ଟ୍ରି ଅପରେଟର ଧାନକିଣାରେ ତଞ୍ଚକତା କରୁଥିବା ଅଭିଯୋଗ ହୋଇଥିଲା। କିଛି ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ଧାନକୁ ଆଗୁଆ କିଣାଯାଇଥିବା ବେଳେ ଲାଇନରେ ଥିବା ଚାଷୀଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଥିଲା।

ସେହିପରି ଏହି ପ୍ୟାକ୍ସରେ ମିଛ ଧାନ ଏଣ୍ଟ୍ରି କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏହା ପରେ ତଦନ୍ତ ମଧ୍ୟ ହୋଇଥିଲା। ପରେ ଦୋଷୀ ଡାଟା ଏଣ୍ଟ୍ରି ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ପ୍ୟାକ୍ସ ପରିଚାଳନା ବୋର୍ଡକୁ ନିଷ୍ପତ୍ତି ନେବା ପାଇଁ ଛାଡିଦିଆଯାଇଥିଲା। ଫଳରେ ସଂପୃକ୍ତ ଡାଟା ଏଣ୍ଟ୍ରି ଅପରେଟର ଧାନ ବ୍ୟବସାୟୀଙ୍କ ସହାୟତାରେ ନିର୍ଦ୍ଦେଶକମାନଙ୍କୁ ପ୍ରଭାବିତ କରି ଖସିଯାଇଥିଲେ। ଏବେ ପୁଣି ଏକ ଅଭିଯୋଗର ତଦନ୍ତ ସରିବା ପରେ ପୁଣି ସମବାୟ ବିଭାଗ ସମାନ ବାହାନା ଦେଖାଇ କର୍ମଚାରୀଙ୍କୁ ଖସାଇବ ନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲା ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ମୁରିବାହାଲ,୨୪।୧୦(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆଠାରେ ଜିଲ୍ଲା ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍ ବାଳକ ବାଳିକା ବିଭାଗର କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁରିବାହାଲ ବିଇଓ ଶାନ୍ତନୁ ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୀନା କୁମାରୀ ବେହେରା, ସମ୍ମାନିତ ଅତିଥି ଭାବେ ଓଷ୍ଟା ଜିଲ୍ଲା ସଭାପତି ପ୍ରଦୀପ ପୁଟେଲ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିଲତା ପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ମୁରିବାହାଲ ଏବିଇଓ କୈଳାଶ ଚନ୍ଦ୍ର ଭୋଇ, ଓଏଭି ଅଧ୍ୟକ୍ଷ ତ୍ରିବିକ୍ରମ ସାହୁ, ଲେବଡା ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଦ୍ୟୁତିବାହନ ମୁନା, କ୍ରୀଡ଼ା ସମ୍ପାଦକ କୁବେରଲାଲ ବେହେରା, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଧବଳେଶ୍ୱର ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ହେମନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ବିନୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ତିନିଦିନିଆ ପ୍ରତିଯୋଗିତାରେ ୧୪ଟି ବ୍ଲକରୁ ୬୭୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ନଭେମ୍ବର ମାସରେ ସୁନ୍ଦରଗଡ଼ ବଣେଇଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ସୂଚନା ଦେଇଛନ୍ତି। ପ୍ରତିଯୋଗିତାର କନଭେନର ଭାବରେ ଶୁଭେନ୍ଦ୍ର ମହାନ୍ତି, ପଦ୍ମଜାନନ୍ଦିନୀ ବହିଦାର, ଆଶିଷ ଦେବ ସା, ରାଧେଶ୍ୟାମ ବଘାର ଓ ପ୍ରମୋଦ ଠାକୁର ଖେଳ ପରିଚାଳନା କରିଥିଲେ। ହେମନ୍ତ ନାଗ, ମନୋଜ ସ୍ୱାଇଁ, ଦୀପ୍ତିମୟୀ ଲେଙ୍କା, ବିକାଶ ସତନାମୀ, କଳାକାହ୍ନୁ ରଣା, ଶିଶିର ବୈଠାରୁ, ନୀତେଶ ତାଣ୍ଡି, ରାମକୃଷ୍ଣ ଆଡୟୁଆଡ, ସୁରେଶ ମହାକୁର, କୃପା ବାଗ ପ୍ରମୁଖ ସହଯୋଗ କରିଥିଲେ।

## ବାଟ ହୁଡୁଛି ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା

# ୧୭୨୮ ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ମମତା ଗୃହ

ବାରିପଦା, ୨୪ ।୧୦(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ପରିଚାଳିତ ମମତା ବା ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ବାଟହୁଡୁଛି । ଆଦିବାସୀ ବହୁଳ ବଣପାହାଡ ଘେରା ଏହି ଜିଲ୍ଲାରେ ବିଶେଷ ଭାବରେ ଭିତ୍ତିଭୂମି ଅଭାବ ପାଇଁ ଉପରୋକ୍ତ ଯୋଜନାର ଶତପ୍ରତିଶତ ସଫଳତା ମିଳୁନାହିଁ । ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ପାଇଁ ଓ ଗର୍ଭବତୀ, ପ୍ରସୂତୀ ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୃଷ୍ଟିର ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ସେପ୍ଟେମ୍ବର ୨୦୧୧ରେ ମମତା ପରିଯୋଜନା ଓଡ଼ିଶା ତଥା ଏହି ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିଲା । ତେବେ ଏହି ମମତା ଯୋଜନାକୁ ଓଡ଼ିଶା ସରକାର ଏପ୍ରିଲ-୨୦୨୫ଠାରୁ ମିଳିତ ଭାବରେ ମମତା-ପ୍ରଧାନ ମନ୍ତ୍ରୀ ମାତୃ"ବନ୍ଦନା ଯୋଜନା କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରି କାର୍ଯ୍ୟକାରୀ ହେଉଛି । ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ବୈଶିଷ୍ଟ୍ୟ ଦେଖିବାକୁ ଗଲେ ୧୮ ବର୍ଷରୁ ୫୫ ବର୍ଷ ବୟସର ଗର୍ଭବତୀ ମହିଳା ଏବଂ ପ୍ରସୂତୀ ମା'ମାନେ ଯୋଜନାର ଲାଭ ପାଇବାକୁ ଯୋଗ୍ୟ ହେବେ । ଶେଷ ଋତୁସ୍ରାବରୁ ୪ ମାସ ମଧ୍ୟରେ ଗର୍ଭତୀଙ୍କୁ ଏହି ଯୋଜନାରେ ପ୍ରଥମ କିସ୍ତି ଅର୍ଥରାଶି ପ୍ରଦାନ କରାଯାଉଥିବା ବେଳେ ଶିଶୁ ଜନ୍ମର ୧୪ ସପ୍ତାହ ବୟସ ହେବ ସହ ସମସ୍ତ ଟୀକା ଗ୍ରହଣ କରିବା ପରେ ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଉଛି । ସେହିପରି ହିତାଧିକାରୀ ମାନେ ପ୍ରଥମ ଏବଂ ଦ୍ୱିତୀୟ




ଜୀବତ ଜାତ ଶିଶୁ ପାଇଁ ଆର୍ଥିକ ସହାୟତା ପାଉଛନ୍ତି । ସେଥିମଧ୍ୟରୁ ପ୍ରତି କନ୍ୟା ସନ୍ତାନ ପାଇଁ ୧୨ହଜାର ଟଙ୍କା ଏବଂ ପୁତ୍ର ସନ୍ତାନ ପାଇଁ ୧୦ହଜାର ଟଙ୍କା ଦିଆଯାଉଥିବା ବେଳେ ପ୍ରଥମ କିସ୍ତି ୬ହଜାର ଟଙ୍କା ଓ ଦ୍ୱିତୀୟ କିସ୍ତିରେ ଯଦି ପୁତ୍ର ସନ୍ତାନ ଜନ୍ମ ହୁଏ ତେବେ ୪ହଜାର ଟଙ୍କା ଏବଂ କନ୍ୟା ସନ୍ତାନ ପାଇଁ ୬ଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଉଛି । ବିଲୁପ୍ତ ପ୍ରାୟ ଜନଜାତି ଗୋଷ୍ଠୀ (ପିଭିଟିଜି) ସମ୍ପ୍ରଦାୟର ମହଳାଙ୍କୁ ସମସ୍ତ ଜୀବିତ ଜାତ କନ୍ୟା ସନ୍ତାନ ପାଇଁ ୧୨ହଜାର ଟଙ୍କା ଏବଂ ପୁତ୍ର ସନ୍ତାନ ପାଇଁ ୧୦ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଉଛି । ବାର୍ଷିକ ପରିବାର ଆୟ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ତଥା ସରକାର ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ସେମାନଙ୍କ ପତ୍ନୀଙ୍କ ବ୍ୟତୀତ

**୩୪୨୫ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ; ଚାଲିଛି ୧୩୯**

୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗର୍ଭବତୀ ଓ ପ୍ରସୂତୀ ମା' ୨ଟି ଜୀବିତ ସନ୍ତାନ ପର୍ଯ୍ୟନ୍ତ ଏଥିରେ ଉପକୃତ ହେଉଛନ୍ତି । ମମତା ଯୋଜନାର ପୁରୁଣା ନିୟମ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାରେ ସେପ୍ଟେମ୍ବର-୨୦୧୧ରୁ ଡିସେମ୍ବର-୨୦୧୬ ମଧ୍ୟରେ ମୋଟ ୧ଲକ୍ଷ ୭୦ହଜାର ୫୧୨ ଜଣ ଗର୍ଭବତୀ ମା' ଏହି ଯୋଜନାରେ ଉପକୃତ ହୋଇଛନ୍ତି । ଜାନୁୟାରୀ ୨୦୧୭ ପରଠାରୁ ପରିବର୍ତ୍ତିତ ନୂତନ ସର୍ତ୍ତାବଳୀ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ବାଟ ହୁଡୁଛି ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ମୋଟ ୨ଲକ୍ଷ ୨୫ହଜାର ୪୭୨ ଜଣ ଗର୍ଭବତୀ ମା' ଏହି ଯୋଜନାରେ ଉପକୃତ ହୋଇଛନ୍ତି । ତେବେ ସମସ୍ତ ଗର୍ବବତୀ ମା' ଯୋଜନାର ଉପକୃତ ପାଇଁ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ମମତା ଗୃହର ଆବଶ୍ୟକତା ରହିଛି ; ପରନ୍ତୁ ମୟୂରଭଞ୍ଜ ଜିଲ୍ଲାରେ ୧୭୨୮ ଟି କେନ୍ଦ୍ରରେ ମମତା ଗୃହ ନାହିଁ । ଯାହାର ପ୍ରମୁଖ କାରଣ ଜିଲ୍ଲାର ୧୧୭୨ଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ବେଳେ ସ୍କୁଲ ଘର, ଗୋଷ୍ଠୀ କେନ୍ଦ୍ର ଓ ଭଡାଘରେ ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି । ତେବେ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ (ଓମ୍ବାଡିସି) ଫାଣ୍ଡିରୁ ଭିତ୍ତିଭୂମିର ସର୍ଭେ ପରେ ୩୮ ୯୨ଟି ଅଙ୍ଗନବାଡି କେନ୍ଦ୍ରରେ ମମତାଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟରୁ ୩୪୨୫ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୩୯ ଟି ନିର୍ମାଣ ଚାଲିଛି । ବାକି ୫୬ଟି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି କହିଛନ୍ତି । ତେବେ ନିଜସ୍ୱ ଗୃହ ଅଭାବ ପାଇଁ ମମତା-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ସଫଳତା ପାଇପାରୁନି । ଏଥିପାଇଁ ପ୍ରତ୍ୟେକ ଅଙ୍ଗବାଡି କେନ୍ଦ୍ରରେ ମମତାଗୃହ ନିର୍ମାଣ ସୁନିଶ୍ଚିତ କରିବା ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ ବୋଲି ବଡସାହି ବ୍ଲକର ୨୩ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ ମତ ରଖିଛନ୍ତି ।

## ଜୁଆ ଆଡ୍ଡାରେ ପୁଲିସର ଚଢ଼ଉ

# ଖେଳ ସାମଗ୍ରୀ, ଟଙ୍କା, ବୁଲେଟ୍ ଜବତ; ୪ ଗିରଫ



**ବାରିପଦା, ୨୪ ।୧୦(ସମିସ):** ଜୁଆଡିମାନଙ୍କ ପ୍ରାଦୁର୍ଭାବ ରୋକିବାରେ ବାରିପଦା ସଦର ଥାନା ପୁଲିସକୁ ସଫଳତା ମିଳିଛି । ଏକ ଜୁଆ ଆଡ୍ଡାରେ ପୁଲିସ ଚଢଉ କରି ୪ଜଣଙ୍କୁ ଗିରଫ କରିବା ସହିତ ଖେଳ ସାମଗ୍ରୀ, ଟଙ୍କା, ମୋବାଇଲ ଏବଂ ଏକ ବୁଲେଟ୍‌କୁ ଜବତ କରିଛି । ଗିରଫମାନେ ସେମାନେ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ବଡ଼ବଜାର ଅଞ୍ଚଳର ଶଙ୍କରନାଥ ବେହେରା, ଚାନ୍ଦୁଆ ଥାନା ଅନ୍ତର୍ଗତ ଝିନେଇ ଗ୍ରାମର ସର୍ବେଶ୍ୱର ସିଂ, କୁଳିଅଣା ଥାନା ଅନ୍ତର୍ଗତ ଶୁଖୁଆପଦା ଗ୍ରାମର ଚନ୍ଦରାୟ ଟୁଡୁ ଓ ବଡ଼ସାହି ଥାନା ଅନ୍ତର୍ଗତ ସାନକେରକୋ ଗ୍ରାମର ରଞ୍ଜିତ ମହାନ୍ତ । ବାରିପଦା ସଦର ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ବାଉଁଶବିଲା ଅଞ୍ଚଳରେ ଦଣ୍ଡିମୁଣ୍ଡି ଜୁଆ ଖେଳ ଚାଲୁଥିବା ନେଇ ଖବର ପାଇଥିଲା । ପରେ ହାଟ ପଡ଼ିଆ ଅଞ୍ଚଳରେ ପୁଲିସ ଟିମ ଚଢ଼ଉ କରିଥିଲା । ଅଭିଯୁକ୍ତଙ୍କ ନିକଟରୁ ୨୨ହଜାର ୧୦୦ଟଙ୍କା, ୪ଟି ମୋବାଇଲ, ଗୋଟିଏ ବୁଲେଟ ବାଇକ ଏବଂ ଅନ୍ୟାନ୍ୟ ଜୁଆ ଖେଳ ସାମଗ୍ରୀ ଜବତ କରାଯାଇଛି । ଗିରଫଙ୍କ ମଧ୍ୟରୁ ଶଙ୍କରନାଥ ବେହେରା(ଜଗା) ଉକ୍ତ ଖେଳର କିଙ୍ଗପିନ ବୋଲି ଜଣାପଡ଼ିଛି । ଗିରଫ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏଥି ସହିତ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

## ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

# ବାଲେଶ୍ୱର ଜିଲ୍ଲା ଦହମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଥମ



**ବାରିପଦା, ୨୪ ।୧୦(ସମିସ):** ମୟୂରଭଞ୍ଜ, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଆଦି ୬ଟି ଜିଲ୍ଲାକୁ ନେଇ ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଟିଇ ଓ ଏସସିଇଆରଟି ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ବାରିପଦାସ୍ଥିତ ସହିଦ ସ୍ମୃତି ଭବନ ପରିସରରେ ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂହ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଯୋଗ ଦେଇଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଅତିଥି ପରିଚୟ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଥିଏଟର ଅଭିନେତା ଓ ନିର୍ଦ୍ଦେଶକ କୁମରମଣି ନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଧୀର ବସା, ନୃତ୍ୟ ପ୍ରଶିକ୍ଷକ ଲିଟନ ପଟ୍ଟନାୟକ, ନୃତ୍ୟ ଶିଳ୍ପୀ ରିଚା ବାରିକ, ନୃତ୍ୟ ଶିକ୍ଷକ ଅରୂପାନନ୍ଦ ମହଲା ପ୍ରମୁଖ ବିଚାରକ ଭାବେ ମଧ୍ୟ ଯୋଗ ଦେଇଥିଲେ । ପ୍ରତିଯୋଗିତରେ ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ଜିଲ୍ଲାର ଭାଗିରଥିପୁର ଉଚ୍ଚ ବିଦ୍ୟାଳୟ, ଅନୁଗୁଳ ଜିଲ୍ଲାର ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ, ଅଡଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇ ଅତିଥିମାନଙ୍କ ନିକଟରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ । ଶ୍ରେଷ୍ଠ ଅଭିନେତା ରୂପେ ବାଲେଶ୍ୱର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଶିବନାରାୟଣ ଦାସ, ଶ୍ରେଷ୍ଠ ଯୁଗ୍ମ ଅଭିନେତ୍ରୀ ରୂପେ ଭଦ୍ରକ ଜିଲ୍ଲାର ଓଏଭି, ସାୟାମପୁର ସୁହାନା ଦାସ ଓ ମୟୂରଭଞ୍ଜ ଜିଲ୍ଲାର ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ସ୍ୱାଗତିକା ପଣ୍ଡା, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଚନ୍ଦନ କୁମାର ଦାସ, ନାଟକ ଲେଖକ ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଦେବବ୍ରତ ଦେ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନଶିକ୍ଷକ ରମେଶ ମାରାଣ୍ଡି, ନୟନ କୁମାର ଗିରି, ବସନ୍ତ ଦତ୍ତ, ମନୋଜ ପାତ୍ର, ଭୀଷ୍ମଦେବ ମହାନ୍ତ, ମନୋଜ ପରିଡ଼ା, ଦୀପକ ରାମ, ସଞ୍ଜୀବ ଦଳେଇ, ଅଜିତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ପ୍ରାର୍ଥନା ମିଶ୍ର, ସୁଦତ୍ତା ବାରିକ, ଶିକ୍ଷା କର୍ମଚାରୀ ରମେଶ ଚନ୍ଦ୍ର ଜେନା ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଜୋନସ୍ତରୀୟବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରରେ ଅଂଶ ଗ୍ରହଣ କରିବ ।

# ରାଇରଙ୍ଗପୁର ନୂତନ ଜିଲ୍ଲା ଗଠନ ଉଦ୍ୟମକୁ ବିରୋଧ



**ଠାକୁରମୁଣ୍ଡା, ୨୪।୧୦ (ସମିସ):** ମୟୂରଭଞ୍ଜ ଜିଲ୍ଲାକୁ ଦୁଇ ଭାଗ କରି ନୂତନ ଭାବରେ ରାଇରଙ୍ଗପୁର ଜିଲ୍ଲା ଗଠନ ଉଦ୍ୟମକୁ ଠାକୁରମୁଣ୍ଡା ବ୍ଲକ ପେଶା ଗ୍ରାମସଭା କୋର୍ଡିନେସନ କମିଟି ବିରୋଧ କରିଛି । ଏ ନେଇ ଶୁକ୍ରବାର ଏକ ସ୍ମାରକପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ଟଙ୍କଧର ମହାନ୍ତଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ରର ଏକ ନକଲ ପ୍ରଧାନମନ୍ତ୍ରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ଜିଲ୍ଲାପାଳଙ୍କୁ ଦିଆଯାଇଛି । ଠାକୁରମୁଣ୍ଡା ବ୍ଲକ ପେଶା ଗ୍ରାମ ସଭାର ସଭାପତି ବୁଦେନ ମୁର୍ମୁ, ସମ୍ପାଦକ ରାବଣେଶ୍ୱର ହାଁସଦାଙ୍କ ନେତୃତ୍ୱରେ ସଦସ୍ୟମାନେ ୧୭ ଦଫା ସମ୍ବଳିତ ଦାବିପତ୍ର ଦେଇଥିଲେ । ଦାବିପତ୍ରରେ ସ୍ୱତନ୍ତ୍ର ରାଜ୍ୟ ମୟୂରଭଞ୍ଜ ଓଡ଼ିଶାରେ ୧୯୪୯ ମସିହାରେ ମିଶ୍ରଣ ହୋଇଥିଲା । ମିଶ୍ରଣ ସମୟରେ ସହମତି ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ଅନୁସୂଚିତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ବର୍ତ୍ତମାନ ଏହା ଗୋଟିଏ ବୋଲି ପାଳନ କରାଯାଇନାହିଁ । ସମ୍ବିଧାନର ୫ମ ଅନୁସୂଚୀ ଅନୁଯାୟୀ ଜିଲ୍ଲା ଆଦିବାସୀଙ୍କ ଅଧିକାର ଓ ସୁବିଧା ସୁରକ୍ଷିତ ରଖାଯିବ; କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଗତ ୧୯୯୨-୯୩ ମସିହାରେ ଓଡ଼ିଶାର ୧୭ ଟି ନୂତନ ଜିଲ୍ଲା ଗଠନ କରାଯାଇଥିବା ବେଳେ ମିଶ୍ରଣ ଚୁକ୍ତି ଅନୁଯାୟୀ ମୟୂରଭଞ୍ଜକୁ ବିଭାଜନ କରାଯାଇ ନ ଥିଲା । ବ୍ରିଟିଶ ଶାସନ ସମୟରେ ଯେପରି ମୟୂରଭଞ୍ଜ ରାଜ୍ୟ ଗଠନ ପାଇଁ ଆନ୍ଦୋଳନ ହୋଇଥିଲା, ସେଭଳି ବର୍ତ୍ତମାନ ଜିଲ୍ଲା ବିଭାଜନ କଲେ ଆଦିବାସୀ ସଂଗଠିତ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି କମିଟି ।

# କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ



**ବାରିପଦା, ୨୪ ।୧୦(ସମିସ):** ଏମିପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶ୍ରଦ୍ଧା ଫାଉଣ୍ଡେସନ ପକ୍ଷରୁ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଅବସ୍ଥାରେ କର୍କଟ ରୋଗର ନିରୂପଣ ଓ ଏହାର ନିଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅତିଥି ଭାବେ ଶ୍ରଦ୍ଧା ଫାଉଣ୍ଡେସନର ସଦସ୍ୟା ତଥା କର୍କଟ ରୋଗ ବିଜୟିନୀ ଅନୀତା ବେହେରା ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ କର୍କଟ ବିରୋଧରେ ନିଜର ଲଢେଇର ଅନୁଭୂତି ବଖାଣିବା ସହ କମ ଖର୍ଚ୍ଚରେ କିପରି ଉଚ୍ଚମାନର ଚିକିତ୍ସା ସୁବିଧା ଲାଭ କରି ହେବ ସେ ନେଇ ସୂଚନା ଦେଇଥିଲେ । ପ୍ରଶାସନିକ ମୁଖ୍ୟ ଡ. ପ୍ରିୟବ୍ରତ ବେହେରା ଓ ଅଧ୍ୟାପିକା ଶ୍ରୀମତୀ ରୀନା ମୁର୍ମୁ ଓ ଅଧ୍ୟାପକ ଡ.ଅନାମ ଚରଣ ରାଉଳ ପ୍ରାରମ୍ଭିକ ବକ୍ତବ୍ୟ ରଖିବା ସହ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ-ଅଧ୍ୟାପିକା ଡ ଦୀପକ କୁମାର ବେହେରା, ଡ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଭୀମ ଚରଣ ମୁର୍ମୁ, ଡ ଟୁଡୁ, ଡ ବିଶ୍ୱଭୂଷଣ ଭୂୟାଁ, ଡ ନରେନ୍ଦ୍ର ବେହେରା, ଦୀପିକା ରଣା, ସୀମା ଅଗ୍ରୱାଲ ଓ ଡ ନିରୂପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପିକା ଛନ୍ଦିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦାନ୍ତିଆମୁହାଁ କ୍ଲଷ୍ଟରରେ ଶିଶୁ ମହୋତ୍ସବ 'ସୁରଭି'




**ମୋରଡା, ୨୪।୧୦(ସମିସ):** ମୋରଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶୁକ୍ରବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଦାନ୍ତିଆମୁହାଁ କ୍ଲଷ୍ଟର ଅଧୀନ ଦାନ୍ତିଆମୁହାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସିଆରସିସି କୌଶିକ ଦାସଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, କରମଶୋଳ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନ୍ମେଜୟ ମହାନ୍ତ, ଦାନ୍ତିଆମୁହାଁ ସରପଞ୍ଚ ଗୁରୁବାରୀ ସିଂ, ନାଏବ ସରପଞ୍ଚ ନିରଞ୍ଜନ ସି ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କ୍ଲଷ୍ଟର ଅଧୀନ ୧୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଅନନ୍ତ ଦମ୍ପତି ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବାରିପଦା, ୨୪ ।୧୦(ସମ):** ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ ସୁଦୃଢ କରିବା, ଗୋଷ୍ଠୀ ସହଭାଗିତା ବୃଦ୍ଧି ସହିତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ । ଏଥି ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ୪୦୪ ପଞ୍ଚାୟତର କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଜିଲ୍ଲା ପଞ୍ଚାୟତ ସଂସାଧନ କେନ୍ଦ୍ର ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ ବିଭାଗ ତରଫରୁ ବିପର୍ଯ୍ୟୟ ପରିଚାଳନା କିଭଳି ଭାବରେ କରାଯାଇଥାଏ ସେ ନେଇ ଆଲୋଚନା କରିଥିଲେ । ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଅସୁରକ୍ଷିତ ଗୋଷ୍ଠୀ ସମୂହର ଚିହ୍ନଟକରଣ, ଉପଯୁକ୍ତ ଯୋଜନା ପ୍ରସ୍ତୁତ, ଗୋଷ୍ଠୀ ସହଭାଗିତା, ଦକ୍ଷତା ବୃଦ୍ଧି ସହିତ ବିପର୍ଯ୍ୟୟ ପରିଚାଳନାରେ ନିଜର ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରିଥିଲେ । ଏଥିସହିତ ଏଭଳି ତାଲିମ କାର୍ଯ୍ୟକ୍ରମ ବିପର୍ଯ୍ୟୟ ପରିଚାଳନାକୁ ଅଧିକ ଲୋକାଭିମୁଖୀ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ପ୍ରକାଶ ଥାଉ କି ଉକ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପ୍ରତି ବ୍ୟାଚ ୨ ଦିନ କରି ମୋଟ ୮ ଟି ବ୍ୟାଚରେ ହେବ ବୋଲି ଡିପିଓ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ । ମାଷ୍ଟର ଟ୍ରେନର ମନୋଜ ଜେନା, ମହେନ୍ଦ୍ରନାଥ ସେନାପତି, ଆଶିଷ କୁମାର ସାହୁ, ମୋହନ ମୁର୍ମୁ ଓ ପ୍ରଦୀପ କୁମାର ଦାସମହାପାତ୍ର ତାଲିମ ପ୍ରଦାନ କରୁଛନ୍ତି ।

# 'ବାନ୍ଦଣା' ପର୍ବ ପାଇଁ ମାଟିହୁଡ଼ି ଉତ୍ସବମୁଖର

ଉଦଳା, ୨୪ ।୧୦(ସମିସ)



ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତ ମାଟିହୁଡି ଗ୍ରାମରେ ପାରମ୍ପରିକ ଗୋ ବାନ୍ଦଣା ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଛି । କାଳୀ ପୂଜାର ଅମାବାସ୍ୟା ତିଥିଠାରୁ ସାନ୍ତାଳ, ମୁଣ୍ଡା ଏବଂ କୁଡୁମୀ ଜାତିର ଲୋକେ ତିନିଦିନ ଧରି ବାନ୍ଦଣା ପର୍ବ ପାଳନ କରିଥାନ୍ତି । ଶ୍ରୀଦାମଚନ୍ଦ୍ରପୁର, ନୂଆଗାଁ, ପାଟଶାଣୀପୁର, କୁଣ୍ଡାବାଇ ପଞ୍ଚାୟତର ପ୍ରାୟ ୪୫ଟି ଗାଁର ଲୋକେ ଏକାଠି ହୋଇ ଗୋରୁ ଖୁଣ୍ଟା ପର୍ବ ଧୁମଧାମରେ ପାଳନ କରିଥିଲେ । ଆଦିବାସୀଙ୍କ ଗୋଠପୂଜା ସ୍ଥଳରେ ଗ୍ରାମ ପୂଜକ ଦେହୁରୀଙ୍କ ଦ୍ୱାରା ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମଦେବୀ ଓ ଇଷ୍ଟ ଦେବତାଙ୍କୁ ଆବାହନ କରି ପୂଜା କରାଯାଇଥିଲା । ଅପରାହ୍ନରେ ଏକ ଅଣ୍ଡାକୁ ପୂଜା ସ୍ଥଳରେ ରଖାଯାଇ ଗାଁର ବଳଦଙ୍କୁ ଅଣ୍ଡା ଥିବା ଦିଗରେ ଛାଡ଼ି ଦିଆଯାଇଥିଲା । ଏହି ବିଧି ମଧ୍ୟରେ ମକରା ମହାନ୍ତଙ୍କ ଗୋରୁ ପୂଜା ହୋଇଥିବା ଅଣ୍ଡା ମାଡ଼ିଥିଲେ । ସେହି ଗୋରୁକୁ ଧରି ବନ୍ଦାପନା କରିବା ସହ ଗୋ ପାଳକ ବା ମାଲିକଙ୍କୁ ଗ୍ରାମବାସୀ କାନ୍ଧରେ ବସାଇ ଘରକୁ ନେଇଥିଲେ । ଏହି ଅଣ୍ଡା ମଡ଼ା ପର୍ବ ବା ଗୋଠ ପୂଜା ପରମ୍ପରା କାହିଁ କେଉଁ କାଳରୁ ଏଠାରେ ପ୍ରଚଳିତ ହୋଇ ଆସୁଛି । ପରଦିନ ପ୍ରତ୍ୟେକ ଘରେ ଗୁହାଳ ପୂଜା ସହିତ ତୃତୀୟ ଦିନରେ ଗୋରୁ ଗାଈଙ୍କୁ ଗାଧୋଇ ସିଙ୍ଗରେ ତେଲ ମାରି ମଥାରେ ଅରୁଆଚାଉଳ ଓ ସିନ୍ଦୂର ଲଗାଇ ବନ୍ଦାପନା କରିବା ସହିତ ଗୋରୁଖୁଣ୍ଟା ପର୍ବ ଅନୁଷ୍ଠିତ ହୋଇଥିଲା । ଗାଁ ପଡ଼ିଆରେ ସାମୂହିକ ଭାବେ ଗାଇଗୋରୁଙ୍କୁ ଖୁଣ୍ଟରେ ବାନ୍ଧି ଗ୍ରାମର ମହିଳାମାନେ ବନ୍ଦାପନା କରିଥିଲେ । ପୁରୁଷମାନେ ମାଦଳ ବଜାଇ ଗୀତ ଗାଇ ଗାଁ ମଝି ପଡ଼ିଆରେ ଗୋରୁଙ୍କୁ ଖୁଣ୍ଟରେ ବାନ୍ଧି ବନ୍ଦାପନା କରିଥିଲେ । ଶେଷ ଦିନରେ ମାଟିହୁଡି ୟୁଥ୍ କ୍ଲବ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ଗୋରୁଖୁଣ୍ଟା ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କାଳିଦାସ ଟୁଡୁ, ମକରା ମହାନ୍ତଙ୍କ ସମେତ ଅନ୍ୟ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଘନଶ୍ୟାମ ମହାନ୍ତ, କମଳାକାନ୍ତ ମହାନ୍ତ, ଡାକ୍ତର ମହାନ୍ତ, ତ୍ରିନାଥ ମହାନ୍ତ, ଅଜିତ୍ ମହାନ୍ତ, ରାଧାମୋହନ ମହାନ୍ତ, କଟିଆ ମହାନ୍ତ, କୃତିବାସ ମହାନ୍ତ, ଆକାଶ ମହାନ୍ତ, ଜିତୁନ୍ ମହାନ୍ତ, ରଣଜିତ୍ ମହାନ୍ତ, ବିଭୁତି ଭୂଷଣ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ମଦବୋଝେଇ ଅଟୋ ଜବତ, ୩ ଗିରଫ

**ମୋରଡ଼ା, ୨୪।୧୦(ସମିସ):** ମୋରଡ଼ା ପୁଲିସ ଶୁକ୍ରବାର ଏକ ମଦ ବୋଝେଇ ଅଟୋକୁ ଜବତ କରିବା ସହ ଚାଳକ ସମେତ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ଯୁବକ ତିନି ଜଣ ହେଲେ ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅଧୀନ ବରପାଳ ଗାଁର ଅଞ୍ଜନ କୁମାର ପରିଡ଼ା, ହୀରାପୁର ଗାଁ ର ହରିଶଙ୍କର ପ୍ରଧାନ ଏବଂ ରୁପ୍ସାର ସେକ ସରିଫ(୨୪) । ଶୁକ୍ରବାର ସକାଳେ ଏକ ଅଟୋରେ ଉପରୋକ୍ତ ତିନି ଜଣ କୋଷ୍ଠା ଅଞ୍ଚଳରୁ ୧୭୦ଲିଟର ଦେଶୀ ମଦ ପାଉଜ ନେଇ ରୁପ୍ସାକୁ ଯାଉଥିବା ସମୟରେ ଝିଙ୍କିରିଆ ଛକ ନିକଟରେ ପୁଲିସ ହାବୁଡରେ ପଡ଼ିଥିଲେ । ଫଳରେ ପୁଲିସ ସେମାନଙ୍କୁ ଥାନାକୁ ଆଣି ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅଞ୍ଜନ କୁମାର ପରିଡ଼ା ଭିନ୍ନକ୍ଷମ ଥିବାରୁ ତାଙ୍କୁ ନୋଟିସ ଦେଇ ଛାଡିଦେଇଛି ।



# ଏନ୍‌ଆଇଟିରେ ଇଣ୍ଟେଲିଜେଣ୍ଟ ହାଇବ୍ରିଡ୍ ମାଇକ୍ରୋଗ୍ରୀଡ୍ ବିକଶିତ

ରାଉରକେଲା, ୨୪ ।୧୦(ସମିସ)



ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ଗବେଷକମାନେ ଏକ ସ୍ମାର୍ଟ ନିୟନ୍ତ୍ରଣ ପ୍ରଣାଳୀ ବିକଶିତ କରିଛନ୍ତି ଯାହା ସୌର, ପବନ ଓ ବ୍ୟାଟେରୀ ଉତ୍ସରୁ ସ୍ୱୟଂଚାଳିତ ଭାବରେ ବିଦ୍ୟୁତ୍ ପ୍ରବାହ ପରିଚାଳନା କରିପାରିବ। ଏହି 'ହାଇବ୍ରିଡ୍ ମାଇକ୍ରୋଗ୍ରୀଡ୍' ମୁଖ୍ୟ ବିଦ୍ୟୁତ୍ ଗ୍ରୀଡ୍ ସହିତ ସଂଯୋଗ ନଥିବା ଗ୍ରାମାଞ୍ଚଳରେ ସ୍ୱଚ୍ଛ ଓ ନିରନ୍ତର ବିଦ୍ୟୁତ୍ ଯୋଗାଣ କରିପାରିବ। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ପତ୍ରିକା ଆଇଇଇଇ ଟ୍ରାଞ୍ଜାକ୍ସନ୍ସ ଅନ୍ ଇଣ୍ଡଷ୍ଟ୍ରି ଆପ୍ଲିକେସନ୍ସରେ ପ୍ରକାଶିତ ହୋଇଛି। ଏହାକୁ ଏନ୍‌ଆଇଟି ରାଉରକେଲାର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରାଧ୍ୟାପକ ପ୍ରଫେସର ଅର୍ଣ୍ଣବ ଘୋଷ ଓ ପ୍ରଫେସର କୃଷ୍ଣା ରାୟ ଏବଂ ଗବେଷଣା ଛାତ୍ରୀ ଅନନ୍ୟା ପ୍ରୀତିଲଗ୍ନା ବିଶ୍ୱାଳ ରଚନା କରିଛନ୍ତି। ଏହି ଗବେଷଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜୀବାଶ୍ମ ଇନ୍ଧନ ଭଣ୍ଡାରର ସମ୍ଭାବ୍ୟ ବ୍ୟବହାରକୁ ହ୍ରାସ କରିବା ଏବଂ ମୁଖ୍ୟ ବିଦ୍ୟୁତ୍ ଗ୍ରୀଡ୍ ଠାରୁ ବଞ୍ଚିତ ଦୁର୍ଗମ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇବା।

ଉଲ୍ଲେଖଯୋଗ୍ୟ ଯେ ଏହି ଗବେଷଣା ସ୍ୱଚ୍ଛ ଓ ସୁଲଭ ବିଦ୍ୟୁତ୍ (ଏସ୍‌ଡିଜି ୭), ଜଳବାୟୁ ସୁଧାର କାର୍ଯ୍ୟ (ଏସ୍‌ଡିଜି ୧୩) ଓ ସ୍ଥାୟୀ ସମୁଦାୟ (ଏସ୍‌ଡିଜି ୧୧) ଭଳି ଅନେକ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରେ। ସୌର ଓ ପବନ ଶକ୍ତି ଭଳି ନବୀକରଣଯୋଗ୍ୟ ଉତ୍ସକୁ ବ୍ୟାଟେରି ସଂରକ୍ଷଣ ସହିତ ମିଶ୍ରଣ କରୁଥିବା ହାଇବ୍ରିଡ୍ ମାଇକ୍ରୋଗ୍ରୀଡ୍ ଉପରେ ସାରା ବିଶ୍ୱରେ ଗବେଷଣା କରାଯାଉଛି। ତଥାପି, ଏହି ଉତ୍ସଗୁଡ଼ିକର ସମନ୍ୱୟ ଜଟିଳ ଓ ପରିବର୍ତ୍ତନ ପ୍ରତି ସମ୍ବେଦନଶୀଳ ଅଟେ। ଏହିପରି ପରିବର୍ତ୍ତନ ବିଦ୍ୟୁତ୍ ଯୋଗାଣକୁ ଅସ୍ଥିର କରିପାରେ ଏବଂ କେତେକ ସମୟରେ ବିଦ୍ୟୁତ୍ ବିଭ୍ରାଟ ମଧ୍ୟ ସୃଷ୍ଟି କରିପାରେ। ଏହି ସମସ୍ୟାର ସମାଧାନ ପାଇଁ, ଏନ୍‌ଆଇଟି ରାଉରକେଲାର ଗବେଷକମାନେ ଏକ ଗତିଶୀଳ ଶକ୍ତି ପରିଚାଳନା ଯୋଜନା (ପିଏମ୍‌ଏସ୍) ବିକଶିତ କରିଛନ୍ତି ଯାହା ସମସ୍ତ ଶକ୍ତି ଉତ୍ପାଦକ ଓ ସଂରକ୍ଷଣ ୟୁନିଟଗୁଡ଼ିକୁ ସୁଚାରୁରୂପେ ସମନ୍ୱୟ କରିବାକୁ ସକ୍ଷମ କରିଥାଏ। ଏହି ନିୟନ୍ତ୍ରଣ କୌଶଳ ବ୍ୟାଟେରୀଗୁଡ଼ିକୁ ସୁରକ୍ଷିତ ଓ ଦକ୍ଷତାର ସହିତ ଶକ୍ତି ସଂରକ୍ଷଣ କରିବାକୁ ଅନୁମତି ଦିଏ, ସଂରକ୍ଷଣ କ୍ଷମତା ବୃଦ୍ଧି କରେ ଏବଂ ବ୍ୟାଟେରୀର ଜୀବନକାଳକୁ ବୃଦ୍ଧି କରେ, ଏହା ସହିତ ସାମଗ୍ରିକ ଖର୍ଚ୍ଚ ମଧ୍ୟ ହ୍ରାସ କରେ। ଦେଶରେ ନବୀକରଣଯୋଗ୍ୟ ଶକ୍ତି ବଣ୍ଟନକୁ ସୁଦୃଢ଼ କରୁଥିବା ବିକେନ୍ଦ୍ରୀକୃତ ବିଦ୍ୟୁତ୍ ଉତ୍ପାଦନ ପ୍ରଣାଳୀ ଏନ୍‌ଆଇଟି ରାଉରକେଲାର ମିଶନକୁ ସାକାର କରିବାରେ ସାହାଯ୍ୟ କରିଛି। ଏହି ରଣନୀତି ଏନ୍‌ଆଇଟି ରାଉରକେଲାକୁ ସମସ୍ତ ପରିବାର ପାଇଁ, ବିଶେଷକରି ଗ୍ରାମୀଣ ଓ ଗ୍ରୀଡ୍ ସହ ସଂଯୁକ୍ତ ନ ଥିବା ଅଞ୍ଚଳରେ ନିର୍ଭରଯୋଗ୍ୟ ସବୁଜ ଶକ୍ତି ଉପଲବ୍ଧତା ପ୍ରଦାନ କରିବାର ଲକ୍ଷ୍ୟର ନିକଟତର କରିଥାଏ।

# ଜିଆଖତ ଚାଷ କରି ଲକ୍ଷପତି ହେଲେ ମହିଳା ଗୋଷ୍ଠୀ



**ବଣାଇଁ, ୨୪।୧୦(ସମିସ):** ଚଳିତ ବର୍ଷ ଜାନୁଆରୀରେ ବନସୁରକ୍ଷା ସମିତିରେ ବଣାଇଁ ବନଖଣ୍ଡ ତରଫରୁ ଜିଆଚାଷ ନିମନ୍ତେ ଆଗ୍ରହୀ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମାଗଣା ରେ ଆବଶ୍ୟକୀୟ ଉପକରଣ ଗୁଡିକ ଯୋଗାଇ ଦିଆଯିବା ସହ ଜିଆଖତ ପ୍ରସ୍ତୁତ ହେଲାପରେ ଉକ୍ତ ଜିଆଖତ ର ମାନ ପରିଖି କେଜି, ପ୍ରତି ୨୦, ୦୦ ଟଙ୍କା ରେ ବନବିଭାଗ କିଣିନେବ ବୋଲି ପ୍ରସ୍ତାବ ଦେଇଥିଲା। ଏହାକୁ ଗ୍ରହଣ କରି ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ଜିଆଚାଷ କରିବାପାଇଁ ସାମୂହିକ ଭାବରେ ଇଚ୍ଛାପ୍ରକାଶ କରିଥିଲେ ଏବଂ ବିଛଣାପଟି ବନସୁରକ୍ଷା ସମିତିର ଗ୍ରାମବାସୀ, କାର୍ଯ୍ୟକାରୀ କମିଟିଙ୍କ ଉପସ୍ଥିତିରେ ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀର ନାମକୁ ଅନୁମୋଦନ କରି କୁଲିପୋଷ ବନାଞ୍ଚଳ ମାଧ୍ୟମରେ ବଣାଇଁ ବନଖଣ୍ଡକୁ ପଠାଯାଇଥିଲା। ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ କାହା କଥାକୁ ଖାତିର ନକରି ଜିଆଚାଷ ପାଇଁ ତାଙ୍କୁ ଦିଆଯାଇଥିବା ତାଲିମକୁ ଗୁରୁତ୍ୱ ଦେଇ ବଣାଇ ବନବିଭାଗ ପକ୍ଷରୁ ଆବଶ୍ୟକୀୟ ଉପକରଣ ଓ ଜିଆ ଯୋଗାଇ ଦିଆଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଦିନକୁ ଦୁଇଘଣ୍ଟା ଦିଆଯାଇଥିବା ଜିଆଖତ ଟାଙ୍କିରେ ଜିଆମାନଙ୍କ ଯତ୍ନ ନେଇଥିଲେ। ତାଲିମ୍ ଶିବିରରୁ ଶିଖିଥିବା ଜ୍ଞାନ କୌଶଳକୁ ନିଜ କାର୍ଯ୍ୟରେ ଲଗାଇ ସେମାନେ ତାଙ୍କର ଫଳ ପାଇଲେ। ବଣାଇଁ ବନଖଣ୍ଡ ଅଧିକାରୀଙ୍କ କହିବା ଅନୁସାରେ ସବୁ ସତ ହେଲା ଏବଂ ତାଙ୍କର ମୂଳ ସମସ୍ୟା ଦୂର ହୋଇଗଲା। ସେମାନେ କରିଥିବା ଜିଆଖତ ଟାଙ୍କି ଗୁଡିକରେ ଭରପୁର ଜିଆ ଦେଖିବାକୁ ମିଳିଲା ଓ ଜିଆ ଅଧିକ ପରିମାଣରେ ଥିବାରୁ ଖତ ଏବଂ ଅନ୍ୟାନ୍ୟ ଜୈବିକ ସାମଗ୍ରୀ ଗୁଡିକ ଭଲଭାବରେ ପଚି ଉତ୍ତମ ଜିଆଖତରେ ପରିଣତ ହୋଇଥିଲା। ସେମାନେ ଜିଆ ଟାଙ୍କି ପିଛା ଜଣକା ୭ ରୁ ୮ କୁଇଣ୍ଟାଲ ଜିଆ ଖତ ଅମଳ କରିଥିଲେ। ଅମଳ ପରେ ସେମାନେ ଜିଆଖତକୁ ଛାଇ ରେ ଶୁଖାଇ ଚାଲୁଣିରେ ପରିଷ୍କାର କରି ବନବିଭାଗ ତରଫରୁ ମିଳିଥିବା ବସ୍ତାରେ ଭର୍ତ୍ତି କରିଥିଲେ। ବଣାଇଁ ବନବିଭାଗ ଦେଇଥିବା କଥା ଅନୁସାରେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ କୁଲିପୋଷ ବନାଞ୍ଚଳ ଅଧିକାରୀ ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀରୁ ପ୍ରଥମ ପର୍ଯ୍ୟାୟ ରେ ୭୪.୫ କୁଇଣ୍ଟାଲ ଜିଆଖତ କିଣିନେଇ କେ.ଜି. ପ୍ରତି ୨୦.୦୦ ଟଙ୍କା ହିସାବରେ ୭୪.୫ କୁଇଣ୍ଟାଲ ଜିଆଖତକୁ ଏକଲକ୍ଷ ଅଣଚାଶ ହଜାର ଟଙ୍କା ମହିଳା ଗୋଷ୍ଠୀଙ୍କୁ ପ୍ରଦାନ କରିଥିଲେ। ମାତ୍ର ୪୦ ହଜାର ଟଙ୍କାର ସହାୟତା ରାଶି ପାଇ ଏବେ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା (ଲାଭ)ଆୟକରି ଏବେ ମହିଳା ଗୋଷ୍ଠୀ ସ୍ୱାବଲମ୍ବୀ ହେବାପରେ ଏହାକୁ ଦେଖି ଏବେ ସେହି ଗ୍ରାମର ଆଉ ତିନୋଟି ଗୋଷ୍ଠୀ ଜିଆଚାଷ କରିବାକୁ ମନ ବଳାଇଥିବା କହିଛନ୍ତି।

# 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ସଚେତନତା ଶିବିର



**ରାଉରକେଲା, ୨୪ ।୧୦(ସମିସ):** କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଭାରତୀୟ ଷ୍ଟେଟବ୍ୟାଙ୍କ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ସଂସ୍କୃତି ଭବନଠାରେ 'ଆପଣଙ୍କ ପୁଞ୍ଜି: ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାରେ ଦାବି ନ ହୋଇ ପଡ଼ି ରହିଥିବା ପୁଞ୍ଜିର ଦ୍ରୁତ ଓ ସରଳ ଦାବି ସମାଧାନ ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଶିବିରର ଆୟୋଜନ କରାହୋଇଥିଲା। ସାରା ଦେଶରେ ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ଼ ଜିଲ୍ଲାରେ ଏହି ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏହି ଶିବିରରେ ଅତିଥିଭାବେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଭାରତୀୟ ଷ୍ଟେଟବ୍ୟାଙ୍କର କ୍ଷେତ୍ରୀୟ ଅଧିକାରୀ ଭବାନୀଶଙ୍କର ମହାକୁର, ଜିଲ୍ଲା ଅଧିକାରୀ ଗଗନ ବିହାରୀ ବଳ, ରିଜର୍ଭ ବ୍ୟାଙ୍କର ଅଗ୍ରଣୀ ଜିଲ୍ଲା ଅଧିକାରୀ ନବଘନ ରାଉତ, ରାଜ୍ୟସ୍ତରୀୟ ବ୍ୟାଙ୍କ ସମିତିର ଆବାହକ ସତୀଶ ରଞ୍ଜନ ପ୍ରଧାନ ଉପସ୍ଥିତ ରହି ନିଷ୍କ୍ରିୟ ପୁଞ୍ଜି ର ସରଳ ଓ ଦ୍ରୁତ ଦାବି ସମାଧାନ ବାବଦରେ ନିଜ ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହିତ ଅନ୍ୟାନ୍ୟ ବ୍ୟାଙ୍କ, ବୀମା କମ୍ପାନୀ, ମ୍ୟୁଚୁଆଲ ଫଣ୍ଡ କମ୍ପାନୀ ମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ ଓ ସେମାନଙ୍କର କ୍ୟାମ୍ପ ସ୍ଥାପନ କରିଥିଲେ। ଏହି ଶିବିରରେ ବ୍ୟାଙ୍କ ଓ ଅର୍ଥ ଲଗାଣକାରି ସଂସ୍ଥା ମାନଙ୍କର କର୍ମଚାରୀ ମାନଙ୍କ ବ୍ୟତୀତ ଦୁଇ ଶହରୁ ଉର୍ଦ୍ଧ୍ୱ ଜନସାଧାରଣ, ଛାତ୍ରଛାତ୍ରୀ ତଥା ଗୃହିଣୀମାନେ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ 'ଆଗାମୀ ସତର୍କତା ସଚେତନତା' ସପ୍ତାହ



**ରାଉରକେଲା, ୨୪ ।୧୦(ସମିସ):** ଆଗାମୀ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଉପଲକ୍ଷେ ଶୁକ୍ରବାର ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସାମଗ୍ରୀ ପରିଚାଳନା ବିଭାଗର ସମ୍ମିଳନୀ କକ୍ଷରେ ବିକ୍ରେତା/ ଯୋଗାଣକାରୀଙ୍କ ସହିତ ଏକ ମତବିନିମୟ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ଟି. ବିନୋଦ, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏସ୍ ଏସ୍ ରାୟଚୌଧୁରୀ, ସିସିଡବ୍ଲ୍ୟୁ ବିଭାଗର ସିଜିଏମ ଆଲୋକ କୁମାର ବେହେରା, ମେକାନିକାଲ ବିଭାଗର ସିଜିଏମ ଡିକେ ପାଲ, ସତର୍କତା ବିଭାଗର ଜିଏମ୍ ଏବଂ ଏସିଭିଓ ରଞ୍ଜନ ଭାରତୀଙ୍କ ସମେତ ସାମଗ୍ରୀ ପରିଚାଳନା ଏବଂ ସତର୍କତା ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ (ଡିଏସଏସଆଇଏ), ଓଡ଼ିଶା ଯୁବ ଉଦ୍ୟୋଗୀ ସଂଘ (ଓୱାଇ ଇଏ), ଓଡ଼ିଶା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସମାବେଶ (ଓ ଏଏସ୍‌ଏମଇ) ଏବଂ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଆର୍‌ସିସିଆଇ) ର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅନୀଲ କୁମାର ବ୍ୟବସାୟ ପ୍ରକ୍ରିୟାରେ ସ୍ୱଚ୍ଛତା, ଅଖଣ୍ଡତା ଏବଂ ନ୍ୟାୟପୂର୍ଣ୍ଣ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ସଚେତନତା ବଜାୟ ରଖିବା ଉଦ୍ଦେଶ୍ୟରେ ଏମଏମ ବିଭାଗ ସାମୂହିକଙ୍କ ଆୟୋଜିତ ଏହି ପ୍ରୟାସର ପ୍ରଶଂସା କରିଥିଲେ। ରଞ୍ଜନ ଭାରତୀ ଏଥିରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସତର୍କତା ଅଖଣ୍ଡତା ସଙ୍କଳ୍ପ ପାଠ କରାଇବା ସହିତ ସ୍ୱଚ୍ଛତା ଏବଂ ନୈତିକ ବ୍ୟବସାୟିକ ଅଭ୍ୟାସର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ବିକ୍ରେତାଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ଟି ବିନୋଦ ବିକ୍ରେତାମାନଙ୍କୁ ସ୍ୱାଗତ କରିବା ସହିତ ଏହି କାର୍ଯ୍ୟକ୍ରମର ଏକ ସାରାଂଶ ପ୍ରଦାନ କରିଥିଲେ, ଯେଉଁଥିରେ ଚଳିତ ବର୍ଷର ବିଷୟବସ୍ତୁ, ସତର୍କତା ସଚେତନତା ସପ୍ତାହ ପାଳନ ବିଷୟରେ ବିବରଣୀ ଅନ୍ତର୍ଭୁକ୍ତ ଥିଲା। ଏମ ଏମ ବିଭାଗର ଡେପୁଟି ମ୍ୟାନେଜର ଏମ୍ ସି କୁମାର, ବିକ୍ରେତା ପଞ୍ଜୀକରଣ ପ୍ରକ୍ରିୟା, ଜିଇଏମ୍ ମାଧ୍ୟମରେ କ୍ରୟ ଏବଂ ଏସ୍‌ଆରଏମ୍ ପ୍ଲାଟଫର୍ମ ମାଧ୍ୟମରେ ଟେଣ୍ଡରିଂ ବିଷୟରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ବିକ୍ରେତାମାନେ ମତବିନିମୟ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିବା ସହିତ ଟେଣ୍ଡରିଂ, କ୍ରୟ ଏବଂ ବିକ୍ରେତା ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଏମ୍ ବିଭାଗର ଜିଏମ ଜିଏସ୍ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ମାର୍କେଟିଂ ବିଭାଗର ସିନିୟର ମ୍ୟାନେଜର ସ୍ନେହା ଜି ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ତାଲିମ ନିମନ୍ତେ ୩୧୯ ସ୍ନାତକ ଓ ଡିପ୍ଲୋମା ଆପ୍ରେଣ୍ଟିସ୍ ସାମିଲ



**ରାଉରକେଲା, ୨୪।୧୦(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ୧୯୬୧/୧୯୭୩ ଆପ୍ରେଣ୍ଟିସ ଆଇନର ବ୍ୟବସ୍ଥା ଅନୁଯାୟୀ ୩୧୯ ଜଣ ସ୍ନାତକ ଏବଂ ଡିପ୍ଲୋମା ଡିଗ୍ରୀଧାରୀ ପ୍ରଶିକ୍ଷାର୍ଥୀଙ୍କ ପ୍ରଥମ ବ୍ୟାଚ୍‌କୁ ଏକ ବର୍ଷବ୍ୟାପୀ ତାଲିମ କାର୍ଯ୍ୟକ୍ରମ ପାଇଁ ସାମିଲ କରାଯାଇଛି। ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଗୋପବନ୍ଧୁ ଅଡିଟୋରିୟମ୍‌ରେ ପ୍ରଶିକ୍ଷାର୍ଥୀମାନଙ୍କ ନିମନ୍ତେ ଆୟୋଜିତ ଏକ ପ୍ରଶିକ୍ଷାର୍ଥୀ କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ ପିକେ ସାହୁ ଯୋଗ ଦେଇଥିଲେ। ଅଧ୍ୟକ୍ଷତା କରି ଶ୍ରୀ ରଥ ରାଷ୍ଟ୍ର ନିର୍ମାଣରେ ଆରଏସ୍‌ପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ପଦକ୍ଷେପରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ। ସେ ପ୍ରଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ବୈଷୟିକ ଜ୍ଞାନ ବୃଦ୍ଧି କରିବା ସହ ନିଯୁକ୍ତି ଦକ୍ଷତା ବିକାଶ କରିବା ପାଇଁ ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ସାହୁ ତାଲିମ କାର୍ଯ୍ୟକ୍ରମର ପରିସର ଏବଂ ଗଠନ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲା ବେଳେ ଅଂଶଗ୍ରହଣକାରୀମାନଙ୍କୁ ଶିକ୍ଷାଲାଭ ପାଇଁ ଏକ ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କୁ ସେଲ୍‌ଫ ଏବଂ ଆରଏସପିର ସାମଗ୍ରୀକ ଚିତ୍ର, ସୁରକ୍ଷା ଦିଗ, ଗ୍ୟାସ୍ ସୁରକ୍ଷା, ଅଗ୍ନି ନିରାପତ୍ତା ଏବଂ ବୈଦ୍ୟୁତିକ ନିରାପତ୍ତା, ସ୍ୱାସ୍ଥ୍ୟ ଟିପ୍ସ ଏବଂ କଞ୍ଚାମାଲଠାରୁ ଆରମ୍ଭ କରି ଶେଷ ଉତ୍ପାଦ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ ତିଆରି ପ୍ରକ୍ରିୟା ଉପରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରାଯିବ। ଅଧିବେଶନ ସମୟରେ ଅଡିଓ ଭିଜୁଆଲ୍ ମାଧ୍ୟମରେ ମଧ୍ୟ ଶିକ୍ଷା ଦିଆଯିବ। ଏହି କାର୍ଯ୍ୟକ୍ରମକୁ ଜ୍ଞାନାର୍ଜନ ଓ ବିକାଶ ବିକାଶ ବିଭାଗର ଡିଜିଏମ କେ କେ ଜୟସ୍ୱାଲ ସଂଯୋଜନା କରିଥିଲେ। ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନ ସହିତ ସମନ୍ୱୟ ରଖି ବୃତ୍ତିଗତ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିବାବେଳେ ଆର୍‌ଏସ୍‌ପି ଶିକ୍ଷାର୍ଥୀଙ୍କୁ ସୁଯୋଗ ପ୍ରଦାନ କରି ଯୁବ ପିଢିଙ୍କୁ ସେମାନଙ୍କ ମନୋନୀତ ଟ୍ରେଡରେ ଉତ୍କର୍ଷତା ହାସଲ କରିବା ନିମନ୍ତେ ଆବଶ୍ୟକୀୟ ଜ୍ଞାନ ଏବଂ ବିଶେଷଜ୍ଞତା ସହିତ ସଜ୍ଜିତ କରିବାର ମୁଖ୍ୟ ଉଦ୍ଦେଶ୍ୟ ରଖିଛି।

# ହାତିବାରୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମଶାରୀ ବଣ୍ଟନ

**ରାଉରକେଲା, ୨୪।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅଧୀନ ହାତିବାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହାତୀବାରୀ ପଞ୍ଚାୟତଠାରେ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ ଉପସ୍ଥିତ ରହିଥିଲେ। ଏଥିରେ ହାତିବାରୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଡକ୍ଟର ଏମ୍‌ଡି ହାଲିମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମଶାରୀ ବଣ୍ଟନ



ଉପଲକ୍ଷେ ଡ. ହାଲିମ କହିଥିଲେ ଯେ ମଶାରୀ ବଣ୍ଟନ ଯୋଗୁଁ ସାଧାରଣରେ ଲୋକେ ମ୍ୟାଲେରିଆ ନିଜକୁ ଓ ନିଜ ପରିବାରକୁ ସୁରକ୍ଷା ଓ ନିରୋଗ ରଖି ପାରିବେ, ତେବେ ଏହାକୁ କିପରି ଭାବରେ ବ୍ୟବହାର କରାଯିବ ସେ ବିଷୟରେ ସ୍ୱାସ୍ଥ୍ୟସେବିକା ବେଦମତି ମହାନନ୍ଦ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତର ଏମ୍‌ଡି. ହାକିମ, ଭିଭିଡି ଏସ୍ ବସନ୍ତ କୁମାର ପଣ୍ଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କୋଅର୍ଡିନେଟର ବିପିଏମ୍ ସତ୍ୟବ୍ରତ ଦାଶ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାଏକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜିତ ବିଶ୍ୱାଳ, ବୁଦ୍ଧ ଦେବ ଶେଖର ଦେଓ, ଏନ୍ ଏମ୍ ପ୍ରମିଳା ଏକ୍କା ଓ ସମସ୍ତ ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ଶୁକ୍ରବାର ଏହି ବଣ୍ଟନ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକରେ ମୋଟ ୧୦୫ଟି ବିଭିନ୍ନ କେନ୍ଦ୍ର ଅନୁଷ୍ଠିତ ହୋଇଥିଲା।

# ନିର୍ଯାତନା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

**ରାଉରକେଲା, ୨୪।୧୦(ସମିସ) :** ସୁନ୍ଦରଗଡ଼ ଜିଲ୍ଲା ହାତିବାରୀ ଥାନା ନୂଆଗାଁ ଫାଣ୍ଡି ଅଧୀନ ସଦର ନୂଆଗାଁ ବଜାର ନିକଟରେ ଜଣେ ମହିଳା ଶାଶୂଘର ଲୋକଙ୍କ ନିର୍ଯାତନା ସହ୍ୟ କରି ନ ପାରି ବେକରେ ଶାଢୀ ଲଗାଇ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତା ମହିଳା ହେଉଛନ୍ତି ନୂଆଗାଁ ବଜାର ନିକଟରେ ରହୁଥିବା ଗଙ୍ଗାଧର ସାହୁଙ୍କ ପତ୍ନୀ ମିନାକ୍ଷୀ ସାହୁ (୩୫)। ଏହି ଅଭିଯୋଗ ଆଣିଛନ୍ତି ଆଣିଛନ୍ତି ମୃତା ମିନାକ୍ଷୀ ସାହୁଙ୍କ ଭାଇ ଅଜୟ କୁମାର ସାହୁ। ଗୁରୁବାର ଅପରାହ୍ନରେ ସେ ଏକ ଶାଢ଼ୀରେ ନିଜ ଶୋଇବା ଘର ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା ନେଇ ହାତୀବାଡି ଥାନାରେ ଅଭିଯୋଗ ହୋଇଛି। ଫାଣ୍ଡୀ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛନ୍ତି। ତେବେ ଏ ନେଇ ମୃତ ମହିଳାଙ୍କ ଭାଇ ଝାଡ଼ଖଣ୍ଡର କେରା ନିବାସୀ ଅଜୟ କୁମାର ସାହୁ ଖବରପାଇ ନୂଆଗାଁରେ ପହଞ୍ଚି ମୃତ ମହିଳାଙ୍କ ସ୍ୱାମୀ ଗଙ୍ଗାଧର ସାହୁ ଓ ପରିବାରର ଅନ୍ୟ ୧୦ ଜଣଙ୍କ ନାମରେ ତାଙ୍କ ଭଉଣୀଙ୍କୁ ତାଙ୍କ ଶଶୁର ଘରେ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ହାତିବାରୀ ଥାନାରେ ଏକ ନିର୍ଯାତନା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହେଇଛି। ମିନାକ୍ଷୀଙ୍କ ଗୋଟିଏ ୧୩ ବର୍ଷର ପୁଅ ଥିବା ଜଣାପଡ଼ିଛି।

# ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**କୁତ୍ରା, ୨୪ ।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଖତକୁରବାହଲ କ୍ଲଷ୍ଟର ତରକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ତରକେରା ସରପଞ୍ଚ ବୁଧବାରୀ ଏକ୍କା ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ତରକେରା ସମିତିସଭ୍ୟା ସଂଯୁକ୍ତା ସୁନାନୀ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବରେ ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନ ଯୋଗଦେଇ ଥିଲେ। ସିଆରସିସି ତପନ କୁମାର ସେଠୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶଶୀ ସାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିନ୍ଦଲ ସିଆରସି ମୁଖ୍ୟ ଅଲେଖ ମୁଖ୍ୟ ଅତିଥି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ରାଉଳ, ସିଆରସିସି ରାଜେଶ କୁମାର ବେହେରା ଓ କ୍ଷଣପ୍ରଭା ମାର୍ଥା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସମୀର ରଣା ଓ ନିରଞ୍ଜନ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ।

# ଅଲ୍ ଓଡ଼ିଶା ଏଫ୍‌ସିସି ତେଣ୍ଡରା କପ୍ ଟୁର୍ଣ୍ଣାମେଣ୍ଟ

ବଣାଇଁ, ୨୪ ।୧୦(ସମିସ)



ବଣାଇଁ ବ୍ଲକ ଅଧୀନ ତେଣ୍ଡରାଗ୍ରାମ ସ୍ଥିତ ଝାଡ଼େଶ୍ୱର କ୍ଲବ୍ ପକ୍ଷରୁ ଆୟୋଜିତ ୩ୟ ବାର୍ଷିକ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଲ୍ ଓଡ଼ିଶା ଏଫସିସି ତେଣ୍ଡରା କପ୍ -୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ବିଜେପି ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ, ବିଜେପି ଜିଲ୍ଲା ସଧାରଣ ସମ୍ପାଦକ ଅଭିରାମ ମହାକୁଳ, ବିଜେପି ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ସାଧାରଣ ସମ୍ପାଦକ ହଳଧର ମାହାନ୍ତ, ସମାଜସେବୀ ସୁଧୀର ମହାନ୍ତି, ଫକୀର ମୋହନ ପ୍ରଧାନ, ବିନୋଦ ବିହାରୀ ପ୍ରଧାନ, ବସନ୍ତ ବେହେରା, ଗିରିନ୍ଦ୍ର କିସାନ, ଦିଲୀପ ପ୍ରଧାନ, ସତ୍ୟନାରାୟଣ ପାତ୍ର, ଧରଣୀଧର କିସାନ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସୁହାନି-୧୧ ପଶ୍ଚିମବଙ୍ଗ ବନାମ ସିଆରଏନ-୧୧ ତାଳଚେର ମଧ୍ୟରେ ଖେଳାଯାଇଥିବା ବେଳେ ନିର୍ଦ୍ଧାରିତ ୮ ଓଭରରେ ପଶ୍ଚିମବଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ୮୭ ରନ୍‌ର ଟାର୍ଗେଟ ଦେଇଥିଲେ। ସିଆରଏନ ତାଳଚେର ଦଳ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ବିନିମୟରେ ୮୭ ରନ୍ ସଂଗ୍ରହ କରୀ ବିଜୟ ଲାଭ କରିଥିଲେ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ଖେଳ ଚାଲିବାକୁ ଥିବା ବେଳେ ଭୁବନେଶ୍ୱର, ପୁରୀ, ଝାରସୁଗୁଡ଼ା, କଟକ ଆଦି ଅଞ୍ଚଳରୁ ଆଠ ଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ସମସ୍ତ ମ୍ୟାଚ ୟୁଟ୍ୟୁବ ଚ୍ୟାନେଲ କ୍ରିକେଟବାଣୀ ମାଧ୍ୟମ ରେ ସିଧା ପ୍ରସାରଣ ହେଉଥିବା ବେଳେ ଦର୍ଶକଙ୍କ ମଧ୍ୟରେ ମ୍ୟାଚ୍ ଦେଖିବା ପାଇଁ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। କ୍ଲବ ପକ୍ଷରୁ ଖେଳ ଅୟୋଜନ ତଥା ସମସ୍ତ ବ୍ୟବସ୍ଥାରେ କ୍ଲବର ସଦସ୍ୟ ଦର୍ଶନ ପ୍ରଧାନ, ପ୍ରଳୟ ପ୍ରଧାନ, ସମିତ୍ ସାହୁ, ଅଶୋକ କିସାନ, କାହ୍ନା ପ୍ରଧାନ, ଆଶିଷ ବେହେରା, ଦିଗାମ୍ବର ପ୍ରଧାନ, ସୁଶୀଲ ସାହୁ, ଇଲୁ ପ୍ରଧାନ, ଦିବ୍ୟରଞ୍ଜନ ସାହୁ, ବିଶ୍ୱଜିତ ପ୍ରଧାନ, ଘନଶ୍ୟାମ ପ୍ରଧାନ, ପ୍ରଦ୍ୟୁମ୍ନ ବେହେରା, ସାହିଲ ମାଝୀ, ସତ୍ୟମ୍ ପ୍ରଧାନ, ଲିଟୁ ସାହୁ, ଆନନ୍ଦ ପ୍ରଧାନ, ସମୀର ବାରିକ, ଆକାଶ ପ୍ରଧାନ, ଅଜିତ ପ୍ରଧାନ, ହିତେଶ ମାଝୀ ପ୍ରମୁଖ ସହଯୋଗ କରୁଛନ୍ତି।

## ମହିଳା ମହାସଂଘର ଅର୍ଥ ହରିଲୁଟ୍ ଘଟଣା

# ସଭାନେତ୍ରୀ-ସମ୍ପାଦିକା ଓ ବିପିଏମ୍‌ଙ୍କ ନାମରେ ଥାନାରେ ଅଭିଯୋଗ

ଭଦ୍ରେଶ୍ୱର,୨୪।୧୦(ସମିସ)

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଓଡିଶା ଜୀବିକା ମିଶନ ଅଧୀନରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଘୋଟଲା ପଛରେ ବ୍ଲକ ପ୍ରକଳ୍ପ ପରିଚାଳକଙ୍କ ପ୍ରଚ୍ଛନ୍ନ ହାତ ରହିଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଭଦ୍ରେଶ୍ୱର ଥାନାରେ ମହିଳାମାନେ ଲିଖିତ ଅଭିଯୋଗ କରିଛନ୍ତି। ଭଦ୍ରେଶ୍ୱର ପଞ୍ଚାୟତ ଜିପିଏଲଏଫ ଜମାଖାତାରୁ ଇସି ମେମ୍ବରଙ୍କ ଅଗୋଚରରେ ସଭାନେତ୍ରୀ ଓ ସମ୍ପାଦିକା ବ୍ୟାଙ୍କ ଜମାଖାତାରୁ ଲକ୍ଷାଧିକ ଟଙ୍କା ଉଠାଣ କରି ଆତ୍ମସାତ କରିଥିବାର ଅଭିଯୋଗ ହୋଇଛି। ଏହି ଟଙ୍କା ଉଠାଣ ପଛରେ ବ୍ଲକ ପ୍ରକଳ୍ପ ପରିଚାଳକଙ୍କ ପ୍ରଚ୍ଛନ୍ନ ହାତ ରହିଥିବାର ଅଭିଯୋଗ ହୋଇଛି। ଯାହାକୁ ନେଇ ଏବେ ଅଡୁଆରେ ମାହାଙ୍ଗା ବ୍ଲକ ଓଡିଶା ଜୀବିକା ମିଶନ ବିଭାଗର ପ୍ରକଳ୍ପ ପରିଚାଳକ ପଡିଛନ୍ତି। ସୂଚନା ମୁତାବକ, ଭଦ୍ରେଶ୍ୱର ପଞ୍ଚାୟତ ମହିଳା ମହାସଂଘରେ ମୋଟ ୧୬ ଜଣ ଇସି ମେମ୍ବର ରହିଛନ୍ତି। ଜଣେ ସଭାନେତ୍ରୀ ଓ ଜଣେ ସମ୍ପାଦିକା ରହିଛନ୍ତି। ତେବେ ବ୍ଲକ ପ୍ରକଳ୍ପ ପରିଚାଳକଙ୍କ ନିର୍ଦ୍ଦେଶରେ ଉଭୟ ସମ୍ପାଦିକା ଓ ସଭାନେତ୍ରୀ ଇସି ମେମ୍ବରଙ୍କ ଅଗୋଚରରେ ୪ ଲକ୍ଷ ୭୬ ହଜାର ଟଙ୍କା ଉଠାଣ ହୋଇଛି। ଯେଉଁ ଟଙ୍କା ଜିପିଏଲଏଫ ଜମାଖାତାରୁ ୪ ଜଣ ଇସି ମେମ୍ବରଙ୍କ ବ୍ୟକ୍ତିଗତ ଜମାଖାତାକୁ ଆସିଥିଲା। ଅପରପକ୍ଷେ ସମସ୍ତ ଇସି ମେମ୍ବରଙ୍କ ୨୬ ମାସର ବକେୟା ପାରିଶ୍ରମିକ ମଧ୍ୟ ହଡପ ହୋଇଥିବା ଇସି ମେମ୍ବରମାନେ ଅଭିଯୋଗ କରିଛନ୍ତି। ସେହିପରି ସଂଘର ସାମଗ୍ରୀ କିଣିବା ପାଇଁ ବାରମ୍ବାର ଅର୍ଥ ଉଠାଣ ହୋଇଥିଲେ ମଧ୍ୟ ସାମଗ୍ରୀ କିଣାଯାଇ ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଏହି ପଞ୍ଚାୟତର ଇସି ମେମ୍ବରମାନେ ପ୍ରଥମେ ଜିଲ୍ଲାପାଳ ପରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶେଷରେ ବାଧ୍ୟ ହୋଇ ପୁଲିସର ସହାୟତା ଲୋଡିଛନ୍ତି ଏହି ଇସି ମେମ୍ବରମାନେ। ଏଠାରେ ସୂଚନା ଥାଉକି, ପୂର୍ବରୁ ମଧ୍ୟ ଘଟଣାକୁ ନେଇ ଇସି ମେମ୍ବରମାନେ ଭିଜିଲାନ୍ସ ନିକଟରେ ଲିଖିତ ଅଭିଯୋଗ କରିଥିବାର ଜଣାଯାଇଛି। ଅଭିଯୋଗର ଫର୍ଦ୍ଦ ଦିନକୁ ଦିନ ଯେତିକି ବଢିବାରେ ଲାଗିଛି ତା'ଠାରୁ ଅଧିକ ବ୍ଲକ ପ୍ରକଳ୍ପ ପରିଚାଳକ ଓ ସମ୍ପାଦିକା-ସଭାନେତ୍ରୀଙ୍କ ଅଡୁଆ ମଧ୍ୟ ବଢିଚାଲିଛି। ବ୍ଲକ ପ୍ରକଳ୍ପ ପରିଚାଳକ ଓ ସଭାନେତ୍ରୀ ସମ୍ପାଦିକାଙ୍କ ବିରୋଧରେ ଆସିଥିବା ଏହି ସଙ୍ଗୀନ ଅଭିଯୋଗର କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏବଂ ଇସି ମେମ୍ବରଙ୍କୁ ନ୍ୟାୟ ଦିଆଯାଉଛି ଦେଖିବାକୁ ବାକି ରହିଲା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ଟିଗିରିଆ,୨୪।୧୦(ସମିସ): ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ, ସୋମପଡା, ଅଚଳକୋଟ, ଭିରୁଡ଼ା, ଜେମାଦେଇପୁର, ନୂଆପାଟଣା ଓ ଭୋଗଡା ପଞ୍ଚାୟତକୁ ନେଇ ଗଠିତ ଜୋନ ନମ୍ବର ୧୪ର ଛାମୁଆ ନେତା, କର୍ମୀଙ୍କ ସହ ବ୍ଲକର ଅନ୍ୟାନ୍ୟ ପଞ୍ଚାୟତର ଅଗ୍ରଣୀ କର୍ମୀଙ୍କୁ ନେଇ ଶୁକ୍ରବାର ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଚଳକୋଟ ପଞ୍ଚାୟତର ପ୍ରଭୁ ଶ୍ରୀ ଶ୍ରୀ ମଲ୍ଲିକାନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଅଚଳକୋଟ ଗ୍ରାମ, ଭିରୁଡ଼ା ପଞ୍ଚାୟତ ଗରପଡା ଶବରସାହି, ଭିରୁଡ଼ା ଗ୍ରାମ ପରିକ୍ରମା କରି ଭିରୁଡ଼ା ମେଡ଼ିକାଲ ପଡିଆ ଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ଶାସିତ ଡବଲ ଇଞ୍ଜିନର ବିଜେପି ସରକାର ସମୟରେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା, ଏସଆଇ ପରୀକ୍ଷା ସ୍କାମ, ସାରର ଅଭାବ ଆଦି ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ



କଟକ,୨୪।୧୦(ସମିସ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଉତ୍କଳ ବିଶ୍ୱବଦ୍ୟାଳୟ କ୍ରୀଡା ପରିଷଦ ଓ ଏସଆର୍ ଚେସ ସେଣ୍ଟର ସହଯୋଗରେ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଆଜି ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ଼ ଦୀପା ନାଗଙ୍କ ପୌରୋହିତ୍ୟରେ ଓ କ୍ରୀଡା ଉପାଧ୍ୟକ୍ଷ ଡ଼ ଅବନୀ କୁମାର ସାହୁଙ୍କ ଉପସ୍ଥିତିରେ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁଧୀର ମହାନ୍ତି(ଆଡଭାଇଜର କଟକ ଜିଲ୍ଲା ଚେସ) ଏବଂ ହେମନ୍ତ ମହାନ୍ତି (ମେଣ୍ଟର ଅଫ କଟକ ଜିଲ୍ଲା ଚେସ ଆସୋସିଏସନ) ଅଂଶଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ଚେସ୍ ସଂଘର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ଅଲ ଓଡିଶା ଚେସ ସଂଘର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅସୀମ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କ୍ରୀଡା ଶିକ୍ଷକ ସମରେଶ ଦାସ୍ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଦିନରେ ବ୍ୟକ୍ତିଗତସ୍ତରୀୟ ଚେସ ବିଶ୍ୱବିଦ୍ୟାଳୟ ଖେଳରେ ପୁରୁଷ ବିଭାଗରେ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର କମଲେଶ କୁମାର ଦେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମହିଳା ବିଭାଗ ଖେଳରେ ଆରଆଇ ମହାବିଦ୍ୟାଳୟର ଅନୁରାଧା କୁମାରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ନରସିଂହପୁର,୨୪।୧୦(ସମିସ): ବାଘୁଆପାଳ ଜୟପୁର ଗ୍ରାମ ନିକଟସ୍ଥ ଝାଜିବନ୍ଧ ବ୍ରହ୍ମପୁରା ତଇଳାସ୍ଥିତ ଜଙ୍ଗଲଭିତରେ ଅଜଣା ଯୁବକର ମୃତଦେହକୁ ନରସିଂହପୁର ପୁଲିସ ଠାବ କରିଛି। ଅଜଣା ଯୁବକର ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ପୁଲିସ ଅନୁମାନ କରିଛି। ନରସିଂହପୁର ଭାରପ୍ରାପ୍ତ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଗ୍ରାମବାସୀଙ୍କୁ ପଚାରାଉଚରା କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଯୁବକଙ୍କ ମୃତ୍ୟୁ ଆଜକୁ ତିନିଦିନ ତଳେ ହୋଇଥିବା ନେଇ ପୁଲିସ ପକ୍ଷରୁ କୁହାଯାଇଛି। ସନ୍ଧ୍ୟା ହୋଇଯାଇଥିବାରୁ ଶବକୁ ଶୀତଳ ବ୍ୟବଚ୍ଛେଦ ଗୃହରେ ରଖାଯିବା ପାଇଁ ଆଠଗଡ଼ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ ନିଜ ଆଡୁ ମାମଲା ରୁଜୁ କରିଛି।

## ସ୍କୁଟିରେ ଚାଲିଛି ଗୋ-ମାଂସ ଚାଲାଣ ଓ ବ୍ୟବସାୟ

ଟିଗିରିଆ,୨୪।୧୦(ସମିସ): ଏକରକମ ବନ୍ଦ ଥିବା ଗୋ-ମାଂସ ଚାଲାଣ ଏବେ ନୂଆ ରୂପରେ କାୟା ବିସ୍ତାର କରୁଛି। ଶହ ଶହ ଗୋରୁ ଟିଗିରିଆ ବାରମାଣ ସଂରକ୍ଷିତ ଜଙ୍ଗଲରେ ହତ୍ୟା କରି ସେମାନଙ୍କ ମାଂସକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ବେଳେ ତତ୍କାଳୀନ ଏସପି ଓ ଥାନାଧିକାରୀଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପରେ ଦୀର୍ଘଦିନ ଧରି ଏହି ଅଞ୍ଚଳରୁ ଗୋ-ମାଂସ ରପ୍ତାନୀ ବନ୍ଦ ଥିଲା। କିଛି ଦିନ ମଧ୍ୟରେ କଟକ ଗ୍ରାମାଞ୍ଚଳ ଏସପି ଓ ଟିଗିରିଆ ଥାନାଧିକାରୀଙ୍କ ଅନ୍ୟତ୍ର ବଦଳି ପରେ ସଂପ୍ରତି ଗୋ-ମାଫିଆମାନେ ଚଳଚଞ୍ଚଳ ହେବାରେ ଲାଗିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଟିଗିରିଆ ବ୍ଲକର ଭିନ୍ନ ଭିନ୍ନ ସ୍ଥାନରେ ଚଢଉ କରାଯାଇ ୧୬ଟି ଗୋରୁଙ୍କୁ ଜବତ କରାଯାଇଥିବା ବେଳେ କିଛି ଦିନ ଧରି କିଛି ଯୁବକ ଟିଗିରିଆ ନୂତନ କୋର୍ଟ ରାସ୍ତା ଦେଇ ସ୍କୁଟି ଯୋଗେ ୪୦-୫୦ କେଜି ଓଜନର ଗୋ-ମାଂସ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ କରୁଥିବାର ନଜରକୁ ଆସିଛି। ସ୍ଥାନୀୟ ପ୍ରଶାସନ ଏଥିନେଇ ତଦନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ମଦ ସହ ଗାଡ଼ି ଜବତ, ଜଣେ ଗିରଫ

ଆଠଗଡ଼,୨୪।୧୦(ସମିସ): ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ଏକ କାର ଭିତରୁ ୩୩୦ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଗାଡ଼ି ଯାଞ୍ଚ ସମୟରେ ଆଠଗଡ଼ ବିଦ୍ୟୁତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ହୁଣ୍ଡାଇ କାର ନଂ ଓଆର-୦୫-ଏସି-୯୩୯୪ରେ ଏହି ମଦ ଚୋରା ଚାଲାଣ କରାଯାଉଥିବା ବେଳେ ମଦ ସହିତ କାରକୁ ଜବତ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ମାଣିଆବନ୍ଧ ଥାନା ଅନ୍ତର୍ଗତ ଭଗବତପୁର ଗ୍ରାମର ପ୍ରକାଶ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ମଦ ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡାରୁ ସୌଖିନ କାର ଯୋଗେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚୋରା ଚାଲାଣ ହେଉଥିଲା। ଆଜିର ଏହି ଚଢଉରେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସିଏଚ ତିରୁପତି ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

## ନଗର କଂଗ୍ରେସ ପକ୍ଷରୁ ସାଇବର ଥାନାରେ ଏତଲା



କଟକ,୨୪।୧୦(ସମିସ): ଓଡିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଆଜି କଟକ ନଗର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ କିଛି ୱେବ ଚ୍ୟାନେଲ ବିରୋଧରେ କାଫଲା ବଜାରସ୍ଥିତ ସାଇବର ଥାନାରେ ଏକ ଏତଲା ଦାଖଲ କରାଯାଇଛି। କଂଗ୍ରେସ ଦଳ ଓ ପ୍ରଦେଶ କଂଗ୍ରେସ ସଭାପତିଙ୍କ ବିରୋଧରେ ଅପପ୍ରଚାର କରୁଥିବା କିଛି ୱେବ ଚ୍ୟାନେଲ ଯେପରିକି ଫୋକସ ପ୍ଲସ ଓ ତାର ଚିଫ ଏଡିଟର ସୁଧାଂଶୁ ଶେଖର ରାଉତଙ୍କ ସମେତ ଅଜୟ ପଣ୍ଡା ଏବଂ ଅନନ୍ତ ନାରାୟଣ ଧଳଙ୍କ ନାମରେ ରାଜ୍ୟବ୍ୟାପୀ ଏହି ଏତଲା ଦିଆଯାଇଥିବା ଶ୍ରୀମତୀ ବେହେରା କହିଛନ୍ତି। କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି, ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ସେଠୀ, ଟୁକୁନା ସେନାପତି, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ସୋନୁ ସ୍ୱାଇଁ, ସେକ ଗୁଲାମ ମୋଇଉଦ୍ଦିନ, କିଶୋର ପ୍ରଧାନ, ଜନ ଆଶୁତୋଷ ଦାସ, ପ୍ରଭାତୀ ପଟ୍ଟନାୟକ, ପୂର୍ଣ୍ଣିମା ବେହେରା, ଅନିତା ବେହେରା, କୁନା ପୁଲାର, ଅନୁସୟା ମହାରଣା, ରାଜଶ୍ରୀ ରାୟ, ନେତ୍ରମଣି ସାହୁ ଉପସ୍ଥିତ ଥିଲେ।

## ରେଭେନ୍ସାରେ ଜୀବିକା ଚୟନ ପରାମର୍ଶ



କଟକ,୨୪।୧୦(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ତରଫରୁ ଶେଷବର୍ଷ ସ୍ନାତକ ଅଧ୍ୟାୟୀମାନଙ୍କ ପାଇଁ ଏକ ଜୀବିକା ଚୟନ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ସ୍କୁଲ ଅଫ୍ ବିଜନେସ୍ ଆଣ୍ଡ ମିଡିଆର ସଭାପତି ଡ. ପ୍ରମୋଦ କୁମାର ଏବଂ ନିର୍ଦ୍ଦେଶକ ପ୍ରଫେସର ଅର୍ପିତା ରାୟ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଚୟନରେ ବିଭିନ୍ନ ଉପାଦାନର ଭୂମିକା ଉପରେ ଆଲୋକପାତ କରିବା ସହିତ ସେମାନଙ୍କୁ ବୃତ୍ତି ଚୟନର ମାର୍ଗଦର୍ଶନ ଓ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମଟି ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ମନୋଜ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ବିଭାଗର ଅଧ୍ୟାପିକା ନିରୂପମା ଟେଟେ ଏହାକୁ ପରିଚାଳନା କରିଥିଲେ। ଛାତ୍ରୀ ଚନ୍ଦ୍ରିକା ଧନ୍ୟବାଦ ଦେଇଥିଲେ।

## ରେଭେନ୍ସା କଲିଜିଏଟ୍ ସ୍କୁଲରେ ବିଦାୟ ସମ୍ବର୍ଦ୍ଧନା



କଟକ,୨୪।୧୦(ସମିସ): ଶୁକ୍ରବାର ରେଭେନ୍ସା କଲିଜିଏଟ ସ୍କୁଲର ଶିକ୍ଷୟିତ୍ରୀ ଶ୍ରୁତିକୀର୍ତ୍ତି ନାୟକଙ୍କୁ ବିଦ୍ୟାଳୟର ନେତାଜୀ ଅଡିଟୋରିୟମରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ସୁଶ୍ରୀ ପ୍ରଗତି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ, ବିଶ୍ୱନାଥ ମିଶ୍ର, ପରେଶ୍ ମଲ୍ଲ, ଜ୍ଞାନରଞ୍ଜନ ଧଳ, ପ୍ରଣବ ବେହେରା, ମଧୁସ୍ମିତା ମହାନ୍ତି, ଡ. ପୁଷ୍ପାଞ୍ଜଳି ବେହେରା, କଳ୍ପନା ବ୍ରହ୍ମା, ସନ୍ତୋଷ ସ୍ୱାଇଁ, ପୂର୍ବତନ ଶିକ୍ଷକ ନନ୍ଦନ ମହାନ୍ତି, ଜଗନ୍ନାଥ ପଣ୍ଡା ପ୍ରମୁଖ ବହୁ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଶ୍ରୀମତୀ ନାୟକଙ୍କ ପାଠପଢ଼ା ଶୈଳୀ ଓ ଜଣେ ଆଦର୍ଶ ଶିକ୍ଷିକା ଭାବେ ବର୍ଣ୍ଣନା କରିଥିଲେ। ପରେ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଟିଗିରିଆ



ବଡମ୍ବା



ସାଲେପୁର

ଟିଗିରିଆ,୨୪।୧୦(ସମିସ): ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଇଓ ଅମର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଅକ୍ଷୟ ପରିଡା ମୁଖ୍ୟଅତିଥି, ସମ୍ମାନତ ଅତିଥି ବ୍ଲକ ଅଧ୍ୟକ୍ଷା ସଂଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସହ ଶିକ୍ଷାଧିକାରୀ ମାଧବଚନ୍ଦ୍ର ଦେଉରୀ, ସୌଦାମିନୀ ମିଶ୍ର, ପିଏମ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସିଙ୍ଗୋ ହାଁସଦା, ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା କାର୍ଯ୍ୟକ୍ରମର ସଂପାଦକ ରଞ୍ଜନ ନାୟକ, ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଜେନା, ପ୍ରଶାନ୍ତ ଘଡେଇ, ନିଶାକର ଖଟୁଆ, ମହେଶ୍ୱର ସେଠୀ, ଚନ୍ଦ୍ରମଣି ସ୍ୱାଇଁ, ଅଶୋକ ଦାସ ଏବଂ ଉମାଶଙ୍କର ରାଉତ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପତ୍ର ଓ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଇନ୍ଦ୍ରଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୭ଟି କ୍ଲଷ୍ଟରରୁ କୃତୀ ଛାତ୍ରଛାତ୍ରୀ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଉଦଯାପନୀ ଅବସରରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ଶ୍ରମତୀ ନାୟକଙ୍କ ସହ ବିଡିଓ ମନସ୍ୱନୀ ଦାଶ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ପୁରସ୍କୃତ କରିଥିଲେ।

**ବଡମ୍ବା :** ବଡମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ମୁଖ୍ୟବକ୍ତା ଭାବେ ୩୦ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ବଡମ୍ବାଗଡ଼ ସମିତି ସଭ୍ୟା ଗୋଲାପ ସାହୁ, ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାରଦା କବି ଶତପଥୀ, ସହ ମଣ୍ଡଳ ଅଧିକାରୀ ଶିବ ପ୍ରସାଦ ବ୍ରହ୍ମା, ସୁଷମା ମଞ୍ଜରୀ ମହାଳିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ମଞ୍ଚ ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ୧୬ଟି କ୍ଲଷ୍ଟରରୁ ୨୩୫ ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଉପସ୍ଥିତ ଥିଲାବେଳେ ବିଶିଷ୍ଟ ଅତିଥିଭାବେ ବଡମ୍ବା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ସମ୍ମାନିତ ଅତିଥିଭାବେ ବଡମ୍ବା ପଞ୍ଚାୟତ ସମିତିର ଆତ୍ମା ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ, ବଡମ୍ବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଚିତ୍ତରଞ୍ଜନ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଷ୍ଟା ସଂଘର ଜିଲ୍ଲା ସଭାପତି କଳିଙ୍ଗ କେଶରୀ ପ୍ରଧାନ, ସମ୍ପାଦକ ବିଜୟ କୁମାର ଛତ୍ର, ବଡମ୍ବା ଓଷ୍ଟା ସଂଘ ସଭାପତି ଶ୍ୟାମବନ୍ଧୁ ବେହୁରା, ବ୍ଲକଗ୍ରାଣ୍ଟ ମଧ୍ୟ ଇଂରାଜୀ ବିଦ୍ୟାଳୟ ସଂଘ କଟକ ଜିଲ୍ଲା ସମ୍ପାଦକ ସରୋଜ ସାହୁ, ପ୍ରାଥମିକ ଶିକ୍ଷକ ସଂଘ ବଡମ୍ବା ବ୍ଲକ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ବଡମ୍ବା ବ୍ଲକ ସଭାପତି ସୁରସୁନ୍ଦର ଶତପଥୀ, ୧୬ଟି କ୍ଲଷ୍ଟରର ସାଧନ କେନ୍ଦ୍ର ସଂଯୋଜକ ଏବଂ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ ପ୍ରଦାନ କରିଥିଲେ। ମଣ୍ଡଳ ସହ ଶିକ୍ଷା ଅଧିକାରୀ ସୁଷମା ମଞ୍ଜରୀ ମହାଳିକ ଧନ୍ୟବାଦ ଦେଇଥିଲେ।

**ସାଲେପୁର :** ସାଲେପୁର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସାଲେପୁର ବିଡ଼ିଓ ଲୋପାମୁଦ୍ରା ନାୟକ, ସିଡିପିଓ ସୌଦାମିନୀ ପଣ୍ଡା, ବିବେକାନନ୍ଦ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ତଥା ଟାଙ୍ଗୀ ବ୍ଲକ୍ ଶିକ୍ଷାଧିକାରୀ କୁନ୍ତଳା କୁମାରୀ ଖଟୁଆ, ବିଶିଷ୍ଟ ଅତିଥିଭାବେ ସାମ୍ବାଦିକ ଅକ୍ଷୟ କୁମାର ଦାଶ ପ୍ରମୁଖ ଯୋଗଦେଇ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ। ୧୯ଟି କ୍ଲଷ୍ଟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ବ୍ଲକ୍‌ସ୍ତରୀୟ ବିତର୍କ, ବକ୍ତୃତା, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିପରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିବାବେଳେ ପିଏମ୍ ପୋଷଣ ଅନ୍ତର୍ଗତ ଚିତ୍ରକଳା ଓ ଶିଳ୍ପ କଳା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ। ଏହି ମଣ୍ଡଳସ୍ତରୀୟ କାର୍ଯ୍ୟକ୍ରମକୁ ସିଆରସିସି ଭୁବନାନନ୍ଦ ଖୁଣ୍ଟିଆ, ଅନନ୍ତ ସାହୁ, ଦେବଦତ୍ତ ଦାଶ, ଜ୍ୟୋତିରଞ୍ଜନ ଶତପଥୀ, କଲ୍ୟାଣୀ ପାଲ୍, ନମିତା ପରିଡ଼ା, ଇତିଶ୍ରୀ ମଲ୍ଲ, ପୂର୍ବତନ ସିଆରସିସି ଅନ୍ତର୍ଯ୍ୟାମୀ ଭୋଳ, ପ୍ରଭାତ ବେହେରା, ମାନସ ରଞ୍ଜନ ରାଉତ, ପ୍ରମୋଦ ପଣ୍ଡା, ଗୌରଚରଣ ଭୂୟାଁ, ଶିବରଞ୍ଜନ ମିଶ୍ର, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ହୃଷୀକେଶ ମହାରଣା, ସାଲେପୁର ହାଇସ୍କୁଲର କାର୍ଯ୍ୟନିର୍ବାହୀ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ା, କ୍ରୀଡ଼ା ଶିକ୍ଷକ ସାନନ୍ଦ ଭୋଇ, କଳିଙ୍ଗ ଦାସଙ୍କ ସମେତ ସମସ୍ତ ସିଆରସିସି ଓ କର୍ମଚାରୀ ପରିଚାଳନା କରିଥିବାବେଳେ ଶିକ୍ଷକ ସୟଦ ଜାକି ଅମିନ୍ ଧନ୍ୟବାଦ ଦେଇଥିଲେ।

**ଟାଙ୍ଗୀ :** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିକ୍ଷାମଣ୍ଡଳ ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ "ସୁରଭି" ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନରେ ଆୟୋଜିତ ମହୋତ୍ସବକୁ ମୁଖ୍ୟଅତିଥି ଭାବେ ପଞ୍ଚାୟତସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ ପୂର୍ବାହ୍ନରେ ଉଦଘାଟନ କରିଥିଲେ। ବିଆରସିସି ସୁଷମା ମଞ୍ଜରୀ ଦେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ୧୮ଟି ସାଧନ କେନ୍ଦ୍ର ପକ୍ଷରୁ କୃତୀ ବିଦ୍ୟାର୍ଥୀ ୧୧ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥିଙ୍କ ସମେତ ଟେଟ୍ରାହେଡ୍ରନ୍ ଗ୍ରୁପ ଅଧ୍ୟକ୍ଷ ତ୍ରିଦେବ ବେହେରା ବରେଣ୍ୟ ଅତିଥି, ୧୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ ମୁଖ୍ୟବକ୍ତା, ୧୩ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଓ ଅତିରିକ୍ତ ବିଇଓ ଅରୁନ୍ଧତି ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପ୍ରସନ୍ନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ଦିଲ୍ଲୀପ ଲେଙ୍କା, ନୀଳକଣ୍ଠ ବ୍ରହ୍ମା, ଅକ୍ଷୟ ହାତୀ ପ୍ରମୁଖ ବହୁ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଟେଟ୍ରାହେଡ୍ରନ ଗ୍ରୁପ୍ ଅଧ୍ୟାପକ ଶୁଭ୍ରକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିବାବେଳେ କର୍ମଚାରୀମାନେ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ଅନ୍ୟପକ୍ଷରେ କାର୍ଯ୍ୟକ୍ରମ ଆରମ୍ଭ ହେବା କ୍ଷଣି ଏକ ରାଜନୈତିକ ଦଳର ସମର୍ଥକ ବୋଲାଉଥିବା କେତେକ ଯୁବକ ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହାକୁ ବନ୍ଦ କରିବାକୁ ହୀନ ଉଦ୍ୟମ କରିଥିଲେ। ସ୍ଥାନ ପରିବର୍ତ୍ତନେ ପୂର୍ବକ ଅନ୍ୟସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଦାବି ଜଣାଇଥିଲେ। ଫଳସ୍ୱରୂପ ବିଇଓ ପ୍ରଭାତ ନାୟକ ଅଫିସରେ ଥାଇ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିବା ଜାଣିବାକୁ ମିଳିଛି।



ଟାଙ୍ଗୀ